

'ଏକ ଚତୁର ନାର୍'ରେ ଦିବ୍ୟା

▸ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-55 ◆TUESDAY ◆19 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୫ ◆ମଙ୍ଗଳବାର ◆୧୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ରେଳ ଧାରଣାରୁ ଉତ୍ପାଦନ ହେବ ବିଜୁଳି

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ଏଣିକି ରେଳ ଧାରଣାରୁ ମଧ୍ୟ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ଭାରତୀୟ ରେଳବାଇ ପକ୍ଷରୁ ବାରାଣାସୀରେ ଏକ୍ଷେତ୍ରରେ ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଛି, ଯାହା ଆଗାମୀ ଦିନରେ ଦେଶରେ ଶକ୍ତି ଉତ୍ପାଦନର ଚିତ୍ର ବଦଳାଇ ପାରିବ। ଏପର୍ଯ୍ୟନ୍ତ ଆମେ ରେଳ ଧାରଣାରେ ଟ୍ରେନ ଚାଲୁଥିବା ଦେଖିଛୁ, କିନ୍ତୁ କେବେ ଭାବିନାହୁଁ ଯେ ଏହି ଟ୍ରାକ୍‌ରୁ ମଧ୍ୟ ବିଦ୍ୟୁତ ଉତ୍ପାଦନ ହୋଇପାରିବ। ରେଳବାଇ ଏହାର ଟ୍ରାକ ମଝିରେ ସୌର ପ୍ୟାନେଲ ସ୍ଥାପନ କରିବା ଆରମ୍ଭ କରିଛି,



**ଟ୍ରାକରେ ଲାଗିଲା ସୌର ପ୍ୟାନେଲ୍**

**ବାରାଣସୀ ଲୋକୋମୋଟିଭ୍ ୱାର୍କ୍ସରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ**

ଯେଉଁଥିରୁ ଉତ୍ପାଦିତ ବିଦ୍ୟୁତ୍‌ରୁ ଟ୍ରେନ୍‌କୁ ବିଜୁଳି ଶକ୍ତି ମିଳୁଛି। ଏହି ପ୍ରଯୁକ୍ତିବିଦ୍ୟା କେବଳ ପରିବେଶ ଅନୁକୂଳ ନୁହେଁ, ବରଂ ରେଳବାଇକୁ ଆତ୍ମନିର୍ଭର କରିବା ଦିଗରେ ବଡ଼ ସଫଳତା ସାବ୍ୟସ୍ତ ହେବ। ସ୍ୱାଧୀନତା ଦିବସ ଅବସରରେ, ବାରଣାସୀ ଲୋକୋମୋଟିଭ୍ ୱାର୍କ୍ସ (ବିଏଲ୍‌ଡବ୍ଲ୍ୟୁ) ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସକ୍ରିୟ ରେଳ ଧାରଣା ମଝିରେ ଦେଶର ପ୍ରଥମ ଅପସାରଣୀୟ ସୌର ପ୍ୟାନେଲ ସିଷ୍ଟମ ସ୍ଥାପନ କରିଛି। ଏହି ପ୍ରକଳ୍ପ ଲାଇନ ନମ୍ବର-୧୯ ରେ ଆରମ୍ଭ ▸ପୃଷ୍ଠା-୭

## ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ; ବିଦ୍ୟୁତ୍ ଆଘାତରେ ୫ ମୃତ

■ ହାଇଦରାବାଦ୍, ୧୮।୮ (ଏଜେନ୍ସି): ହାଇଦରାବାଦ୍‌ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଏକ ବଡ଼ ଅଘଟଣ ଘଟିଛି। ଉତ୍ସବ ପାଳନ କରିବାକୁ ଏକ ରଥ ଯାଉଥିବା ବେଳେ ହାଇଭୋଲ୍ଟେଜ ବିଜୁଳି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ଆଘାତରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ରାମନାଥପୁରର ଗୋକୁଳନଗରରେ ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଶୋଭାଯାତ୍ରାରେ ରଥକୁ ଏକ ବାହନ ଉପରେ ନିଆଯାଉଥିଲା। ତେବେ ବାହନ ଖରାପ ହେବା କାରଣରୁ ଶ୍ରଦ୍ଧାଳୁ



ରଥକୁ ଉଠାଇ ନେଉଥିଲେ। କିନ୍ତୁ କରେଣ୍ଟ ଲାଗିବା କାରଣରୁ ଶ୍ରଦ୍ଧାଳୁ ଦୂରକୁ ଛିଟ୍‌କି ପଡ଼ିଥିଲେ। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ ଏପଟେ ସେପଟେ ଦୌଡିବାକୁ ଲାଗିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆହତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ୫ ଜଣ ଲୋକଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି କିଶନ ରେଡ୍ଡୀ ଶ୍ରୀନିବାସନଙ୍କ ସମେତ ୪ଜଣ ଆହତ ହୋଇଛନ୍ତି।

### ବିରୋଧୀ ଦଳଙ୍କ ଯୋଜନା

# ସିଇସିଙ୍କ ବିରୋଧରେ ଆଣିବେ ମହାଭିଯୋଗ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଏବଂ 'ଭୋଟ ଚୋରି' ଅଭିଯୋଗକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ କମିସନ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ଉଠାଇଥିବା ଅଭିଯୋଗର ଯାଞ୍ଚ କରିବା ବଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ଦାଖଲ କରିବା ଲାଗି କମିସନଙ୍କ ଆହ୍ୱାନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଏଭଳି ଆଭିମୁଖ୍ୟରେ କ୍ଷୁବ୍ଧ ବିରୋଧୀ ଦଳ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତି। ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ଦଳ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ସତ୍ୟପାଠ ଦାଖଲ ପାଇଁ ଆହ୍ୱାନ ଦେଇ ଜ୍ଞାନେଶ କୁମାର ବିରୋଧୀ ଦଳ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ବ୍ୟକ୍ତି ହାତରେ ନିର୍ବାଚନ କମିସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ସେମାନେ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ପ୍ରସ୍ତାବ ଆଣିବେ ବୋଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। କିନ୍ତୁ ବିରୋଧୀ ଦଳ ପାଖରେ ଏହି ସଂଖ୍ୟା ନଥିବାରୁ ଏହା କେବଳ ଏକ ଚାପ ରଣନୀତି ବୋଲି କୁହାଯାଉଛି।

ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଆଜି ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଆଜି ବିରୋଧୀ ଦଳ ପକ୍ଷରୁ ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନରଙ୍କର ଆଭିମୁଖ୍ୟର ତୀବ୍ର ସମାଲୋଚନା ▸ପୃଷ୍ଠା-୭



**ବଢୁଛି ଭୋଟର ଜାଲିଆତି ବିବାଦ**

**ସଂସଦରେ ଅଚଳାବସ୍ଥା ଜାରି**

## ୬୫ ଲକ୍ଷ ଭୋଟରଙ୍କ ନାମ ଜାରିକଲେ କମିସନ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ କମିସନ ବିହାରର ଚିଠା ଭୋଟର ତାଲିକାରୁ ହଟାଯାଇଥିବା ୬୫ ଲକ୍ଷ ଲୋକଙ୍କ ନାମ ତାଲିକା ଜାରି କରିଛନ୍ତି। ଗତ ୧ ତାରିଖରେ ଇସି ଯେଉଁ ଚିଠାତାଲିକା ଜାରି କରିଥିଲେ, ।।ସେଥିରୁ ୬୫ ଲକ୍ଷଙ୍କ ନାମ ହଟାଇ ଦେଇଥିଲେ। ଏହାକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ହଟାଯାଇଥିବା ନାମ ତାଲିକା ଜାରି କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ନିର୍ବାଚନ କମିସନ ଏହି ୬୫ ଲକ୍ଷ ଭୋଟରଙ୍କ ନାମ ତାଲିକା ଜାରି କରିଛନ୍ତି। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏହି ତାଲିକା ରାଜ୍ୟର କେତେକ ଜିଲ୍ଲାରେ ବୁଥ୍ ସାମନାରେ ଲଗାଯାଇଛି। ▸ପୃଷ୍ଠା-୭

# ଓଡ଼ିଶାରେ ଏସ୍‌ଆଇଆର୍ ଶୀଘ୍ର

### ୨୪ ବର୍ଷ ପରେ ହେବ ଭୋଟର ତାଲିକା ସଂଶୋଧନ

■ ଭୁବନେଶ୍ୱର, ୧୮।୮ (ସମିସ): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ସାରା ଦେଶ ହୁଲସ୍ଥୁଲ। ଏସ୍‌ଆଇଆର୍‌ରେ ଭୋଟର ସୂଚୀରୁ ୬୫ ଲକ୍ଷ ଭୋଟରଙ୍କୁ ବାଦ ଦେବା ପ୍ରସଙ୍ଗରେ ନିର୍ବାଚନ କମିସନ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗ ସଡ଼କରୁ ସଂସଦ ଓ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଖୁବ୍ ଶୀଘ୍ର ଓଡ଼ିଶାରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍। ଶେଷଥର ପାଇଁ ୨୦୦୨ରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା ଓ ୨୪ ବର୍ଷ ପରେ ପୁଣିଥରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍‌ର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନରେ ଅସଙ୍ଗତି ସମ୍ପର୍କରେ ଆଣିଥିବା ଅଭିଯୋଗର ଉତ୍ତର ଦିଆଯାଇଥିବା ଉଲ୍ଲେଖ କରି ଭୋଟ ଚୋରିକୁ ଏକ କାଳ୍ପନିକ ବିଷୟ ବୋଲି କହିଛନ୍ତି। ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ୪୨ ଲକ୍ଷ ଭୋଟକୁ ନେଇ ମୁଖ୍ୟ ବିରୋଧୀଦଳ ବିଜେଡ଼ି ଜାତୀୟ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କରିଥିଲା। ଏପରିକି ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମ୍‌ରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିବାର ତଥ୍ୟଭିତ୍ତିକ ପ୍ରମାଣ ବିଜେଡି ଦାଖଲ କରିଥିଲା। ସେହିପରି ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ଓ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ୭ ପ୍ରତିଶତରୁ ୩୦ ▸ପୃଷ୍ଠା-୭

**ରାଜନୈତିକ ଦଳ ଏଜେଣ୍ଟଙ୍କୁ ଦିଆଯାଇଛି ୧୭-ସି ଫର୍ମ**

# ନବୀନ ସୁସ୍ଥ; କ୍ୟାବିନକୁ ସ୍ଥାନାନ୍ତର

■ ଭୁବନେଶ୍ୱର, ୧୮।୮ (ସମିସ): ଡିହାଇଡ୍ରେସନ୍ ଯୋଗୁଁ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏବେ ସୁସ୍ଥ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି ଓ ତାଙ୍କୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ମେଡିକାଲ ବୁଲେଟିନ୍‌ରେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ କିଛି ସମୟ ରହିବା ପରେ ବାସଭବନକୁ ଫେରିବେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଅପରପକ୍ଷରେ ନିଜେ ଶ୍ରୀ ପଟ୍ଟନାୟକ ନିଜ ସୁସ୍ଥତାର ସୂଚନା ରାଜ୍ୟବାସୀଙ୍କୁ ଦେଇଛନ୍ତି। ହସ୍ପିଟାଲ୍‌ରୁ ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ତାଙ୍କର ଅସୁସ୍ଥତାଜନିତ ସୂଚନା ପାଇ ଶୁଭକାମନା ଜଣାଇଥିବା ସମସ୍ତଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ଓ ଦେଖା କରିବାକୁ ଚାହୁଁଥିବା



**ଭେଟିବାକୁ ଚାହୁଁଥିଲେ ନବୀନ ନିବାସକୁ ନିମନ୍ତ୍ରଣ**

ବ୍ୟକ୍ତିମାନେ ନବୀନ ନିବାସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନେ ତାଙ୍କର ବହୁତ ଭଲ ଚିକିତ୍ସା ▸ପୃଷ୍ଠା-୭

## ଆରୋଗ୍ୟ କାମନା କଲେ ରାଜନାଥ

■ ଭୁବନେଶ୍ୱର, ୧୮।୮ (ସମିସ): ଡାକ୍ତରଖାନାରେ ଚିକିତ୍ସାଧୀନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଅବସରରେ ଉପରାଷ୍ଟ୍ରପତି ପଦ ଲାଗି ଏନ୍‌ଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ସେ ନବୀନଙ୍କୁ ଅନୁରୋଧ କରିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ନବୀନ କ'ଣ କହିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

**ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ପାଇଁ ଲୋଡ଼ିଲେ ସମର୍ଥନ**

ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକ୍ରିଷ୍ଣନ୍‌ଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରବିବାର ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏନ୍‌ଡିଏର ପ୍ରାର୍ଥୀ ଯେପରି ବିନା ▸ପୃଷ୍ଠା-୭

# ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ନିଯୁକ୍ତି

■ ଭୁବନେଶ୍ୱର, ୧୮।୮ (ସମିସ): ରାଜ୍ୟରେ ଖୁବଶୀଘ୍ର ନିଯୁକ୍ତି ପାଇବେ ୧୮୪୦ ଡାକ୍ତର ଓ ୫୦୦୦ରୁ ଅଧିକ ପାରା ମେଡ଼ିକାଲ କର୍ମଚାରୀ। ସୋମବାର ଲୋକସେବା ଭବନରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଅବସରରେ ଏହି ସବୁ ପଦ ପୂରଣ ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକ ଡ଼ାକ୍ତର ନିଯୁକ୍ତି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବୈଠକରେ ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦ ଖୁବଶୀଘ୍ର ପୂରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ପ୍ରତ୍ୟେକ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସମନ୍ୱିତ ଟ୍ରମା କେୟାର କେନ୍ଦ୍ର ସ୍ଥାପନ, ଦୁର୍ଗମ ଓ କଠିନ ଅଞ୍ଚଳଗୁଡ଼ିକରେ ନିଯୁକ୍ତ ଡ଼ାକ୍ତରମାନଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି, ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।



▶▶ **ପୂରଣ ହେବ ମେଡିକାଲ କଲେଜରେ ପ୍ରଫେସର ପଦ**

▶▶ **ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଯିବେ ଅଧିକ ଡାକ୍ତର**

ଅନ୍ୟପକ୍ଷରେ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାପାଇଁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ. ବୃନ୍ଦା ଡି, ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଡ. ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ଔଷଧ ନିଗମର ନିଷ୍ପତ୍ତିକୁ ନେଇ ସାଧାରଣରେ ସନ୍ଦେହ

# ଦାଗୀ ସଂସ୍ଥାକୁ ଅନୁଗ୍ରହ

■ ଭୁବନେଶ୍ୱର, ୧୮।୮ (ସମିସ): ଟ୍ରାକ୍ ରେକର୍ଡ ଭଲ ନ ଥିବା ଏକ ସଂସ୍ଥା ସହ ଚୁକ୍ତି ଅବଧି ବଢ଼ାଇ ପୁଣି ଥରେ ବିବାଦ ଘେରକୁ ଆସିଛି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)। ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ବାୟୋମେଡିକାଲ ଉପକରଣ ମରାମତି ପାଇଁ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚେନ୍ନାଇର କେଟିପିଏଲ୍ ସଂସ୍ଥାର ଅବଧି ୬ ମାସ ବୃଦ୍ଧିକୁ ନେଇ ପୁଣି ଓଏସ୍‌ଏମ୍‌ସିଏଲ୍‌କୁ କାଠଗଡ଼ାରେ ଠିଆ କରିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖରାପ ସେବା କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ଯେଉଁ ସଂସ୍ଥା ସହ ଚୁକ୍ତି ବାତିଲ କରୁଛି, ସେହି ସଂସ୍ଥାର ଚୁକ୍ତି ଅବଧିକୁ ଓଡ଼ିଶା ସରକାର ବଢ଼ାଇ ଚାଲିବା ସ୍ୱାଭାବିକ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଉତ୍ତରାଖଣ୍ଡ ସରକାର କେଟିପିଏଲ ସହ ଚୁକ୍ତିକୁ ଗତ ନଭେମ୍ବର ମାସରେ ବାତିଲ୍ କରିଛନ୍ତି। ସେହିପରି ରାଜସ୍ଥାନ ମେଡିକାଲ ସର୍ଭିସ କର୍ପୋରେସନ ଲିମିଟେଡ ମଧ୍ୟ କେଟିପିଏଲର ଚୁକ୍ତିକୁ ସ୍ଥଗିତ ରଖିଛନ୍ତି। ଏପରିସ୍ଥଳେ ଓଏସ୍‌ଏମ୍‌ସିଏଲ୍‌ର ଚୁକ୍ତି ଅବଧି ବୃଦ୍ଧିକୁ ନେଇ ପ୍ରଶ୍ନ ଉଠିଛି।

**ଉତ୍ତରାଖଣ୍ଡ, ରାଜସ୍ଥାନରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ**

**ରାଜ୍ୟରେ କାମ କରୁନାହିଁ ୨୦ ପ୍ରତିଶତ ଉପକରଣ**

ସୂଚନା ଅନୁଯାୟୀ କେଟିପିଏଲ୍ ୫ ବର୍ଷ ତଳେ ଟେଣ୍ଡର ହାତେଇଥିବା ବେଳେ ତାହାର ଅବଧି ଗଲା ଡିସେମ୍ବରରେ ସରିଥିଲା। ଜାନୁଆରୀରେ ନୂଆ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ନୂଆ ଟେଣ୍ଡର ପ୍ରକ୍ରିୟା ଆଗକୁ ନବଢ଼ାଇ କେଟିପିଏଲ୍‌ର କାର୍ଯ୍ୟ ଅବଧିକୁ ଓଏସ୍‌ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୃଦ୍ଧି କରିଥିବା ଜଣାପଡ଼ିଛି। କେଟିପିଏଲ୍ ବିରୋଧରେ ପୂର୍ବରୁ ଏନ୍‌ଏଚ୍‌ଆରସି ନିୟମ ଖିଲାପ ▸ପୃଷ୍ଠା-୭

### ବରଗଡ଼ରେ ବିଜେଡିର ବିଶାଳ ଚାଷୀ ସମାବେଶ

# ରାଜରାସ୍ତାରେ ଚାଷୀଙ୍କ ରଣହୁଙ୍କାର

■ ବରଗଡ଼, ୧୮।୮ (ସମିସ): ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆଜି ବରଗଡ଼ରେ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଶାସନର ତମାମ ବାଧା ସତ୍ତ୍ୱେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଗର୍ଜନ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ହଜାରହଜାର ଚାଷୀ ଓ ବିଜେଡିନେତା ଓ କର୍ମୀ ସ୍ଥାନୀୟ ଗଣେଶରାମ ଭବନରୁ ବିଶାଳ ପଟୁଆରରେ ବାହାରି ଥାନା ଛକ ଓ କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ସ୍ଥାନୀୟ ଗାନ୍ଧୀଛକରେ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ବିଜେଡି ନେତା ଓ ଚାଷୀମାନେ ଡବଲ୍-



**ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଲେ ହଜାରହଜାର ଚାଷୀ**

**ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦେଲେ ଦାବିପତ୍ର**

ଇଞ୍ଜିନ୍ ସରକାରର ଚାଷୀ ବିରୋଧୀ, ଚାଷୀ ଦମନକାରୀ ନୀତି ଉପରେ ପ୍ରବଳ ବର୍ଷିଥିଲେ। ଜଟିଳ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳ କରିବା, ପଞ୍ଜୀକରଣ ଅବଧି ବୃଦ୍ଧି କରିବା, ବିଫଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀମାନଙ୍କୁ ଲାଭ ଦେଇ ଚାଷୀଙ୍କୁ ଲୁଟ କରା ନଯାଉ, ଧାନ ବିକ୍ରିରେ କଟନିଛଟନି ଓ ଦଲାଲରାଜ୍ ବନ୍ଦ କରିବା, ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବସିଡି ତୁରନ୍ତ ପ୍ରଦାନ, ଲକ୍ଷଲକ୍ଷ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ସିଏମ କିଷାନ ଯୋଜନାରେ ସାମିଲ, ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବିହନ ଓ ସାରର ଅଭାବୀ ବିକ୍ରି ବନ୍ଦ କରିବା, ଆନୁଷଙ୍ଗିକ କୃଷି ଓ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ, ▸ପୃଷ୍ଠା-୭

● ପାଞ୍ଚ ନମ୍ବର ୱାର୍ଡରେ ବଢୁଛି ମାଦକ ଦ୍ରବ୍ୟ କାରବାର

# ରୋକ ଲଗାଇବାକୁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କଲେ ୱାର୍ଡବାସୀ



ବାଲେଶ୍ୱର,୧୮।୮ (ସମିସ): ବାଲେଶ୍ୱର ପୌରପାଳିକା ଅଧୀନ ପାଞ୍ଚ ନମ୍ବର ୱାର୍ଡର ବିଭିନ୍ନ ବିଦ୍ୟାଳୟ, କଲେଜ ଏବଂ ମନ୍ଦିର ନିକଟରେ ଅବାଧରେ ମାଦକ ଦ୍ରବ୍ୟ ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ୱାର୍ଡବାସୀ। ଏନେଇ କାଉନସିଲର ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ୱାର୍ଡବାସୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ୱାର୍ଡର ଜାଭିୟର ସ୍କୁଲ ଗଳି, ହନୁମାନ ମନ୍ଦିର ଛକ, ସାଗର କଲେଜ ରାସ୍ତା, ନନ୍ଦସାହି, ମହୁଲ ପଡ଼ିଆ, ଶକୁନ୍ତଳା ସ୍କୁଲ ନିକଟରେ ଥିବା କିଛି ଦୋକାନରେ ବେଆଇନ ଭାବେ ନିଶାଦ୍ରବ୍ୟ ବିକ୍ରି କରାଯାଉଛି। ଏହାଦ୍ୱାରା ଅସାମାଜିକ ବ୍ୟକ୍ତି ମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଫଳରେ ଝିଅ, ବୋହୂମାନେ ଅସୁରକ୍ଷିତ ମନେ କରୁଛନ୍ତି। ଏଣୁ ଧାରା କୋଟପା-୬ବି ଅନୁଯାୟୀ ଦୋକାନ ଉପରେ ଚଢ଼ଉ କରାଯାଇ ଦଣ୍ଡିତ କରିବା ସହ ପୁଲିସ ଦ୍ୱାରା ରାତ୍ରିକାଳୀନ ପାଟ୍ରୋଲିଂ ଜୋରଦାର କରିବା ପାଇଁ କାଉନସିଲର ଦାବି କରିଛନ୍ତି। ୨୬ ନମ୍ବର ୱାର୍ଡ କାଉନସିଲର ସେଖ ଆୟୁବ ଶିବୁ, ଯୁବ ନେତା ରିତିକ ଜି, ଲକ୍ଷ୍ମୀଧର ସ୍ୱାଇଁ, ସୁକୁମାର ପାଣିଗ୍ରାହୀ, ସଞ୍ଜୟ ମାଝୀ, ରାକେଶ ବାରିକ, ମନୋରଞ୍ଜନ ମିଶ୍ର, ପ୍ରତୀକ ପଟ୍ଟନାୟକ, ବିକାଶ ବଂଶଲ ବେହେରା, ସମ୍ବିତ ପରିଡ଼ା, ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## କ୍ଷୀରଚୋରା ଗୋପିନାଥ ମନ୍ଦିରରେ ଭଜନ ସନ୍ଧ୍ୟା

ବାଲେଶ୍ୱର,୧୮।୮ (ସମିସ): ସମର୍ପଣ ସଙ୍ଗୀତାନୁଷ୍ଠାନ ଆନୁକୂଲ୍ୟରେ ଏକ ଭଜନ ସନ୍ଧ୍ୟା କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି



ଡ଼. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ ମହାପାତ୍ର, ବରେଣ୍ୟ ଅତିଥି ଭାବରେ ଗୀତିକାର ବିକର୍ତ୍ତନ ନାୟକ, କବୟିତ୍ରୀ ସତ୍ୟଭାମା ମୁଦୁଲି, କବି ଚକ୍ରଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଜକ କଣ୍ଠଶିଳ୍ପୀ ହିରାଲାଲ ପାକଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ବିଜୁ ଦାସ, ବିକର୍ତ୍ତନ ନାୟକ, ଅସିତ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀ କଣ୍ଠଶିଳ୍ପୀ ସବିତା ଆଚାର୍ଯ୍ୟ, ବିଜୟ ବେହେରା, ଗଣେଶ କୁମାର ମାହାର୍ଣ୍ଣାଙ୍କ ସମେତ ଦଶରୁ ଅଧିକ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ।

## ଐତିହ୍ୟ କୁଇଜ୍ ପ୍ରତିଯୋଗିତା




ବାଲେଶ୍ୱର,୧୮।୮ (ସମିସ): ଇନଟାକ୍ ବାଲେଶ୍ୱର ଚାପ୍ଟର ଦ୍ୱାରା ସିଦ୍ଧି ବିନାୟକ ପବ୍ଲିକ ସ୍କୁଲରେ ସର୍ବଭାରତୀୟ ଐତିହ୍ୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲେଶ୍ୱରର ୯ ଟି ପ୍ରମୁଖ ବିଦ୍ୟାଳୟର ୯୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟର ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ୬ ପ୍ରତିଯୋଗୀ ଦଳଙ୍କୁ ମୌଖିକ କୁଇଜରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। କୁଇଜ ମାଷ୍ଟର ଭି. ଉଦୟ ରଞ୍ଜନ ମୌଖିକ କୁଇଜ ପରିଚାଳନା କରିଥିଲେ। ୬ଟି ରାଉଣ୍ଡ କୁଇଜ ସମାପ୍ତି ପରେ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ଦ୍ୱୟ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରାରମ୍ଭରେ ଇନଟାକ୍ ବାଲେଶ୍ୱର ଚାପ୍ଟର ର ଆବାହକ ଉଦୟ ରଞ୍ଜନ ଦାସ ଏବଂ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ଉଦବୋଧନ ଦେଇଥିଲେ। ଶିକ୍ଷକ ସନତ୍ କୁମାର ନାୟକ ଏବଂ ଅନ୍ୟ ଶିକ୍ଷକ, କର୍ମଚାରୀ ଏବଂ ଇନଟାକର ଅତିରିକ୍ତ ସହ ଆବାହକ ଅର୍ଚ୍ଚନା ନନ୍ଦୀ, ସଭ୍ୟ ସୌରଭ କୁମାର ବେହେରା, ଭାବଗ୍ରାହୀ ମହାନ୍ତି, ଅଖିଳ ଦାସ, ହରେନ ରଣା, ଡ଼ା. ଦେବାଶିଷ ମିଶ୍ର, ରୋଟାରିଆନ ଜୟନ୍ତ ବେହେରା, ସଚିବ ଖଣ୍ଡେଲୱାଲ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର, ୪୨ ୟୁନିଟ୍ ସଂଗୃହୀତ

ବାଲେଶ୍ୱର,୧୮।୮ (ସମିସ): ରେମୁଣା ବ୍ଲକ କ୍ୟାମ୍ପସ ପରିସରରେ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା(ଆରସେଟି) ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କର ଜୋନାଲ ମ୍ୟାନେଜର ସୁଦିପ ଡାକୁଆ ଉଦଘାଟନ କରିବା ସହ ରକ୍ତଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରବନ୍ଧକ ମୋତି କୁମାର ସାହୁ, ଡିଡିଏମ ନାବାର୍ଡ ତାପସ ରଂଜନ ପ୍ରଧାନ, ୟୁକୋ ବ୍ୟାଙ୍କର ଡେପୁଟି ଉପ ଜୋନାଲ ମ୍ୟାନେଜର ମୟଙ୍କ ଅଗ୍ରୱାଲ ଓ ବାଲେଶ୍ୱର ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୟୁକୋ ଆରସେଟି ବାଲେଶ୍ୱର ନିର୍ଦ୍ଦେଶକ ସୁବ୍ରତ ମହାକୁଳଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ ଏବଂ ରକ୍ତଦାନ ଶିବିର କରାଯାଇଥିଲା। ଏହି ଶିବିରରୁ ୪୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ସଂଯୋଜକ ଭାବେ ଅଭିଷେକ ସ୍ୱାଇଁ, ମନୋଜ ବେହେରା, ମହମ୍ମଦ କୁତୁବୁଦ୍ଦିନ୍ ଖାନ୍, ଏବଂ ସହସଂଯୋଜକ ଭାବେ ପ୍ରିୟଙ୍କା ସାହୁ, ଶଙ୍କର ମାହାଲି, ପ୍ରଦୀପ ନାୟକ, ହରି ମହାଲିକ, ସନ୍ଦୀପ ପଣ୍ଡା, ସସ୍ମିତା ଦାସ୍ ଏବଂ ଆରସେଟିର ସମସ୍ତ ପ୍ରଶିକ୍ଷାର୍ଥୀ ସହଯୋଗ କରିଥିଲେ।

# ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଗଣଧାରଣା

ବାଲେଶ୍ୱର,୧୮।୮ (ସମିସ)




ଜିଲ୍ଲାବାସୀଙ୍କୁ ଉନ୍ନତ ଓ ଅତ୍ୟାଧୁନିକ ତଥା ଆବଶ୍ୟକୀୟ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପ୍ତାହବ୍ୟାପୀ ଗଣଧାରଣା ଆଜିଠାରୁ ଆରମ୍ଭ ହୋଇଛି। ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବ୍ଲକ କମିଟିର ପ୍ରତିନିଧି ଓ ଶତାଧିକ ସଦସ୍ୟ, ସଦସ୍ୟା ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ତୁରନ୍ତ ପ୍ରତିକାର ଦାବିକରି ଏହି ଗଣଧାରଣାରେ ଯୋଗ ଦେଇଛନ୍ତି।

ଜିଲ୍ଲାର ସ୍ୱାସ୍ଥ୍ୟସେବା ସମ୍ପର୍କିତ ୧୮ ଦଫା ଦାବି ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନକୁ ସମର୍ଥନ ଜଣାଇ ବାଲେଶ୍ୱରର ପ୍ରମୁଖ ସ୍ୱେଚ୍ଛାସେବୀ, ସାଂସ୍କୃତିକ ଓ ସାମାଜିକ ଗଣସଂଗଠନମାନଙ୍କର କର୍ମକର୍ତ୍ତା ଏହି ଗଣଧାରଣାରେ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ମଂଚ, ବାଲେଶ୍ୱର ସିଭିଲ ସୋସାଇଟି, ମିଳିତ ନିଶାନିବାରଣ ଅଭିଯାନ, ବହୁ ଶ୍ରମିକ ସଂଗଠନ, ରାଜନୈତିକ ଦଳର ନେତୃବୃନ୍ଦ, ମହିଳା ସାମ୍ମୁଖ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସେମାନଙ୍କ ବକ୍ତବ୍ୟରେ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟସେବାର ଚରମ ଦୁର୍ଦ୍ଦଶା ସଂପର୍କରେ ମତପ୍ରଦାନ କରିଥିଲେ। ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମକୁ ଉଦଘାଟନ କରି ଫକୀରମୋହନ ମେଡିକାଲ କଲେଜ ପରିସରରେ ଏକ ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ସେ ମତ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ଡ. କେଶବ ଚରଣ ପଣ୍ଡା ଓ ଡ. କ୍ଷୀତିଶ୍ୱର ଦାଶ ବେଦପାଠ କରିଥିଲେ। ଗଣଧାରଣା ସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, କାର୍ଯ୍ୟକାରୀ ସଭାପତି ଇଂ ଡ ହୃଷିକେଶ ସାହୁ ଓ ଉପସଭାପତି ନିରଞ୍ଜନ ରାଉତ ସଭା ପରିଚାଳନା କରିଥିଲେ। ଅନ୍ତର୍ଯ୍ୟାମୀ ପ୍ରଧାନ, ଦିଲ୍ଲୀପ ଗିରି, ଅଜିତ ମହାନ୍ତି, ଭାସ୍କର ପଣ୍ଡା, ମମତା ମହାପାତ୍ର, ମନୋଜ ନାୟକ, ବନ୍ଦନା ପାତ୍ର, ପ୍ରଫୁଲ୍ଲ କୁମାର ଦାସ, ମମତା ଦାସ, ବେଣୁଧର ବାରିକ, ସରସ୍ୱତୀ ପଣ୍ଡା, କୁମୁଦ ରଂଜନ ଗିରି, ଭାଗବତ ପ୍ରତିହାରୀ, ରମେଶ ଚନ୍ଦ୍ର ଜେନା, ଗୋବିନ୍ଦ ଚନ୍ଦ୍ର ଭୋଇ, ବିପ୍ଳବ କୁମାର ମହାନ୍ତି, ମହେଶ୍ୱର ବେହେରା, ଦୀନବନ୍ଧୁ ଲେଙ୍କା, ଶରତ ଚନ୍ଦ୍ର ଦଳାଇ, ରାଧାକୃଷ୍ଣ ଜେନା, ରବି ନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ଅସିତ ବରଣ ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଧାନଚନ୍ଦ୍ର ରାୟ, କହ୍ନେଇ ଚରଣ ପ୍ରଧାନ, ଦାମୋଦର ନାୟକ ଓ ସନ୍ନ୍ୟାସୀ ବେହେରା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଗାମୀ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ ୧୮ ଦଫା ଦାବିପତ୍ର ପାଠ କରିଥିଲେ। ମେଡିକାଲ କଲେଜ ହସପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମେଡିକାଲ୍ କଲେଜରେ ଖାଲିଥିବା ପ୍ରଫେସର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସରକାରୀ ଚିକିତ୍ସାଳୟରେ ଖାଲି ପଡିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପ୍ରଭୃତି ପଦବୀକୁ ଅବିଳମ୍ବେ ପୂରଣ କରିବା, ମେଡିକାଲ କଲେଜରେ ହୃଦ, ସ୍ନାୟୁ ଓ ମୂତ୍ରାଶୟଜନିତ ଗୁରୁତର ରୋଗର ବିଭାଗ ଖୋଲିବା, ଏମସ ସାଟେଲାଇଟ ସେଂଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଓ ଜାତୀୟ ରାଜପଥରୁ ମେଡିକାଲ କଲେଜ ହସପିଟାଲକୁ ପ୍ରସ୍ତାବିତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପ୍ରଭୃତି ଦାବିର ଯଥାର୍ଥତା ସଂପର୍କରେ ଶ୍ରୀ ଦାସ କହିଥିଲେ। କ୍ରିୟାନୁଷ୍ଠାନ କମିଟିର ଜନସମ୍ପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଗଣଧାରଣା ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି ଜିଲ୍ଲାପାଳ ଅସ୍ମିତା ଦାଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ସୀତାରାମ ପ୍ରଧାନ ଧନ୍ୟବାଦ ଦେଇଥିଲେ। ମଙ୍ଗଳବାର ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ସଦସ୍ୟ, ସଦସ୍ୟାଙ୍କ ସମେତ ଅନ୍ୟ କେତେକ ସଂଗଠନ ତରଫରୁ ଗଣଧାରଣାରେ ସାମିଲ ହେବେ ବୋଲି ଜଣାଯାଇଛି।

## ଦ ବଏଜ୍ କ୍ଲବ: ତିରୁପତି ଶୈଳୀରେ ଗଜାନନଙ୍କ ମୂର୍ତ୍ତି




ବାଲେଶ୍ୱର,୧୮।୮ (ସମିସ): ପାଖେଇ ଆସୁଛି ଗଣେଶ ପୂଜା। ସେଥିପାଇଁ ଆରମ୍ଭ ହୋଇଗଲାଣି ତୋରଣ ଓ ଗଣେଶ ମୂର୍ତ୍ତି ନିର୍ମାଣ। ସହର ବି ଚଳଚଞ୍ଚଳ। ସହରର ବିଭିନ୍ନ କ୍ଲବ ପକ୍ଷରୁ ଆରମ୍ଭ ହୋଇଯାଇଛି ନିଆରା ମୂର୍ତ୍ତି ତିଆରି କାମ। ତେବେ ବାଲେଶ୍ୱର ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଯାହାକୁ ଦେଖିବା ପାଇଁ ଗହଳି ଜମେ। ଏହି କନଭେଣ୍ଟ ସ୍କୁଲ ଲାଇନ୍ ରେ ପ୍ରତି ଶହେ ମିଟର ଦୂରତାରେ ୪୫ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ଦ ବଏଜ୍ କ୍ଲବ ଅନ୍ୟତମ୍। ସୂଚନାଯୋଗ୍ୟ, ତିନି ବର୍ଷରେ ପଦାର୍ପଣ କରିବା କନଭେଣ୍ଟ ସ୍କୁଲ ନିକଟ ଦ ବଏଜ୍ କ୍ଲବ୍ ର ଗଣେଶ ପୂଜା। କନଭେଣ୍ଟ ସ୍କୁଲସ୍ଥିତ ଇଲେକ୍ଟ୍ରି ଅଫିସ ନିକଟରେ କ୍ଲବ ପକ୍ଷରୁ ପ୍ରତିବର୍ଷ ଗଣେଶ ପୂଜା ପାଳିତ ହୋଇଆସୁଛି। କ୍ଲବ୍ ପକ୍ଷରୁ ୨୦୨୩ ମସିହାରୁ ପୂଜା ଆରମ୍ଭ ହୋଇଥିଲା। ଗଣେଶ ମୂର୍ତ୍ତି ଉଚ୍ଚତା ୧୫ ଫୁଟ୍ ରହିଛି। ଏଥର ଗଜାନନଙ୍କ ମୂର୍ତ୍ତି ତିରୁପତି ଶୈଳୀରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଦସ୍ୟ କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ଅଭିନାଶ ବଡେଇ (ସିପୁ ଭାଇ)ଙ୍କ ନିର୍ଦ୍ଦେଶ କ୍ରମେ ୫ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ଆଲୋକମାଳ। କ୍ଲବର ୨୫୦ରୁ ଅଧିକ ସଦସ୍ୟ ରହିଛନ୍ତି।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଦେଶାତ୍ମବୋଧ କବିତା ପାଠୋତ୍ସବ




ବାଲେଶ୍ୱର,୧୮।୮ (ସମିସ): ବୋଧଗମ୍ୟ ଭାଷାରେ ଛଳଛଳ କବିତା ହିଁ ପାଠକଙ୍କୁ ଆକୃଷ୍ଟ କରିଥାଏ ବୋଲି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଦ୍ୱାରା ଆୟୋଜିତ ସ୍ୱାଧୀନତା ଦିବସ ଅବସରରେ ୧୯୪୭ ମସିହା ମଧ୍ୟରାତ୍ରିରେ ଦେଶ ସ୍ୱାଧୀନତା ବେଳେ ସଂଗ୍ରାମୀଙ୍କ ଅନ୍ତରୋଲ୍ଲାସ ଶୀର୍ଷକ କବିତା ପାଠ ଆସରରେ ଅତିଥି ଭାବେ ଯୋଗଦେଇ ଯୁବ ଗାଳ୍ପିକ ସଞ୍ଜୟ ପଣ୍ଡା ମତପ୍ରକାଶ କରିଛନ୍ତି। ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଉତ୍ସବରେ ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ବିଭିନ୍ନ ଉଦାହରଣ ମାଧ୍ୟମରେ କବିତା ରଚନା କରିବାର କଳା ଓ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଯୁଗ ସମ୍ପାଦକ ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ କବି ଡ. ଶିରୀଶ ଚନ୍ଦ୍ର ଜେନା, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ରମାକାନ୍ତ ନାୟକ, ଡ. ରତ୍ନାକର ସିଂହ, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରଭାତ କୁମାର ଆଚାର୍ଯ୍ୟ, ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ଅଞ୍ଜଳୀ ପଣ୍ଡା, ସ୍ନିଗ୍ଧା ସାମନ୍ତରାୟ, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦା, ଜ୍ୟୋତ୍ସ୍ନା ରାୟ, ପ୍ରୀତିଲେଖା ଦାସ, ତୃପ୍ତିରାଣୀ ପାତ୍ର, ବାସନ୍ତୀ ଦେ, ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ, ତାନଶ୍ରୀ ପାଣିଗ୍ରାହୀ, କବିତା ଜେନା, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ମଧୁସୂଦନ ମାଝୀ, ଡ. ଲକ୍ଷ୍ମଣ ବିଶ୍ୱାଳ, ଦେବାଶିଷ ସିଂହ, ପ୍ରତିମା ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ବିଜୟ କୁମାର ମହାନ୍ତି ପ୍ରମୁଖ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବାରଣ ଜେନା, ତପନ ରାୟ, ପ୍ରଦୀପ ଚାଟାର୍ଜୀ, ଦୀପକ ବୋଷ, ଦେବାଶିଷ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାମସେଫ ଏବଂ ରାଷ୍ଟ୍ରୀୟ ମୂଳନିବାସୀ ସଂଘର ରାଜ୍ୟ ସଂଯୁକ୍ତ ଅଧିବେସନ




ବାଲେଶ୍ୱର,୧୮।୮ (ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ବାମସେଫ ଏବଂ ରାଷ୍ଟ୍ରୀୟ ମୂଳନିବାସୀ ସଂଘର ୨୧ତମ ଓଡ଼ିଶା ରାଜ୍ୟ ସଂଯୁକ୍ତ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀରୁ ଆସିଥିବା ବାମସେଫ ସଂଗଠନର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ମଗନ ଶଶାନେ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଡ ସୁଶାନ୍ତ ଶୈଳ ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚାର ଓଡ଼ିଶା ସଭାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପବନ୍ଧୁ ମହାନ୍ତ ଏହି ବାର୍ଷିକ ରାଜ୍ୟ ଅଧିବେଶନକୁ ଉଦଘାଟନ କରିଥିଲେ। ଅଧିବେସନରେ କେବଳ ଓବିସିଙ୍କ ଜାତିଭିତ୍ତିକ ଜନଗଣନା ଘୋଷଣା କରିବା ଏବଂ ସମସ୍ତ ଜାତି ସମୁହର ଜାତିଭିତ୍ତିକ ଜନଗଣନା ନ କରିବା ଶାସକ ବର୍ଗର ଓବିସି ତଥା ସମସ୍ତ ବହୁଜନଙ୍କ ବିରୋଧରେ ଷଡ଼ଯନ୍ତ୍ର ଏବଂ ବିଶ୍ୱାସଘାତକତାର ନୀତି ଅଟେ ବୋଲି ଆଲୋଚନା କରାଯାଇଥିଲା। ବିଶେଷ ଅତିଥି ଭାବେ ବାମସେଫ ସଙ୍ଗଠନର ଓଡ଼ିଶା ରାଜ୍ୟ ପ୍ରଭାରୀ ରାଜୁ କେଦାରେ, ରାଜ୍ୟ ସଭାପତି ଇଂପୀତବାସ ସେଠୀ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ ସୌମ୍ୟ ରଞ୍ଜନ ଆଢ୍ୟ, ଡ ପବିତ୍ର ମୋହନ ମଲ୍ଲିକ, ଡ ବିଦ୍ୟାଧର ନାଗ, ଅନାଦି ଚରଣ ସାହୁ, ଇଂ ସୌମେନ ନାଥ, ଇଂ ଅଭିମନ୍ୟୁ ପ୍ରଧାନ, ଡ. ଦୁର୍ଯ୍ୟୋଧନ ପ୍ରଧାନ, ବନମାଳୀ ମାଝୀ, ଭରତ କଦମ୍ବ ସେଠ, ଇଂ. ଅର୍ଜୁନ ବିଶୋଇ, ଡ ନରେଶ ନାଏକ, ଚିନ୍ତାମଣି ହେମ୍ବ୍ରମ, ଆଇନଜୀବୀ ମନୋଜ ନାୟକ, କୃଷ୍ଣଚନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ବକ୍ତା ଭାବେ ଆରଏମବିକେଏସ ଓଡ଼ିଶା ସଭାପତି ଡମ୍ବରୁଧର ମାଝୀ, ବିଏମଏମ ଓଡ଼ିଶା ସଭାପତି ସନ୍ତୋଷ କୁମାର ମଲ୍ଲିକ, ଏଆଇଏସସିଏଫ ଓଡ଼ିଶା ସଭାପତି ରଥକ୍ରିଷ୍ଟ ପାତ୍ର, ଆରଏମଏମ ଓଡ଼ିଶା ସଭାପତି ମହମ୍ମଦ ମକସୁଦ ଆଲମ, ବିଏମପି ଓଡ଼ିଶା ସଭାପତି ଗଙ୍ଗାଧର ଜାଲ, ଆରଏଇପି ଓଡ଼ିଶା ସଂଯୋଜିକା ଶାନ୍ତିଲତା ଚାତାର, ବିଶ ପଲ୍ଲବ ଲିମା, ଯୁଗଳ କିଶୋର ରଞ୍ଜିତ, ବୁଦ୍ଧୁ କୋଣ୍ଡାଗରୀ, ଏଡ୍. କ୍ଷୀରୋଦ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇ ନିଜର ମତ ରଖିଥିଲେ।

## ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,୧୮।୮ (ସମିସ): ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ସ୍ୱତନ୍ତ୍ର ଏସ୍‌ସି ଏଣ୍ଡ ଏସଟି କୋର୍ଟର ବିଚାରପତି ଅବଦୁଲ ସମିମ ଅକତାର ଜଣେ ମହିଳାଙ୍କ ଶାଳିନତା ଭଙ୍ଗ ପାଇଁ ଅଭିଯୁକ୍ତ ବ୍ରହ୍ମାନନ୍ଦ ସାମଲଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁସାରେ, ୨୦୨୨ମସିହା ଜୁଲାଇ ମାସ ୨୬ତାରିଖରେ ଜଣେ ମହିଳା ସାଇବର ଥାନାରେ ତାଙ୍କର ଶାଳୀନତା ଭଙ୍ଗ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଢ଼େଙ୍କାନାଳ ଜିଲ୍ଲା ରସୁଲ ଅଂଚଳର ବ୍ରହ୍ମାନନ୍ଦ ତାଙ୍କର କିଛି ଚରିତ୍ର ସଂହାର କରିଥିଲେ ବୋଲି ଅଭିଯୋଗ କରିଥିଲେ। ଏ ନେଇ ସାଇବର ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ଏହି ଅଭିଯୋଗକୁ ଶୁଣାଣୀ କରି ଆଜି ଜଜ ୧୨ଜଣ ସାକ୍ଷୀ, ୧୦ଟି ବସ୍ତୁ ଏବଂ ୨୩ଟି ଦସ୍ତାବିଜକୁ ଆଧାର କରି ଶୁଣାଣି କରି ଏହି ଦଣ୍ଡ ବିଧାନ କରିଛନ୍ତି। ଅଭିଯୁକ୍ତକୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଏକ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଲଳିତ କର ପରିଚାଳନା କରୁଥିଲେ।

## 'ଟ୍ରିପ୍ ଫ୍ରି' ସହର ହେବ ବାଲେଶ୍ୱର

● ମିଳିବ ନିର୍ଭରଯୋଗ୍ୟ ବିଜୁଳି ସେବା



ବାଲେଶ୍ୱର,୧୮।୮ (ସମିସ): ଏଣିକି ପ୍ରତିକୂଳ ପାଣିପାଗରେ ବି ବାଲେଶ୍ୱର ସହରକୁ ମିଳିବ ନିର୍ଭରଯୋଗ୍ୟ ବିଜୁଳି ସେବା। ଝଡ଼ ବର୍ଷା ହେଉ ଅବା କାଳବୈଶାଖୀ ବିଦ୍ୟୁତ ବିଭ୍ରାଟକୁ ଏଡାଇବା ପାଇଁ ଟିପିନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଟିପିଏନଓଡିଏଲ ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଲାଗି ଆଉ ଏକ ପଦକ୍ଷେପ ରୂପେ ବାଲେଶ୍ୱର ସହରକୁ ଏକ 'ଟ୍ରିପ୍ ଫ୍ରି' ସହର ଭାବେ ପରିଣତ କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ) ଯୋଜନା ଅଧୀନରେ ବ୍ୟାପକ ଉନ୍ନତିକରଣ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ପିଏସଏସରୁ ୯.୬ କିଲୋମିଟର ୩୩କେଭି ଏବଂ ୪.୯ କିଲୋମିଟର ୧୧କେଭି ଭୂତଳ କେବୁଲକୁ ବିଦ୍ୟୁତ୍ ଯୋଗାଣ ଲାଗି ଗ୍ରୀଡ ସହ ସଂଯୁକ୍ତ କରାଯାଇଛି। ଏହା ସହିତ ଏଥିରେ ୨ଟି ୩୩କେଭି ଆରଏମୟୁ(ରିଙ୍ଗ ମେନ ୟୁନିଟ) ଓ ୫ଟି ୧୧କେଭି ଆରଏମୟୁ ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ବାଲେଶ୍ୱର ଫିଡରର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ସହ ଓଭରହେଡ ଏବଂ ଭୂତଳ ଲାଇନ ଦ୍ୱାରା 'ଏନ-୧' ପଦ୍ଧତିରେ ଉନ୍ନତମାନର ସେବା ଯୋଗାଇବ। ସରକାରୀ କାର୍ଯ୍ୟାଳୟ ଓ ଅନ୍ୟ ଜରୁରୀକାଳିନ ସ୍ଥାନଗୁଡିକୁ ମଧ୍ୟ ପ୍ରତିକୂଳ ପାଣିପାଗ ସ୍ଥିତିରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବ ବୋଲି ଟିପିଏନଓଡିଏଲ ଦର୍ଶାଇଛି।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ଜିଲ୍ଲା ଶାଖାର ନବଗଠିତ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବାଲେଶ୍ୱର,୧୮।୮ (ସମିସ)




ବାଲେଶ୍ୱର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଭା କକ୍ଷରେ ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦ୍ୱିତୀୟ ଥର ପାଇଁ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହୋଇଥିବା ଲୋକନାଥ ଦଳାଇ ଅଧ୍ୟକ୍ଷତା କରିଥିଲେ। ସଂଘକୁ ମଜବୁତ କରିବା ଓ ସମସ୍ତ ସଭ୍ୟ ସଂଘର କାର୍ଯ୍ୟଧାରା ଅନୁସାରେ କାର୍ଯ୍ୟ କରିବାକୁ ଜିଲ୍ଲା ସଭାପତି ଆହ୍ୱାନ ଦେଇଥିଲେ। ବୈଠକରେ ଜିଲ୍ଲା ର ୧୨ଟି ବ୍ଲକରେ ଥିବା ସଂଘ ର ସମସ୍ତ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିବାବେଳେ ବରିଷ୍ଠ କାର୍ଯ୍ୟକର୍ତ୍ତା ମତବ୍ୟକ୍ତ କରିଥିଲେ। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ଶାଖା ପାଇଁ ଆଗାମୀ ୩ ବର୍ଷ ସକାଶେ ମନୋନୀତ ହୋଇଥିବା କାର୍ଯ୍ୟକର୍ତ୍ତା ମାନଙ୍କ ନାମ ସଭାପତି ଶ୍ରୀ ଦଳାଇ ଘୋଷଣା କରିଥିଲେ। ପରେ ନୂତନ କାର୍ଯ୍ୟକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ। ନବଗଠିତ କମିଟିରେ ସଭାପତି ଭାବେ ଲୋକନାଥ ଦଳାଇ, ସାଧାରଣ ସମ୍ପାଦକ ଭାବେ ସୁଧାଂଶୁ ଶେଖର ବାରିକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ଭାବେ ନିରଞ୍ଜନ ପ୍ରସାଦ ବାରିକ, ରାଜ୍ୟ ସମ୍ପାଦକ ଭାବେ ସଞ୍ଜୟ ମହାଳିକ, କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମିଡିଆ ସଂଯୋଜକ ଭାବେ ପ୍ରମୋଦ ଶିଅଳ, ମିଡିଆ ସହ ସଂଯୋଜକ ଭାବେ ଅଜିତ ସାହୁ, ସଙ୍ଗଠନ ସମ୍ପାଦକ ଭଗବାନ ଦାସ, ଉପଦେଷ୍ଟା ଭାବେ ଅମର ଆଚାର୍ଯ୍ୟ, ନରନାରାୟଣ ମିଶ୍ର, ଡ.ସୁକାନ୍ତ ଗିରି, କମଳଲୋଚନ ଆଚାର୍ଯ୍ୟ, ରାଜାରାମ ଦାସ, ରବିନ୍ଦ୍ର ବିଶ୍ୱାଳ, ଗଗନ ସେଠୀ, ଅଶୋକ ପ୍ରଧାନ, ଦେବେନ୍ଦ୍ର ନାୟକ, ଅନାଦି ଚରଣ ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ସତ୍ୟବ୍ରତ ଦାସ, ପ୍ରଶାନ୍ତ ବେହେରା, ସଞ୍ଜୟ ସାମନ୍ତ, ଉପସଭାପତି ଭାବେ ଜୀବନ କୃଷ୍ଣ ବାରିକ, ଆପାନନ୍ଦ ଦାସ, ଦେବେନ୍ଦ୍ର ଦାସ, ବୁଲୁ ଲେଙ୍କା, ଅର୍ଜୁନ ସିଂହ, ରାଜକିଶୋର ମଲ୍ଲିକ, ରଣଜିତ କୁମାର ଦାସ, ସମ୍ପାଦକ ଭାବେ ସ୍ୱରିତ ସପନ ପଣ୍ଡା, ଦୀପକ କୁମାର ପରିଡା, ବିଜୟ ପ୍ରଧାନ, ପ୍ରଫୁଲ୍ଲ ପଟ୍ଟନାୟକ, ଦୀପକ ଦାସ, ପ୍ରଦୀପ ଜେନା, ସୁଶ୍ରୀ ଜୟଶ୍ରୀ ବେହେରା, ସଂଯୁକ୍ତା ବେହେରା, ଜିଲ୍ଲା କମିଟି ସଦସ୍ୟ ଭାବେ ସନ୍ୟାସୀ ବେହେରା, ନିହାର କୁମାର ଜେନା, ସାମନ୍ତ ଜଗମୋହନ ସ, ଆଲୋକ ପଣ୍ଡା, ମାନସ ବେଜ, ଦେବେନ୍ଦ୍ର ମହାଳିକ, ସୁରେଶ ଚନ୍ଦ୍ର ମହାନ୍ତି, ଲୋକନାଥ ପରିଡା, କବିତାବାଳା ମାନ୍ଧାତାଙ୍କ ନାମ ଘୋଷଣା ହୋଇଥିଲା। ସଞ୍ଜୟ ଦାସ, ପ୍ରସନ୍ନ ପାତ୍ର, ମନୋଜ କୁମାର ଭୂୟାଁ, ଆଶିଷ ଗିରି ତଥା ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିରଞ୍ଜନ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



### ଖତ ଖାଉଛି କମ୍ପ୍ୟୁଟର ଲ୍ୟାବ; ପିଲାଙ୍କୁ ମିଳୁନି ଇ-ଶିକ୍ଷା

# ନଥିରେ ବନ୍ଧା ହୋଇଛି ଇ-ବିଦ୍ୟାଳୟ ଯୋଜନା

ବନ୍ତ/ଆଗରପଡ଼ା,୧୮।୮ (ସମିସ)




କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟି ଯୋଜନାରେ ୨୦୧୩ ମସିହାରେ ହାଇସ୍କୁଲ ସ୍ତରରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ଶିକ୍ଷା ୨୦୧୮ରୁ ଅଚଳ ହୋଇପଡ଼ିଛି। ରାଜ୍ୟରେ ୪ ହଜାର ବିଦ୍ୟାଳୟରେ ଆଇସିଟି ଯୋଜନାରେ ନିର୍ମିତ ହୋଇଥିବା କମ୍ପ୍ୟୁଟର ଲ୍ୟାବ ଏବେ ଖତ ଖାଉଛି। ଏହି ଯୋଜନା ଅଚଳ ହୋଇପଡ଼ିବାପରେ ବିଦ୍ୟାଳୟରେ କୌଣସି କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ କଳା ଓ ବିଜ୍ଞାନ ଶିକ୍ଷକ ଉକ୍ତ ଲ୍ୟାବର ଲାଭ ଉଠାଇପାରୁନାହାନ୍ତି; ଯଦ୍ଦ୍ୱାରା ବହୁ କମ୍ପ୍ୟୁଟର ଅଚଳ ହୋଇପଡିଛି। ଅପର ପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ୟ ପର୍ଯ୍ୟାୟରେ ୨୦୧୬ ମସିହାରେ ୨୦୦୦ ଇ-ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ଅଭିଯାନ ପକ୍ଷରୁ ୨୦୦୦ ଇ-ବିଦ୍ୟାଳୟ ପାଇଁ ୬ବର୍ଷ ହେଲାଣି ଟେଣ୍ଡର ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହୋଇଛି। ହେଲେ ଗଣଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ତାହା ଏବେ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ଏ ନେଇ ହାଇକୋର୍ଟଙ୍କ ପକ୍ଷରୁ ଏକ ମାମଲାର ବିଚାରକୁ ନେଇ ଉକ୍ତ କାର୍ଯ୍ୟକ୍ରମକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଏହା ଆଜି ପର୍ଯ୍ୟନ୍ତ ପାଳନ ହୋଇପାରିନାହିଁ। ତେଣୁ କମ୍ପ୍ୟୁଟର ଶିକ୍ଷା ଲାଭ କରି ଆଗାମୀ ଦିନରେ ଡିଜିଟାଲ ଶିକ୍ଷା ଏବଂ ଅନଲାଇନ ସେବାରେ ନିଜର ପାରଦର୍ଶିତା ପଦର୍ଶନ କରିବାପାଇଁ ଆଶା ବାନ୍ଧି ଥିବା ପିଲାଙ୍କ ପାଇଁ ଏହା ଏବେ ସ୍ୱପ୍ନ ପାଲଟିଛି। ତେଣୁ ଓଡିଶା କେବେ ଡିଜିଟାଲ ହେବ ଓ ପ୍ରତ୍ୟେକ ଲୋକ ଘରେ ବସି କିପରି ଭାବରେ ଅନଲାଇନ ସେବା ପାଇପାରିବେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇସିଟି ଯୋଜନାରେ ଓଡ଼ିଶା ସରକାର ୨୦୧୩ ମସିହାରେ ରାଜ୍ୟର ୪ହଜାର ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷାର ଅଭିଯାନ ଆରମ୍ଭ କରିଥିଲେ। ଏଥିପାଇଁ ୮୦୦କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଏଥିରେ ୭୫ଭାଗ କେନ୍ଦ୍ରର ଓ ୨୫ ଭାଗ ରାଜ୍ୟର ଅବଦାନ ରହିବା ସହ ଅଭିଯାନକୁ ସଫଳ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ୨୦୧୪ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିପାଇଁ ଆଇଏଲଏଫଏସ ଓ ଟିସିଆଇଏଲ ସଂସ୍ଥାକୁ ଶିକ୍ଷକ ନିଯୁକ୍ତି ଦାଇତ୍ୱ ପ୍ରଦାନ କରାଯାଇଥିବାବେଳେ ଓକେସିଏଲକୁ ଶିକ୍ଷକମାନଙ୍କୁ ତାଲିମ ଦେବାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟିର ୫ ବର୍ଷିଆ ଅବଧି ଶେଷ ହେବାପରେ ଉକ୍ତ ଯୋଜନା ବନ୍ଦ ହୋଇଯାଇଛି। ରାଜ୍ୟ ସରକାର ୨୦୧୬ ମସିହାରେ ଇ-ବିଦ୍ୟାଳୟ ଯୋଜନା ପ୍ରଣୟନ ପାଇଁ ଚେଷ୍ଟା ଆରମ୍ଭ କରିଥିଲେ ମଧ ତାହା ନ ଥିରେ ବନ୍ଧା ହୋଇରହିଛି। ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଡିଜିଟାଲ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଏଥିନେଇ ଶିକ୍ଷକମାନଙ୍କ ଜ୍ଞାନ କମ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଅପର ପକ୍ଷରେ କୋଟି କୋଟି ଟଙ୍କାରେ କିଣାଯାଇଥିବା କମ୍ପ୍ୟୁଟର ବର୍ଷ ବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିବା ଦ୍ୱାରା ଅଚଳ ହେବାରେ ଲାଗିଛି। ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଖିରେ ରଖି କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଜିଟାଲ ସେବାକୁ ଗୁରୁତ୍ୱ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ପିଲାମାନେ ଉକ୍ତ ସେବାରେ ଶିକ୍ଷା ଲାଭ କରିବା ପାଇଁ ବଞ୍ଚିତ ହେଉଛନ୍ତି।

## ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,୧୮।୮(ସମିସ): ଜିଲ୍ଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି ସୂଚନା ଦେଇଛନ୍ତି। ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜୀକୃତ ହୋଇଥିବା ଦେୱାନି, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣଆ, ବ୍ୟାଙ୍କ ଋଣ ଜନିତ ମାମଲାଗୁଡ଼ିକର ଫଇସଲା କରିବେ ଓ ଦରିଦ୍ର, ଅବହେଳିତ ତଥା ଗ୍ରାମାଞ୍ଚଳର ଲୋକେ ଏହି ଅଦାଲତରେ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମାଗୁଡ଼ିକର ଫୈସଲା କରାଯିବ। ଏହାର ସୁବିଧା ଯେପରି ଲୋକମାନେ ପାଇ ପାରିବେ ଓ ଏହାର ପ୍ରଚାର ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇ ପାରିବେ। ସେଥିପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଜନସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଛି। ଏହାଦ୍ୱାରା ଲୋକ ଉପକୃତ ହୋଇପାରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଆଶା ପୋଷଣ କରିଛନ୍ତି।

## ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍; ଫେରିପାଇଲେ ୮୭ ହଜାର



ଧାମନଗର,୧୮।୮(ସମିସ): ଗତ ୧୧ତାରିଖ ରେ ଧାମନଗର ୟୁକୋ ବ୍ୟାଙ୍କରୁ ଜଣେ ବ୍ୟକ୍ତି ୧ ଲକ୍ଷ ୨୫ ହଜାର ଟଙ୍କା ଉଠାଇ ବ୍ୟାଙ୍କ ସମ୍ମୁଖରେ ରଖିଥିବା ନିଜ ବାଇକ୍ ଡିକିରେ ରଖି ନିକଟସ୍ଥ ବନ୍ଧନ ବ୍ୟାଙ୍କକୁ ଆଉ ଏକ କାମରେ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ଡିକି ଭାଙ୍ଗି ସବୁ ଟଙ୍କା ଲୁଟ୍ ହୋଇଯାଇଥିଲା ଦେଖି। ଏନେଇ ସଙ୍ଗେ ସଙ୍ଗେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଅଧିକାରୀ ଏସଆଇ ରାଜେଶ ସେଠୀ ତଦନ୍ତ ଆରମ୍ଭ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ବହୁ ଚେଷ୍ଟା ଜାରି ରଖିଥିଲେ। ଗତ ଶନିବାର ପୂର୍ବାହ୍ନରେ ଲୁଟେରା ଦେବେନ୍ଦ୍ର ଦାସ ଏକ ବସ୍‌ରେ ଯାଉଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଧାମନଗର କଲେଜ ନିକଟରେ ବସ୍‌ରୁ ତାଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତ ହେଲେ ମୁସ୍ତଫାପୁର ଗାଁର ଦେବେନ୍ଦ୍ର ଦାସ( ୧୯)। ପରେ ଲୁଟେରା ନିକଟରୁ ନଗଦ ୮୭ ହଜାର ୨୦୦ଟଙ୍କା ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ଜଣେ ଫେରାର ରହିଛି। ଘଟଣାରୁ ପ୍ରକାଶ ଯେ, ଜୁଡ଼ାକୁଟି ଶୋରିଷତିହ ଗ୍ରାମର ସେକ ଜମିରୁଦ୍ଦିନଙ୍କ ପୁଅ ସେକ ଜାହିରୁଦ୍ଦିନ(୨୭)ଙ୍କ ଚୁଡ଼ାକୁଟି ବଜାରରେ ଏକ ଜନସେବା କେନ୍ଦ୍ର ଖୋଲି ବ୍ୟବସାୟ କରୁଛନ୍ତି। ରବିବାର ପୂର୍ବାହ୍ନରେ ଥାନା ପରିସରରେ ଜବତ ହୋଇଥିବା ଟଙ୍କା ସେକ ଜାହିରୁଦ୍ଦିନଙ୍କୁ ଏସ୍‌ଆଇ ଶ୍ରୀ ସେଠୀ ହସ୍ତାନ୍ତର କରିଛନ୍ତି। ଏହି ଲୁଟ୍ ଘଟଣାରେ ତାଙ୍କର ଅନ୍ୟ ଜଣେ ସହଯୋଗୀ ଭଣ୍ଡାରିପୋଖରୀ ଥାନା ଅଧୀନ କୋଳିପଦି ଗାଁର ଯୁବକ ଫେରାର ଥିବା ଜଣାପଡିଛି। ତେବେ ପୁଲିସ ଘଟଣାର ତଦନ୍ତ ଚଳାଇଛିନ୍ତି।

## ଚାଷୀ ବିକିପାରିଲେନି ଡାଲିଜାତୀୟ ଶସ୍ୟ

ବାରିକପୁର, ୧୮।୮(ସମିସ): ମୁଣ୍ଡ ଝାଳ ତୁଣ୍ଡରେ ମାରି ଉଦୁଉଦିଆ ଖରାରେ ଯେଉଁ ଚାଷୀ ଭାଇମାନେ ଡାଲି ଜାତୀୟ ମୁଗ ଓ ବିରି ଚାଷ କରିଥିଲେ ସେମାନେ ଏପର୍ଯ୍ୟନ୍ତ ଏହାକୁ ସରକାରୀ ଭାବେ ବିକ୍ରି କରି ପାରି ନାହାନ୍ତି। ଭଣ୍ଡାରିପୋଖରୀ ବ୍ଲକର ବନ୍ଦାଳମଢିଆଳି, ନେରଡା ଓ ନାଆମୀ ପଞ୍ଚାୟତକୁ ଛାଡିଦେଲେ ଅନ୍ୟ ୨୦ଟି ପଞ୍ଚାୟତ ଅଞ୍ଚଳରେ ଚଳିତ ରବି ଋତୁରେ ଅଳ୍ପ ବହୁତ ଡାଲି ଜାତୀୟ ଫସଲ ହୋଇଥିଲା। ପ୍ରାୟ ୩ ହଜାର ୩୦୦ ହେକ୍ଟର ଚାଷଜମିରେ ମୁଗ ଓ ୫୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ କୃଷି ବିଭାଗ ବିହନ ଯୋଗାଇ ଦେଇଥିଲା। ବ୍ଲକର ସରସଦାଠାରୁ ଆରମ୍ଭ କରି ଦକ୍ଷିଣବାଡ, ପାଟୁଳି, ରହଣିଆ, ମାଳଦା, କୋରିଗାଁ, ଶାସନ, ବିଷ୍ଣୁପୁର, ନପଙ୍ଗ, ରାମଚନ୍ଦ୍ରପୁର ଜଳମଣ୍ଡୁଆ, ନିର୍ଗୁଣ୍ଡି, ରାଜେନ୍ଦ୍ରପୁର, ପାଟୁଳି ପ୍ରମୁଖ ସ୍ଥାନରେ ଚାଷୀମାନେ ବିରି ଓ ମୁଗ ବୁଣିଥିଲେ। ଚାଷ ପାଇଁ ସରକାରଙ୍କ ପକ୍ଷରୁ କେବଳ ବିହନ ଯୋଗା ଯାଉଥିବା ବେଳେ ନିଜସ୍ୱ ଖର୍ଚ୍ଚରେ ଚାଷୀ ଚାଷ କରିଥିଲେ। ଦୈବି ଦୁର୍ଘଟଣା ଖରାଦିନିଆ କାଳବୈଶାଖୀ ଝଡ଼ିବର୍ଷାରୁ ଶସ୍ୟକୁ ସୁରକ୍ଷା ଦେବା ସହ କୃଷକମାନେ ଭଲ ଅମଳ ମଧ କରିଥିଲେ। ସରକାରୀ ବ୍ୟବସ୍ଥା ଥାଇ ମଧ ଅମଳ ପରବର୍ତ୍ତୀ ସମୟରେ ପଞ୍ଜିକୃତ ଚାଷୀଙ୍କଠାରୁ ଡାଲି ଜାତୀୟ ଶସ୍ୟ କ୍ରୟ ହୋଇନାହିଁ। ବ୍ଲକର ଜଳମଣ୍ଡୁଆ ସମିତିଠାରେ ଚାଷୀଙ୍କଠାରୁ ଶସ୍ୟ କିଣିବା ପାଇଁ ମାର୍କଫେଡକୁ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ଏଯାଏଁ ମୁଗ ବିରି ବିକ୍ରି ହୋଇନାହିଁ। ଫଳରେ ଶହଶହ ଚାଷୀଙ୍କ ଘରେ କୁଇଣ୍ଟାଲ ଆକାରରେ ଡାଲି ଏବେ ପୋକ ଖାଉଛି। ଏନେଇ ଅନେକ ଦିନ ହେବ ବୋହୁ ବାର ଚାଷୀ ମାନେ ଆପତ୍ତି ଅଭିଯୋଗ କରିଥିଲେ ମଧ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପଟେ ଅମଳ ହୋଇଥିବା ଶସ୍ୟର ମାନ ଠିକ୍ ନଥିବା କହି ସଂସ୍ଥା ନିଜ ଦାୟିତ୍ୱରୁ ଓହରି ଯାଇଛି। ଚାଷୀମାନେ ଡାଲି ଜାତୀୟ ଫସଲ କରି ଏକପ୍ରକାର ଫସି ଯାଇଥିବା କହିଛନ୍ତି। ତେଣୁ ଆସନ୍ତା ବର୍ଷଠାରୁ ଆଉ ମୁଗ ବିରି ଚାଷ କରିବେ ନାହିଁ ବୋଲି ଅନେକ ଚାଷୀ କ୍ଷୋଭର ସହ କହିଛନ୍ତି।

### ବଢୁଛି ନକଲି ଔଷଧ କାରବାର; ପ୍ରଶାସନ ନିରବ

## ବିନା ଲାଇସେନ୍ସ ଓ ଫାର୍ମାସିଷ୍ଟରେ ଚାଲିଛି ବିକ୍ରି

ବନ୍ତ/ଆଗରପଡ଼ା,୧୮।୮(ସମିସ): ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନର ନୀରବତା ପାଇଁ ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ନକଲି ମେଡ଼ିସିନ ବିକ୍ରି କରି କୋଟିପତି ହେଲେଣି ଔଷଧ ବ୍ୟବସାୟୀ। ଚଢଉ ନହେବାରୁ ଦିନକୁ ଦିନ ଦିନ ନକଲି ମେଡ଼ିସିନର ପ୍ରାଦୁର୍ଭାବ ବେଶ ବଢିବାରେଲାଗିଛି। ବିଶେଷଭାବରେବନ୍ତବ୍ଲକରଏକମାତ୍ରଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଆଗରପଡ଼ାଠାରେ ଅବସ୍ଥିତ। ଏହା ଅଧିନରେ ବନ୍ତ, କେନ୍ଦୁଆପଦା, କାଦବରାଙ୍ଗ ଓ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ନୂତନ) ରହିଛି। ଏହିସବୁ ଅଞ୍ଚଳରେ ନକଲି ମେଡିସିନ ବିକ୍ରି ହେଉଛି। କେତେବେଳେ ସ୍ୱାସ୍ଥ୍ୟ ବିଭାଗ ହାତଗୁଞ୍ଜା ନେଇ ଚୁପ ବସୁଛି ତ ଆଉ କେତେବେଳେ ବିଭିନ୍ନ ବାହାନା ଦେଖାଇ ଚଢ଼ଉ କରାଯାଉନି। ବିଶେଷଭାବରେ ଗ୍ରାମାଞ୍ଚଳରେ ନକଲି ମେଡ଼ିସିନ ବିକ୍ରି ଅଧିକ ଚାଲିଛି। ବର୍ଷ ବର୍ଷ ଧରି ନକଲି ମେଡିସିନ ଚଳାଇଥିବା ଦୋକାନୀମାନେ କିଛି ଡ଼ାକ୍ତରଙ୍କୁ ହାତ କରି ଏହି ବେପାର କରିଆସୁଛନ୍ତି। ହେଲେ ଥରେ ମାତ୍ର ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢଉ ହେଉନାହିଁ କି ଔଷଧ ଯାଞ୍ଚ କରାଯାଉନି। ରାଜ୍ୟ ବାହାରୁ ନକଲି ମେଡିସିନ ଆଣି ଗ୍ରାମାଞ୍ଚଳ ଦୋକାନୀକୁ କମ ଦାମରେ ଯୋଗାଇ ଦିଆଯାଉଛି। ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, କିଡନୀ, ହାର୍ଟ ଭଳି ମାରାତ୍ମକ ରୋଗର ଦାମୀ ମେଡ଼ିସିନ୍ ଏଠାରେ ନକଲି ଭାବେ ମିଳୁଥିବା ଅଭିଯୋଗ ହେଉଛି। ବନ୍ତ ବ୍ଲକର ୨୫ଟି ପଞ୍ଚାୟତ ସହିତ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଏବେ ନକଲି ମେଡିସିନ ମିଳୁଥିବା ଅଭିଯୋଗ ହୋଇଛି। ଏହି ନକଲି ମେଡ଼ିସିନ୍‌ର ଚେର ପଶ୍ଚିମବଙ୍ଗ, ବିହାର, ବାଙ୍ଗାଲୋର,



ଦିଲ୍ଲୀକୁ ଲମ୍ବିଛି। ଲାଇସେନ୍ସ ଏବଂ ଫାର୍ମାସିଷ୍ଟ ନ ଥାଇ ମେଡିସିନ ବିକ୍ରି ହେଉଛି। କେବଳ ଫାର୍ମାସିଷ୍ଟ ସାର୍ଟିଫିକେଟରେ ଲକ୍ଷାଧିକ ଟଙ୍କାର ନକଲି ମେଡ଼ିସିନ ବିକ୍ରି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ପ୍ରଶାସନର କାର୍ଯ୍ୟକଳାପକୁ ସନ୍ଦେହ କରାଯାଇଛି। ନିୟମାନୁସାରେ ମେଡ଼ିସିନ ଦୋକାନରେ ଫାର୍ମାସିଷ୍ଟ ଔଷଧ ବିକ୍ରି କରିବା କଥା । କିନ୍ତୁ ବନ୍ତ ବ୍ଲକର ଅଧିକାଂଶ ସ୍ଥାନରେ ତାହା ହେଉନଥିବା ଅଭିଯୋଗ ହୋଇଛି। ନିୟମିତଭାବରେ ମେଡ଼ିସିନ ଦୋକାନଗୁଡିକ ଯାଞ୍ଚ ହେଉନଥିବାରୁ ନକଲି କାରବାର ବୃଦ୍ଧି ପାଉଛି। ଏପରିକି ଅନେକ ଔଷଧ ଦୋକାନର ବୈଧ ଲାଇସେନ୍ସ ନ ଥିବା ମଧ ଜଣାପଡିଛି। ତେଣୁ ଏହି ବେଆଇନ୍ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

### ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

## 'ବୈଷ୍ଣବ ସାହିତ୍ୟ ଭାବ ଓ ଚଳଣିର ଶୁଦ୍ଧଧାରା'



ଭଦ୍ରକ,୧୮।୮(ସମିସ): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଗୋଲକ ବିହାରୀ ସାହୁ ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ବେଦପାଠ, ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟପାଠ କରିଥିଲେ। 'ବୈଷ୍ଣବ ସାହିତ୍ୟରେ ଶ୍ରୀ ରାଧାକୃଷ୍ଣ' ଶୀର୍ଷକ ଏକ ଆଲୋଚନାଚକ୍ରର ମୁଖ୍ୟ ଅତିଥି ଜାତୀୟ ମାନବାଧିକାର ଯାଜପୁର ସଭାପତି ଓ ସାମ୍ବାଦିକ ଶୁଭକାନ୍ତ ନାୟକ, ମୁଖ୍ୟବକ୍ତା ପାଲାଗାୟକ ବିଶାରଦ ରଞ୍ଜିତ କୁମାର ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ, ପଦ୍ମ୍ୟମ୍ନ କୁମାର ରାୟ, ଶିକ୍ଷାବିତ୍ କୈଳାସଚନ୍ଦ୍ର ମହପାତ୍ର, ଗୟାଧର ପଣ୍ଡା, ଅଧ୍ୟାପିକା ଭାନୁମତି ମାଟିଆ, ମନୋଜ ଜେନା, ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ପୂର୍ବତନ ସାହିତ୍ୟ ଏକାଡ଼େମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ବିଜୟ କୁମାର ବହଳୀ ପ୍ରମୁଖ ବୈଷ୍ଣବ ସାହିତ୍ୟ ଭାବ ଓ ଚଳଣିର ଶୁଦ୍ଧଧାରା। ରାଧା ବିନା କୃଷ୍ଣ ଅଧୁରା। ରାଧା ହିଁ ଭକ୍ତ ଓ ଭଗବାନଙ୍କ ଶାଶ୍ୱତ ପ୍ରେମର ପ୍ରକୃତ ନିଦର୍ଶନ। ଭକ୍ତ ବିନା ଭଗବାନଙ୍କ ସ୍ଥିତି ଅସମ୍ଭବ। ପ୍ରେମର ଅର୍ଥ କେବଳ ଦେବା ମାତ୍ର କିଛି ବି ପାଇବାର ଆଶା ନକରି ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ପୁରୁଷୋତମ ଧଳ ଓ ବିଧିବକ୍ତା ମନୋରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ନାରାୟଣ ଚନ୍ଦ୍ର ପାଢ଼ୀ, ବୀଣାପାଣି ତ୍ରିପାଠୀ, ଗୌରାଙ୍ଗ ଚନ୍ଦ୍ର ବାରିକ, ମାନସୀବାଳା ସୂତାର, ଜଗନ୍ନାଥ ନାୟକ, ରମାକାନ୍ତ ପାଳ, ସାବିତ୍ରୀ ବାନାର୍ଜୀ, ବୈକୁଣ୍ଠନାଥ ଓଝା, ରମେଶ ଚନ୍ଦ୍ର ଦାସ, ସୁରଞ୍ଜନ ପଣ୍ଡା, ମୁସ୍ତକ୍ ଗହ୍ୱର, ଶେଖ ଅବଦୁଲ ଦୟାନ, ନରେଶ ଚନ୍ଦ୍ର ଲେଙ୍କା, ମାନସ ରଞ୍ଜନ ପଣ୍ଡା, ଶଶାଙ୍କ ଶେଖର ପଣ୍ଡା, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ଅଂଶୁମାନ ସ୍ୱାଇଁ, ସୁବାସ ଚନ୍ଦ୍ର ବଳ, କୈଳାସ ଦାସ, ସୁମିତ୍ରା ପାଣି, ପିତାମ୍ବର ଦାଶ, ସଂଗ୍ରାମ କେଶରୀ ସେନାପତି, ମଧୁସୂଦନ ମହାପାତ୍ର, ବିପ୍ଳବ ହୋତା, ଦିଲିପ ନାୟକ, ସଂଯୁକ୍ତା ଯାଦବ, ସୁରେଶ ସାହୁ ପ୍ରମୁଖ ୬୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଅଧ୍ୟାପକ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୭ଦିନ ମଧ୍ୟରେ ସମାଧାନ ପ୍ରତିଶ୍ରୁତି ଦେଲେ ଜିଲ୍ଲା ଶିକ୍ଷାଧିକାରୀ

'ସକାଳ' ପ୍ରଭାବ




ଦୋଳସାହି, ୧୮।୮(ସମିସ): ତିହିଡି ବ୍ଲକ ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଗତ ୨୦୨୦ ମସିହାରୁ ସଂସ୍କୃତ ଶିକ୍ଷକ ପଦ ଖାଲି ପଡିଥିବା ନେଇ ଦୈନିକ "ସକାଳ'ରେ ଗତ ୨୯ ତାରିଖରେ ଏକ ଖବର ପ୍ରକାଶିତ ପାଇଥିଲା। ଖବର ପ୍ରକାଶ ପାଇବା ପରେ ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ଏହି ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଫୋନ ଯୋଗେ ୭ ଦିନ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ଏହା ୭ ଦିନ ମଧ୍ୟରେ ନ ହେବ ତାହାଲେ ସଂମ୍ପୂର୍ଣ୍ଣ ଭାବେ ସ୍କୁଲକୁ ତାଲା ପକାଇଦିଆଯିବ ବୋଲି ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ, ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଦାସ ବିଦ୍ୟାଳୟରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଂସ୍କୃତ ଶିକ୍ଷକ ନ ଥିବା ତାଙ୍କ ଉପରିସ୍ତ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଆସୁଥିଲା ବେଳେ ଏହାର କୌଣସି ସୁଫଳ ମିଳିନଥିଲା। ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶ୍ରେଣୀଗୃହ ଅଭାବ ପୂରଣ କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ସମବାର ତାଲା ପକାଯାଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଏହାର ସମାଧାନ କରାଯିବା ନେଇ ୭ ଦିନ ଦିଆଯିବା ପରେ ଅଭିଭାବଙ୍କ ପକ୍ଷରୁ ଗେଟ ତାଲା ଖୋଲାଯାଇଥିଲା। ଅଭିଭାବକଙ୍କ ପକ୍ଷରୁ ମାନସ ବେହେରା, ପର୍ଶୁରାମ ପାଣିଗ୍ରାହୀ, ରଂଜନ ବେହେରା, ରବିନ୍ଦ୍ର ମଲ୍ଲିକ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

### ଜାତୀୟ ସିନିଅର୍ ଆଥଲେଟିକ୍ ମିଟ୍

## ଓଡ଼ିଶା ଦଳରେ ହରିଶଙ୍କର



ଭଦ୍ରକ,୧୮।୮ (ସମିସ): ତାମିଲନାଡୁର ଚେନ୍ନାଇ ଷ୍ଟାଡ଼ିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ହରିଶଙ୍କର ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ୨୦ ଅଗଷ୍ଟରୁ ଆରମ୍ଭ ହୋଇ ୨୪ ଅଗଷ୍ଟ ୨୦୨୫ରେ ସମାପ୍ତ ହେବ। ହରିଶଙ୍କର ପାଣିଗ୍ରାହୀ ୪ / ୪୦୦ ମିଟର୍ ରିଲେ ଇଭେଂଟରେ ସ୍ଥାନ ପାଇଛନ୍ତି। ସେ ବି.ଏନ୍. ଏମ୍.ଏ. କଲେଜ ପାଳିଆବିନ୍ଧାରେ +୩ ତୃତୀୟ ବର୍ଷ ବାଣିଜ୍ୟରେ ଅଧ୍ୟୟନ କରୁଥିବା ବେଳେ ଜଗନ୍ନାଥପୁର ସ୍ଥିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ସେ ୨ ବର୍ଷହେଲା ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁର ସ୍ଥିତ ବିର୍ଶା ମୁଣ୍ଡା ଆଥିଲେଟିକ ଷ୍ଟାଡିୟମରେ ସିନ୍ଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କ ପିତାଙ୍କ ନାମ ରାମ ପ୍ରସାଦ ପାଣିଗ୍ରାହି ଓ ମାତାଙ୍କ ନାମ ସୀତାଦେବୀ ପାଣିଗ୍ରାହୀ। ତାଙ୍କ ଘର ପିରାହାଟ ସ୍ଥିତ ପୁରୁଣା ବଜାର ଗ୍ରାମରେ। ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଆଥଲେଟିକ୍ ପ୍ରତିଯୋଗିତାରେ ସ୍ଥାନ ପାଇଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଭଦ୍ରକ ଜିଲ୍ଲା ଆଥିଲେଟିକ ସଂଘର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀର ପ୍ରତିଷ୍ଠାତା ତଥା କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁ, କ୍ରୀଡା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରନ୍ତୁ ବୋଲି ଶୁଭକାମନା କରିଛନ୍ତି।

### ସମସ୍ୟାରେ ସିନ୍ଧୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ

## ଭଙ୍ଗାଦଦରା ଶ୍ରେଣୀରେ ଚାଲିଛି ପାଠପଢ଼ା

ବନ୍ତ/ଆଗରପଡ଼ା,୧୮।୮ (ସମିସ)



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସିନ୍ଧୁକେଶ୍ୱର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ସଂପ୍ରତି ଭଙ୍ଗା ଦଦରା ଗୃହରେ ପାଠପଢା ଚାଲିଛି। ଗତ ୧୯୬୯ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ୫୬ ବର୍ଷ ପୂରଣ କରିବାକୁ ଯାଇଛି; କିନ୍ତୁ ଶ୍ରେଣୀ ଗୃହଗୁଡିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ହାଇସ୍କୁଲରେ ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି; କିନ୍ତୁ ଶ୍ରେଣୀ ଗୃହ ଆବଶ୍ୟକ ଅନୁସାରେ ଅଭାବ ରହିଛି। ଶିଶୁ ବାଟିକା ସମେତ ୧୦ଟି ଶ୍ରେଣୀ ପାଇଁ ୧୫ ଜଣ ଶିକ୍ଷକ

### ୫ଟି ଗୃହ ବିପଦସଙ୍କୁଳ

ଅଛନ୍ତି। ବିଦ୍ୟାଳୟର ୧୦ଟି ଶ୍ରେଣୀ ପାଇଁ ୭ଟି ଗୃହ ଉପଲବ୍ଧ ଥିବା ବେଳେ ସେଥିରୁ ୫ଟି ଅତି ବିପଦସଂକୁଳ ଅବସ୍ଥାରେ ରହିଛି। ୫ଟିଯାକ ଗୃହ ଭଙ୍ଗା ପୁରୁଣା ଟିଣ ଚାଦର ରହିଥିବାବେଳେ ମରାମତି ଅଭାବରୁ ଏବେ ବିପଦସଂକୁଳ ହୋଇଛି। ବିଭାଗ ତରଫରୁ ଏହାର କୋଣସି ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ ରହିଛି। ବର୍ଷା ହେଲେ ଛାତରୁ ପାଣି ଗଳିବା ସହିତ ପାରାଙ୍କ ବାସସ୍ଥଳୀ ପାଲଟିଛି। ଇତିମଧ୍ୟରେ ୫୫ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ଆଜିଯାଏ ଶୈକ୍ଷିକ ପରିବେଶରେ କୌଣସି ଉନ୍ନତି ହୋଇପାରିନାହିଁ। ଚଳିତ ଶିକ୍ଷାବର୍ଷରେ ୩୫୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଗୋଟିଏ ଗୃହରେ ୩ଟି ଶ୍ରେଣୀ ଓ ଅନ୍ୟ ଏକ ଗୃହରେ ୨ଟି ଶ୍ରେଣୀ ଏବଂ ଗୋଟିଏ ବିପଦସଂକୁଳ ଘରେ ୩ଟି ଶ୍ରେଣୀର ପିଲା ପଢୁଛନ୍ତି। ପୂର୍ବ ସରକାରରେ ୫-ଟି ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗୃହଗୁଡିକ ଏବେ ମରାମତି ଅଭାବରୁ ନଷ୍ଟ ହେବାକୁ ବସିଲାଣି। ସ୍କୁଲ ପରିସରରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଆଣ୍ଠୁଏ ଲେଖାଏଁ ପାଣି ଜମିରହୁଛି। ସେହିପରି ଦୀର୍ଘ ୩୧ମାସରୁ ଉର୍ଦ୍ଧ୍ୱ ସମୟ ହେବ କେହି ନିୟମିତ ପ୍ରଧାନଶିକ୍ଷକ ନାହାନ୍ତି। ଏଠାରେ ଥିବା ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଡ଼େପୁଟେସନରେ ଅନ୍ୟତ୍ର ପଠାଇ ଦିଆଯାଇଛି। ବିଭାଗ ପକ୍ଷରୁ ଏକ ଶ୍ରେଣୀ ଗୃହ ନିର୍ମାଣ କରାଯାଉଥିଲେ ମଧ ଅର୍ଥାଭାବରୁ ଅଧାରେ ରହିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ନୂତନ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ପ୍ରୟାସ କରୁଥିବା ବେଳେ ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ନ ଆସିଲେ ଉକ୍ତ ଯୋଜନା ସଫଳ ହେବାନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧପନ୍ତରିଆ ଗୃହ ନିର୍ମାଣକୁ ନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଛି। ଖୁବ୍ ଶୀଘ୍ର ଏହାର ନିର୍ମାଣ ର୍ ଆରମ୍ଭ ହେବ ବୋଲି କହିଥିଲେ। ସେହିପରି ବିଦ୍ୟାଳୟ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଥିଲେ।

**ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା କାର୍ଯ୍ୟକାରୀ ଦାବି**

# ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିକ୍ଷୋଭ

ଜଗତସିଂହପୁର,୧୮।୮ (ସମିସ)




ପୂର୍ବ ବିଜେଡି ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ୧୫୦୦ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ପରିତାପର ବିଷୟ ଏଯାବତ ଜଣେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଓ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇ ନ ଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତିମଧ୍ୟରେ ନୂତନ ସରକାରକୁ ବର୍ଷେ ପୂରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟ ସାଜିଛି। ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ, ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ ବଜେଟକୁ ୫ହଜାର କୋଟି କାରିବା ଦାବିରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଆଜିର ସମାବେଶରେ ସାମିଲ ହୋଇଥିବା କାରିଗର ଓ ବୁଣାକାରଙ୍କ ଦାବି ଥିଲା, ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା, ମାସିକ ସହାୟତା ରାଶି ଦୁଇ ହଜାରରୁ ୫ ହଜାର କରିବା, କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ।

ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବୁଣାକାର ଓ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ସେହିଭଳି ୨୦୧୮ ମାର୍ଚ୍ଚ ୨୨ ତାରିଖରେ ଉଦଘାଟିତ ହୋଇଥିଲା ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ। ଯାହାର କାର୍ଯ୍ୟାଳୟ ଭୁବନେଶ୍ୱରସ୍ଥ ଖଣ୍ଡଗିରି ନିକଟରେ ରହିଛି। ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସଂପର୍କର ସେତୁ ଭାବେ କାର୍ଯ୍ୟ କରିଆସୁଥିବା ଏହି ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନଥିବାରୁ ନିଷ୍କ୍ରିୟ ହୋଇପଡିଛି। ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁନର୍ଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଏହି ପରିଷଦର ପରିଚାଳନା ବୋର୍ଡ ସଦସ୍ୟ ଭାବେ ରାଜ୍ୟର ବିଶିଷ୍ଟ ବୁଣାକାର ଓ କାରିଗର ରହିବେ ବୋଲି ବ୍ୟବସ୍ଥା ରହିଛି। ପୂର୍ବ ପାଳିରେ ନିପୁଣ ଶିଳ୍ପୀ / ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତ୍ତା ବୃଦ୍ଧି, ଦେଢଶହରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ ଗ୍ରାମ ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତ୍ତି ନିଆଯାଇଥିଲା। ଦିନକୁ ଦିନ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ବଢି ଚାଲିଥିବାରୁ ଏହି ବିକାଶ ପରିଷଦ ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ।

ଉତ୍କର୍ଷ କଳାର ରାଜ୍ୟ ଆମ ଓଡ଼ିଶା। କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ୧୦ ଲକ୍ଷରୁ ଅଧିକ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରମ୍ପରିକ କଳା କାରିଗରୀକୁ ବଞ୍ଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିପାରୁନି। ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବାବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡିଶା ଶିଳ୍ପୀ ମହାସଂଘ ଦୃଢ ନିନ୍ଦା କରିଛି। ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ବହୁ କାରିଗର ଓ ବୁଣାକାର ସାମିଲ ହୋଇଥିଲେ। କଲେଜ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ସଂଗଠନ ସମ୍ପାଦିକା ସରୋଜିନୀ ଦାସ, ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, ଜଗତସିଂହପୁର ଜିଲ୍ଲା ସଂଯୋଜିକା କାଦମ୍ବିନୀ ମଲ୍ଲିକ, ଉତ୍କଳ କେଶରୀ ମହାନ୍ତି, ଧରଣୀଧର ଦାସ, ଛବିଳତା ସାମଲ, ବିଦ୍ୟୁଲତା ନାୟକ, ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ରଘୁନାଥପୁର,୧୮।୮ (ସମିସ): ତାରପୁର ଗ୍ରାମର ନିରଞ୍ଜନ ଷେଣ୍ଠ (୬୨)ଙ୍କ ଆଜି ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ଯାଦବମାନଙ୍କ ମୁଖ୍ୟ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରଯାଇଥିଲା। ଶୋଭାଯାତ୍ରାରେ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ଦାଶ, ସମାଜସେବୀ ପ୍ରଭାକର ମଲ୍ଲିକ, ପ୍ରଦୀପ ନାୟକ, ଟନା ପଣ୍ଡା, ନାରାୟଣ ରାଉତ, ଧୋବୀ ସାହୁ, ଲକ୍ଷ୍ମଣ ଦାଶ, ବିଜୟ ଦାଶ ଉପସ୍ଥିତ ଥିଲେ। ଜ୍ୟେଷ୍ଠପୁତ୍ର ଜଗବନ୍ଧୁ ଷେଣ୍ଠ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ତାରପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ସରକାରୀ ଅନୁଦାନ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ନାଉଗାଁ,୧୮।୮ (ସମିସ): ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଓ ମା' କୁଆଁମଚଣ୍ଡୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦେବା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଜାରି ରହିଛି।



ଯେପର୍ଯ୍ୟନ୍ତ ସରକାରୀ ଅନୁଦାନ ନ ମିଳିଛି, ଏ ଆନ୍ଦୋଳନ ଜାରି ରହିବ ବୋଲି କଟକ ବିଭାଗ ସଂଯୋଜକ ପବିତ୍ର ଲେଙ୍କା ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ଜେନା, ସୁଚିତ୍ରା ମଲ୍ଲ, ଅରୁନ୍ଧତୀ ଷଡ଼ଙ୍ଗୀ, ସ୍ୱାତିଶ୍ରୀ ବେହେରା, ରୋଜାଲିନ ଶିଶୁ, ପ୍ରଭାତ ପଟ୍ଟନାୟକ, ତାପସ ମହାନ୍ତି, ସଂଗ୍ରାମ ସ୍ୱାଇଁ, ରଞ୍ଜିତ ମହାନ୍ତି, ସୁଭଦ୍ରା ରାଉଳ, ଲିଙ୍ଗରାଜ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ସୁଶାନ୍ତ ଦାସ, ସନ୍ତୋଷ ମୁଦୁଲି ପ୍ରମୁଖ ସାମିଲ ଥିଲେ।

**● ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

## ୮ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର, ୧୮।୮ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୮ଟିର ତତ୍କାଳ ଫଇସଲା କରିଛନତି। ଆଜି ଆୟୋଜିତ ଶିବିରରେ ୧୦୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୦ଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ସମ୍ପର୍କିତ ୫ଟି, ଆବାସ ଯୋଜନା ସମ୍ପର୍କିତ ୧ଟି, ଜମିଜମା ସମସ୍ୟା ସମ୍ପର୍କିତ ୯ଟି, ଭତ୍ତା ପାଇଁ ୧୦ଟି, ପୁଲିସ ସହାୟତା ପାଇବା ପାଇଁ ୧ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଓ ଅନ୍ୟାନ୍ୟ ୬୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ଟି ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।



## ଭାରତୀୟ ମଜଦୁର ସଂଘର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ

ତିର୍ତ୍ତୋଲ,୧୮।୮ (ସମିସ): ଭାରତୀୟ ମଜଦୁର ସଂଘର ନୂତନ ଶାଖା କାର୍ଯ୍ୟାଳୟ ତିର୍ତ୍ତୋଲଠାରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି କବି ପରମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଜିଲ୍ଲା ମଜଦୁର ସଂଘ ସଭାପତି ଅବିନାଶ ଦାସ, ସମ୍ମାନିତ ଅତିଥି ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ, ରାଜୀବଲୋଚନ ମହାରଣା, ସଂଘର ବ୍ଲକ ସଭାପତି ସ୍ମୃତିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଭାରତୀୟ ମଜଦୁର ସଂଘର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସଂଘର ଉପଦେଷ୍ଟା ପ୍ରଦୀପ ନାୟକ ଉପସ୍ଥିତ ଥିଲେ। ଏ ଅବସରରେ ତିର୍ତ୍ତୋଲ ବ୍ଲକ ଶାଖାର କାର୍ଯ୍ୟକାରୀ ସଭାପତି ଭାବେ ରୋମ୍ୟରଞ୍ଜନ ମିଶ୍ର, ଉପସଭାପତି ଚିତ୍ତରଞ୍ଜନ ସାହୁ, ମିଳନପ୍ରଭା ନାଥଶର୍ମା, ସମ୍ପାଦକ ଅଂଶୁମାନ ଆଚାର୍ଯ୍ୟ, ସହସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ହିମାଂଶୁ ଶେଖର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା।



## କୃଷ୍ଣଚନ୍ଦ୍ର ଶତପଥୀ ପାଇଲେ ଡକ୍ଟରେଟ

ବାଲିକୁଦା,୧୮।୮ (ସମିସ): ନବାଙ୍ଗ ଗ୍ରାମର ସମାଜସେବୀ କୃଷ୍ଣଚନ୍ଦ୍ର ଶତପଥୀଙ୍କୁ ୱାର୍ଲ୍ଡ ଚାରିଟେବୁଲ ଫେୟାର ଫାଉଣ୍ଡେସନ ପକ୍ଷରୁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଛି। ରାଉରକେଲାର ଉଦିତନଗରସ୍ଥ ଲାଇବ୍ରେରୀ ହଲରେ ଅନୁଷ୍ଠିତ ଉତ୍ସବରେ ଶ୍ରୀ ଶତପଥୀଙ୍କୁ ସମ୍ମାନିତ କରାଯାଇଛି। ସମୀର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଶ୍ରୀ ଶତପଥୀ ୪୦ ବର୍ଷ ଧରି ବିଭିନ୍ନ ଜନହିତକର କାର୍ଯ୍ୟ କରିଆସୁଛନ୍ତି। ଏପ୍ରିଲ ମାସରେ ତାଙ୍କୁ ଜୟଦେବ ଜାତୀୟ ସମ୍ମାନ ପ୍ରଦାନ କରାଯାଇଥିଲା।



## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

କୁଜଙ୍ଗ,୧୮।୮ (ସମିସ): ଦିନ ଦ୍ୱିପ୍ରହରରେ ଯୁବକଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରି ଆକ୍ରମଣକାରୀ ଫେରାର ଥିବା ସୂଚନା ମିଳିଛି। ଏଭଳି ଘଟଣା କୁଜଙ୍ଗ ଥାନା ବାଲିତୁଠ ବାଲିସାହିରେ ଘଟିଛି। ବାଲିସାହିର ଦୀନବନ୍ଧୁ ଦାସ ବାଲିତୁଠ ବାଲିସାହିକୁ ସଂଯୋଗ କରୁଥିବା ଷଣ୍ଡ ଛକ ମଣ୍ଡପରେ ଶୋଇଥିଲେ। ତାଙ୍କ ପାଖରେ କେତେକ ଲୋକ ବସିକଥା ହେଉଥିଲେ। ସେଠାରୁ କିଛି ସମୟ ପାଇଁ ଦୋକାନକୁ ଚାଲିଯାଇଥିଲେ। ସେହି ସମୟ ମଧ୍ୟରେ ଦୀନବନ୍ଧୁଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପାଟି ଶୁଣି ସ୍ଥାନୀୟ ଲୋକ ଆସି ଦେଖିବାରୁ ଦୀନବନ୍ଧୁଙ୍କ ହାତ ଓ ବେକକୁ କେହି ହାଣି ଦେଇଛି। ଦୀନବନ୍ଧୁଙ୍କୁ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପାଖପଡ଼ୋଶୀ ବୁଦ୍ଧଦେବ ଦାସ (୪୫) ସେ ଛକ ଦେଇ ଘରକୁ ଯାଉଥିଲେ। ସେ ପୂର୍ବ ଶତ୍ରୁତା ପାଇଁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ କୁଜଙ୍ଗ ପୁଲିସ ପହଞ୍ଚି ପଚରାଉଚରା କରି ଅଧିକ ତଦନ୍ତ ଜାରି ରଖିଥିବାବେଳେ ଆସାମୀ ଫେରାର ଥିବା ସୂଚନା ମିଳିଛି।

## କୁଜଙ୍ଗକୁ ଏନ୍‌ଏସି ଦାବି, ୨୬ରେ ତହସିଲ ଘେରାଉ

କୁଜଙ୍ଗ,୧୮।୮ (ସମିସ): ରାଜ୍ୟର ୭ ଜିଲ୍ଲାରେ ନୂଆ ୧୨ଟି ବିଜ୍ଞପିତ ଅଞ୍ଚଳ (ଏନ୍‌ଏସି) ଗଠନ କରିବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୂର୍ବ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ଜଗତସିଂହପୁର ଜିଲ୍ଲା କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ସନ୍ଧ୍ୟାରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆଜାଦ ହିନ୍ଦ କ୍ଲବଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୬ ତାରିଖରେ କୁଜଙ୍ଗ ତହସିଲ ଘେରାଉ କରାଯିବ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାରଙ୍କ ମାଧ୍ୟମରେ ନାଗରିକ ମଞ୍ଚ ପ୍ରଦାନ କରିବ ବୋଲି ମଞ୍ଚ ଆବାହକ ରଘୁ ସାହୁ ଘୋଷଣା କରିଛନ୍ତି। ଏକ ବିଶାଳ ଶୋଭାଯାତ୍ରା କୁଜଙ୍ଗ ବଜାର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। କବି ପୀତାମ୍ବର ତରାଇ ଓ ଜିନ୍ମୟୀ ସାହାଣୀ କହିଛନ୍ତି, ଆନ୍ତର୍ଜାତିକ ପାରାଦୀପ ବନ୍ଦର କୁଜଙ୍ଗ ତହସିଲ ମାଟିରେ ଗଢି ଉଠିଛି। କୁଜଙ୍ଗ ବଜାର ଲାଗି ମାତ୍ର ୨ କିଲୋମିଟର ମଧ୍ୟରେ ହଜାର ହଜାର କୋଟି ଟାଙ୍କର ଶିଳ୍ପ ଘୋଷଣା ହୋଇଛି। କୁଜଙ୍ଗର ଆର୍ଥିକ ସ୍ଥିତି ରାଜ୍ୟର ଅନ୍ୟାନ୍ୟ ସହର ଅପେକ୍ଷା କମ୍ ନୁହେଁ। କୁଜଙ୍ଗରେ ବିଚାର ବିଭାଗୀୟ ଅତିରିକ୍ତ ଜିଲ୍ଲା ଅଦାଲତ ସହିତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ସମସ୍ତ ଭିତ୍ତିଭୂମି ଥିବାରୁ ଏନ୍‌ଏସି ପାଇଁ ବାରମ୍ବାର ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ପୂର୍ବ ନବୀନ ସରକାର କୁଜଙ୍ଗକୁ ଏନ୍‌ଏସି ଘୋଷଣା କରିଥିଲେ। ସରକାର ବଦଳିବା ପରେ ଗତ ୧୬ ତାରିଖରେ ନୂଆ ସରକାର ଅଚାନକ ୧୨ ଏନ୍‌ଏସି ଘୋଷଣା କରିଛନ୍ତି। କୁଜଙ୍ଗ ବାଦ ପଡିଥିବାରୁ ଅଞ୍ଚଳରେ ଅସନ୍ତୋଷ ନିଆଁ ଲାଗିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନୀନ୍ଦ୍ର ଗୁରୁ, ମନୋଜ ପାତ୍ର, ପ୍ରିୟମ୍ବଦା ପାଣି, କୈଳାସ ଷଡ଼ଙ୍ଗୀ, ସୁବାସ ମହାପାତ୍ର, ଦୁଷ୍ମନ୍ତ ମାଝୀ, ହୃଷିକେଶ ନାଥ, ରବୀନ୍ଦ୍ର ନାଥ, ବିଜୟ ଖଟେଇ, ଓକିଲ ସଂଘ ନେତା ରଂଜିତ ବିଶ୍ୱାଳ, ବିବେକାନନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।



## ଖେଳ ପଡ଼ିଆ ଉପରେ ବିଦ୍ୟୁତ୍ ତାର ସଂଯୋଗକୁ ବିରୋଧ

ଜଗତସିଂହପୁର,୧୮।୮ (ସମିସ): ଜଗତସିଂହପୁର ସହରରେ ଥିବା ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀ ଖେଳ ପଡ଼ିଆ ଉପରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂଯୋଗକୁ ବିରୋଧ କରିଛନ୍ତି ଛାତ୍ର ଓ ପୁରାତନ ଛାତ୍ର। ଶତାଧିକ ଛାତ୍ର ଓ ପୁରାତନ ଛାତ୍ର ବିଦ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସାନବଜାରସ୍ଥ ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଆମ ମୁଣ୍ଡ ଉପରେ ଝୁଲିବ ବିପଦ, ବିଦ୍ୟୁତ ତାର ଛିଡିଲେ ଆମ ଜୀବନ ଯିବ। ତେଣୁ ବିଦ୍ୟୁତ୍ ତାର ଟଣାର ଦିଗ ବଦଳାଯାଉ, ନଚେତ ମାଟି ତଳେ ନିଆଯାଉ ବୋଲି ଦାବି କରିଥିଲେ। ଜଗତସିଂହପୁର ସଦରସ୍ଥ ଶ୍ରୀକୃଷ୍ଣ ଏକାଡେମୀ ବାଳକ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ଉପର ଦେଇ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ କରୁଛି ଟିପିସିଓଡିଏଲ। ଯାହା କୋମଳମତି ପିଲାଙ୍କ ପାଇଁ ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ। ଖେଳୁଥିବା ସମୟରେ କୌଣସି ଅଘଟଣ ଘଟିବା ଆଶଙ୍କା ମଧ୍ୟ ରହିଛି। ଯେପର୍ଯ୍ୟନ୍ତ ଏହି ବିଦ୍ୟୁତ ତାର ସଂଯୋଗ ପଥ ପରିବର୍ତ୍ତନ ନ ହୋଇଛି, ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ବର୍ତ୍ତମାନ ଓ ପୁରାତନ ଛାତ୍ର। ଏ ସମ୍ପର୍କରେ ଜଗତସିଂହପୁର ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅଶୋକ ଜେନା କହିଛନ୍ତି, ଛାତ୍ର, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚିତ ପଦକ୍ଷେପ ନିଆଯିବ।




**● ଯୁବକଙ୍କ ଗୋଡ଼ ଉପରେ ମାଡ଼ିଗଲା ଟ୍ରକ୍**

## କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କୁଜଙ୍ଗ,୧୮।୮ (ସମିସ): କୋଠିଆସାହିଠାରେ ଦୁର୍ଘଟଣାରେ ବାପଝିଅଙ୍କ ମୃତ୍ୟୁ ହେବା ଗୋଟିଏ ସପ୍ତାହ ଯାଇଛି କି ନାହିଁ ଆଜି ଆଉଏକ ଦୁର୍ଘଟଣା ଘଟିଛି। ଏଥିରେ ବଳରାମପୁର ଗ୍ରାମର ଯୁବକ ଗୁଗୁଲା ଦାସଙ୍କ ଗୋଡ଼ ଉପରେ ଟ୍ରକ୍ ଚଢ଼ିଯାଇଛି। ତାଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯରାଇଛି। ତାଙ୍କର ଗୋଡ଼ କଟାଯିବା ଆଶଙ୍କା କରାଯାଉଛି। ଯୁବକଙ୍କୁ କ୍ଷତିପୂରଣ ଦେବାକୁ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ଗୁଗୁଲା ଦାସ (୨୪) ବାଇକ୍ ଯୋଗେ କଟକ-ପାରାଦୀପ ରାସ୍ତାରେ କୁଜଙ୍ଗ ବଜାର ଆଡ଼କୁ ଯାଉଥିଲେ। ସେ ରାସ୍ତାର ବାମପାଶ୍ୱର୍ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ଡାହାଣ ପାଶ୍ୱର୍ରେ ବାଇକ୍ ଉପରକୁ ମାଡ଼ିଯାଇ ଗୁଗୁଲାଙ୍କ ଗୋଡ଼ଳ ଉପରେ ଚଢ଼ିଯାଇ ପୁଣି ବାମପାଶ୍ୱର୍କୁ ଯାଇ ସେଠାରେ ଅଟକି ଯାଇଥିଲା। ଦୁଇବର୍ଷ ପୂର୍ବେ ଏହି ସ୍ଥାନରେ ଗୁଗୁଲାଙ୍କ ପିତା ରବୀନ୍ଦ୍ର ଦାସଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଗୁରୁତର ଯୁବକଙ୍କ ତିନି ଭଉଣୀ ଓ ବିଧବା ମା' ଭାଙ୍ଗିପଡିଥିବାବେଳେ ସେ ଏକମାତ୍ର ରୋଜଗାରକ୍ଷମ ଯୁବକ ଥିଲେ। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକ ରାସ୍ତାରୋକ କରିଥିଲେ। ସେହିପରି କୁଜଙ୍ଗ ଶନି ମନ୍ଦିର ନିକଟରେ ଭୂତମୁଣ୍ଡାଇର ଜଣେ ଯୁବକ ଶାନ୍ତନୁ ପଣ୍ଡା ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ କୁଜଙ୍ଗ ଓ ପରେ କଟକ ବଡ଼ ମେଡିକାଲକୁ ଯାଇଥିବା ସୂଚନା ମିଳିଛି।



## ଇଣ୍ଡିଆନ୍ ବ୍ୟାଙ୍କ ଶଙ୍ଖେଶ୍ୱର ହାଟ ଶାଖା ଉଦ୍‌ଘାଟିତ

ତିର୍ତ୍ତୋଲ,୧୮।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶଙ୍ଖେଶ୍ୱର ହାଟଠାରେ ଇଣ୍ଡିଆନ ବ୍ୟାଙ୍କ ଶାଖାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବ୍ୟାଙ୍କର ସହକାରୀ ଜୋନାଲ ମ୍ୟାନେଜର ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇ ଫିତାକାଟି ଏହାର ଉଦଘାଟନ କରିଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ଗରିବ ଜନସାଧାରଣଙ୍କ ବିକାଶରେ ବ୍ୟାଙ୍କ୍ ସହାୟକ ହେଉ ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ୟାଙ୍କର ଭୁବନେଶ୍ୱର ଏଫଜିଏମ ଏମ. ଅରୁଣା, ଭୁବନେଶ୍ୱର ଜୋନାଲ ମ୍ୟାନେଜର ସୁମନ କୁମାର ଯୋଗଦେଇ ବ୍ୟାଙ୍କର ଋଣ ଯୋଜନା, ମହିଳାଙ୍କ ପାଇଁ ଥିବା ନୂତନ ସ୍କିମ ବିଷୟରେ ଆଲୋଚନା କରିବା, ଏହାର ସୁବିଧା ଜନସାଧାରଣ ନେବାକୁ କହିଥିଲେ। ଅନ୍ୟତମ ଅତିଥି ବାୟା ଅବଧୂତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିବେକାନନ୍ଦ ସିଂ ସମେତ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ଯୋଜନାରେ ଋଣ ମଞ୍ଜୁର ହୋଇଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସହକାରୀ ଶାଖା ପରିଚାଳକ ଆଦିତ୍ୟ ରଞ୍ଜନ ନାୟକ, ମୁଖ୍ୟ କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର କାଣ୍ଡି, କିରାଣି ଦେବାଶିଷ ପଣ୍ଡା, ପୀତାମ୍ବର ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶାଖା ପରିଚାଳକ ବିଶ୍ୱରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



**ଫୁଲ ବିକାଳି ମହିଳାଙ୍କୁ ଜୋର୍ ଜବରଦସ୍ତ ଗଣେଶ ପୂଜା ଚାନ୍ଦା ମାଗିବା ଘଟଣା**

# ୬ ଦିନ ପରେବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୁଲିସ

ପାରାଦୀପ, ୧୮।୮ (ସମିସ)

ପାରାଦୀପ ପୁଲିସ ଏବେ ଔକାତ ଦେଖି ହାତ ମାରୁଛି। କେଉଁ ମାମଲାକୁ କେତେ ଗୁରୁତ୍ୱ ଦିଆଯିବ, କାହାର କେତେ ପହଞ୍ଚ ସେସବୁ ପରଖିବା ପରେ ପାରାଦୀପ ପୁଲିସ ତଦନ୍ତରେ ଅଗ୍ରସର ହେଉଛି। ଭାବି ଚିନ୍ତି ନିଷ୍ପତ୍ତି ନେଉଛି। ଆଇନ ସମସ୍ତଙ୍କ ପାଇଁ ସମାନ, ଏ ଉକ୍ତିରେ ପୁଲିସ ବିଶ୍ୱାସ ରଖୁ ନ ଥିବା ଅଭିଯୋଗ ହୋଇଛି। କେବଳ ଚାପ, ବାହୁବଳ ଦେଖି ପୁଲିସ ତଦନ୍ତକୁ ମୋଡ଼ ଦେଉଛି। ଫଳରେ ପୁଲିସ ବିରୋଧରେ ପାରାଦୀପ ଜନସାଧାରଣଙ୍କ ମନରେ ଏପ୍ରକାର ପ୍ରଶ୍ନ ଏବେ ଉଙ୍କି ମାରିଛି। ପୁଲିସ କ'ଣ ସତରେ ତା'ର ତଦନ୍ତ ଠିକ କରୁଛି ନା ସୁହାଇଲା ଭଳି ତଦନ୍ତ କରୁଛି, ତାହା ଏବେ ବନ୍ଦର ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ଗତ ୬ ଦିନ ତଳେ ତାରିଣୀଗଡା ଅଞ୍ଚଳରେ ଗଣେଶ ପୂଜା ଚାନ୍ଦା ଆଦାୟ ଘଟଣାକୁ ନେଇ ଆଦର୍ଶ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ପୁଲିସ ଗୋଟିଏ ପକ୍ଷ ପାଇଁ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବାବେଳେ ଘଟଣା ଘଟାଇଥିବା ପକ୍ଷ ପାଇଁ ମାତ୍ରାଧିକ ଗୁରୁତ୍ୱ ଦେଇ ସବୁ ଜିଗର ଲଗାଇ ଦେଇଛି। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିନାହିଁ। ଗଣମାଧ୍ୟମରେ ଏ ଖବର ବାରମ୍ବାର ପ୍ରସାରଣ ହେବା ପରେ ମଧ୍ୟ ପୁଲିସ ଆଖିବୁଜି ଦେଇଛି। ନିରୀହ ଗରିବ ମହିଳାଙ୍କୁ ଦାଦା ବଟି ମାଗୁଥିବା ଓ ସେମାନେ ନ ଦେବାରୁ ତାଙ୍କ ଫୁଲ ଫିଙ୍ଗି ଦେଇଥିବା କ୍ଲବ ଯୁବକଙ୍କୁ ଏଯାଏ ପୁଲିସ କାହିଁକି ଗିରଫ କରୁନାହିଁ। ଘଟଣା ଦିନ ଯେଉଁ ଯୁବକ ଗରିବ ମହିଳାଙ୍କୁ ସହଯୋଗର ହାତ ବଢ଼ାଇଥିଲା, ସେ ଯୁବକକୁ ପୁଲିସ ଧରିବାରେ ସବୁ ବଳ ଲଗାଇ ଦେଇଛି। ପ୍ରଥମ ମାମଲାକୁ ପୁଲିସ ଅଣଦେଖା କରିଥିବାବେଳେ ଦ୍ୱିତୀୟ ମାମଲାକୁ ଅଧିକ ଗୁରୁତ୍ୱ ଦେଇ ପୁଲିସ ପକ୍ଷପାତ କରୁଛି। ମାମଲାକୁ ସମାନ ଗୁରୁତ୍ୱ ଦେବା ବଦଳରେ ପୁଲିସ ବଳ ଦେଖି ହାତ ମାରୁଛି। ନିର୍ଦ୍ଦୋଷ ପୁଲିସ ଜାଲରେ ଫସି ଯାଉଛନ୍ତି। ତେଣୁ ନିରାପେକ୍ଷ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

ବୁଧବାର ଦିନ ତାରିଣୀଗଡା ଅଞ୍ଚଳର ନିର୍ଦ୍ଦିଷ୍ଟ କ୍ଲବର ଯୁବକ ଗଣେଶ ପୂଜା ଚାନ୍ଦା ଲାଗି ଗରିବ ଅସହାୟ କେତେକ ଫୁଲ ବିକାଳୀ ମହିଳାଙ୍କୁ ୫୦୦୦ ଟଙ୍କା ଦେବାକୁ କହିଲେ। ସେ ଦେବାକୁ ଅସମର୍ଥ କହିବାରୁ ସେମାନେ ତାଙ୍କ ଫୁଲକୁ ରାସ୍ତାକୁ ଫିଙ୍ଗି ଦେଇଥିଲେ। ମହିଳାମାନେ ଗୁରୁବାର ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ସହିତ ନ୍ୟାୟ ମାଗିଥିଲେ। ଏଭଳି ଗରିବ ମହିଳାଙ୍କ ପ୍ରତି ଚାନ୍ଦା ଆଦାୟ କରିବାର ଜୁଲମ୍‌କୁ ଅଞ୍ଚଳବାସୀ ନାପସନ୍ଦ କରିବା ସହ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଯୁବକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ପୁଲିସ କ୍ଲବ୍‌ର ଯୁବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ସହାୟତା ଦେଇଥିବା ଅଭିଯୋଗ ହୋଇଛି। କାହା ଚାପରେ ଏଭଳି କରାଯାଉଛି, ନାଁ କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି ନେତାଙ୍କୁ ଖୁସି କରାଇବାକୁ ପୁଲିସ ଏଭଳି କରୁଛି, ତାକୁ ନେଇ ପାରାଦୀପରେ ଆଲୋଚନା ଜୋର ଧରିଛି।

## ମେଡିସିନ୍ ପୋଡ଼ି ଘଟଣା

# ସାନି ତଦନ୍ତ ହେବ: ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ୧୮।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ପୋଡ଼ି ଘଟଣାକୁ ନେଇ ଜିଲ୍ଲାପାଳ ପୁଣିଥରେ ତଦନ୍ତ କରାଇବେ। ଔଷଧ ପୋଡ଼ି ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହାରାଜଙ୍କ ରାଉତଙ୍କ ନିର୍ଦ୍ଦେଶକ୍ରମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣିଆ ଟିମ ତଦନ୍ତ କରି ନେଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ଔଷଧ ପୋଡ଼ି ଘଟଣାରେ କେଉଁମାନେ ସମ୍ପୃକ୍ତ ଥିଲେ, କେତେ ପରିମାଣର ଔଷଧ ପୋଡ଼ି ହୋଇଛି, କେତେ ଟଙ୍କା କ୍ଷତି ହୋଇଛି; ତାହା ୨ ସପ୍ତାହ ବିତିଯିବା ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ ହୋଇପାରୁନି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ମେଡିସିନ ପୋଡ଼ି ଘଟଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କ ସମେତ ଚାରିଜଣଙ୍କୁ ବଦଳି କରାଯାଇଛି।

ତେବେ ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଡୁଆରେ ପଡ଼ିଛି। ପୂର୍ବରୁ ବଦଳି ହୋଇଥିବା କର୍ମଚାରୀ ନିଜ ପସନ୍ଦ ସ୍ଥାନକୁ ବଦଳି ହୋଇଥିବା ନେଇ ଅଭିଯୋଗ ହୋଇଛି। କର୍ମଚାରୀଙ୍କୁ ବିଦା କରିବା ପରିବର୍ତ୍ତେ ନିଜ ଘରପାଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବାରୁ ତଦନ୍ତ ଉପରେ ସନ୍ଦେହ ବଢ଼ିଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ବଦଳି କରାଯାଇଥିବା ଫାର୍ମାସିଷ୍ଟ ଜଣଙ୍କ ମେଡିସିନ ପୋଡ଼ି ବେଳେ ବଦଳି ହୋଇସାରିଥିଲେ। ପୁଣିଥରେ ତାଙ୍କର ବଦଳି କେମିତି ହେଲା, ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସେହି ଫାର୍ମାସିଷ୍ଟ ଜଣକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବଦଳି ହୋଇ ଏବେ ଚାନ୍ଦୋଲ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଯୋଗଦେଇଥିବା ନେଇ ସୂଚନା ମିଳିଛି। ମେଡିସିନ ପୋଡ଼ି ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ କେମିତି ସ୍ୱାସ୍ଥ୍ୟ ବିଭାଗ ଖସାଇ ଦେଲା ବୋଲି ଅଭିଯୋଗ ହେବାରୁ ଏବେ ନୂଆ ବିତର୍କ ଆସିଛି। ତଦନ୍ତ କରୁଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ତଦନ୍ତ ଉପରେ ସନ୍ଦେହ ହେବାରୁ ଏବେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି। କେତେ ପରିମାଣର ଔଷଧ ପୋଡ଼ି ହୋଇଛି? ସରକାରଙ୍କ କେତେ ଟଙ୍କା କ୍ଷତି ହୋଇଛି? ତାହାର ଏପର୍ଯ୍ୟନ୍ତ ଆକଳନ ହୋଇନି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେଡିସିନ ପୋଡ଼ି ଭଳି ଏକ ସମ୍ବେଦନଶୀଳ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ କର୍ମଚାରୀ ମନ ଚାହୁଁଥିବା ସ୍ଥାନକୁ କିଭଳି ବଦଳି ହେଲେ, ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ଘଟଣା ଜାଣିବା ପରେ ପୁରା ଘଟଣାକୁ ନେଇ ଜିଲ୍ଲାପାଳ ତଦନ୍ତ କରାଇବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

## ମୁଣ୍ଡ ନେଉଛି ଜାତୀୟ ରାଜପଥ

# ଅଜଣା ହାଇୱା ଧକ୍କାରେ ଯୁବକ ମୃତ

**ଡେରାବିଶ, ୧୮।୮ (ସମିସ):** ନିର୍ମାଣଧୀନ ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଠିକାଦାରଙ୍କ ମନମାନୀ ଯୋଗୁଁ ଏହି ରାସ୍ତାରେ ଏବେ ଦୈନିକ ଦୁର୍ଘଟଣା ଘଟି ମୁଣ୍ଡ ପରେ ମୁଣ୍ଡ ଗଡ଼ି ଚାଲିଛି। ପ୍ରତ୍ୟେକ ଦିନ ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ କେଉଁଠି ନାଁ କେଉଁଠି ଦୁର୍ଘଟଣାର ଶିକାର ହୋଇ ଲୋକଙ୍କ ମୃତ୍ୟୁ ଘଟିବାରେ ଲାଗିଛି। ଆଜି ମଧ୍ୟାହ୍ନରେ ଏହି ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ଅଁଳାବାଙ୍କ ଛକରେ ଦୁର୍ଘଟଣା ଘଟି ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନ ଖଡ଼ଗପୁର ଗ୍ରାମର ଆଶିଷ ପାତ୍ର ବୋଲି ଜଣାଯାଇଛି। ଆଶିଷ ଓ ତାଙ୍କର ଜଣେ ବନ୍ଧୁ ସ୍କୁଟି ଯୋଗେ ନିଜ ଗ୍ରାମ ଖଡ଼ଗପୁରରୁ ପାରାଦୀପ ଅଭିମୁଖେ ଯାଉଥିଲେ। ଅଁଳାବାଙ୍କ ଛକ ନିକଟରେ ପଛପଟୁ ଏକ ଅଜଣା ହାଇୱା ଧକ୍କା ଦେଇ ସ୍କୁଟି ସହିତ ପାଖାପାଖି ୧୦୦ ମିଟର ଘୋଷାଡ଼ି ନେଇଥିଲା। ଫଳରେ ଆଶିଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଗୋଡ଼ ଶରୀରରୁ ଅଲଗା ହୋଇଯାଇଥିଲା। ଆଶିଷଙ୍କ ବନ୍ଧୁ ସ୍କୁଟିରୁ ଛିଟିକିଯାଇ ରାସ୍ତା କଡ଼ରେ ପଡ଼ି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲ୍‌କୁ ପଠାଯାଇଥିଲା। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଛି। ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚାଷୀଙ୍କ ସିଙ୍ଗିଡି କୃଷି ସମବାୟ ସମିତି ଘେରଉ



**ରାଜକନିକା, ୧୮।୮ (ସମିସ):** ରାଜକନିକା ବ୍ଲକ କାଟଣାଠାରେ ଅବସ୍ଥିତ ସିଙ୍ଗିଡ଼ି କୃଷି ସମବାୟ ସମିତି (ପାକ୍ସ) କାର୍ଯ୍ୟାଳୟକୁ ଆଜି ପୂର୍ବାହ୍ନରେ କେତେକ ଚାଷୀ ଘେରଉ କରିଥିଲେ। ଏହି ପାକ୍ସର ସମ୍ପାଦକ ଋଣ ନେଇ ପରିଶୋଧ କରିଥିବା ଚାଷୀଙ୍କୁ ସେମାନଙ୍କ ନାମରେ ଆଉଟ୍ ଷ୍ଟାଣ୍ଡିଂ ଦେଖାଇବା, ସମିତିର ସମ୍ପାଦକ ଋଣ ଛାଡ ଚାଷୀଙ୍କୁ ନ ଦେବା, ଚେକରେ ଆଗୁଆ ଦସ୍ତଖତ କରାଇ ନେବା ଭଳି ବିଭିନ୍ନ ଅଭିଯୋଗ ଆଣି ଘେରଉ କରିଥିଲେ ଚାଷୀ। ଘେରଉ ଖବରପାଇ ରାଜକନିକା ପୁଲିସ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହ ସମିତିର ବୋର୍ଡ ସଭ୍ୟ ଉପସ୍ଥିତ ହୋଇ ଆସନ୍ତା ମାସ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିବା ପରେ ଚାଷୀ ବୁଝିଥିଲେ। ଏହି ଘେରଉ ସମ୍ପର୍କରେ ସମ୍ପାଦକ ଶୈଳେନ୍ଦ୍ର ଦାସ କହିଛନ୍ତି, ଅନଲାଇନ ସିଷ୍ଟମ ହେବା ପରେ ଏପରି ସମସ୍ୟା ଉପୁଜୁଛି। ଆସନ୍ତା ମାସ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ରାଜକନିକା ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨୩୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ରାଜକନିକା, ୧୮।୮ (ସମିସ)**



ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରାଜକନିକା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୨୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୨୦୨ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ଅଭିଯୋଗ ଥିଲା। ଏସବୁ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ପଞ୍ଜିକୃତ ଅଭିଯୋଗ ମଧ୍ୟରେ ରାଜକନିକା ବ୍ଲକ, ତହସିଲ, ମେଡିକାଲ ପାଚେରିକୁ ଲାଗି ଗତ ଦୁଇଦିନ ପୂର୍ବରୁ ଜବରଦଖଲ କରି ସ୍ଥାୟୀ ଓ ଅସ୍ଥାୟୀ ଘର ନିର୍ମାଣ ହୋଇଥିବାରୁ ତାହାର ଉଚ୍ଛେଦ, ସଦର ମହାକୁମାରେ ସର୍ବସାଧାରଣଙ୍କ ପାଇଁ ଇ-ଲାଇବ୍ରେରୀ ଓ ଫ୍ରି-ଲାଇବ୍ରେରୀ ସ୍ଥାପନ କରି ଭବିଷ୍ୟତରେ ଚାକିରି ଆଶାୟୀଙ୍କୁ ମାଗଣାରେ ଆବଶ୍ୟକ ପାଠ୍ୟକ୍ରମ ଯୋଗାଇ ଦେବା ଭଳି ଅଭିଯୋଗ କରାଯାଇଥିଲା। ସେହିପରି ରାଜକନିକା ବ୍ଲକରେ ବିଧାୟକ ଓ ସାଂସଦଙ୍କ ପାଣ୍ଠି ଅନୁଦାନରେ ଲଗାଯାଇଥିବା ସମସ୍ତ ଷ୍ଟ୍ରିଟ୍‌ଲାଇଟ ଅଚଳ ହୋଇପଡ଼ିବାରୁ କାର୍ଯ୍ୟକ୍ଷମ କରାଇବା ପାଇଁ ଅଭିଯୋଗ ହୋଇଥିଲା। ବ୍ଲକର ବାତ୍ୟା 'ଦାନା' କ୍ଷତିଗ୍ରସ୍ତ ମରାମତି ଯୋଜନାରେ କାମ କରି ୮ ମାସ ହେବ ବିଲ ପାଇ ନ ଥିବା ଜଣେ ଯୁବକ ବ୍ଲକ ପ୍ରଶାସନର ପାତରଅନ୍ତର ମନୋଭାବରେ ଅତିଷ୍ଠ ହୋଇ ଆଜି ଶିବିରରେ ପେଟ୍ରୋଲ ଧରି ପହଞ୍ଚିବା ପରେ ପୁଲିସ ତାଙ୍କୁ ବାରଣ କରିବା ଓ ବିଡିଓ ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଆଜିର ଶିବିରରେ ମୁଖ୍ୟତଃ ଆବାସ, ପାନୀୟଜଳ ସମସ୍ୟା, ରାସନ କାର୍ଡ, ରାସ୍ତା ନିର୍ମାଣ ଭଳି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ଦୀପ୍ତି ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ତହସିଲଦାର ଭାନୁମତୀ ମାଝୀଙ୍କ ସହ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ପତ୍ନୀଙ୍କୁ ବଟି ଧମକ ଘଟଣା

# ବାଲିତୁଠରେ ଜଣେ ଯୁବକ ଥାନାରେ ଅଟକ

**ପାରାଦୀପ, ୧୮।୮ (ସମିସ):** ବ୍ୟବସାୟୀ ବୈଷ୍ଣବ ନାୟକଙ୍କ ପତ୍ନୀଙ୍କୁ ବଟି ଧମକ ଦେଇଥିବା ଘଟଣାରେ ପୁଲିସ ବାଲିତୁଠ ଅଞ୍ଚଳର ଜଣେ ଯୁବକକୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି। ଦିନ ତମାମ ଯୁବକକୁ ଥାନାରେ ଅଟକ ରଖିଥିବା ପୁଲିସ ତଦନ୍ତରୁ କ'ଣ ପାଇଲା ତାହା ଜଣାପଡ଼ିନି। ଯୁବକଙ୍କ ବାପା ଓ ପରିବାର ଲୋକେ ଥାନାକୁ ଆସିଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ସନ୍ଦେହରେ ଯୁବକକୁ ଆଣି ପଚରାଉଚରା କରୁଥିବା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଯୁବକ ଜଣକ ତାଙ୍କର ସେହି ନମ୍ବର ନୁହେଁ ବୋଲି ପୁଲିସ ଆଗରେ କହିଛି। କିଛିଦିନ ପୂର୍ବେ ପାରାଦୀପ ଅଞ୍ଚଳର ବ୍ୟବସାୟୀ ବୈଷ୍ଣବ ନାୟକଙ୍କ ପତ୍ନୀଙ୍କୁ ଅଜଣା ନମ୍ବରରୁ ମୋଟା ଅଙ୍କର ବଟି ଦେବାକୁ ଧମକ ବାରମ୍ବାର ଆସୁଥିଲା। ଶ୍ରୀମତୀ ନାୟକ ସେହି ନମ୍ବରକୁ କଳା ତାଲିକାଭୁକ୍ତ କଲେ ମଧ୍ୟ ବିଭିନ୍ନ ନମ୍ବରରୁ ଦୁର୍ବୃତ୍ତ ବାରମ୍ବାର ଫୋନ କରି ଅଶ୍ଳୀଳ ଭାଷା ପ୍ରୟୋଗ କରି ଟଙ୍କା ମାଗୁଥିବାରୁ ସେ ଭୟଭୀତ ହେବା ସହ ଥାନାରେ ଅଭିଯୋଗ କରିଥିଲେ। ପାରାଦୀପ ଅଞ୍ଚଳରେ ଏବେ ଏଭଳି ବଟି ମାଗିବା ଘଟଣା ଦିନକୁ ଦିନ ବଢ଼ିଚାଲିଛି। ପୁଲିସ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ପିଜିଅନ କ୍ଲବ୍‌ର ପୁରସ୍କାର ବିତରଣ ଉତ୍ସବ

# 'ମାନବ ସଭ୍ୟତା ସହିତ ପାରାର ନିବିଡ଼ ସମ୍ପର୍କ ରହିଛି'




**ପଟ୍ଟାମୁଣ୍ଡାଇ, ୧୮।୮ (ସମିସ):** ସମ୍ପ୍ରତି ମାନବ ସଭ୍ୟତା ସହିତ ବହୁ ପୁରା କାଳରୁ ପାରାର ନିବିଡ଼ ସମ୍ପର୍କ ରହିଆସିଛି। ଏକଦା ଚିଠିର ଆଦାନପ୍ରଦାନର ମାଧ୍ୟମ ଥିଲା ପାରା। ରାଜାରାଜୁଡା ଅମଳରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ସମ୍ବାଦ ପ୍ରେରଣ କରିବା ପାଇଁ ପାରାଙ୍କୁ ମାଧ୍ୟମ ରୂପେ ବ୍ୟବହାର କରଯାଉଥିଲା। ଏପରିକି ପୁଲିସ ବାହିନୀ ଓ ସୈନ୍ୟବାହିନୀରେ ପାରାଙ୍କୁ ପ୍ରଶିକ୍ଷଣ ଦିଆଯାଇ ସାମିଲ କରାଯିବା ସହିତ ସଂକେତ ଓ ଖବର ପଠାଯିବା ମାଧ୍ୟମ କରାଯାଉଥିଲା ବୋଲି ପିଜିଅନ କ୍ଲବ୍ ପକ୍ଷରୁ ପଟ୍ଟାମୁଣ୍ଡାଇ ସାବିତ୍ରୀ ମଣ୍ଡପଠାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମାଜସେବୀ ମିଟୁ ମନୋଜ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟବକ୍ତା, ଶିକ୍ଷାବିତ ଉମାକାନ୍ତ ରାଉତ, ନିମାଇଁ ସ୍ୱାଇଁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଏଏସଆଇ ରତିରଞ୍ଜନ ନାୟକ, ପଟ୍ଟାମୁଣ୍ଡାଇ ପିଜିଅନ କ୍ଲବ୍ ସଭାପତି ସୁବାସ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପିଜିଅନ କ୍ଲବ୍ ଜିଲ୍ଲା ସଭାପତି ପ୍ରଭାଶିଷ ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ପାରା ଉଡ଼ା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସତ୍ୟପ୍ରିୟ ନାୟକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସାଂଶୁ ପରିଡ଼ା, ତୃତୀୟ ସ୍ଥାନ ଅଧିକାର କରିଥିବା ଅବଦୁଲ ରହିମଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ସତ୍ୟପ୍ରିୟ ନାୟକଙ୍କୁ ବେଷ୍ଟ ପିଜିଅନ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉତ୍ସବକୁ ସଂଗଠନର ବରିଷ୍ଠ ସଭ୍ୟ ଗୌରବ ଦାସ, କୈଳାସ ପରିଡ଼ା, ସୂର୍ଯ୍ୟକାନ୍ତ ନାୟକ, କାଳୀଚରଣ ଦାସ, ରୁଦ୍ରନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ମଣ୍ଡଳସ୍ତରୀୟ ଶାରୀରିକ ଓ କର୍ଣ୍ଣ ପରୀକ୍ଷା ଶିବିର



**ଡେରାବିଶ, ୧୮।୮ (ସମିସ):** ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଣ୍ଡଳ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରରେ ଏକଦିବସୀୟ ମଣ୍ଡଳସ୍ତରୀୟ ଶାରୀରିକ ଓ କର୍ଣ୍ଣ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ବଳ ଶିକ୍ଷକ ଜୟନ୍ତ ବେହେରା, ଆଲୋକ ବେହେରା ଓ ହିମାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଆଲମିକୋର ଅସ୍ଥିଶଲ୍ୟ ଡାକ୍ତର ଜିତେନ୍ଦ୍ର ସାହୁ ଓ କର୍ଣ୍ଣ ବିଭାଗ ଡାକ୍ତର ନିରଜ କୁମାର ଶିବିରାର୍ଥୀ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରୁ ୬୦ ଜଣ ମାନସିକ ଅନଗ୍ରସର, ଦୃଷ୍ଟିବାଧିତ, ମସ୍ତିଷ୍କ ପକ୍ଷାଘାତ, ଚଳନବାଧିତ ଓ ଶ୍ରବଣବାଧିତ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଅଭିଭାବକ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିବା ପରେ ଆବଶ୍ୟକତା ଅନୁସାରେ ସେମାନଙ୍କୁ ବିଭିନ୍ନ ସହାୟକ ଉପକରଣ ଯୋଗାଇ ଦିଆଯିବ ବୋଲି ଆଲିମ୍‌କୋର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି ଶିବିରରେ ଆଲମିକୋର ଡାଟା ଅପରେଟର ଭୈଭବ ତିୱାରୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ କରିଥିବାବେଳେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ପଣ୍ଡା, ସୁଶାନ୍ତ ନାୟକ, ସୁରେନ୍ଦ୍ର ଶତପଥୀ, ସଞ୍ଜିତ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାମଲ, ପ୍ରଦ୍ୟୁମ୍ନ ଜେନା, ରମେଶ ନାୟକ ଓ ଗୋକୁଳ ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜଗମୋହନ ମନ୍ଦିର ଖୁମ୍ବରେ ଫାଟ, ମରାମତି ଦାବି

**କେନ୍ଦ୍ରାପଡ଼ା, ୧୮।୮ (ସମିସ):** ବଳଦେବଜୀଉଙ୍କ ଜଗମୋହନ ମନ୍ଦିରର ଖୁମ୍ବରେ ଫାଟ ସୃଷ୍ଟି ହୋଇଛି। ମନ୍ଦିରରେ ଦଣ୍ଡାୟମାନ ଥିବା ଚାରି ଖୁମ୍ବର ସ୍ଥିତି ଅତି ଦୁର୍ବଳ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟର ସର୍ବପୁରାତନ ମନ୍ଦିର ମଧ୍ୟରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉ ମନ୍ଦିର ଅନ୍ୟତମ। ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରର ହଜାର ହଜାର ସଂଖ୍ୟାରେ ଲୋକେ ଦର୍ଶନ ନିମନ୍ତେ ଆସିଥାʼନ୍ତି। ମୁଖ୍ୟ ମନ୍ଦିରର ସମ୍ମୁଖ ଭାଗରେ ଥିବା ଜଗମୋହନ ମନ୍ଦିର ନାଟ ମଣ୍ଡପରେ ଚାରି ଖୁମ୍ବ ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଥିବାରୁ ଭୟ ସୃଷ୍ଟି ହେଉଛି। ସ୍ଥାନେ ସ୍ଥାନେ ଫାଟ ସୃଷ୍ଟି ହୋଇଥିବାରୁ ମରାମତି ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ଏହି ଜଗମୋହନ ମନ୍ଦିର ଇତିହାସ ଦେଖିବାକୁ ଗଲେ ଷୋଳଦଶ ଶତାବ୍ଦୀର ଶେଷ ଭାଗରେ କୁଜଙ୍ଗ ରାଜ ପରିବାର ଓ ଛେଦରା ଜମିଦାରଙ୍କ ଉଦ୍ୟମରେ ନିର୍ମାଣ ହୋଇଥିବା ଜଣାପଡ଼େ। ଯାହା ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା। ସେବେଠୁ ଖୁମ୍ବର ମରାମତି ମଝିରେ



ମଝିରେ ହୋଇଥିବାବେଳେ ଏବେ ଚାରି ଖୁମ୍ବର ମରାମତି କରାଯିବାକୁ ଦାବି ହୋଇଛି। ଏବେଠୁ ପରିସ୍ଥିତିକୁ ଧ୍ୟାନ ନ ଦେଲେ ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ମନ୍ଦିର ପ୍ରଶାସନ ଆଶଙ୍କା କରୁଛି। ମନ୍ଦିର ପ୍ରଶାସନ ଜିଲ୍ଲା ଜନପ୍ରତିନିଧି ଓ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି।

# ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

**ଡେରାବିଶ, ୧୮।୮ (ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ାସ୍ଥ ପ୍ରଭୁ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରୁ ମନ୍ଦିର ପରିସରରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ଶ୍ରଦ୍ଧାଳୁ ଭଜନ ସଂକୀର୍ତ୍ତନ କରିଥିଲେ। ପରେ ଆଖପାଖ ପଞ୍ଚାୟତର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ନିକଟରୁ ମନ୍ଦିରର ରତ୍ନମୁଦ ନିମନ୍ତେ ସଂଗ୍ରହ କରାଯାଇଥିବା ଶସ୍ୟ, ଅଷ୍ଟଧାତୁ ଓ ଦୁର୍ଲ୍ଲଭ ଦ୍ରବ୍ୟମାନ ମନ୍ଦିରର ଦଧିନଉତି ମଧ୍ୟରେ ସମର୍ପିତ କରାଯାଇ ଏହାକୁ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସମେତ ରତାଦିଆ ସରପଞ୍ଚ, ସମିତିସଭ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଭୂକୃପା ଲାଭ କରିଥିଲେ। ପ୍ରଶାନ୍ତ ତ୍ରିପାଠୀ, ଯୁଧିଷ୍ଠିର ତ୍ରିପାଠୀ, ନିରଞ୍ଜନ ଦ୍ୱିବେଦୀ, ମାନସ ତ୍ରିପାଠୀ, ପ୍ରଣବ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ହୁଣ୍ଡି ଚୋର ଗିରଫ

**ରାଜନଗର, ୧୮।୮ (ସମିସ):** ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତର କାଠୁଆଗଣ୍ଡ ଗ୍ରାମରେ ଥିବା ହନୁମାନ ମନ୍ଦିର ହୁଣ୍ଡିରୁ ୧୦ ହଜାର ଟଙ୍କା ଚୋରି କରିଥିବା ସେହି ଗ୍ରାମର ସଂଗ୍ରାମ ସାହୁଙ୍କୁ ଆଜି ରାଜନଗର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ସମ୍ପୃକ୍ତ ଗ୍ରାମର ମୁରବୀ କଳାକାର ସ୍ୱାଇଁଙ୍କ ଲିଖିତ ଅଭିଯୋଗ ପରେ ଆଇଆଇସି ନରେଶ ସାହୁ ହୁଣ୍ଡି ଚୋର ସଂଗ୍ରାମକୁ ଧରିଥିଲା। ରାଜନଗର ଥାନାରେ ମାମଲା ରୁଜୁ କରାଯାଇଛି।

# ପଟ୍ଟାମୁଣ୍ଡାଇ କଲେଜରେ ଆଣ୍ଟିରାଗିଂ ସପ୍ତାହ ପାଳିତ

**ପଟ୍ଟାମୁଣ୍ଡାଇ, ୧୮।୮ (ସମିସ):** ପଟ୍ଟାମୁଣ୍ଡାଇ କଲେଜରେ ଶାନ୍ତଶୃଙ୍ଖଳିତ ଓ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଆଣ୍ଟିରାଗିଂ ସପ୍ତାହ ପାଳନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ମନୋଜ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର, ପ୍ରାକ୍ତନ ସଂଯୋଜକ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ ପିପିଟି ମୋଡ଼ରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଆଣ୍ଟିରାଗିଂ ସେଲ ମୁଖ୍ୟ ପ୍ରାଧ୍ୟାପକ ଅମୀୟ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ କଲେଜର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସରୋଜିନୀ ମିଶ୍ର ଓ ଶୁଭଶ୍ରୀ ପୋଥାଳ, ଅଧ୍ୟାପକ ଚିନ୍ମୟ ସାମଲ ଓ ଅମିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ୭୩ ମଇଁଷି ମୃତ୍ୟୁ ଘଟଣା

# ବନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ତଦନ୍ତ

**ଆଳି/ରାଜନଗର, ୧୮।୮ (ସମିସ)**



ଆଳି ବ୍ଲକର ଏକମାଣିଆ ଗାଁ ନିକଟରେ ପ୍ରବାହିତ ନଦୀରେ ଏକା ସାଙ୍ଗରେ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟଣାର ରହସ୍ୟ ଏଯାଏଁ ଖୋଲୁନି। କୌଣସି ମୃତ ମଇଁଷିଙ୍କ ଦେହରେ ଖଣ୍ଡିଆ ଚିହ୍ନ ନ ଥିବାରୁ କୁମ୍ଭୀର ଆକ୍ରମଣ ପାଇଁ ମୃତ୍ୟୁ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ତେବେ ମଇଁଷି କାହିଁକି ମଲେ ତାହାକୁ ନେଇ ତଦନ୍ତ ପକ୍ରିୟାକୁ ଜୋରଦାର କରାଯାଇଛି। ଆଜି ପ୍ରାଣୀ ଚିକିତ୍ସା ବିଭାଗ ଓ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। କଟକ ପ୍ରାଣୀ ପାଳନ ଓ ପ୍ରାଣୀ ନିର୍ଦ୍ଦେଶାଳୟର ଆଡିସନାଲ ଡାଇରେକ୍ଟର ଡାକ୍ତର ଗିରିଧାରୀ ଭୋଇଙ୍କ ସହ ଫୁଲନଖରା ଆନିମଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଡାକ୍ତରୀ ଦଳ ମୃତ ମଇଁଷିଙ୍କ ବ୍ୟବଚ୍ଛେଦ କରୁଛନ୍ତି। କେନ୍ଦ୍ରପଡ଼ା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକ, ଆଳି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବଦ୍ରିନାରାୟଣ ଚାନ୍ଦ, ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଜେନା, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ ପାତ୍ର, ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏତେ ସଂଖ୍ୟକ ମଇଁଷି ମୃତ୍ୟୁ ପାଇଁ କ'ଣ କାରଣ ରହିଛି, ତାହାର ନେଇ ତର୍ଜମା ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ନମୁନା ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ଆଜି ଦୁଇଟି ମୃତ ମଇଁଷିଙ୍କ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ପରେ ଲିଭର, ଖାଦ୍ୟ ନଳୀ, କିଡ୍‌ନୀ, ସ୍କିନ, ଲଙ୍ଗସ, ପେଟରେ ଥିବା ଖାଦ୍ୟ ସହିତ ପାଣି ସାମ୍ପୁଲ ପରୀକ୍ଷା ପାଇଁ ଆନିମଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟକୁ ନିଆଯାଇଛି। ଏ ସମ୍ପର୍କରେ ପ୍ରାଣୀ ପାଳନ ଓ ପ୍ରାଣୀ ନିର୍ଦ୍ଦେଶାଳୟର ଆଡିସନାଲ ଡାଇରେକ୍ଟର ଡାକ୍ତର ଗିରିଧାରୀ ଭୋଇଙ୍କୁ ପଚାରିବାରୁ ସାମ୍ପୁଲ ସଂଗ୍ରହ କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ସେ ସ୍ଥାନରେ ଦଳ ଅଧିକ ଥିବାରୁ ସେମାନେ ବୁଡି ମରିଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଫୋନ ଯୋଗେ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ବାଲିପାଟଣା ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ପଟ୍ଟାମୁଣ୍ଡାଇ, ୧୮।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ସାଧନକେନ୍ଦ୍ର ଅଧୀନରେ ଥିବା ବାଲିପାଟଣା ନୋଡାଲ ଉପ୍ରା ସ୍କୁଲ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ ସିଆରସିସିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରାଙ୍କ ପୌରୋହିତ୍ୟ ଓ ସିଆରସିସି ଆଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ହରିହର ପତି, ପୂର୍ବତନ ସିଆରସିସି ତ୍ରିଲୋଚନ ସ୍ୱାଇଁ, ସରପଞ୍ଚ ପ୍ରିୟବ୍ରତ ଓଝା, ପ୍ରମୋଦ ମିଶ୍ର, ଅଭିରାମ ସାହୁ, ମଞ୍ଜୁଲତା ଶତପଥୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋବିନ୍ଦ ନାଥ, ଆଶାଲତା ବେହେରା, ଆନନ୍ଦ ମଲିକ, ସାମ୍ବାଦିକ ଭାସ୍କର ରାଉତରାୟ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକତା ବୃତ୍ତି ନୁହେଁ, ସେବା ବୋଲି ମତ ପ୍ରକାଶ କରି ସେବା ନିବୃତ୍ତ ଶିକ୍ଷକେ ଶିକ୍ଷାଦାନ ଜାରି ରଖି ଭଲ ମଣିଷ ତିଆରି କରିବାକୁ ପରାମର୍ଶ ଦେବା ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୁରେଶ ଜେନା ସ୍ୱାଗତ ଭାଷଣ ଓ ନିଶିକାନ୍ତ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଭାତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ଦାଶ, ସଂକୁନ୍ତଳା ବେହେରା, ଜ୍ୟୋସ୍ନାମୟୀ ରଥ ଓ ସ୍ମୃତି ରାଉତ ପରିଚାଳନା କରିଥିଲେ।

## ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ହେର୍‌ଫେର୍

# ୫୦ କେଜି ବସ୍ତାରେ ୬ରୁ ୭ କେଜି କମ୍



ରାଉରକେଲା, ୧୮।୮ (ସମିସ)

ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ସ୍କୁଲ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ବ୍ୟାପକ ହେରଫେର ହେବା ସହ ଚାଉଳ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ବ୍ଲକ ଅଧୀନ ସ୍କୁଲଗୁଡିକୁ ବଣ୍ଟନ କରାଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ବସ୍ତାରେ କମ୍ ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି। କିଲେ କି ଦୁଇ କିଲୋ ନୁହେଁ ପ୍ରତି ୫୦ କିଲୋଗ୍ରାମ ବସ୍ତାରେ ୬ରୁ ୭ କିଲୋଗ୍ରାମ ଚାଉଳ ଓଜନରେ କମ୍ ରହିଥିବା ଗୁରୁତର ଅଭିଯୋଗ ହୋଇଛି। ସେପଟେ ପ୍ରତି ଚାଉଳ ବ୍ୟାଗରେ କମ୍ ଚାଉଳ ରହିବା ନେଇ ଏମ୍‌ଡିଏମ୍ ଦାୟିତ୍ୱରେ ଥିବା ଡାଟାଏଣ୍ଟ୍ରି ଅପରେଟରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।




**ସନ୍ଦେହ ଘେରରେ ଡାଟାଏଣ୍ଟ୍ରି ଅପରେଟରଙ୍କ ଭୂମିକା**

ସୂଚନାଯୋଗ୍ୟ ଯେ ଜିଲ୍ଲାର ନୂଆଗାଁ ବ୍ଲକରେ ଥିବା ମୋଟ୍ ୧୧୩ଟି ସ୍କୁଲରେ ୧୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲଗୁଡିକୁ ମଧ୍ୟାହ୍ନଭୋଜନ ପାଇଁ ପ୍ରାୟ ୨୫୦ କ୍ୱିଣ୍ଟାଲ ବଣ୍ଟନ କରାଯାଉଛି। ତେବେ ପ୍ରତି ମାସରେ ପ୍ରତି ୫୦ କେଜି ଚାଉଳ ବସ୍ତାରେ ୫ରୁ ୭ କେଜି ଲେଖାଏଁ ଚାଉଳ ଓଜନରେ କମ୍ ରହୁଛି। ଅର୍ଥାତ୍ କ୍ୱିଣ୍ଟାଲରେ ୧୦ରୁ ୧୨ କେଜି ପର୍ଯ୍ୟନ୍ତ ଚାଉଳ କମ୍ ରହୁଛି। ଯାହା କି ଗତ ୧୪ ତାରିଖ ଦିନ ବଣ୍ଟନ କରାଯାଇଥିବା ଏମଡିଏମ ଚାଉଳ ଓଜନରୁ ସ୍ପଷ୍ଟ ହୋଇଛି। ଆଜି ଚାଉଳ ବଣ୍ଟନ ପରେ କିଛି ସ୍କୁଲର ପ୍ରଧାନଶିକ୍ଷକ ଚାଉଳକୁ ଓଜନ କରିଥିଲେ। ଫଳରେ ପ୍ରତି ୫୦ କେଜି ବସ୍ତାରେ ୫ରୁ ୭ କେଜି ଲେଖାଏଁ ଚାଉଳ କମ୍ ରହୁଛି। ଅର୍ଥାତ୍ କ୍ୱିଣ୍ଟାଲରେ ୧୦ରୁ ୧୪ କେଜି ପର୍ଯ୍ୟନ୍ତ ଚାଉଳ କମ୍ ରହୁଥିବା ଜଣାପଡ଼ିଥିଲା। ଏ ନେଇ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ସେପଟେ କିନ୍ତୁ ସମ୍ପୃକ୍ତ ସଂସ୍ଥା ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପରିମାଣରେ ଚାଉଳ ଦିଆଯାଉଥିବା କାଗଜପତ୍ରରେ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ସ୍କୁଲଗୁଡ଼ିକରେ ଚାଉଳ ନିଅଣ୍ଟ ପଡୁଥିବାରୁ ପିଲାମାନେ ଠିକ୍ ଭାବେ ଖାଇବାକୁ ପାଉ ନ ଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ଚାଉଳ କମ୍ ନେଇ ସ୍କୁଲର ଶିକ୍ଷକମାନେ ଠିକା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଅଭିଯୋଗ କଲେ, ସେ ସନ୍ତୋଷଜନକଉତ୍ତର ନ ଦେଇ ଓଲଟା ଶିକ୍ଷକମାନଙ୍କୁ ନାଲି ଆଖି ଦେଖାଉଛନ୍ତି। ତେବେ ବ୍ଲକର ଏମଡିଏମ ଦାୟିତ୍ୱରେ ଥିବା ଡାଟାଏଣ୍ଟ୍ରି ଅପରେଟର ଏ ନେଇ ତାଙ୍କର ଦାୟିତ୍ୱ ନିର୍ବାହ କରିବା ନେଇ ସନ୍ଦେହ ଉପୁଜିଛି। ଏନେଇ ଅନେକ ସ୍କୁଲର ପ୍ରଧାନ ଶିକ୍ଷକମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ ଚାଉଳ ଯୋଗାଣ ଠିକା ସଂସ୍ଥା ଓ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାଲି ଆଖିର ଶିକାର ହେବାକୁ ପଡ଼ିଥାଏ ବୋଲି କିଛି ପ୍ରଧାନ ଶିକ୍ଷକ ନାମଗୋପନ ରଖି ସୂଚନା ଦେଇଛନ୍ତି। ପ୍ରତିମାସ ୨୫ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳ କିଏ ଖାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବ୍ଲକର ଅଧିକାଂଶ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ୍ୟ କେହି ମୁହଁ ଖୋଲି ଅଭିଯୋଗ କରିବାକୁ ସାହସ କରୁନାହାଁନ୍ତି। ସେପଟେ ଏମଡିଏମ୍ ଦାୟିତ୍ୱରେ ଥିବା ସମ୍ପୃକ୍ତ ଡାଟାଏଣ୍ଟ୍ରି ଅପରେଟର ଆଜକୁ ଦୀର୍ଘ ୧୬ ବର୍ଷ ଧରି ଗୋଟିଏ ଦାୟିତ୍ୱରେ ରହି ମନୋମୁଖୀ କାର୍ଯ୍ୟ ଚଳାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ଶିକ୍ଷକମାନଙ୍କୁ ବ୍ଲକ ଅଫିସକୁ ଡାକି ଏମ୍‌ଡିଏମ ରିପୋର୍ଟ ଦେବା, ପାସବୁକ ଅପଡେଟ କରିବା, କ୍ୟାସ ବୁକ, ୟୁସି ଆଦି ଉପରେ ବିଭିନ୍ନ ତ୍ରୁଟି ଦର୍ଶାଇ ଶିକ୍ଷକମାନଙ୍କ ଠାରୁ ଅର୍ଥ ଦାବି କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ଅଭିଭାବକ ଓ ନୂଆଗାଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପୂର୍ବରୁ ଏମଡିଏମ ଚାଉଳ ବଣ୍ଟନରେ ବାଟମାରଣା ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଉଳ ବାଟମାରଣକୁ ବନ୍ଦ କରା ନ ଗଲେ କୌଣସି ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଚାଉଳ ଗ୍ରହଣ କରିବେ ନାହିଁ ବୋଲି ଶିକ୍ଷକମାନେ ରୋକଠୋକ ଚେତାବନୀ ଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସାରଙ୍ଗଧର ବରିହାଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି ନିର୍ଦ୍ଦିଷ୍ଟ ଅଭିଯୋଗ ମୋ ପାଖକୁ ଆସି ନାହିଁ। ତେବେ ସ୍କୁଲର ଶିକ୍ଷକମାନେ ଚାଉଳ ନେବାବେଳେ ଠିକ୍ ଭାବେ ଓଜନ କରି ନେବା ଦରକାର। ଯଦି ସେମିତି କିଛି ହେଉଥାଏ, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଗୋଗୁଆ ଉଚ୍ଚ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' ଅଭିଯାନ



**ବଣାଇଁ, ୧୮।୮ (ସମିସ):** ଗୋଗୁଆ ଉଚ୍ଚ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' ଅଭିଯାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟମ ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପିତାମାତା, ଅଭିଭାବକ, ପରିଚାଳନା କମିଟି ଓ ଉନ୍ନୟନ କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏଥିରେ ପ୍ରଧାନଶିକ୍ଷକ ଝସକେତନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ବୁଝାଇଥିଲେ। ଅଭିଭାବକ, ଶିକ୍ଷକଙ୍କ ମଧ୍ୟରେ ଆଲୋଚନା କରାଯାଇ ବିଦ୍ୟାଳୟ ବାହାରେ ଥିବା ୧୮ ବର୍ଷରୁ କମ ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଦୃଢ଼ ମତ ପ୍ରକାଶ ପାଇବା ସଙ୍ଗେସଙ୍ଗେ ଦୃଢ଼ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ନବଘନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରେବତୀ ମୋହନ ସାହୁ, ଦୁର୍ଯ୍ୟୋଧନ କିସାନ ତଥା ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଦୁଲୀପ ଟ୍ରଫି ପାଇଁ ଆର୍‌ଏସ୍‌ପି ପରିବାରର କ୍ରୀଡ଼ା ପ୍ରତିଭା ମନୋନୀତ



**ରାଉରକେଲା, ୧୮।୮ (ସମିସ):** ଆର୍‌ଏସ୍‌ପି ଫାବ୍ରିକେସନ୍ ସପ୍ ବିଭାଗର ଜୁନିଅର ଇଞ୍ଜିନିୟର ବିକ୍ରମ କୁମାର ସ୍ୱାଇଁ ଏବଂ ଲିଲି ସ୍ୱାଇଁଙ୍କ ପୁଅ ଆଶୀର୍ବାଦ ସ୍ୱାଇଁ ଦୁଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ପୂର୍ବ ଜୋନ୍ ଦଳରେ ମନୋନୀତ ହୋଇଛନ୍ତି। ଏହି ପ୍ରତିଭାବାନ ୱିକେଟକିପର ଓ ବ୍ୟାଟର ଆଶୀର୍ବାଦ ଆଘାତ ଯୋଗୁଁ ବାଦ ପଡ଼ିଥିବା ଷ୍ଟାର ଭାରତୀୟ କ୍ରିକେଟର ଇଶାନ କିଶାନଙ୍କ ସ୍ଥାନ ନେଇଛନ୍ତି। ଉଲ୍ଲେଖନୀୟ ଯେ, ଅଗଷ୍ଟ ୨୮ ତାରିଖରେ ପୂର୍ବ ଜୋନ୍ ଉତ୍ତର ଜୋନ୍ ସହିତ ତାଙ୍କର ଅଭିଯାନ ଆରମ୍ଭ କରିବ। ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ନିଜର କ୍ରିକେଟ୍ ଯାତ୍ରା ଆରମ୍ଭ କରିଥିବା ଏହି କ୍ରିକେଟ୍ ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସେ ୧୯ ବର୍ଷରୁ କମ୍ 'କୁଚ୍ ବିହାର ଟ୍ରଫି' ଏବଂ 'ଭିନୁ ମଙ୍କଡ଼ ଟ୍ରଫି'ରେ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟକତ୍ୱ କରିଛନ୍ତି। ସେଲ୍‌ଫ ପରିବାରର ଏହି ଉଦୀୟମାନ ଯୁବ ପ୍ରତିଭା ୨୦୧୯ ମସିହାରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟସ୍ତରରେ ପଦାର୍ପଣ କରିଥିଲେ।

## ଆର୍‌ଏସ୍‌ପି ଓ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର



**ରାଉରକେଲାଁ, ୧୮।୮ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ୩ ଟି ଶିକ୍ଷାନୁଷ୍ଠାନର ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି। ୩ଟି ଶିକ୍ଷାନୁଷ୍ଠାନ ଯଥାକ୍ରମେ, ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ, ସେକ୍ଟର-୨୨ ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ ଏବଂ ସେକ୍ଟର-୧୯ ସ୍ଥିତ ଇସ୍ପାତ ବିଦ୍ୟାମନ୍ଦିରକୁ ପରିଚାଳନା ପାଇଁ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ସହିତ ରାଉରକେଲା ଇସ୍ପାତ କାରଖାନା ଅଗଷ୍ଟ ୧୨ ତାରିଖରେ ଏହି ଚୁକ୍ତିନାମା ସ୍ୱାକ୍ଷର କରିଛି। ଆର୍‌ଏସ୍‌ପି ପକ୍ଷରୁ ଟାଉନ୍ ସର୍ଭିସେସ୍ ଏବଂ ସିଏସଆର ବିଭାଗର ସିଜିଏମ ଟି.ଜି କାନେକର ଏବଂ ଏସଏସ୍‌ଆରଭିଏମ ଟ୍ରଷ୍ଟର ଅଧ୍ୟକ୍ଷ କମୋଡୋର ଏଚ୍‌ଜି ହର୍ଷ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆରଏସପି ପକ୍ଷରୁ ଇଣ୍ଟର୍ନାଲ ଅଡିଟ୍ ବିଭାଗର ସିଜିଏମ ଜିଏସ୍ ଦାଶ, ମାନବ ସମ୍ବଳ ବିଭାଗର ଜିଏମ ସଞ୍ଜୟ ମେହରୋତ୍ରା, ଆଇନ ବିଭାଗର ଡିଜିଏମ୍ ରାଜେଶ କୁମାର ସାହୁ ଉପସ୍ଥିତ ଥିଲେ। ଆନନ୍ଦ ଜିଏନ ଏବଂ ମଞ୍ଜୁଳା ରବୀନ୍ଦ୍ରନାଥ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କ୍ୟାପଟେନ ଆଲୋକେଶ ସେନ୍ ଏହି ବିଦ୍ୟାଳୟଗୁଡ଼ିକର ନିର୍ଦ୍ଦେଶକ ହେବେ।

## ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଗର୍ଭବତୀ

**ଅଭିଯୁକ୍ତକୁ ଅଟକ**

**ବଣାଇଁ, ୧୮।୮ (ସମିସ):** ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ଗର୍ଭବତୀ କରିବା ଘଟଣାରେ ବଣାଇଁ ଥାନା ଅଧୀନ କନ୍ତଯୋଡି ସାହିର ମନୋଜ କିସାନଙ୍କୁ ବଣାଇଁ ପୁଲିସ ଆଜି ଉଠାଇ ଆଣି ଅଟକ ରଖିଥିବା ଜଣାଯାଇଛି। ପୀଡ଼ିତା ଛାତ୍ରୀଙ୍କୁ ପୁଲିସ ପଚରାଉଚରା କରି ଡାକ୍ତରୀମାଇନା ପରେ ଛାଡିଥିବା ବେଳେ ଅଭିଯୁକ୍ତ ମନୋଜ ଅନ୍ୟତ୍ର ବିବାହ କରିବା କାରଣରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଯୁବକକୁ ଅଟକ ରଖି ତଦନ୍ତ କରୁଥିବା ପୁଲିସ ଏବେ ପର୍ଯ୍ୟନ୍ତ କୌଣସି ତଥ୍ୟ ପ୍ରଦାନ ନକରିବା କାରଣରୁ ପଞ୍ଜୀକୃତ କେଶ ନଂ ଜଣାପଡ଼ିନାହିଁ। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଗୁରୁଣ୍ଡିଆରେ ଉପଖଣ୍ଡସ୍ତରୀୟ ଶିକ୍ଷକ ସମ୍ମିଳନୀ



**ବଣାଇଁ, ୧୮।୮ (ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଶିଶୁ ବିକାଶ ଅଧିକାରୀଙ୍କ ସଭାଗୃହଠାରେ ଗୁରୁଣ୍ଡିଆ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଉପଖଣ୍ଡସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶାର ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ମାନିତ ଅତିଥି ଭାବେ କୋଷାଧ୍ୟକ୍ଷ ଗୋପାଳ ସେନ୍, ଗୁରୁଣ୍ଡିଆ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନରେନ୍ଦ୍ର ସୁନ୍ୟାନି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ, ଶିକ୍ଷକ ନେତା ଧରଣୀଧର ମଲ୍ଲିକ, ମନୋଜ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ଜୟପ୍ରକାଶ ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ। ମନୋଜ ପାତ୍ର ବିବରଣୀ ପାଠ କରିଥିଲେ। ଅତିଥିମାନେ 'ଜାତୀୟ ଶିକ୍ଷାନୀତି ପ୍ରେକ୍ଷାପଟରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ଙ୍କ ସ୍ଥିତି' ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ଗୁରୁଣ୍ଡିଆରେ ଏକ ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ଅନୁଦାନ ମଞ୍ଜୁର ହୋଇଛି ବୋଲି କହିଥିଲେ। ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମସ୍ୟା ଏବଂ ଦାବିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସନ୍ତୋଷ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଭ୍ୟାରାଣୀ ପଟେଲ, କଲ୍ୟାଣୀ ପଟେଲ, ବନ୍ଦନା ଦାସଙ୍କୁ ସମ୍ମାନିତ କରାଯାଇଥିଲା।

## କେନ୍ଦ୍ରମନ୍ତ୍ରୀଙ୍କ ପତ୍ନୀଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର



**କୁତ୍ରା, ୧୮।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଲାଞ୍ଜିବେର୍ଣ୍ଣା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସାଂସଦ ଜୁଏଲ ଓରାମଙ୍କ ପତ୍ନୀ ଝିଙ୍ଗିଆ ଓରାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସୁନ୍ଦରଗଡ଼ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହେସ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଭାବେ ରୁପେଶ ପଟେଲ, ରାଉରକେଲା ସାଂସଦ ପ୍ରତିନିଧି ପ୍ରକାଶ ପାସୱାନ, ରିତା ସିଂ ଯୋଗଦେଇ ଥିଲେ। ଏହି ଶିବିରରେ ସମୁଦାୟ ୧୦୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶଙ୍କର ନାଗ, ରୋହିତ ତିର୍କି, ନିରଜ କୁଜୁର, ଆକାଶ ମହାନନ୍ଦିଆ ଓ ଅମ୍ଳ ସିଂ ସହଯୋଗ କରିଥିଲେ।

## ବିଭାଜନ ବିଭୀଷିକାର ସ୍ମୃତି ଦିବସ

**ରାଉରକେଲା, ୧୮।୮ (ସମିସ):** ବିଜେପି ପକ୍ଷରୁ ସାରା ଦେଶରେ ବିଭାଜନ ବିଭୀଷିକା ସୃତି ଦିବସ ପାଳନ କରାଯାଇଛି।। ଏହି ପରିପ୍ରେକ୍ଷୀରେ ରାଉରକେଲା ସାଂଗଠାନିକ ଜିଲ୍ଲା ତରଫରୁ ସେକ୍ଟର -୩, ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ବିଭାଜନ ବିଭୀଷିକା ସୃତି ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦର ଅଧ୍ୟକ୍ଷ ସର୍ବେଶ୍ୱର ଦାସ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ବରିଷ୍ଠ ନେତା ସରୋଜ ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜିଲ୍ଲା, ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ୍‌ର କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।




## 'ମୁଁ ବି ନେତା ହେବି' ବିତର୍କ ପ୍ରତିଯୋଗିତାର ଗ୍ରାଣ୍ଡଫିନାଲେ

**ରାଉରକେଲା, ୧୮।୮ (ସମିସ):** ରାଉରକେଲାର ସ୍ୱାଭିମାନୀ ଓଡ଼ିଆ ଆନୁକୂଲ୍ୟରେ 'ମୁଁ ବି ନେତା ହେବି' ନାମକ ଆନ୍ତଃ ହାବିଦ୍ୟାଳୟ ବିତର୍କର ଗ୍ରାଣ୍ଡ ଫିନାଲେ ପ୍ରତିଯୋଗିତା ଉଦିତନଗର ଫିଟନେସ ପାର୍କଠାରେ ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଓଡ଼ିଶାର ଅଭିବୃଦ୍ଧିରେ ସୁନ୍ଦରଗଡ଼ ଜିଲ୍ଲାର ଅବଦାନ'। ପ୍ରଥମ ରାଉଣ୍ଡରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୧୪ ଜଣ ଛାତ୍ରଛାତ୍ରୀ ଏହି ଗ୍ରାଣ୍ଡ ଫିନାଲେରେ ଭାଗ ନେଇ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲିର ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗଦେଇ ଥିଲେ। ବିଚାରକ ଭାବେ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସ, ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାସ, ଅଧ୍ୟାପକ ଉମାକାନ୍ତ ପଣ୍ଡା ଯୋଗଦେଇ ଥିଲେ। ସ୍ମୃତି ସାଗର ବଳ ୭୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରୟାସ ପ୍ରୀତି ରଞ୍ଜନ ବାରିକ ୭୨.୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସୁଜିତ ଗଡ଼ନାୟକ ୭୦ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ପୁରସ୍କାର ଭାବେ ୧୦, ୦୦୦ ଟଙ୍କା ସହ ଟ୍ରଫି, ଦ୍ୱିତୀୟ ପୁରସ୍କାର ଭାବେ ୫୦୦୦ ଟଙ୍କା ସହ ଟ୍ରଫି ଓ ତୃତୀୟ ପୁରସ୍କାର ଭାବେ ୩୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ନିହାର ରାୟ, ଜ୍ଞାନେନ୍ଦ୍ର ଦାସ, ଖଦାଳ ସେଠୀ, ପ୍ରଶାନ୍ତ ସେଠୀ, ବୀରେନ ସେନାପତି, ଦିଲୀପ ମହାପାତ୍ର, ଭଗବାନ ରାଉତ, ଗଗନ ପଣ୍ଡା, ଜୟନ୍ତ ମିଶ୍ର, ରଶ୍ମୀବାଳା ମିଶ୍ର, ସୁଦାମ ଦାଶ, ଭବାନୀ କବି, ବ୍ରିଜମୋହନ ଅଗ୍ରୱାଲ, ପ୍ରବୀଣ ଗର୍ଗ, ସନ୍ତୋଷ ନାୟକ, ଛବିରାଣୀ ମହାନ୍ତି, ଜ୍ୟୋତ୍ସ୍ନା ନାୟକ, ସୁନନ୍ଦା ସେନାପତି ପ୍ରମୁଖ ଯୋଗଦେଇଥିଲେ।



## ଆର୍ଟଅଫ୍ ଲିଭିଂ ଫାଉଣ୍ଡେସନ ପକ୍ଷରୁ 'ଆନନ୍ଦ ଉତ୍ସବ'

ରାଉରକେଲା, ୧୮।୮ (ସମିସ)




ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନ ଆନୁକୂଲ୍ୟରେ ଦେଶ ବ୍ୟାପୀ 'ଆନନ୍ଦ ଉତ୍ସବ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପୀ ଏହି ପ୍ରଶିକ୍ଷଣ ଶିବିରରେ ୩୩ ହଜାର ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ରାଉରକେଲା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଭଞ୍ଜ ଭବନ ତଥା ଉଦିତନଗର ସ୍ଥିତ ସ୍ପେସରେ ଆୟୋଜିତ ଏହି ବିଶାଳ ପ୍ରଶିକ୍ଷଣ ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଗତ ୧୨ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ସୋମବାର ସମାପ୍ତ ହୋଇଛି। ସ୍ଥାନୀୟ ଭଞ୍ଜଭବନ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଏକ ଗଣମାଧ୍ୟମ ସମ୍ମିଳନୀକୁ ସମ୍ବୋଧିତ କରି ଆର୍ଟ ଅଫ୍ ଲିଭିଂ ଜାତୀୟସ୍ତରର ପ୍ରଶିକ୍ଷକ ଦେବଜ୍ୟୋତି ମହାନ୍ତି 'ଆନନ୍ଦ ଉତ୍ସବ' ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କ ବ୍ୟକ୍ତି ଗତ ଜୀବନରେ ଘଟିଥିବା ବିଭିନ୍ନ ସୁଫଳ ଉପରେ ଆଲୋକପାତ କରିଥିଲେ। ବିଶ୍ରା ବ୍ଲକରେ ଇସ୍ପାତ କାରଖାନା ପାର୍ଶ୍ୱାଞ୍ଚଳରେ ଦଶମ ପାସ କରି ନଥିବା ପିଲାମାନଙ୍କ ପାଇଁ ଜାରି ରହିଥିବା ନିଶୁଳ୍କ ଏୟାର କଣ୍ଡିସନ ମରାମତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଉରକେଲା ଠାରୁ ପ୍ରାୟ ୪୦ କିଲୋମିଟର ଦୂର ଅରଣ୍ୟ ମଧ୍ୟରେ ଥେଟେଇପୋଷ ପଞ୍ଚାୟତର ସାନବମୁଆଠାରେ ଆଦିବାସୀ ଓ ବଞ୍ଚିତ ବର୍ଗର ପିଲାମାନଙ୍କ ପାଇଁ ସ୍ଥାପିତ ଜ୍ଞାନମନ୍ଦିର ବିଦ୍ୟାଳୟରେ ପ୍ରାୟ ୨୫୦ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ସହିତ ନିଶୁଳ୍କ ଶିକ୍ଷା ଦାନ ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରଶ୍ମୀ ରଞ୍ଜନ ଦାସ, ଲଳିତ ସୁନ୍ଦର ଜେନା, ଚନ୍ଦ୍ରଚୁଡ଼ ପାଣିଗ୍ରାହୀ, ତୁଷାରବାଳା ତ୍ରିପାଠୀ, ବଲ ବିନ୍ଦର କୌର, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି 'ଆନନ୍ଦ ଉତ୍ସବ' କର୍ମଶାଳାରେ କାଜଲ ଦାସ, ଭଗବାନ ଦାସ ଶିବ ହରେ, ରାମକୃଷ୍ଣ ପ୍ରଧାନ, ଗୋପାଳ ସାହୁ, ରୀନା ଶର୍ମା, ତପସ୍ୱିନୀ ପ୍ରଧାନ, ପ୍ରକାଶ ନାୟକ, ରମେଶ ସେନାପତି, ସରୋଜ ଦାସ, ତପସ୍ୱିନୀ ମିଶ୍ର, ହେମନ୍ତ ପତି, ସସ୍ମିତା ସୁବୁଦ୍ଧି, ପୁଷ୍ପଶ୍ରୀ ସାହୁ, ଅଜିତା ବେହେରା ପ୍ରମୁଖ ଜ୍ଞହଯୋଗ କରିଥିଲେ।

## ବିଷପାନ କରି ମହିଳାଙ୍କ ମୃତ୍ୟୁ

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଖପ୍ରାଖୋଲ,୧୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ମହୁରୁଣ୍ଡି ଗାଁର ଜଣେ ବିବାହିତା ମହିଳା ବିଷପାନ କରି ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ବଡ଼ ମେଡ଼ିକାଲରେ ଶନିବାର ରାତିରେ ମୃତ୍ୟୁ ହୋଇଥିବା ଜଣାଯାଇଛି ।

ସୂଚନା ଅନୁଯାୟୀ ମୃତ ମହିଳା ଜଣକ ଲକ୍ଷ୍ମଣ ଭୋଇ ଓରଫ ମିଟୁଙ୍କ ସ୍ତ୍ରୀ ସୁରେଖା ଭୋଇ (୪୭) ହୋଇଥିବା ବେଳେ ଗତ ୧୪ ତାରିଖ ଗାଁରେ ବିଷ ପିଇ ଦେଇଥିବା ପରିବାର ଲୋକେ ଜାଣିବା ପରେ ପରିବାର ତରଫରୁ ବୁର୍ଲା ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ସୁରେଖାଙ୍କ ମୃତ୍ୟୁହୋଇଥିଲା । ଏହି ଘଟଣାକୁ ସୁରେଖାଙ୍କ ବଡ ଭାଇ ନରେନ୍ଦ୍ର ସାହୁ ଭଉଣୀକୁ ଭିଣେଇ ଲକ୍ଷ୍ମଣ ଏବଂ ତାଙ୍କ ମାଁ କାଠ ଫାଳିଆରେ ମାଡ଼ ମାରି ଘାସମରା ବିଷ ପିଆଇ ଦେଇଥିବା ଅଭିଯୋଗ କରିବା ସହିତ ମୃତ୍ୟୁ ପାଇଁ ଉଭୟ ଦାୟୀ ବୋଲି ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଖପ୍ରାଖୋଲ ଥାନା କେସ ନମ୍ବର ୧୮ ୯/୨୫ ରେ ମାମଲା ରୁଜୁ କରି ବୁର୍ଲାରୁ ମୃତ ଦେହ ଆସିଲା ପରେ ଶବ ପଞ୍ଚନାମା କରିଥିଲେ । ପରେ ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର



କରି ମୃତା ମହିଳାଙ୍କ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି ।

ସୁଚନା ଯୋଗ୍ୟ ମାହୁରୁଣ୍ଡିଗାଁର ଲକ୍ଷ୍ମଣ ଓରଫ ମିଟୁ ଭୋଇ ପ୍ରାୟ ୧୮ ବର୍ଷ ତଳେ ବେଲପଡ଼ା ଥାନା ଭାଲୁଖାଇ ଗାଁର ସୁରେଖାକୁ ବିବାହ କରିଥିବା ବେଳେ ତାଙ୍କର ଦୁଇଟି ଝିଅ ୧୫ ବର୍ଷ ଓ ୧୨ ବର୍ଷର ଅଛନ୍ତି ।

## ପଞ୍ଜୀକରଣକୁ ନେଇ ଚିନ୍ତାରେ ଚାଷୀ

# ଚାଷକାମ ଛାଡ଼ି ପାକ୍ସ କାର୍ଯ୍ୟାଳୟରେ ଚାଷୀଙ୍କ ଭିଡ଼

ବଲାଙ୍ଗିର,୧୮ ।୮ (ସମିସ)

- **ସମ୍ପାଦକ ଓ ଦଲାଲ ମନମର୍ଜିରେ ହେଉଛି ପଞ୍ଜୀକରଣ**
- **ପଞ୍ଜିକରଣ ଅବସ୍ଥା ଯଥା ପୂର୍ବଂ ତଥା ପରଂ**

ରାଜ୍ୟରେ ଚାଷୀ ପଞ୍ଜୀକରଣକୁ ନେଇ ଭିନ୍ନ ଏକ ପରିସ୍ଥିତି ଦେଖିବାକୁ ମିଳିଛି । ଚାଷୀ ପଞ୍ଜୀକରଣ ନାମରେ ଚାଷୀଙ୍କୁ ଚାଷ କାମ ସମୟରେ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି । ନିୟମାକାନୁନ ନାମରେ ଚାଷୀଙ୍କ ସମୟ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଆସୁଛି । ପୂର୍ବରୁ ଗତ ଖରିଫରେ ଧାନକିଣା ଅନିୟମିତତା ରବିରେ ଧାନ କିଣିନପାରି ହିନସ୍ତା ହୋଇଥିବା ରାଜ୍ୟ ସରକାରଙ୍କ ପାଇଁ ବର୍ତ୍ତମାନ ନୂତନ ଚାଷୀ ପଞ୍ଜୀକରଣ ବୁମେରାଂ ସାଜିଛି । ଏଭଳି ସ୍ଥିତିରେ ବଲାଙ୍ଗିର ଜିଲ୍ଲାରେ ମଧ ଠିକ ଭାବେ ଚାଷୀ ପଞ୍ଜିକରଣ ହୋଇପାରୁନଥିବା ଅଭିଯୋଗ ହୋଇଛି । ପଞ୍ଜୀକରଣ ସମୟ ସରିଆସୁଥିବା ବେଳେ ଏବେ ବି ଅନେକ ଚାଷୀ ପଞ୍ଜୀକରଣ କରିପାରିନଥିବା ଜଣାପଡିଛି । ପଟ୍ଟା ସମସ୍ୟା ଯୋଗୁ ଏହି ଚାଷୀମାନେ ପଞ୍ଜୀକରଣ କରିପାରୁନଥିବା ବେଳେ ସମବାୟ ସମିତିମାନଙ୍କରେ ପୂର୍ବଭଳି ନକଲି ଚାଷୀ ମାନଙ୍କର ପଞ୍ଜୀକରଣ ସହଜରେ ହେଉଥିବା ବେଳେ ଯିଏ ଅସଲରେ ଚାଷ କରୁଛି ତାହାର ପଞ୍ଜୀକରଣ ହେଉନଥିବା ଅଭିଯୋଗ ହୋଇଛି ।

ବଲାଙ୍ଗିର ଜିଲ୍ଲାରେ ରବି ହେଉ କି ଖରିଫ ଚାଷୀ ପଞ୍ଜୀକରଣ ସବୁବେଳେ ବିବାଦୀୟ ହୋଇଆସିଛି । ସମବାୟ ସମିତି ବା ପାକ୍ସ ଓ ମିଲର ଏଜେଣ୍ଟମାନେ ସଲାସୁତ୍ରରା କରି ନକଲି ଚାଷୀଙ୍କ ନାମରେ ଧାନବିକ୍ରୀ ପଞ୍ଜୀକରଣ କରିଦେଇ ପ୍ରତିବର୍ଷ ଧାନ ଅନିୟମିତତା ଚଲାଉଥିବା ଅଭିଯୋଗ ହୋଇଥାଏ । ତେବେ ଚଳିତ ଖରିଫ ପାଇଁ ନୂତନ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ପ୍ରକ୍ରିୟାରେ ସଂପୃକ୍ତ ନକଲି ଚାଷୀ ବାଦ ପଡିବାରେ ସମ୍ଭାବନା ରହିଥିଲା । କିନ୍ତୁ ପେକ୍ସ ସମ୍ପାଦକ ଓ ମିଲର୍ସ ଏଜେଣ୍ଟ ଓ ଧାନବେପାରୀମାନେ ମିଶି ନିଜ ନିଜ ଚାଷୀଙ୍କ ନାମ ପଞ୍ଜିକୃତ କରାଇଦେଉଥିବା ଜଣାପଡିଛି । ଏହିଭଳି ଅନେକ ଅଭିଯୋଗ ବିଭିନ୍ନ ପାକ୍ସରେ ଆସୁଥିବା ବେଳେ ଏହା ଭିତିରି କାର୍ଯ୍ୟ ହୋଇଥିବାରୁ ଏନେଇ ଅଭିଯୋଗ ମଧ ହୋଇପାରିନାହିଁ । ସୂଚନା ଅନୁସାରେ ଗତ ଖରିଫରେ ପ୍ରାୟ ୯୫ ହଜାର ଚାଷୀ ଧାନ ବିକ୍ରୀ ପାଇଁ ପଞ୍ଜୀକରଣ କରିଥିଲେ । ଏହା ପୂର୍ବ ବର୍ଷ ଅର୍ଥାତ ୨୦୨୩-୨୪ ଖରିଫରେ ଏହି ସଂଖ୍ୟା ୮୮ ହଜାର ଥିବା ବେଳେ ଗୋଟିଏ ବର୍ଷରେ ଏତେ ଚାଷୀ ବୃଦ୍ଧି ହେବା ସମସ୍ତଙ୍କୁ ତାଜୁବ କରିଥିଲା । ରବିରେ ମଧ ସମାନ ଅଭିଯୋଗ ସାମ୍ନାକୁ ଆସିଥିଲା । ଯାହାକି ନକଲି ଚାଷୀଙ୍କ ପଞ୍ଜୀକରଣ କରାଯାଉଥିବା ଅଭିଯୋଗକୁ ସ୍ପଷ୍ଟ କରିଥିଲା ।

ଗତ ଖରିଫରେ ପୂର୍ବ ବର୍ଷମାନଙ୍କ ଅପେକ୍ଷା ଅଧିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଗୋଟିଏ ବି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଖରିଫ ପୂର୍ବରୁ ବିଜେପି ନେତା ଓ ମିଲର୍ସଙ୍କ ଡିଲ ଘଟଣା ମଧ ସାମ୍ନାକୁ ଆସିଥିଲା । ଏହି ସବୁ ଭିତରେ ନୂତନ ପଞ୍ଜିକରଣ ବ୍ୟବସ୍ଥା ଏହି ସବୁ କାରବାରକୁ ରୋକିବ ବୋଲି କୁହାଯାଉଥିବା ବେଳେ ତାହା ମଧ କେତେ ଦୂର ସଫଳ ହେବ ତାହା କହିବା ମୁସ୍କିଲ । କାହିଁକିନା ଅନ୍ୟ ଜିଲ୍ଲା ଅପେକ୍ଷା ବଲାଙ୍ଗିର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଅଧିକ ଚାଷୀ ପଞ୍ଜୀକରଣ ହୋଇସାରିଥିବା ଜଣାପଡିଛି । କିଛି ପାକ୍ସ ସମ୍ପାଦକ ଦଲାଲଙ୍କ ସହ ମିଶି ଚଞ୍ଚକତା କରି ଚାଷୀ ପଞ୍ଜୀକରଣ କରାଇନେଉଥିବା ବେଳେ ଏଥିପ୍ରତି ନା ଯୋଗାଣ ବିଭାଗ ର କିଛି ନଜର ଅଛି ନା ଜିଲ୍ଲା ପ୍ରଶାସନ ପାଖରେ ଖବର ଅଛି । ବିଭାଗୀୟ ସୂଚନା ଅନୁସାରେ ଗତ ଜୁଲାଇ ୧୯ ତାରିଖରୁ ଅଗଷ୍ଟ ୧୮ ତାରିଖ ସୁଦ୍ଧା ୭୦ ହଜାର ୫୩୭ ଚାଷୀଙ୍କ ପଞ୍ଜୀକରଣ କରାଯାଇଅଛି । ଜିଲ୍ଲାରେ ଥିବା ୧୫୮ ପାକ୍ସ ଓ ୧୮ ଏସଏଚ୍‌ଜି ଏହି ପଞ୍ଜୀକରଣ କରୁଥିବା ବେଳେ କେବଳ ୭୪ ହଜାର ୭୩୨ ଚାଷୀ କୋଡ ବା ଚାଷୀ କାର୍ଡ ରହିଛି । ପଟ୍ଟା ସମସ୍ୟାକୁ ନେଇ ଅନେକ ଚାଷୀ ଚାଷ କରୁଥିଲେ ମଧ ପଞ୍ଜୀକରଣ କରିପାରୁନଥିବା ବେଳେ ଚାଷୀଙ୍କ ଚାପରେ ପୁଣି ଏହାର ସରଳୀକରଣ କରାଯାଇଛି । ଏମିତିରେ ପୂର୍ବ ଭଳି ମନଇଚ୍ଛା ଚାଷୀ ପଞ୍ଜିକରଣ କରାଯାଉଥିବା ଅଭିଯୋଗ ହୋଇଛି । ଯାହାକି ଆସନ୍ତା ଖରିଫରେ ପୁଣି ସମସ୍ୟା ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି । ତେବେ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଚାଷୀଙ୍କ ଠିକ ଭାବେ ଯାଞ୍ଚ କରି ପଞ୍ଜୀକରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର

ସଇଁତଳା,୧୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ୍ ଡେଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱଳ୍ପ ସଂଚୟ ଜମା ସଚେତନତା ସମ୍ବନ୍ଧୀୟ ଆର୍ଥିକ ସାକ୍ଷରତା ଓ ଅର୍ନ୍ତଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଅଛି । ବଲାଙ୍ଗିରର ସଂଚୟ ଓ ଆର୍ଥିକ ସେବା ବିଭାଗ ର ଭାରପ୍ରାପ୍ତ ସହନିର୍ଦ୍ଦେଶକା ରଂଜିତା ପଟ୍ଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଡେଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଟିକେଶ୍ୱର ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟ ଡାକଘରର ସହାୟକ ସୁପରିଟେଣ୍ଡେଣ୍ଟ ଗିରିଧାରୀ ଧାମୁଡିଆ ଓ ଉଦ୍ୟୋଗ ନିର୍ବାହୀ ଅଧିକାରୀ ମହେଶ୍ୱର ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଶହ ଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଡିଜିଟାଲଫ୍ରଡ୍‌ରୁ କିପରି ରକ୍ଷା ପାଇବା ଓ ଆର୍ଥିକ କିପରି ସଚେତନ ହେବା ପାଇଁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଆରଡ଼ି ଏଜେଣ୍ଟ ମୁକେଶ ଅଗ୍ରୱାଲ ଓ ଅମିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ବଙ୍ଗୋମୁଣ୍ଡା,୧୮ ।୮ (ସମିସ): ବଙ୍ଗୋମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ,ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା,ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ ।୧୦୬ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଲୋକେ ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗକୁ ଦୃଷ୍ଟି ଆକର୍ଷଣ କରିଥିଲେ ।

## ସଇଁତଳାକୁ ଏନ୍‌ଏସି ମାନ୍ୟତା ଦାବି



ସଇଁତଳା,୧୮ ।୮ (ସମିସ): ରାଜ୍ୟ ସରକାର ରାଜ୍ୟର ୧୨ଟି ସ୍ଥାନକୁ ଏନ୍‌ଏସି କରିବା ପାଇଁ ଘୋଷଣା କରିଛନ୍ତି । ହେଲେ ସଇଁତଳାକୁ ଦୀର୍ଘଦିନରୁ ଏନ୍‌ଏସି ମାନ୍ୟତା ଦାବି ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ସଇଁତଳା ଏନ୍‌ଏସିରୁ ବାଦ ପଡ଼ିଛି । ଏ ନେଇ ସଇଁତଳା ସରପଞ୍ଚ ଓ ସଇଁତଳାବାସି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରି ଯଦି ଆଗାମୀ ପର୍ଯ୍ୟାୟରେ ସରକାର ସଇଁତଳାକୁ ଏନ୍‌ଏସିରେ ସାମିଲ ନ କରିଛନ୍ତି ସଇଁତଳାକୁ ବନ୍ଦ କରିବା ସହ ଆଗାମୀ ଦିନରେ ତିବ୍ର ଆନ୍ଦୋଳନ ହେବ ବୋଲି ସଇଁତଳା ସରପଞ୍ଚ ଚେତାବନୀ ଦେଇଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ୱାର୍ଡ ସଭ୍ୟ ବିକ୍ରମ ସା, ରଶ୍ମିରଞ୍ଜନ ସିଂ ଭୋଇ, ରମାକାନ୍ତ ପରାଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ● ଅଲଣ୍ଡାରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

# ୩୪୬ ଲୋକ ହେଲେ ଉପକୃତ



ବଙ୍ଗୋମୁଣ୍ଡା,୧୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅଲଣ୍ଡା ପଞ୍ଚାୟତ ପରିସରରେ ସରପଞ୍ଚ ନିବେଦିତା ବାଗ, ସୁଯଶ ହସ୍ପିଟାଲ ରାୟପୁର ଓ ପ୍ରେସ କ୍ଲବ କଣ୍ଟାବାଞ୍ଜି ସହଯୋଗରେ ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଯୋବନ ବାଗ, ସମ୍ମାନିତ ଅତିଥି ଅଲଣ୍ଡା ସରପଞ୍ଚ ନିବେଦିତା ବାଗ, ସମାଜସେବୀ ଯୁବରାଜ ବାଗ, ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ସଭାପତି ପ୍ରବଜିତ ସିଂହ ସାଲୁଜା ପ୍ରମୁଖ ଯୋଗ ଦେଇ ଥିଲେ ।ସକାଳ ୧୦ରୁ ଅପରାହ୍ନ ୨ ଟା ଯାଏ ଚାଲିଥିବା ଶିବିରର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସମୀର ମିତ୍ତଲ , ପେଟ ରୋଗ ବିଶେଷଜ୍ଞ ଡ଼ାକ୍ତର ଅଭିଷେକ ସିଂହ ଚନ୍ଦେଲ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିକିତା ଶ୍ରୀବାସ, ମେଡ଼ିସିନ ବିଶେଷଜ୍ଞ ଡାକ୍ତର ରମେଶ ବର୍ମା ଉପସ୍ଥିତ ରହି ରୋଗୀଙ୍କୁ ମାଗଣା ପରାମର୍ଶ ଦେଇଥିଲେ ।ଶିବିରରେ ୩୪୬ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା । ଶିବିରରେ ରକ୍ତଚାପ, ମଧୁମେହ, ଇସିଜି ଓ ଅନ୍ୟାନ୍ୟ ସେବା ଇତ୍ୟାଦି ନିଶୁଳ୍କ ପରୀକ୍ଷା କରାଯାଇଥିଲା । ଶିବିରରେ ଏସସିଡ଼ି ଚକ୍ଷୁ ଚିକିତ୍ସାଳୟ ଟିଟିଲାଗଡ ତରଫରୁ ଚକ୍ଷୁ ପରୀକ୍ଷା ମଧ କରାଯାଇଥିଲା । ଶିବିରକୁ ସଫଳ କରିବା ପାଇଁ ଅଲଣ୍ଡା ସରପଞ୍ଚ ନିବେଦିତା ବାଗ , ଯୁବରାଜ ବାଗ, ଅନିଲ ତ୍ରିପାଠୀ , ପରାମର୍ଶ ଦାତା ଆଶିଷ ଖେତାନ , ହନି ସିଂହ,ସୁବ୍ରତ ମହାକୁର, କେଦାର ବଡଜେନା, ଅମରେଶ ମାଝୀ, ପ୍ରମୋଦ ବେହେରା,ଦେବେଶ ଅଗ୍ରୱାଲ ଙ୍କ ସହ ପଞ୍ଚାୟତର ସମସ୍ତ କର୍ମଚାରୀ, ୱାର୍ଡ ମେମ୍ବର, ସ୍ୱେଚ୍ଛାସେବୀ ସଂଗଠନ ଆର୍ମି ଲୋବର୍, ଅଲଣ୍ଡା ଯୁଥ୍ କ୍ଲବ ,ଆଜାଦ କମିଟି, ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ ସମାଜସେବୀ ବଜରଙ୍ଗ ଅଗ୍ରୱାଲ ସହ ସୁଯଶ ହସ୍ପିଟାଲ୍ ରାୟପୁର ଭୂପେନ୍ଦ ସାହୁ, ଯୋବିନ ଜେଶଜି, ରାଜେନ୍ଦ୍ର ସାହୁ, ହରିଶ ଠାକରେ, ପ୍ରମୁଖ ଯୋଗ ଦେଇଥିଲେ । ଅଞ୍ଚଳବାସୀ ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ଓ ସରପଞ୍ଚ ନିବେଦିତା ବାଗଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

## କମୁନାହିଁ ବିସ୍ଥାପିତଙ୍କ ଦୁଃଖ

# ପାନୀୟ ଜଳ ପାଇଁ ମୁଖ୍ୟନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ବଲାଙ୍ଗିର,୧୮ ।୮ (ସମିସ): ମିଳିମିଶି ଗାଁରେ ରହୁଥିଲୁ । ଲୋୟର ସୁକତେଲ ପ୍ରକଳ୍ପ ପାଇଁ ଭିଟାମାଟି ଛାଡି ଅନ୍ୟତ୍ର ରହିଲୁ । ଗାଁରେ ଭାଇ ବନ୍ଧୁ ହୋଇ ଥିଲୁ କିନ୍ତୁ ଗାଁ ଛାଡି ଆସିବା ପରେ ଆମ ଆମ ଭିତରେ ଗାଁ ଓ ସହର ବିଭେଦ ସୃଷ୍ଟି କରାଯାଇଛି । ସହରୀଲୋକଙ୍କୁ ପାଣି ମିଳୁଛି କିନ୍ତୁ ଗାଁଲୋକଙ୍କୁ ପାଣି ନାହିଁ । ସହରୀଙ୍କୁ ସବୁ ସୁବିଧା କିନ୍ତୁ ଆମ ବେଳକୁ ପ୍ରଶାସନ ଲୁଚକାଳି ଖେଳ ଖେଳୁଛି । ଏହିଭଳି କିଛି ଅଭିଯୋଗ ନେଇ ସୋମବାର ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଥିଲେ ବିସ୍ଥାପିତ କଲୋନୀ ବ୍ଲକ୍ 'ଡି'ର ବାସିନ୍ଦା । ରହିବା ଦିନ ଠାରୁ ତାଙ୍କ ପାଇଁ କିଛି ସୁବିଧା ନଥିବା ବେଳେ ପାନୀୟ ଜଳ ଯୋଗାଇବାରେ ମଧ ପ୍ରଶାସନ ଫେଲ ମାରିଥିବା ଅଭିଯୋଗ କରି କାର୍ଯ୍ୟାଳୟ ଘେରାଉ କରିଥିଲେ ।



ଅଭିଯୋଗ ଅନୁସାରେ ଲୋୟର ସୁକତେଲ ପ୍ରକଳ୍ପରେ ପ୍ରଭାବିତ ଗାଁମାନଙ୍କ ଭିତରେ ଖୁଣ୍ଟପାଲି ଅନ୍ୟତମ । ଏହି ଗାଁର ଲୋକମାନଙ୍କୁ ପ୍ରଶାସନ ବିସ୍ଥାପିତ କଲୋନୀ ବ୍ଲକ'ଡି'ରେ ଥଇଥାନ କରିଥିଲା । ଆବଶ୍ୟକ କ୍ଷତିପୂରଣ ଓ ଥଇଥାନ କରିଥିବା ବେଳେ ବର୍ତ୍ତମାନ ଏହି ବିସ୍ଥାପିତଙ୍କ ପାଇଁ ପାନୀୟ ଜଳ ଏକ ବଡ ସମସ୍ୟା ସାଜିଛି । ଲୋକଙ୍କ କହିବା ଅନୁସାରେ ବ୍ଲକ୍ 'ଡି'ର ଅଧା ପୌରାଞ୍ଚଳରେ ରହିଥିବା ବେଳେ ଆଉ ଅଧା ପଞ୍ଚାୟତରେ ରହିଛି । ପୌରାଞ୍ଚଳରେ ଥିବା ବିସ୍ଥାପିତମାନଙ୍କ ପାଇଁ ନିୟମିତ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ଅଧାଲୋକଙ୍କୁ ପଞ୍ଚାୟତ ଅଧିନରେ ଥିବା କହି ସେମାନଙ୍କୁ ପାନୀୟ ଜଳ ଯୋଗାଣ ହେଉନଥିବା ଅଭିଯୋଗ ହୋଇଛି । କେବଳ ଏତିକି ନୁହଁ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ମଧ ଠିକ ଭାବେ ଯୋଗାଇ ଦିଆଯାଇନଥିବା ଲୋକେ ଅଭିଯୋଗ କରିଛନ୍ତି ।

ତେବେ ଦୀର୍ଘ ଦିନ ହେଲା ଲାଗିରହିଥିବା ଏହି ସମସ୍ୟାର ସମାଧାନ ପାଇଁ ସୋମବାର ସଂପୃକ୍ତ ବସ୍ତିବାସିନ୍ଦାମାନେ ଲୋୟର ସୁକତେଲ ମୁଖ୍ୟ ନିର୍ମାଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ ।ତେବେ ସମସ୍ୟା ର ଶୀଘ୍ର ସମାଧାନ କରିବା ପାଇଁ ଲୋକେ ଦାବି କରିଛନ୍ତି ନଚେତ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ଚୋତବନୀ ଦେଇଛନ୍ତି ।

# ଟିଟିଲାଗଡ଼ ବରିଷ୍ଠ ନାଗରିକ ସଂଘର କମିଟି ଗଠନ

ଟିଟିଲାଗଡ଼,୧୮ ।୮ (ସମିସ): ସ୍ଥାନୀୟ ବରିଷ୍ଠ ନାଗରିକ ସଂଘର ନୂତନ କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଯାଇଛି । ସଭାପତି ଭାବେ ବୈରିଗଞ୍ଜନ ମିଶ୍ର,ଉପ ସଭାପତି ଭାବେ ଈଶ୍ୱର ଚନ୍ଦ ଜୈନ ଓ ଘିନୁ ଆଡ଼ୟୁଆଡ, ସଂପାଦକ ଭାବେ ଭିକାରୀ ଚରଣ ମିଶ୍ର,ସହ ସଂପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏବଂ କୋଷାଧକ୍ଷ ଭାବେ ଶିବ ଶଙ୍କର ବେହେରା ତଥା ସଭ୍ୟ ଭାବରେ ସର୍ବଶ୍ରୀ ଗୌରହରି ବେହେରା, ରତ୍ନାକର ସାହୁ, ଅନ୍ତର୍ଯ୍ୟାମୀ ସାହୁ,



ଅରବିନ୍ଦ ମେହେଟୋ,ସନ୍ତୋଷ କୁମାର ପଧାନ, ବୃନ୍ଦାବନ ଷଡ଼ଙ୍ଗୀ,ବିଜୟ କୁମାର ଜୈନ ନିର୍ବାଚିତ ହୋଇଛନ୍ତି । ଅନୁଷ୍ଠାନର ବରିଷ୍ଠ ସଭ୍ୟ ଡ଼.ଛାୟାକାନ୍ତ ଷଡ଼ଙ୍ଗୀ ଓ ପାଣ୍ଡବ କୁମାର ତ୍ରିପାଠୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ତୁଲାଇଥିଲେ ।ନିର୍ବାଚନ ପୂର୍ବରୁ ଅଧିବେଶନର ପ୍ରଥମାର୍ଦ୍ଧରେ ପୂର୍ବ ସଭାପତି ଡ.ଘନଶ୍ୟାମ ଜୈନ ଓ ବିଭିନ୍ନ ପଦାଧିକାରୀ ତଥା ସଭ୍ୟ ସାଂଗଠନିକ ବକ୍ତବ୍ୟ ରଖିଥିବା ବେଳେ ପୂର୍ବ କୋଷାଧକ୍ଷ ବୃନ୍ଦାବନ ଷଡ଼ଙ୍ଗୀ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ ।

## ରୋତ କଲେଜର ପ୍ରତିଷ୍ଠା ଦିବସ

ବଲାଙ୍ଗିର,୧୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ସୋମବାର ପ୍ରତିଷ୍ଠା ଦିବସ ଖୁବ୍ ଧୂମଧାମରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଲାଙ୍ଗିର ଉପଖଣ୍ଡର ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଆଲୋକ ରଞ୍ଜନ ପଟେଲ ମୁଖ୍ୟଅତିଥି ଓ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଧନଞ୍ଜୟ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ପରିଷଦର ମୁଖ୍ୟ ଅଧ୍ୟାପକ ଆର୍ଯ୍ୟେନ୍ଦୁ କୁମାର ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ




ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର ଓ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏନ୍‌ଏସ୍‌ଏସ୍, ଏନ୍‌ସିସି, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ । ଶେଷରେ ଇଂରାଜୀ ଅଧ୍ୟାପକ ମାନସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଲଷ୍ଟରସ୍ତରୀୟ ସମନ୍ୱୟ ବୈଠକ




ମୁରିବାହାଲ,୧୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ସମିତି ସଭାଗୃହରେ କ୍ଲଷ୍ଟରସ୍ତରୀୟ ଅସହାୟ ପ୍ରବାସୀ ଶ୍ରମିକ ସମସ୍ୟା ରୋକିବା ସମ୍ପର୍କିତ ତିନୋଟି ବ୍ଲକ୍ ମୁରିବାହାଲ, ବଙ୍ଗୋମୁଣ୍ଡା ଓ ଟିଟିଲାଗଡ଼ ବ୍ଲକର ବିଭିନ୍ନ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କାରଣରୁ ଅସହାୟ ଅବସ୍ଥାରେ ଦେଶାନ୍ତର ଦାଦନ ଶ୍ରମିକ ଯାଉଥିବା ଲୋକଙ୍କୁ ଏଥିରୁ ନିବୃତ୍ତ କରି ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ସହ ଥଇଥାନ କରିବା ଉପରେ ବୈଠକରେ ବିଶେଷ ଭାବେ ଗୁରୁତ୍ୱାରୋପ କରାଯାଇଛି । ଏହି ସମସ୍ୟାକୁ ରୋକିବା ପାଇଁ ହେଲେ ସବୁ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ସମ୍ବନ୍ଧିୟ ଆଲୋଚନା ହୋଇଥିଲା ।ବଲାଙ୍ଗିର ଜିଲ୍ଲା ପିଡି (ପିଡିଡିଆରଡ଼ିଏ) ତରଣୀସେନ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ବାସନ୍ତୀ ସେଠୀ, ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁର୍ଣ୍ଣାନନ୍ଦ ପଟେଲ,ଟିଟିଲାଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ, ଏମସି, ଏମଜିଏନଆରଇଜିଏସ ଅଶୋକ ସାହୁ, ଏପିଡି (ଆରଏଚ) ଅନନ୍ୟା ଦାସ, ପିଓ (ଡିଆରଡ଼ିଏ) ଖିରୋଦ ମିଶ୍ର, ଏଥିରେ ତିନୋଟି ବ୍ଲକର ଏଇ, ଏପିଓ ,ଏମଜିଏନ ଆର ଜିଏସ, ବିପିଏମ ,ଓଏଲଏମ, ଏବଂ ଏଏଚଓ, ରେଞ୍ଜ ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ସିଡିପିଓ,ଓଏଲଆଇସି, ବିଇଓ,ଜଳଛାୟା ଅଧିକାରୀ, ପଶୁଚିକିତ୍ସା ଅଧିକାରୀ, ବ୍ଲକ୍ ମତ୍ସ୍ୟ ଅଧିକାରୀ, ବ୍ଲକ ନିଯୁକ୍ତି ଅଧିକାରୀ, କ୍ଷୁଦ୍ର ଜଳସେଚନର ଏଇଇ ବିଏସଏସଓ,ବ୍ଲକ୍ କଲ୍ୟାଣ ଅଧିକାରୀ ଓ ସ୍ୱେଚ୍ଛାସେବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦେଓଗାଁ ଓ ଉପରଝରରେ ନୂଆଁଖାଇ ଭେଟ୍ ପାଇଁ ପ୍ରସ୍ତୁତି

ଦେଓଗାଁ,୧୮ ।୮ (ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କଳା ଓ ସଂସ୍କୃତି ସଂଘ ତରଫରୁ ଚନ୍ଦ୍ରପୁର ଆମ୍ରକାନନ ଠାରେ ନୂଆଁଖାଇ ଭେଟ ପାଳନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଲୋକକଳା ସଂସ୍କୃତି ସଂଘର ଉପସଭାପତି ସୁଦାମ ଚରଣ ବିଶିଙ୍କ ସଭାପତିତ୍ୱ ତଥା ଶରତ କୁମାର ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଭାବେ ବରିଷ୍ଠ କଳାକାର ବିଭୂ ଚରଣ ରଣା, ଶ୍ରୀବତ୍ସ ସାହୁ,ଯୌବନ ନନ୍ଦ,ଚିତ୍ର ସୁନା,ବିଷ୍ଣୁ ରଣା,ନିରଞ୍ଜନ ଦଣ୍ଡସେନା ଓ ଶୈଳବାଳା ନାଏକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିବା ବେଳେ ଚଳିତ ନୂଆଁଖାଇ ଭେଟ ଉତ୍ସବକୁ ଧୁମଧାମରେ ପାଳନ କରିବାପାଇଁ ମତପ୍ରକାଶ ପାଇବା ସହ ଏ ଅବସରରେ ବ୍ଲକର କରମସାନୀ,ପାଲା,ଘୁଡୁକା ନୃତ୍ୟ,ବଜନିଆ,ଦୁଲଦୁଲି,ଘୋଡାନାଚ ଆଦି ପ୍ରଦର୍ଶନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଶେଷରେ କଳାକାର ସୁରଥ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।ସେପରୀ ଉପରଝରରେ ଉତ୍କଳ କନ୍ଧ ସମାଜ ମାଝୀ ପ୍ରଗଣା ତରଫରୁ ନୂଆଁଖାଇ ଭେଟ ପାଇଁ ଉପରଝର ଠାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧୁରାମ ମାଝୀଙ୍କ ସଭାପତିତ୍ୱ ଓ ସମ୍ପାଦକ ରାଜେନ୍ଦ୍ର ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ୨୦ଟି ପଞ୍ଚାୟତର ସଭାପତି ମାନେ ଯୋଗ ଦେଇଥିଲେ ।

ଦଶପୁର ପଞ୍ଚାୟତ ସଭାପତି ସୁଦାମ ମାଝୀ, କରୁଲ ସଭାପତି ମୁଗିର ଭୂଏ,ଆଟଗାଁ ସଭାପତି ଅର୍ଜୁନ ଭୂଏ,ବରକାନୀ ସଭାପତି ଜଗଦିଶ କୁଅଁର,ପଥର୍ଲା ସଭାପତି ଅନ୍ତ କୁଅଁର, ଉଡାର ସଭାପତି କସ୍ୱନାଥ ଭୂଏ,ବୁବେଲ ସଭାପତି ମାକ୍ତ ପାତ୍ର, ସିକାଛିଡା ସଭାପତି ରାଧେଶ୍ୟାମ ଭୂଏ, ଘୁନସର ସଭାପତି ସତ୍ୟ ମାଝୀ, ଘୁଡକାପଲା ସଭାପତି ରବି ଝାଙ୍କର, କୁଲୁତାପଡା ସଭାପତି ଦିଲିପ କୁଅଁର ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପାଳନ ଉପରେ ମତପ୍ରକାଶ କରିଥିଲେ । ପରିଶେଷରେ ସ୍ଥାନୀୟ ପଞ୍ଚାୟତର ସଭାପତି ତର୍କଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଲପଡ଼ା କଲେଜରେ ଷ୍ଟାର୍ଟ ଅପ୍ ଇନୋଭେସନ୍ କାର୍ଯ୍ୟକ୍ରମ



ବେଲପଡା,୧୮ ।୮ (ସମିସ) ବେଲପଡା ପଞ୍ଚାୟତ ସେମିତି କଲେଜ ରେ ରସାୟନ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଅମୀୟ କୁମାର ବାବୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱ ରେ ପ୍ରାୟ ୫ଜଣ ଛାତ୍ରଛାତ୍ରୀ ଇନୋଭେସନ୍ ଧାରଣା ଉପରେ ବିଚାର ମଣ୍ଡଳୀଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ତଥା ସହ ସଂଯୋଜକ ରାଧେଶ୍ୟାମ ମେହେର,ସୁଦାମ ଚନ୍ଦ୍ର ମହାପାତ୍ର, ତନ୍ମୟ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମମୁଖ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଖରିଫ୍ ଫସଲରେ କୀଟନାଶକ ସିଞ୍ଚନ କରୁଛନ୍ତି ଚାଷୀ

## ଭିସୁଟ୍‌ରେ ବି.ଟେକ୍ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



ସମ୍ବଲପୁର, ୧୮।୮ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ରେ ୨୦୨୫ ବର୍ଷର ନୂଆ ବି.ଟେକ୍ ଶ୍ରେଣୀ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିସୁଟ୍ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

ଏହାପରେ ଦୀପ ପ୍ରଜ୍ୱଳନ ଓ ବିଶ୍ୱବିଦ୍ୟାଳୟ ଗୀତ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ନିଜ ଅଭିଭାଷଣରେ ନୂଆ ଛାତ୍ରଛାତ୍ରୀଙ୍କୁ ଆଗାମୀ ଯାତ୍ରା ପାଇଁ ପ୍ରେରଣା ଦେଇ କହିଲେ ଯେ, ଭିସୁଟ୍ କେବଳ ଏକ ଶିକ୍ଷାସଂସ୍ଥାନ ନୁହେଁ, ଏହା ହେଉଛି ଏକ ଉତ୍କର୍ଷର ଉତ୍ତରାଧିକାର, ଯାହା ଦଶକ ଦଶକ ପର୍ଯ୍ୟନ୍ତ ସ୍ୱପ୍ନକୁ ସାକାର କରିଛି। ଇଞ୍ଜିନିୟରିଂ କେବଳ ପାଠ୍ୟକ୍ରମରେ ସୀମିତ ନୁହେଁ, ଏହା ଜୀବନରେ ସମସ୍ୟାର ସମାଧାନ କରିବାର କଳା। ଭିସୁଟ୍ ତୁମମାନଙ୍କୁ କେବଳ ପେଶାଜୀବୀ କରିବନି ବରଂ ଜଣେ ଦାୟିତ୍ୱପୂର୍ଣ୍ଣ ନାଗରିକ ଭାବେ ପ୍ରସ୍ତୁତ କରିବ। ଏହାସହିତ କୁଳସଚିବ ପ୍ରଦୀପ ଡାଙ୍ଗ, ଡିନ୍ (ଏକାଡେମିକ ଏଫେୟାର୍ସ), ଡିନ୍ (ଷ୍ଟୁଡେଣ୍ଟସ୍ ଏଫେୟାର୍ସ), ପରୀକ୍ଷା ନିୟନ୍ତ୍ରକ ଓ ପ୍ରଫେସର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ନୂତନ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ୍ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ଭିସୁଟ୍‌ର ସମୃଦ୍ଧ ଐତିହ୍ୟ ଓ ପାରମ୍ପରିକତା ଉଲ୍ଲେଖ କରି ବକ୍ତାମାନେ କହିଲେ ଯେ, ୧୯୫୬ ମସିହାରୁ ଆରମ୍ଭ ହୋଇଥିବା ଏହି ସଂସ୍ଥାନ ଓଡ଼ିଶା ମାତ୍ର ନୁହେଁ, ସମଗ୍ର ଦେଶକୁ ଅସଂଖ୍ୟ ପ୍ରତିଭାଶୀଳ ଇଞ୍ଜିନିୟର ଦାନ କରିଆସିଛି। ଶେଷରେ କୋର୍ଡିନେଟର୍ (ଅକାଡେମିକ୍ସ) ଧନ୍ୟବାଦ ଅର୍ପଣ କରିଥିଲେ।

## ପାଠ ପଢ଼ିବା ପାଇଁ ସାହାଯ୍ୟ କଲା 'ସାଥୀ'



ସମ୍ବଲପୁର,୧୮।୮ (ସମିସ):ବାପ ଛେଉଣ୍ଡ ଜଣେ ଛାତ୍ରଙ୍କୁ ସ୍କୁଲ ଯିବା ଆସିବା ପାଇଁ ସାଇକଲ, ସ୍କୁଲ ବ୍ୟାଗ, ଡ୍ରେସ୍, ପାଣି ବୋତଲ, ସ୍କୁଲ ଜୋତା ଆଦି ପୂର୍ବତନ ଉପ ନଗରପାଳ ତଥା ସାଥୀ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ପ୍ରଦାନ କରିଛନ୍ତି। ଦଳେଇପଡା ସାଥୀ କାର୍ଯ୍ୟାଳୟରେ ପଟ୍ଟନାୟକ ପଡ଼ାର ଷଷ୍ଠ ଶ୍ରେଣୀ ଛାତ୍ର ଅମନ ଅଗ୍ରୱାଲଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଛି। ବାପା ବଞ୍ଚିଥିବା ବେଳେ ଯାହା ଯେମିତି ଚଳି ଯାଉଥିଲି ହେଲେ ଏବେ ଚଳିବା କଷ୍ଟକର ହୋଇପଡିଛି ବୋଲି ଅନିଲଙ୍କ ମା କହିଥିଲେ। ଅର୍ଥ ଅଭାବରୁ ସ୍କୁଲ୍ ଫିସ ଭରିବା ବି ସମ୍ଭବ ହୋଇ ପାରୁନଥିଲା। ପିଲାର ପାଠପଢ଼ା ବି ବନ୍ଦ ହେବା ଉପରେ ଥିଲା। କିଛି ଉପାୟ ନପାଇ ଅନିଲଙ୍କୁ ଧରି ତାଙ୍କ ମାଆ ସିଦ୍ଧାର୍ଥ ସାହାଙ୍କ ଦଳେଇପଡ଼ା କାର୍ଯ୍ୟାଳୟକୁ ଆସିଥିଲେ। ସମସ୍ତ କଥା ଶୁଣିବା ପରେ ଶ୍ରୀ ସାହା ସମସ୍ତ ସାମଗ୍ରୀ ଯୋଗାଇ ଦେଇଥିଲେ। ଅର୍ଥ ଅଭାବରେ କୌଣସି ପିଲାର ପାଠପଢ଼ାରେ ବାଧା ସୃଷ୍ଟି ନହେବ, ରୋଗୀର ପ୍ରାଣ ନଯିବ ସେଥିପାଇଁ ଆମେ ଯଥେଷ୍ଟ ସଚେତନ ରହିଛୁ ବୋଲି ଶ୍ରୀ ସାହା କହିଛନ୍ତି। ସାଥୀ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ସଚିନ ଅଗ୍ରୱାଲ ପିଲାର ଖାଦ୍ୟପେୟର ସୁବିଧା ନିମନ୍ତେ ୨୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥଲେ।

## ପଶ୍ଚିମ ଓଡ଼ିଶା ସୁଟିଂ ଚାମ୍ପିଅନସିପ୍‌ରେ ସମ୍ବଲପୁରକୁ ସଫଳତା

ସମ୍ବଲପୁର,୧୮।୮ (ସମିସ):ଝାରସୁଗୁଡାରେ ଆୟୋଜିତ ପ୍ରଥମ ପଶ୍ଚିମ ଓଡ଼ିଶା ଏୟାର ଓପନ ସୁଟିଂ ଚାମ୍ପିଅନସିପରେ ସମ୍ବଲପୁରର ଏମ୍.ଡି. ସାଜିଦ ରଜା ସିନିୟର ବର୍ଗର ୧୦ ମିଟର୍ ଏୟାର ରାଇଫଲ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ଓଡ଼ିଶା ରାଇଫଲ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଦ୍ୱିତୀୟ ଓଡ଼ିଶା ଷ୍ଟେଟ୍ ଓପେନ୍ ଚ୍ୟାମ୍ପିଅନସିପରେ ୨୨ ପିଷ୍ଟଲ୍ ମେନ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଆଗକୁ ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ଭାରତ ପାଇଁ ଓଲିମ୍ପିକ୍ ପଦକ ଆଣିବା ଲକ୍ଷ୍ୟ ରଖଥିବା କହିଛନ୍ତି।

## ଅଭିଯୋଗ ଆସୁଛି, ଫାଇଲ ଘୁଞ୍ଚୁନି

# କାମ ଦେଲାନି ଧମକ, ଅଷ୍ଟମ ଦିବସରେ ଆନ୍ଦୋଳନ



ସମ୍ବଲପୁର, ୧୮।୮ (ସମିସ): ଗତ ୧୧ ତାରିଖ ସୋମବାରଠାରୁ କାର୍ଯ୍ୟାଳୟ ଛାଡ଼ି ରାଜରାସ୍ତାରେ ବସିଛନ୍ତି ରାଜସ୍ୱ ଅମଲା। ସପ୍ତାହର ଅନ୍ୟଦିନ ମାନଙ୍କରେ ବିଭିନ୍ନ ଅଭିଯୋଗ ଆସୁଥିବାବେଳେ ସୋମବାର ଅଭିଯୋଗ ପ୍ରକୋଷ୍ଠ ହେଉଥିବାରୁ ବେଶୀସଂଖ୍ୟକ ଅଭିଯୋଗ ଆସିଥାଏ। ଅଭିଯୋଗ ମାଳମାଳ କିନ୍ତୁ ଫାଇଲ ଘୁଞ୍ଚୁନି। ସରକାରୀ କାର୍ଯ୍ୟାଳୟରେ କେବଳ ଅଧିକାରୀମାନେ ବସି ରହିଛନ୍ତି। ସବୁଆଡ଼େ କାମ ଠପ୍ ହୋଇଗଲାଣି। ୧୨ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ନୋଟିସର ତିଳେମାତ୍ର ପ୍ରଭାବ ପଡ଼ିନାହିଁ। ଦାବିପୂରଣ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ଜାରି ରହିଛି। ସମ୍ବଲପୁର କଲେକ୍ଟୋରେଟ୍ ସମ୍ମୁଖ ସହ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ଏବଂ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ଅମଲାମାନେ ଧାରଣାରେ ବସିଛନ୍ତି। ସରକାରୀ ଧମକକୁ ଖାତିର ନାହିଁ, ସେମାନଙ୍କ ଦାବିପୂରଣରେ ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ ହେଉଛି।

ଉଲ୍ଲେଖଯୋଗ୍ୟ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୩୦୪୩୧ ତା ୧୨ ଅଗଷ୍ଟ ୨୦୨୫ ଅନୁଯାୟୀ, ରାଜସ୍ୱ କର୍ମଚାରୀଙ୍କୁ ଛୁଟି ନଦେବାକୁ କୁହାଯାଇଛି। ଏହାସହ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ଅନଧିକୃତ ଛୁଟି ସକାଶେ ଦରମା ଅଟକାଇବାକୁ ନିର୍ଦ୍ଦେଶ ରହିଛି। କର୍ମଚାରୀଙ୍କ ଅନଧିକୃତ ଅନୁପସ୍ଥିତି ସମୟ ଅବଧିକୁ ସର୍ଭିସ୍ ବୁକ୍‌ରେ ବ୍ରେକ୍ ଇନ୍ ସର୍ଭିସ ଭାବେ ରେକର୍ଡ କରିବାକୁ କୁହାଯାଇଛି। ପୁଣି ସର୍ଭିସ ଓ କଣ୍ଡକ୍ଟ ରୁଲ୍ ଉଲଙ୍ଘନ ସକାଶେ କର୍ମଚାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରୋକ୍ତ ପତ୍ରରେ ନିର୍ଦ୍ଦେଶ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମୂହ ଛୁଟି ବାତିଲ କରି କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ତାହା ପ୍ରଭାବହୀନ ହୋଇପଡ଼ିଛି। ରାଜସ୍ୱ ଅମଲାଙ୍କ ପ୍ରମୁଖ ଦାବି ମଧ୍ୟରେ ରହିଛି ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଅ।ଆର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେଭେଲ୍ -୯କୁ ବୃଦ୍ଧି ଏବଂ ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ।

**ଜମନକିରା:** ଅଷ୍ଟମ ଦିନରେ ଓଡିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ। ଜମନକିରାରେ ରାଜ୍ୟ ସଂଘର ନିର୍ଦ୍ଦେଶ ଅନୁଯାୟୀ ଗତ ୧୧ ତାରିଖ ଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ମାନେ ସାମୂହିକ ଛୁଟିରେ ରହି ଆନ୍ଦୋଳନ ଜାରି ରଖିଛନ୍ତି। ସାରା ରାଜ୍ୟରେ ପ୍ରାୟ ୧୦ ହଜାର ରୁ ଊର୍ଦ୍ଧ୍ୱ ଅମଲା ମାନେ କଲମ ଛାଡ ଆନ୍ଦୋଳନରେ ସାମିଲ ହୋଇଥିବାରୁ ରାଜସ୍ୱ କାର୍ଯ୍ୟ ସଂପୂର୍ଣ୍ଣ ଠପ ହୋଇଯାଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଆଖିରେ ରଖି ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗ ଦେବାକୁ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଥିଲେ ମଧ ତାହାକୁ ଭ୍ରୂକ୍ଷେପ କରି ନାହିଁ ସଙ୍ଘ। ସମସ୍ତ ରାଜସ୍ୱ ଅମଲାଙ୍କ ଛୁଟି ବାତିଲ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଦିଆଯାଇ ଥିବା ବେଳେ ତଦନୁଯାୟୀ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ କେତେକ ଜିଲ୍ଲାପାଳ ମଧ୍ୟ ରାଜସ୍ୱ ଅମଲା ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଧମକରେ ଡରିବାର ନାହିଁ, ଦାବି ପୂରଣ ନହେଲେ କାର୍ଯ୍ୟରେ ଯୋଗ ଦେବାର ନାହିଁ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନ, ସୌମିତ୍ର ସାହୁ, ତରୁଣକାନ୍ତ ପଧାନ, ପ୍ରେମୀ ଧନୱାର, ପ୍ରକାଶ ମିର୍ଦ୍ଧା, ସରୋଜ ଷଣ୍ଢ, ଦିପକ ମିର୍ଦ୍ଧା, ପ୍ରଭାତ ଗୁରୁ, ଆଲୋକ ପ୍ରଧାନ ଓ ନିଶିଥ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



## ପାୱାର କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ରାଉଡ଼ିଗିରୀ ପାଇଁ ମାରି ମହାନଦୀକୁ ଫିଙ୍ଗିଦେଲେ

ସମ୍ବଲପୁର,୧୮।୮ (ସମିସ):ଗତ ୯ ତାରିଖରେ ବୁର୍ଲା ବଡ଼ସିଙ୍ଘାର ପାୱାର କେନାଲରୁ ଏକ ମୃତ ଦେହ ଠାବ ହୋଇଥିଲା। ଏହି ଘଟଣାର ପୁଲିସ ପର୍ଦ୍ଦାଫାଶ କରିଛି। ଏହା ଏକ ଆତ୍ମହତ୍ୟା ନୁହେ, ଯୋଜନାବଦ୍ଧ ଭାବେ ହତ୍ୟା ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ମୃତ ବାବୁ ଯାଦବଙ୍କୁ ହତ୍ୟା କରିବାରେ ୪ ଜଣଙ୍କର ସମ୍ପୃକ୍ତ ଥିବା ସୂଚନା ଦେଇଛନ୍ତି। ରାଉଡିଗିରି ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଜଣପଡ଼ିଛି। ଏହି ଘଟଣାରେ କ୍ଷେତରାଜପୁର ଥାନା ପୁଲିସ ଦଲଦଲିପଡ଼ାର କରନ ଯୋଶୀ ଓରଫ ନାନୁ(୨୩), ଜଗଦୀଶ ରୋହିଦାସ ଓରଫ ପାକଲୁ(୨୮), ଅର୍ଜୁନ ଯୋଶୀ(୨୫) ଓ ସାନନ୍ଦା ରୋହିଦାଶ ଓରଫ ତିଆନ(୨୦)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ହତ୍ୟା ପାଇଁ ବ୍ୟବହୃତ ଛୁରି, ଲୁହା ରଡ଼ ଓ ମୋବାଇଲ ଜବତ କରିଛି। ଏହାସହ ଶବ ବୋହିବା ପାଇଁ ବ୍ୟବହାର ହୋଇଥିବା ଗାଡ଼ି(ଓଡି୧୫ୟୁ୭୨୦୫)କୁ ମଧ୍ୟ ପୁଲିସ ଜବତ କରିଛି। ସୂଚନା ଅନୁସାରେ ଗତ ୯ ତାରିଖରେ ବୁର୍ଲା ପାୱାର କେନାଲରୁ ଦଲଦଲିପଡ଼ାର ବାବୁ ଯାଦବର ମୃତଦେହ ବୁର୍ଲା ପୁଲିସ ଉଦ୍ଧାର କରିଥିଲା। ସେପଟେ ୧୩ ତାରିଖ ବାବୁଙ୍କ ପରିବାର ନିଖୋଜ ଥିବା କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ପରେ ଉକ୍ତ ଶବକୁ ପରିବାର ଲୋକ ଚିହ୍ନଟ କରିଥିଲେ।

### ୪ ଜଣ ଗିରଫ, ବ୍ୟବହୃତ ଛୁରି, ଲୁହା ଛଡ଼ ଓ ଗାଡ଼ି ଜବତ

ପାୱାର କେନାଲରୁ ଉଦ୍ଧାର ପରେ ଶରୀରରେ କ୍ଷତ ଚିହ୍ନ ଥିବାରୁ ପୁଲିସ ହତ୍ୟା ସନ୍ଦେହ କରି ତଦନ୍ତ ଜାରି ରଖିଥିଲା। ପୁଲିସ ସୂଚନା ଅନୁସାରେ ବାବୁ ସବୁବେଳେ ରାଉଡିଗିରି କରୁଥିଲା। ଘଟଣାର ୨୦ରୁ ୨୫ ଦିନ ପୂର୍ବରୁ ବାବୁ ଅଭିଯୁକ୍ତ କରନଙ୍କୁ ୧୦ ହଜାର ଟଙ୍କା ଦାଦାଗିରି କରି ମାଗିଥିଲା। ଟଙ୍କା ନଦେବାରୁ ଗାଳି ଗୁଲଜ ସହ ଧମକ ମଧ୍ୟ ଦେଇଥିଲା। ପରେ ଗତ ୫ ତାରିଖରେ ଟଙ୍କା ପାଇଁ କରନକୁ ମାଡ଼ ମାରି ହାତ ଭାଙ୍ଗିଦେଇଥିଲା। ଏହାର ପ୍ରତିଶୋଧ ପରାୟଣ ହୋଇ କରନ ତା ସହଯୋଗୀ ଜଗଦୀସକୁ କହିଥିଲା। ତେଣୁ ୫/୬ ତାରିଖ ରାତି ୧୧ ଟାବେଳେ ଉଭୟ ଅଭିଯୁକ୍ତ ବାବୁକୁ ଶୀତଳବନ୍ଧକୁ ଡାକିଥିଲେ। ସେଠାରେ କରନ ଲୁହା ଛଡ଼ ଦ୍ୱାରା ବାବୁର ମୁଣ୍ଡକୁ ଆକ୍ରମଣ କରିଥିଲା। ତଳେ ପଡ଼ିଯିବାରୁ ଜଗଦୀସ ଛୁରିରେ ବେକ ଓ ଅନ୍ୟାନ ସ୍ଥାନରେ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ବାବୁର ମୃତ୍ୟୁ ହୋଇଥିଲା। ପାଖ ବୁଦାରେ ପକାଇ ସେଠାରୁ ଫେରାର ହୋଇଯାଇଥିଲେ। ୨ ଦିନ ପରେ ଉଭୟ ଅଭିଯୁକ୍ତ ଶବକୁ ଅନ୍ୟତ୍ର ଫିଙ୍ଗିବା ନେଇ ଅର୍ଜୁନ ଓ ସାନନ୍ଦାକୁ କହିଥିଲେ। ତେଣୁ ୯ ତାରିଖ ଭୋର ରାତି ୩ଟା ବେଳେ ମହେନ୍ଦ୍ରା ସୁପ୍ରା ଗାଡ଼ିରେ ଲୋଡ କରି ନେଇଥିଲେ। ବୁର୍ଲା ପିସି ବ୍ରିଜ ମହାନଦୀରେ ଭସାଇ ଦେଇଥିଲେ। ବାବୁର ଦବଙ୍ଗଗିରି ବ୍ୟବହାର ପାଇଁ ସମସ୍ତ ଅଭିଯୁକ୍ତ ଅତିଷ୍ଠ ହୋଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



## ପାନ ଦୋକାନୀଙ୍କୁ ଛୁରା ମାଡ଼, ଜଣେ ଗିରଫ

ଜମନକିରା,୧୮।୮ (ସମିସ): ଜମନକିରା ଥାନା ଥପ୍ପାପଡା ଛକରେ ପାନ ଦୋକାନ ଦେଇଥିବା ସୁମିତ ବଛା(୩୫)ଙ୍କୁ ଛୁରା ମାଡ ହୋଇଥିବା ଅଭିଯୋଗ ହୋଇଛି। ଛୁରା ମାଡ କରିଥିବା ଅଭିଯୁକ୍ତ ହେଲେ ଶାସନ ଥାନା ଭାଗିପାଲି ଗାଁର ଚନ୍ଦନ ମଗର(୨୬)। ସୋମବାର ଅପରାହ୍ନରେ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ପୁଲିସ ଦୁଇଟି ବାଇକ ନଂ-ଓଡି ୧୫ଏକ୍ସ-୪୦୩୪,ଓଡି ୧୫-ଏମ ୭୨୫୧,ବ୍ୟବହୃତ ଛୁରି ଓ ଗୋଟିଏ ମୋବାଇଲ ଜବତ କରିଛି।



ସୂଚନାଯୋଗ୍ୟ ଯେ, ସୋମବାର ସକାଳ ପ୍ରାୟ ୯.୩୦ରେ ଥପ୍ପାପଡାଛକରେ ଥିବା ସୁମିତଙ୍କ ପାନ ଦୋକାନକୁ ଟିକ୍ରାପଡା ଗାଁର ରାଜୁ ମହାନନ୍ଦ, ପୁଟିବନ୍ଧ ଗାଁର ଅମିଲୁ ମହାନନ୍ଦ, ମୁଡେନପାଲି ଗାଁର ଅଜିତ ଗରଡିଆ ଓ ଚନ୍ଦନ ମଗର ଦୁଇଟି ବାଇକରେ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଛୁରାରେ ସୁମିତଙ୍କୁ ଆକ୍ରମଣ କରିଥିଲେ। ଛୁରାମାଡରେ ସୁମିତଙ୍କ ହାତ ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି। ସୁମିତ ଙ୍କ ବାପା ନିତ୍ୟାନନ୍ଦ ପୁଅକୁ ରକ୍ଷା କରିବା ପାଇଁ ଆସିଥିବାବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ହାତ ଓ ପିଚା ରେ ଆଘାତ ଲାଗିଛି। ବାପ ଓ ପୁଅର ଚିତ୍କାର ଶୁଣି ଗାଁ ଲୋକେ ଜମା ହେବା ଫଳରେ ଯୁବକମାନେ ବାଇକ ଛାଡି ଘଟଣାସ୍ଥଳରୁ ଫେରାର ମାରିଥିଲେ। ସୁମିତ ପୁଲିସକୁ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାସ୍ଥଳରୁ ଦୁଇଟି ବାଇକ, ବ୍ୟବହୃତ ଛୁରି ଓ ଗୋଟିଏ ମୋବାଇଲ ଫୋନ ଜବତ କରିବା ସହିତ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ତଦନ୍ତ ଚଳାଇଛି।

## ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ପରିବେଶ ସଚେତନତା

ସମ୍ବଲପୁର, ୧୮।୮ (ସମିସ): ସମ୍ବଲପୁର ଜିଲ୍ଲା ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ନାଗରିକ ସମାଜ, ସମ୍ବଲପୁର ଆନୁକୂଲ୍ୟରେ ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ହୋତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସମାଜ ସଭାପତି ଅରବିନ୍ଦ ମହାପାତ୍ର, ସଂପାଦକ ପ୍ରଦୀପ ପଣ୍ଡା, ସଦସ୍ୟ ତାପସ ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ହରିନାରାୟଣ ପଣ୍ଡା ଯୋଗଦାନ କରି ସାଂପ୍ରତିକ ପରିବେଶର ଅସନ୍ତୁଳନ, ସୁସ୍ଥ ଜୀବନ ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା, ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଭୂମିକା ତଥା ପଲିଥିନ୍ ବ୍ୟବହାର ଦ୍ୱାରା ହେଉଥିବା ଏହାପରେ ଗତବର୍ଷ ବରିଷ୍ଠ ନାଗରିକ ସମାଜ ଦ୍ୱାରା ପ୍ରଦତ୍ତ ତଥା ରୋପଣ କରାଯାଇଥିବା ଚାରାର ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟାଳୟର ତିନିଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷର 'ବଞ୍ଚିବା ପାଇଁ ଗଛଟିଏ' କାର୍ଯ୍ୟକ୍ରମର ଅଂଶସ୍ୱରୂପ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ସମାଜ କର୍ମକର୍ତ୍ତାଙ୍କ ଦ୍ୱାରା ଚାରାରୋପଣ କରାଯାଇ ପୁନର୍ବାର ଛାତ୍ରଛାତ୍ରୀଙ୍କୁ ସେହି ବୃକ୍ଷମାନଙ୍କ ଯତ୍ନ ନେବାପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଚିତ୍ତରଞ୍ଜନ ପୂଜାରୀ ଧନ୍ୟବାଦ ଦେଇଥିଲେ।

## ଏସଡିସିଏ କ୍ରିକେଟ କପ ଉଦ୍‌ଘାଟିତ

# କ୍ୱାର୍ଟରରେ ରେଢାଖୋଲ ଓ ରାଇଜିଂ କ୍ଲବ୍ ବିଜୟ

ସମ୍ବଲପୁର,୧୮।୮ (ସମିସ):ସମ୍ବଲପୁର ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କମିଶନର୍ସ କଲୋନୀ ପଡିଆରେ ପ୍ରଥମ ଜୁନିଅର (୧୬ବର୍ଷ ଏବଂ ୧୯ବର୍ଷ) ବାଳକ ଏସଡିସିଏ କ୍ରିକେଟ ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଯାଇଛି। ସଂଘର ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉତ୍ସବରେ ଜିଲ୍ଲାର ପୁରୁଖା ଖେଳାଳି ତଥା ବିଶିଷ୍ଟ କ୍ରୀଡା ସଂଗଠକ ମହମ୍ମଦ ସବୀର ହୁସେନ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଓ କ୍ୟୁବସ କ୍ରିକେଟ କ୍ଲବ ରେଢାଖୋଲ ମଧ୍ୟରେ ହୋଇଥିଲା। ସ୍ପୋର୍ଟିଂ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ୱିକେଟ ବିନିମୟରେ ୭୬ ରନ ହାସଲ କରିବାରେ ସକ୍ଷମ ହୋଇଥିଲା। ରେଢାଖୋଲ ଦଳ ୫ ଓଭର ୩ ବଲ ଖେଳି ୨ ୱିକେଟ ବିନମୟରେ ମ୍ୟାଚ୍ ଜିତିଥିଲା। ସେହିପରି ସୋମବାର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ଓ ଜେସିସିସି ମଧ୍ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେସିସିସି ଟସ୍ ଜିତି ବଲିଂ ଚୟନ କରିଥିଲା। ରାଇଜିଂ ଷ୍ଟାର ୩୦ ଓଭର ଖେଳି ୭ ୱିକେଟ ବିନିମୟରେ ୩୦୯ ରନ ହାସଲ କରିଥିଲା। ଜେସିସିସି ୨୨ ଓଭର ୫ଟି ବଲ ଖେଳି ସମସ୍ତ ୱିକେଟ ହରାଇ ୮୪ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ରାଇଜିଂ ଷ୍ଟାର କ୍ଲବ ୨୨୫ ରନରେ ବିଜୟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଶ୍ୱେତ ଦାସ, ପୃଥ୍ୱୀରାଜ ବେହେରା, ବିଜୟ ରଞ୍ଜନ ଅଡେଇକଲମ, ଦୁଷ୍ମନ୍ତ ହୋତା, ରଣଜି ଟ୍ରଫି ଖେଳାଳି ଦେବବ୍ରତ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସଂଘର ସଭାପତି ସ୍ମୃତି ରଞ୍ଜନ ମହାପାତ୍ର, ଜିଲ୍ଲା କ୍ରୀଡ଼ାସଙ୍ଘର କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ, ଆଥଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କାଉନସିଲ ସଦସ୍ୟ ପଦ୍ମନାଭ ନାଏକ, ମନୋଜ ଭୋଇ, ମନୋଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଫୁଟବଲ ଖେଳାଳି ରାଜା ଚାନ୍ଦ ସଭା ପରିଚାଳନା କରିଥିଲେ।

## ବୋମାଲଇ ରାସ୍ତା କାର୍ଯ୍ୟର ଭୂମିପୂଜା

ସମ୍ବଲପୁର,୧୮।୮ (ସମିସ): ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଲପଙ୍ଗା ଠାରୁ ବୋମାଲୋଇ ପର୍ଯ୍ୟନ୍ତ ଦୀର୍ଘ ୮୦୦ ମିଟର ଦୂରତାର ରାସ୍ତା କାର୍ଯ୍ୟ ପାଇଁ ଭୂମିପୂଜା ହୋଇଛି। ଏହି ରାସ୍ତା ନିର୍ମାଣ ହେଲେ ୨ ଟି ପଞ୍ଚାୟତର ପ୍ରାୟ ୧୦ ହଜାର ଜନସାଧାରଣ ଉପକୃତ ହେବେ। ରାସ୍ତା ଦେଇ ପ୍ରତିଦିନ ଶତାଧିକ ଗାଡ଼ି ଗମନା ଗମନ କରୁଛନ୍ତି। ଉତ୍ତମ ରାସ୍ତା ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂମି ପୂଜା ଉତ୍ସବରେ ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଯୋଗଦେଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର କରିବା ପାଇଁ କହିଥିଲେ। ପାରିପାଶ୍ୱିର୍କ ଉନ୍ନୟନ ବିଭାଗ ମୁଖ୍ୟ ରବି ନିୱାଶ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ପରିଚାଳନା କରିଥିଲେ।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

# ଭକ୍ତି ସଙ୍ଗୀତ ରସରେ ବିଭୋର ହେଲେ ଶ୍ରଦ୍ଧାଳୁ

ସମ୍ବଲପୁର, ୧୮।୮ (ସମିସ) : ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମହିମା ପ୍ରଚାର କରିବାସହ ଶ୍ରଦ୍ଧାଳୁଙ୍କୁ ଭକ୍ତିରସ ଆସ୍ୱାଦନ ଦେବାପାଇଁ ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ "ଭଜନ ସନ୍ଧ୍ୟା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମା' ସମଲେଶ୍ୱରୀଙ୍କ ଭଜନ ପ୍ରସ୍ତୁତ କରି ଉପସ୍ଥିତ ଭକ୍ତମାନଙ୍କୁ ଭାବାବେଗରେ ଆନ୍ଦୋଳିତ କରିବାସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭଜନ ସନ୍ଧ୍ୟାରେ ଭକ୍ତ, ଶ୍ରଦ୍ଧାଳୁ, ସ୍ଥାନୀୟ ନାଗରିକ ଓ ସଙ୍ଗୀତପ୍ରେମୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି "ଭଜନ ସନ୍ଧ୍ୟା' ଆୟୋଜନ କରାଯିବ ବୋଲି ଶ୍ରୀ ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରକାଶ।



ଭଜନ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସହାୟକ ଏନ୍‌ଡାଉମେଣ୍ଟ କମିଶନର ବିକାଶ ଗୋଏଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ପାରମ୍ପରିକ ପ୍ରଥାନୁସାରେ ଦୀପ ପ୍ରଜ୍ୱଳନ ଓ ନଡ଼ିଆ ଭାଙ୍ଗି ଆରମ୍ଭ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ, ସନ୍ତୋଷ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ।

ସମବେତ ସଙ୍ଗୀତ ଘଁଟ୍ ବାଜୁଛେ ତୋର୍ ମନ୍ଦିରେ ମାଁ ସହ ଏକକ ଆରତ ତାରିଣୀ, ମାଁଗୋ ମୋର୍ ଇଷ୍ଟଦେବୀ, ଆଁଖି ମୁଜିଦେଲେ ଦିଶୁଛେ, ମାଁ ମାଁ ବଲି କେତେ, ନମୋ ନମୋ ମହାମାୟୀ, ମଖାଲି ସେନ୍ଦୁର, ସୁଖା ପତର ବୁଡ୍‌ଲା ଡଙ୍ଗା, ମନ୍ ସେମେଲର୍ ଛଏଁରା, ହଲିଝୁଲି ଆଗୋ ମାଁ, ମହମହ କିଆ କେତକି, ମହନୀ ମହନୀ, ହାଏ କୃଷ୍ଣ ହାଏ କୃଷ୍ଣ, ତରା କଇଁ ଚକା ଜହ୍ନ ଆଦି ଗୀତରେ ମନ୍ତ୍ରମୁଗ୍ଧ ହୋଇଥିଲେ ଉପସ୍ଥିତ ଶ୍ରଦ୍ଧାଳୁ। ତବଲା, ହାର୍ମୋନିଅମ, ଢୋଲ, ନିସାନ, ତାସା, କି-ବୋର୍ଡ ସହିତ ଭଜନ ଗାନ ମନ୍ଦିର ପ୍ରାଙ୍ଗଣରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁରର ପ୍ରସିଦ୍ଧ ସଙ୍ଗୀତଜ୍ଞ ଓ କଳାକାର ରତନ ପୂଜାରୀ, ବିଭୁତି ଭୂଷଣ ପଟ୍ଟନାୟକ, ଦେବାଶିଷ ପାଢ଼ୀ, ଦୁର୍ଗା ଦାଶ, ଡ.ମୋହିତ ସ୍ୱାଇଁ, କୃଷ୍ଣଚନ୍ଦ୍ର ବାଗ, ତ୍ରିଲୋଚନ ତ୍ରିପାଠୀ, ଶଶାଙ୍କ ଶେଖର ଦୁବେ, ଡଃ ଶ୍ୟାମ ସୁନ୍ଦର ଧର, ସୌମ୍ୟଜିତ୍ ବଡ଼ପଣ୍ଡା, ଅମୀର କ୍ଷିତିଶ, ସୁମିତ ପ୍ରଧାନ, ସିଲୁ ସିଂହଦେଓ, ହରି ବେରିହା, ସ୍ୱନ୍ଦନ ବେହେରା, ପଦ୍ମିନୀ ଦୋରା, ନୁପୁର ମଲ୍ଲିକ, ସୁମନ ମେହେର, ଲିପିକା ବିଭାର ପ୍ରମୁଖ କାର୍ଯ୍ୟକ୍ରମକୁ ଜୀବନ୍ତ କରିଦେଇଥିଲେ। ଭକ୍ତମାନଙ୍କ ଅନୁଯାୟୀ, ନିୟମିତ ଭାବେ ଏଭଳି ଆୟୋଜନ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଭକ୍ତିମୟ ପରିବେଶ ବଢ଼ାଇବା ସହିତ ଯୁବପିଢ଼ିଙ୍କୁ ସଙ୍ଗୀତ ଓ ଭକ୍ତିରେ ଆକର୍ଷିତ କରିବ। ସ୍ଥାନୀୟ ଶିଳ୍ପୀମାନଙ୍କ ସହଭାଗିତାରେ କାର୍ଯ୍ୟକ୍ରମ ସମ୍ବଲପୁରୀ ସଂସ୍କୃତିକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ ଯେ, ଗତ ୧୦ ତାରିଖ ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ଅଧକ୍ଷତାରେ ଟ୍ରଷ୍ଟ ସଦସ୍ୟ ଏବଂ ସମ୍ବଲପୁରର ସୁନାମଧନ୍ୟ ସଂଗୀତ ନିର୍ଦ୍ଦେଶକ, ଗାୟକ ତଥା କଳାକାର ମାନଙ୍କୁ ନେଇ ସମଲେଶ୍ୱରୀଙ୍କ ପୀଠରେ ଭଜନ ପରିବେଷଣ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ପ୍ରଥମେ ପ୍ରତି ମାସର ଦୁଇଟି ରବିବାର ସନ୍ଧ୍ୟାରେ ଏହି ଭଜନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ରେଙ୍ଗାଲି ଯୁଗ୍ମ ଶୁଣାଣିରେ ୪୬ ଅଭିଯୋଗ

ରେଙ୍ଗାଲି/ସମ୍ବଲପୁର, ୧୮।୮ (ସମିସ) : ରେଙ୍ଗାଲି ବ୍ଲକ ଗୁରୁପାଲି ନିକଟସ୍ଥ ହୀରାକୁଦ ଜଳଭଣ୍ଡାର ପାଶ୍ୱର୍ରେ ବେଆଇନ ଆସ୍‌ପଣ୍ଡକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହାବ୍ୟତୀତ ରେଙ୍ଗାଲି-ସପନେ ରାସ୍ତାରେ ଭାରୀଯାନ ଗୁଡ଼ିକ ଚଳାଚଳ ନିୟମ ଉଲଙ୍ଘନ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ଏବଂ ଆର୍‌ଟିଓ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆଜି ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ସୋମବାର ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୪୬ଟି ଆବେଦନ ଗ୍ରହଣ କରାଯାଇଥିବାବେଳେ ୩୮ ଟି ବ୍ୟକ୍ତିଗତ ଏବଂ ୮ ଟି ଗୋଷ୍ଠୀଗତ ସମସ୍ୟା ଥିଲା। ସେଠାରେ ୬ଟି ଅଭିଯୋଗ ତ୍ୱରିତ ସମାଧାନ କରାଯାଇଥିଲା। ଶିବିରରେ ରେଙ୍ଗାଲିବାସୀ ବିଭିନ୍ନ ଅଭିଯୋଗ କରିଥିଲେ। ତନ୍ମଧ୍ୟରେ ଅସମ୍ପୂର୍ଣ୍ଣ ରେଙ୍ଗାଲି ଷ୍ଟାଡିୟମ ନିର୍ମାଣ କାମ ସମ୍ପୂର୍ଣ୍ଣ କରାଯିବା, ଲଇଡ଼ା ସେବା ସମବାୟ ସମିତିକୁ ୟୁରିଆ ସାର ଯୋଗାଣ, ରେଙ୍ଗାଲି-ଝାରମୁଣ୍ଡା ରାସ୍ତା ସମସ୍ୟାର ସମାଧାନ, ଖିଣ୍ଡାରେ ପାନୀୟ ଜଳ ଯୋଗାଣ ସମସ୍ୟା, ରେଙ୍ଗାଲି ସହରର ଅସମ୍ପୂର୍ଣ୍ଣ ଡ୍ରେନ୍ କାମ ସମ୍ପୂର୍ଣ୍ଣ କରାଯିବା, ସମ୍ବଲପୁରରୁ ପରମାଣପୁର ଦେଇ ଲଇଡ଼ାକୁ ସିଟିବସ୍ ଚଳାଚଳ, ଲଇଡ଼ା ରାଜସ୍ୱ ନୀରିକ୍ଷକଙ୍କ ବଦଳି ପ୍ରତ୍ୟାହାର ଆଦି ବିଭିନ୍ନ ଦାବି ରହିଛି। ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମ୍ବଲପୁର ଜିଲ୍ଲାରେ ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ସହରକୁ ସ୍ଥାୟୀ ଓ ପରିବେଶ-ଅନୁକୂଳ ଯାନବାହନ ଚଳାଚଳ କରିବା ପାଇଁ ପ୍ରସ୍ତାବିତ କ୍ରୁଟ୍ ବସ୍ ଡିପୋ ପ୍ରକଳ୍ପର ସମୀକ୍ଷା କରିଥିଲେ।

# କଟକ ସିଟି



## 'ସକାଳ' ପ୍ରଭାବ; ଚେତିଲା ସ୍ୱାସ୍ଥ୍ୟ ବିଭାଗ

# ଏସ୍‌ସିବିରେ ପୁଣି ହେବ ଯକୃତ ପ୍ରତିରୋପଣ

କଟକ, ୧୮।୮ (ସମିସ)

ଗତବର୍ଷ ସେପ୍ଟେମ୍ବର ମାସରେ ବଡ ମେଡିକାଲରେ ଶେଷଥର ଯକୃତ ପ୍ରତିରୋପଣ କରାଯାଇଥିଲା। ଏହା ପରଠାରୁ ପ୍ରତିରୋପଣ ୟୁନିଟ ଏକ ପ୍ରକାର ଅଚଳ ହୋଇପଡ଼ିଥିଲା। ପ୍ରତିରୋପଣ ଆଶାରେ ରଖି କିଛି ରୋଗୀ ମୃତ୍ୟୁ ମୁଖରେ ପଡ଼ିବା ସହ ଯକୃତ ପ୍ରତିରୋପଣ ୟୁନିଟ ପୁନଃକାର୍ଯ୍ୟକ୍ଷମ ନେଇ 'ସକାଳ'ରେ ନିୟମିତ ଖବର ପ୍ରକାଶ ପାଇଥିଲା। ଏପରିକି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏକ ବର୍ଷ ପରେ ସ୍ୱାସ୍ଥ୍ୟ ବିଭାଗ ଚେତିବା ସହ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ଜାରି ରଖିବାକୁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଡିଏମଇଟି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ଯେଉଁଥିରେ ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱସ୍ତି ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଏଆଇଜି ସହ ପୁଣି ଥରେ ଏମଓୟୁ ସ୍ୱାକ୍ଷର କରାଯିବ। ପୁଣି ଥରେ ରୋଗୀଙ୍କ ସ୍କ୍ରିନିଂ ହେବା ସହ ପ୍ରତିରୋପଣ ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହେବ ସେ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

କୋଟିକୋଟି ଟଙ୍କା ବ୍ୟୟରେ କଟକ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ୟୁନିଟ ପ୍ରତିଷ୍ଠା ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ପରଠାରୁ ଉକ୍ତ ୟୁନିଟ ଏକପ୍ରକାର ଅକ୍ଷମ ହୋଇ ପଡ଼ିଛି। ପ୍ରତିରୋପଣ କରାଯିବା ତ ଦୂରର କଥା

**ସ୍ୱାସ୍ଥ୍ୟ ସଚିବଙ୍କ ସହ ଏଆଇଜି କର୍ତ୍ତୃପକ୍ଷଙ୍କ ଆଲୋଚନା**

**ପୁନଃସ୍ୱାକ୍ଷର ହେବ ଏମ୍‌ଓୟୁ କରାଯିବ ରୋଗୀଙ୍କ ସ୍କ୍ରିନିଂ**

**ସ୍ଥାୟୀ ଓ ଅଭିଜ୍ଞ ଡାକ୍ତର ନିଯୁକ୍ତି ଦିଗରେ ପ୍ରାଥମିକତା**

ୟୁନିଟ ଭିତରୁ ପର୍ଯ୍ୟାୟକ୍ରମେ ମେସିନ ଗାଏବ ହୋଇ ଚାଲିଛି। ଏପରିକି ପ୍ରତିରୋପଣ ଅପେକ୍ଷାରତ ରୋଗୀ ଜଣକ ପରେ ଜଣେ ଆଖି ବୁଜୁଛନ୍ତି। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରାଜ୍ୟ ସ୍ୱାସ୍ଥ୍ୟ ଜଗତ ପାଇଁ ଘଡିସନ୍ଧି ମୁହୂର୍ତ୍ତ ସୃଷ୍ଟି ହୋଇଥିଲା। ତେବେ ପ୍ରାୟ ଏକ ବର୍ଷ ପରେ ସ୍ୱାସ୍ଥ୍ୟ ବିଭାଗ ଏସସିବିରେ ପୁଣି ଥରେ ଯକୃତ ପ୍ରତିରୋପଣ ଆରମ୍ଭ କରିବା ଦିଗରେ ଦୃଷ୍ଟି ଦେଇଛି।

ଅତିରିକ୍ତ ଡିଏମଇଟି ଡାକ୍ତର ଉମାକାନ୍ତ ଶତପଥୀଙ୍କ କହିବା ଅନୁସାରେ, ଏଆଇଜି ସହ ଆଲୋଚନା ଫଳପ୍ରଦ ହୋଇଛି। ରାଜ୍ୟ ସରକାର ଏଆଇଜି ସହ ଯେଉଁ ଏମଓୟୁ ସ୍ୱାକ୍ଷର କରିଥିଲେ ତାହାର ଅବଧି ଶେଷ ହୋଇସାରିଛି। ଏଣୁ ପୁଣି ଥରେ ଏମଓୟୁ ସ୍ୱାକ୍ଷର କରାଯିବ। ପ୍ରତିରୋପଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ତେବେ ଏସ୍‌ସିବିରେ ଯକୃତ ପ୍ରତିରୋପଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ନଥିଲା ବୋଲି ଡାକ୍ତର ଶତପଥୀ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଆଜିର ବୈଠକ ପରେ ଏସସିବି ମେଡିକାଲରେ ଯକୃତ ପ୍ରତିରୋପଣ ପୁର୍ନବାର କାର୍ଯ୍ୟ କରିବା ନେଇ ଏଆଇଜି ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ଯକୃତ ପ୍ରତିରୋପଣ ଏକ ଦୀର୍ଘମିଆଦୀ ଚିକିତ୍ସା ପଦ୍ଧତି। ସ୍କ୍ରିନିଂ ଠାରୁ ଆରମ୍ଭ କରି ପ୍ରତିରୋପଣ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ରୋଗୀକୁ ନିରୀକ୍ଷଣରେ ରଖିଥାଏ। ହେଲେ ବଡ ମେଡିକାଲରେ ଏବେ ସେଭଳି ଡାକ୍ତରୀ ଦଳ ହିଁ ନାହିଁ। ଯେଉଁ ଡାକ୍ତରୀ ଦଳକୁ ଯକୃତ ପ୍ରତିରୋପଣ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା, ସେହି ଦଳ ମଧ୍ୟ ନିଷ୍କ୍ରିୟ। ବିଶେଷକରି ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତରୀ ଦଳର ଆବଶ୍ୟକତା ପୂରଣ କରିବାକୁ ଏଆଇଜି ପକ୍ଷରୁ ପରାମର୍ଶ ଦିଆଯାଇଛି।

### ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ୟମକୁ ପ୍ରଶଂସା

ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ରହିବା ଘଟଣାରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ଇତି ମଧ୍ୟରେ ପ୍ରତିରୋପଣ ପ୍ରକ୍ରିୟାକୁ ପୁର୍ନବାର ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱସ୍ତିଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି। ରାଜ୍ୟର ପ୍ରତ୍ୟେକ ରୋଗୀ କିପରି ଉନ୍ନତ ଚିକିତ୍ସା ସେବାରୁ ବଞ୍ଚିତ ନହେବେ ସେନେଇ ସମସ୍ତ ପ୍ରଚେଷ୍ଟା କରାଯାଉଛି ବୋଲି ସ୍ୱାସ୍ଥ୍ୟସଚିବ ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଥିଲେ। ଏପରିକି ଜଟିଳ ଯକୃତ ରୋଗରେ ଆକ୍ରାନ୍ତଙ୍କ ପ୍ରତିରୋପଣ ନିମନ୍ତେ ଦେଶର ଦୁଇ ପ୍ରତିଷ୍ଠିତ ହସ୍ପିଟାଲ ସହ ଆଲୋଚନା କରିବାଠାରୁ ଆରମ୍ଭ କରି ପ୍ରତିରୋପଣ ୟୁନିଟର ବିକାଶ ନିମନ୍ତେ ପଦକ୍ଷେପ ନେବା ଦିଗରେ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କୁହାଯାଉଛି।

## ଯୁବକଙ୍କୁ ଡିଜିଟାଲ୍ ଆରେଷ୍ଟ ଘଟଣାରେ ୩ ଗିରଫ



କଟକ, ୧୮।୮ (ସମିସ): ସାଇବର ଲୁଟେରାମାନେ ଜଣେ ଯୁବକଙ୍କୁ ଏକ ଭିନ୍ନ ଧରଣର ଡିଜିଟାଲ୍ ଆରେଷ୍ଟ କରି ୧କୋଟି ୯ଲକ୍ଷ ୪୬ହଜାର ଟଙ୍କା ଠକି ନେଇଛନ୍ତି। ଏହି ଘଟଣାକୁ ତଦନ୍ତ କରି ସାଇବର ଥାନା ପୁଲିସ ୩ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି। ଲୁଟେରାମାନେ ହେଲେ କୋଲକାତାର ବର୍ମା କୁସୱା(୨୧), ଦୀନେଶ ଖଣ୍ଡେଲୱାଲ୍(୫୬) ଏବଂ ଜୟକୁମାର ସ'(୩୨)। ଏମାନଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍, ୨ଟି ନକଲି ସିମ୍‌କାର୍ଡ, ୧୯ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ ଏବଂ ୪୦ଟି ବ୍ୟାଙ୍କ୍ ଆକାଉଣ୍ଟ୍ ଜବତ କରାଯାଇଛି। ଏଥି ସହିତ ୩ଲକ୍ଷ

**କୋଟିଏ ୯ ଲକ୍ଷ ଟଙ୍କା ଲୁଟି ନେଇଥିଲେ ସାଇବର ଠକ**

୧୭ହଜାର ଟଙ୍କା ଜମା ଥିବା ଏକ ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, କଟକର ଅଭିଯୋଗକାରୀ ଶଙ୍କରପ୍ରସାଦ ମିଶ୍ର ୯୮୯୮୦୫୩୨୭୭ନମ୍ବରରୁ ୨୦୨୪ ଡିସେମ୍ବର ୧୮ ତାରିଖରେ ଏକ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତିଜଣକ ନିଜକୁ ଟ୍ରାଇ(ଟେଲିକମ୍ ରେଗୁଲେଟାରୀ ଅଥରିଟି ଅଫ୍ ଇଣ୍ଡିଆ)ର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ନିଜ ନାମ ରାଜିବ୍ ସିହ୍ନା ବୋଲି କହିଥିଲେ। ଏହାପରେ ଶଙ୍କର କଣ ହେଲା ବୋଲି ପଚାରିବାରୁ ସେ କହିଥିଲେ ଯେ, ତୁମ ନାମରେ ଏକ ସାଇବର ଠକେଇ ମାମଲା ରୁଜୁ କରାଯାଇଛି। ତୁମେ ନକଲି ଆଧାରକାର୍ଡ ଦେଇ ସିମ୍ କାର୍ଡ ବ୍ୟବହାର କରୁଥିବା ଟ୍ରାଇ ଜାଣିବାକୁ ପାଇଛି। ଏହା ଶୁଣିବା ପରେ ଶଙ୍କର ଡରି ଯାଇଥିଲେ। ସିଧା ଏଭଳି କରିନଥିବା ପ୍ରକାଶ କରିଥିଲେ। ଏହାପରେ ଆଉ ଏକ ନମ୍ବରରୁ ତାଙ୍କ ହ୍ୱାଟର୍ସଆପ୍‌କୁ କଲ୍ ଆସିଥିଲା, କୋର୍ଟରେ ତାଙ୍କର ମାମଲା ବିଚାର କରାଯିବ। ସେ ଭିଡ଼ିଓ କଲ୍‌ରେ ରହିବାକୁ ଜଣେ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କୌଣସି ଉପାୟ ନପାଇ ଶଙ୍କର ଭିଡ଼ିଓ କଲ୍‌ରେ ରହିଥିଲେ। ଅନ୍ୟପଟେ କୋର୍ଟ ପରିସରରେ ଏହି ମାମଲା ବିଚାର କରାଯାଉଥିଲା। ବିଚାରପତି ମାମଲାକୁ ଶୁଣୁଥିବା ବେଳେ ଟ୍ରାଇ ପକ୍ଷରୁ ମାମଲାକୁ ଜଣେ ଆଇନଜୀବୀ ଲଢୁଥିଲେ। ଶଙ୍କରଙ୍କୁ ଜେରା କରାଯାଇଥିଲା। ଏହା ପରେ ସିବିଆଇ ଅଫିସରୁ ଆଉ ଏକ କଲ୍ ଆସିଥିଲା। ସେଥିରେ କୁହାଯାଇଥିଲା ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ଶଙ୍କର ନିଜର ବ୍ୟାଙ୍କ୍ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରି ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟ୍‌ରେ ଜମା ଥିବା ୧କୋଟି ୯ଲକ୍ଷ ୪୬ହଜାର ଟଙ୍କା ସାଇବର ଠକମାନେ ଠକି ନେଇଥିଲେ। କୌଣସି ଉପାୟ ନପାଇ ଶଙ୍କର କଟକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ଥାନା ପୁଲିସ ତଦନ୍ତ ଚଳାଇ ଆଜି ୩ଜଣ ସାଇବର ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ୩ ସାଇବର ଲୁଟେରାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## 'ଭାରତ ମସଲା' ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ




କଟକ, ୧୮।୮ (ସମିସ): ଭାରତ ମସଲା ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ବାରଙ୍ଗ ରାମଦାସପୁର ସ୍ଥିତ କମ୍ପାନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଭାରତୀୟ ନୌସେନାର ଅବସରପ୍ରାପ୍ତ କମାଣ୍ଡର ଏସଏନ ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତାରେ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏଥିରେ ଯୋଗଦେଇ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମରେ ସଂଘର୍ଷ କରିଥିବା ସଂଗ୍ରାମୀଙ୍କୁ ନମନ ଜଣାଇ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ନିର୍ଦ୍ଦେଶକ ଦିଗନ୍ତ ପଣ୍ଡା, ଜିଏମ ଅଶ୍ୱିନୀ ଦାସ, ଜିଏମ ଅପରେସନ ଅରୁଣ ନାୟକ, ଜିଏମ ପ୍ରଡ଼କ୍ସନ ନବକୃଷ୍ଣ ପ୍ରଧାନ, ପିଆରଓ ଆଶିଷ ମନ୍ଥନଙ୍କ ସମେତ କମ୍ପାନୀର କର୍ମଚାରୀ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା

## ମାଲକାନଗିରିରେ ଏସ୍‌ସିବିର ୭ ଡାକ୍ତର

କଟକ, ୧୮।୮ (ସମିସ): ଉପାନ୍ତ ଅଞ୍ଚଳରେ ବିଶେଷଜ୍ଞ ଡାକ୍ତରୀ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା' ଅଧୀନରେ କଟକ ଏସସିବି ମେଡିକାଲର ଏକ ସାତଜଣିଆ ଡାକ୍ତରୀ ଦଳ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ରୋଗୀମାନଙ୍କ ଚିକିତ୍ସା କରିଛନ୍ତି। ୧୮ ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ସୁପର ସ୍ପେଶାଲିଷ୍ଟ ଡାକ୍ତରମାନେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଜିଲ୍ଲାର ରୋଗୀଙ୍କ ଚିକିତ୍ସା କରିବେ। ଆଜି ପ୍ରଥମ ଦିନରେ କାର୍ଡିଓଲୋଜି, ନ୍ୟୁରୋଲୋଜି, ଗାଷ୍ଟ୍ରୋଏଣ୍ଟେରୋଲୋଜି, ଏଣ୍ଡୋକ୍ରାଇନୋଲୋଜି ଓ ନେଫ୍ରୋଲୋଜି ଭଳି ବିଭାଗର ୨୦୦ରୁ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇଛି। ଆସନ୍ତାକାଲି ୧୭ ଜଣଙ୍କର ସର୍ଜରୀ କରାଯିବାକୁ ସ୍ଥିର କରାଯାଇଛି। ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସସିବି ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜି ଆଭାଂଶ ଟଙ୍କ, ସିନିୟର ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରାଇନୋଲୋଜି ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର ଗାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜକୁମାର ମହାପାତ୍ର ପ୍ରମୁଖ ରହିଛନ୍ତି।



## ମହାତ୍ମା ଗାନ୍ଧୀଙ୍କ କୃଷ୍ଣାଶ୍ରମ ଆଗମନର ଶତବାର୍ଷିକୀ ପ୍ରସ୍ତୁତି



କଟକ, ୧୮।୮ (ସମିସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କଟକସ୍ଥିତ କୃଷ୍ଣାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ ଆୟୋଜନ କରାଯିବ। ୧୯୨୫ ଅଗଷ୍ଟ ୨୦ ତାରିଖରେ ଗାନ୍ଧିଜୀ ଏସିଆର ଏହି ବୃହତ କୃଷ୍ଣାଶ୍ରମ ଆସି ଅନ୍ତେବାସୀଙ୍କ ସେବା କରିବା ସହ ଜନସାଧାରଣଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ନିମନ୍ତେ ବାର୍ତ୍ତା ଦେଇ ପଦଯାତ୍ରା କରି ଫେରିଥିଲେ। ଏହି ଅଭୁଲା ସ୍ମୃତିର ସ୍ମାରକୀ ସ୍ୱରୂପ ଏକ ଶତ ବାର୍ଷିକୀ ସମାରୋହ କୃଷ୍ଣାଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସମେତ ବରିଷ୍ଠ ମନ୍ତ୍ରୀ, ସାଂସଦ, ବିଧାୟକ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଚୂଡାନ୍ତ ପ୍ରସ୍ତୁତି ସ୍ୱରୂପ ଆଜି ଅପରାହ୍ନରେ କଟକ ମହାନଗର ନିଗମ ଆୟୁକ୍ତ, କିରଣ ଦୀପ କୌର ସାହୋଟାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବିଜୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଦିଗରେ ଯତ୍ନବାନ ସହ ତଥା ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ପାଇଁ ବୈଠକରେ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ।

## ବାଇକ୍‌ରୁ ପଡ଼ି ମହିଳା ଗୁରୁତର

କଟକ, ୧୮।୮ (ସମିସ): ଲିଙ୍କରୋଡରେ ଆଜି ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ବାଇକରୁ ଗଳିପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ମହିଳା ଜଣକ ଏକ ବାଇକରେ ବସି ବାଦାମବାଡି ଅଭିମୁଖେ ଆସୁଥିଲେ। ତେବେ ଲିଙ୍କ୍‌ରୋଡ ନିଶାମଣି ସିନେମା ହଲ ସମ୍ମୁଖରେ ହଠାତ ବାଇକ ଚାଳକ ଜଣକ ବ୍ରେକ ମାରିଥିଲେ। ଏଥିଯୋଗୁଁ ବାଇକରେ ବସିଥିବା ମହିଳା ଜଣକ ଭାରସାମ୍ୟ ହରାଇ ତଳକୁ ଗଳିପଡ଼ିଥିଲେ। ଫଳରେ ମହିଳାଙ୍କ ମୁଣ୍ଡ, ମୁହଁ ସମେତ ଶରୀରର ଅନ୍ୟ ସ୍ଥାନରେ ଗଭୀର କ୍ଷତ ହୋଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି।

## ଶ୍ରୀ ମନ୍ଦିରର ଝାଞ୍ଜି ସେବକଙ୍କ ପରଲୋକ

କଟକ, ୧୮।୮ (ସମିସ): ପୁରୀ ଶ୍ରୀମନ୍ଦିରର ଝାଞ୍ଜି ସେବକ ଜନ୍ମେଜୟ ନରେନ୍ଦ୍ର ହରିଚନ୍ଦନ ମହାପାତ୍ରଙ୍କ କଟକ ଯୋବ୍ରା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଉଚ୍ଚଶିକ୍ଷିତ ହୋଇ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅଗାଢ ଭକ୍ତି ଯୋଗୁଁ ଦୀର୍ଘ ୫୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଶ୍ରୀମନ୍ଦିରରେ ପ୍ରତିଦିନ ଝାଞ୍ଜି ସେବା କରି ଆସୁଥିଲେ। ଶ୍ରୀ ମନ୍ଦିରରେ ଝାଞ୍ଜି ସେବା ସମାପ୍ତ କରି ପ୍ରତିଦିନ କଟକ ଶିଖରପୁର ସ୍ଥିତ ବୁଢାବାବାଙ୍କ ବିଦ୍ୟାନନ୍ଦ ଆଶ୍ରମ ଆସି ସେଠାରୁ ପୁଣି ସକାଳୁ ପୁରୀକୁ ଝାଞ୍ଜି ସେବା ପାଇଁ ଯାଉଥିଲେ। ସର୍ବତ୍ର ସେ ବ୍ରହ୍ମଚାରୀ ବାବା ଭାବେ ପରିଚିତ ଥିଲେ। ତାଙ୍କ ମରଶରୀରକୁ କଟକରୁ ଏକ ବିରାଟ ପଟୁଆରରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶ୍ରୀମନ୍ଦିର ରୋଷଶାଳାରୁ ଅଣାଯାଇଥିବା ଅଗ୍ନିରେ ସତ୍କାର କରାଯାଇଥିଲା। ସେ ଅବିବାହିତ ଥିବାରୁ ତାଙ୍କର ପୁତୁରା ବାବୁଲି ହରିଚନ୍ଦନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ପରଲୋକରେ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ମହଲରେ ଶୋକର ଛାୟା ଖେଳିଯାଇଛି।



## ଅଟୋରେ ଯୁବତୀଙ୍କୁ ଅସଦାଚରଣ; ଅଟୋ ଚାଳକ ଗିରଫ

କଟକ, ୧୮।୮ (ସମିସ): ଜଗତପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୁଲିସ ଆଜି ଜଣେ ଅଟୋ ଚାଳକଙ୍କୁ ଗିରଫ କରିଛି। ଜଗତସିଂହପୁର ଜିଲ୍ଲାର ୫୫ ବର୍ଷୀୟ ଚାଳକ ଜଣକ କଟକ ସିଆରଆରଆଇ ଥାନା ଅଞ୍ଚଳରେ ରହୁଥିଲେ। ଏହି ଘଟଣା ନେଇ ପୁଲିସ ତାଙ୍କୁ ଜେରା କରୁଥିବା ଜଣାପଡ଼ିଛି। ଅନ୍ୟପଟେ ଘଟଣାର ପ୍ରାୟ ଏକ ସପ୍ତାହ ପରେ ଏତଲା ଦିଆଯିବାକୁ ନେଇ ସନ୍ଦେହ ବଢ଼ିଛି। ଅଭିଯୋଗର ସତ୍ୟାସତ୍ୟ ଜାଣିବା ଲାଗି ପୁଲିସ ଘଟଣାସ୍ଥଳ ଆଖପାଖର ସିସିଟିଭି ଫୁଟେଜ ଓ ମୋବାଇଲର ଲୋକେସନ ଯାଞ୍ଚ କରୁଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଜଗତପୁର ଥାନା ଅନ୍ତର୍ଗତ ତରୋଳ ଗାଁର ୧୬ ବର୍ଷର ନାବାଳିକା ଜଣକ ଗତ ୮ ତାରିଖ ସକାଳ ୧୦ଟା ବେଳେ ଜଣେ ସାଙ୍ଗ ସହିତ ଡ୍ରେସ କିଣିବାକୁ ବାଦାମବାଡିକୁ ଆସିଥିଲେ। ଦିନ ପ୍ରାୟ ସାଢେ ୧୨ଟା ବେଳେ କିଣାକିଣି ସାରି ଦୁହେଁ ବାଦାମବାଡିରୁ ଏକ ଅଟୋ ଯୋଗେ ଘରକୁ ଫେରୁଥିଲେ। ଶିଖରପୁର ଦେଇ ଯାଉଥିଲା ବେଳେ ହଠାତ ନାବାଳିକାଙ୍କର ମୁଣ୍ଡ ବୁଲାଇଥିଲା। ତେଣୁ ସେ ଅଟୋ ଚାଳକଙ୍କୁ ଗାଡି ରୋକିବାକୁ କହିଥିଲେ। ନିକଟ ଦୋକାନରୁ ପାଣି ଆଣିବା ପାଇଁ ବାନ୍ଧବୀଙ୍କୁ ପଠାଇଥିଲେ। ବାନ୍ଧବୀ ପାଣି ଆଣିବାକୁ ଯିବା ବେଳେ ପୀଡିତାଙ୍କୁ ଏକୁଟିଆ ପାଇ ଅଟୋ ଚାଳକ ପଛ ସିଟକୁ ପଳାଇ ଆସିଥିଲେ। ମୁଣ୍ଡ ଚିପିଦେବା ବାହାନାରେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଅସୁସ୍ଥ ଥିବାରୁ ସେ ଏହାର ବିରୋଧ କରିପାରିଲେ ନାହିଁ। କିଛି ସମୟ ପରେ ପାଣି ନେଇ ବାନ୍ଧବୀ ଆସିବା ପରେ ନାବାଳିକା ସବୁକଥା କହିଥିଲେ। ଏହାପରେ ଦୁହେଁ ଅଟୋ ଚାଳକକୁ ଏହି କଥା ନେଇ ପଚାରିବାରୁ ଚାଳକ ଧମକଚମକ ଦେଇଥିଲା। ଏହା ପରେ ଦୁହେଁ ଅଟୋରୁ ଓହ୍ଲାଇ ପଳାଇଥିଲେ। ଘଟଣାର ପ୍ରାୟ ୮ ଦିନ ପରେ ପୀଡିତା ତାଙ୍କ ମାଆଙ୍କୁ ନେଇ ଆସି ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ପକସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି କ୍ରମରେ ପୀଡିତାଙ୍କର ସୋମବାର ବୟାନ ରେକର୍ଡ କରାଯାଇଛି। ଏହାପରେ ପୁଲିସ ମାମଲାରେ ସମ୍ପୃକ୍ତ ଅଟୋ ସହ ଚାଳକଙ୍କୁ ଧରିଆଣି ଥାନାରେ ଅଟକ ରଖିଛି। ଘଟଣା ନେଇ ପୁଲିସ ତଦନ୍ତ ଜାରି ରଖିଛି। ଅନ୍ୟପଟେ, ଉଭୟ ପୀଡିତା ଓ ତାଙ୍କର ବାନ୍ଧବୀ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସପ୍ତାହେ ଧରି ଚୁପ ରହିବା ପରେ ଥାନାରେ ଏତଲା ଦେବାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଶିଖରପୁର ଭଳି ଗହଳିପୂର୍ଣ୍ଣ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ବିଷୟରେ ରାସ୍ତାରେ ଯାଉଥିବା ଲୋକେ କିଭଳି ସାମାନ୍ୟତମ ସୁରାକ ପାଇଲେନାହିଁ କିମ୍ବା ପୀଡିତା ଓ ତାଙ୍କ ବାନ୍ଧବୀ କାହାକୁ ନ ଜଣାଇବାକୁ ନେଇ ପୁଲିସ ମଧ୍ୟ ସନ୍ଦେହ ଘେରର ରହିଛି। ତେଣୁ ପୁଲିସ ଆଇନ ଅନୁଯାୟୀ ପୀଡିତାଙ୍କର ବୟାନ ରେକର୍ଡ କରିବା ସହିତ ବୟାନ ଆଧାରରେ ଅଟକ ବ୍ୟକ୍ତିଙ୍କୁ ପଚରାଉଚରା ଏବଂ ଘଟଣାସ୍ଥଳର ସିସିଟିଭି ଫୁଟେଜ ଆଣି ଯାଞ୍ଚ କରୁଛି। ତତ୍‌ସହିତ ପୀଡିତା ଓ ଅଟକ ବ୍ୟକ୍ତିଙ୍କର ମୋବାଇଲ ଲୋକେସନ ଯାଞ୍ଚ କରୁଥିବା ସୂଚନା ମିଳିଛି।

**ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କଲା ପୁଲିସ**

**ଘଟଣାର ସପ୍ତାହ ପରେ ଏତଲା ନେଇ ସନ୍ଦେହ**

**ପୀଡ଼ିତାଙ୍କ ବୟାନ ରେକର୍ଡ**

# ଜଗତପୁର ଶିଳ୍ପାଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

କଟକ, ୧୮।୮ (ସମିସ)

ଜଗତପୁର ଶିଳ୍ପାଞ୍ଚଳରେ ଭୁଶୁଡି ପଡ଼ିଛି ଆଇନଶୃଙ୍ଖଳା ପରିସ୍ଥିତି। ଶିଳ୍ପାଞ୍ଚଳରେ ଚୋରି ବଢ଼ିବା ସହ ଅପରାଧୀ ମାତିଛନ୍ତି। ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି ଶିଳ୍ପାଞ୍ଚଳ। ଏଠାରେ ଥିବା ବସ୍ତି ନିକଟସ୍ଥ ପାନ ଓ ଚାହା ଦୋକାନରେ ନିଶାଦ୍ରବ୍ୟ ବିକ୍ରି ହେବା ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଫଳରେ ଶିଳ୍ପୋଦ୍ୟୋଗୀ ଓ ଶ୍ରମିକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଜଗତପୁର ଥାନାରେ ଶିଳ୍ପୋଦ୍ୟୋଗୀଙ୍କ ପକ୍ଷରୁ କ୍ରମାଗତ ଚୋରି ହେଉଥିବା ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ନେଉନି ପଦକ୍ଷେପ। ଡିସିପିଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନି। ଏଥିନେଇ ଶିଳ୍ପୋଦ୍ୟୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଓଡ଼ିଶା ଶିଳ୍ପ ସଂଘ ଫେରାଦ ହେବ ବୋଲି ଅଧ୍ୟକ୍ଷ ଅବନୀ କାନୁନଗୋ କଡ଼ା ଚେତାବନୀ ଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ଜଗତପୁର ନୂଆ ଶିଳ୍ପାଞ୍ଚଳରେ ୫୫୦ ଶିଳ୍ପ ସଂସ୍ଥା ରହିଥିବା ବେଳେ ପୁରୁଣା ଶିଳ୍ପାଞ୍ଚଳରେ ୫୦ଟି ଶିଳ୍ପ ସଂସ୍ଥା ଚାଲୁଛି। ବିଭିନ୍ନ ପ୍ରକାରର ଉତ୍ପାଦ ଏଠାରେ ପ୍ରସ୍ତୁତ ହେଉଛି। ୧୫ ହଜାର ଶ୍ରମିକ କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରୁ ୫ ହଜାର ମହିଳା ଶ୍ରମିକ ଅଛନ୍ତି। ବିଭିନ୍ନ ଟିକସ ବାବଦରେ ସରକାରଙ୍କୁ ପାଖାପାଖି ୫ ଶହ କୋଟି ଟଙ୍କାରୁ ଅଧିକ ଅର୍ଥ ଶିଳ୍ପୋଦ୍ୟୋଗୀମାନଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ହେଲେ ଏହି ସର୍ବପୁରାତନ ଓ ବୃହତ୍ତମ ଶିଳ୍ପାଞ୍ଚଳର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଅସାମାଜିକ ବ୍ୟକ୍ତିମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଚୋର ଦଳ ଶିଳ୍ପସଂସ୍ଥାରୁ ନିର୍ବିଘ୍ନରେ ଚୋରି କରିଚାଲିଛନ୍ତି। ଆର.କେ. ଫୁଡ୍ସରୁ ଗତ ଏକ ବର୍ଷ ମଧ୍ୟରେ ୩ ଥର ଚୋରି ହୋଇଛି। ଏହି ସଂସ୍ଥାରୁ ଲକ୍ଷାଧିକ ଟଙ୍କା ଚୋରି ହେବା ସମ୍ପର୍କରେ ଜଗତପୁର ଥାନାରେ ଏଫଆଇଆର ହୋଇଥିଲେ ମଧ୍ୟ ପୁଲିସ ସମ୍ପୂର୍ଣ୍ଣ ଟଙ୍କା ଜବତ କରିପାରି ନାହିଁ। ସେହିଭଳି ଔଷଧ ପ୍ରସ୍ତୁତକାରୀ ସଂସ୍ଥା ୟୁନିଭର୍ସାଲ କେମିକାଲ୍ସରୁ ଲୁହା ରଡ ଓ ବାର ଚୋରି ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ଏ ସଂକ୍ରାନ୍ତରେ ଜଗତପୁର ଥାନାରେ ଅଭିଯୋଗ କରାଯିବା ସହ ସିସିଟିଭି ଫୁଟେଜ ଦିଆଯାଇଥିଲେ ମଧ୍ୟ ପୁଲିସ ଅଭିଯୋଗ ଗ୍ରହଣ କରି ନାହିଁ। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତ ଖୁଲମଖୁଲା ବୁଲୁଥିଲେ ମଧ୍ୟ ପୁଲିସ ତାକୁ ଗିରଫ କରୁନାହିଁ। ଫ୍ରଷ୍ଟି ଆଇସକ୍ରିମ ସଂସ୍ଥାର କର୍ମଚାରୀ ଲକ୍ଷାଧିକ ଟଙ୍କା କଲେକ୍ସନ କରି ଗାୟବ କରିଥିଲେ ମଧ୍ୟ ପୁଲିସ ତାକୁ ଧରିବାରେ ସକ୍ଷମ ହୋଇପାରି ନାହିଁ। ପୁନଶ୍ଚ ପ୍ରଗତି ମିଲ୍କ ସଂସ୍ଥାରୁ ୪ଟି ବାଇକ ଚୋରି ହୋଇଛି। ପୁଲିସକୁ ସିସିଟିଭି ଫୁଟେଜ ଦିଆଯାଇଥିଲେ ମଧ୍ୟ ଅପରାଧୀଙ୍କୁ ପୁଲିସ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାତିରେ ଶିଳ୍ପସଂସ୍ଥା ଭିତରେ ପଶି ମୋବାଇଲ ଲୁଟ କରି ଲୁଟେରା ଚମ୍ପଟ ମାରୁଥିବା ଅଭିଯୋଗ ଉଠିଛି।




- **ବଢୁଛି ଚୋରି, ନିଷ୍କ୍ରିୟ ପୁଲିସ**
- **ଡିସିପିଙ୍କୁ ଅଭିଯୋଗ ପରେ ବି ମିଳୁନି ସୁଫଳ**
- **ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେବ ଓଡ଼ିଶା ଶିଳ୍ପ ସଂଘ**

ଜଗତପୁର ଥାନା ପୁଲିସର ଏଭଳି ନିଷ୍କ୍ରିୟତା ବିରୋଧରେ ଡିସିପିଙ୍କୁ ମେଲ ମାଧ୍ୟମରେ ଅବଗତ କରାଯାଇଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଡିସିପିଙ୍କୁ ଶିଳ୍ପୋଦ୍ୟୋଗୀ ମାନେ ଭେଟିବାକୁ ସମୟ ମାଗୁଥିଲେ ମଧ୍ୟ ତାଙ୍କୁ ସମୟ ଦିଆଯାଉ ନ ଥିବା ସଂଘ ଅଭିଯୋଗ ଆଣିଛି।

## ଲ୍ୟାମ୍ପସରେ ମିଳୁନି ଚାଷୀଙ୍କୁ ସାର

# ସାର ପାଇଁ ଚାଷୀ ହଟହଟା



କଲ୍ୟାଣସିଂହପୁର,୧୮।୮ (ସମିସ): ଆରମ୍ଭରୁ ସାର କଳାବଜାରୀ ହେଉଥିବା ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରଚାର ଓ ପ୍ରକାଶ ପାଇବା ପରେ ମଧ୍ୟ ଚେତିଲେନି କୃଷି ବିଭାଗ। ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଲ୍ୟାମ୍ପସରେ ସାର କଳାବଜାରୀ ହେଉଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ଚିନ୍ତାରେ ବସିଛି। ଅନ୍ୟପଟେ ବେପାରୀଙ୍କ ଠାରୁ ଚଢ଼ାଦରରେ ଚାଷୀ କିଣିବା ପାଇଁ ବାଧ୍ୟ ହେଉଛି। ଏହି ବ୍ଲକର ଚାଷୀଙ୍କ ହିତରେ ଆସୁଥିବା ଲ୍ୟାମ୍ପସରେ ଦୁଇଟି ଗୋଦାମରେ ସାର ଭର୍ତ୍ତି ହୋଇ ଥିବା ସତ୍ତ୍ୱେ ମିଳୁ ନଥିବାରୁ ଚାଷୀ ବାଧ୍ୟ ହୋଇ ହଟାପାଟି ହୋଇ ଲ୍ୟାମ୍ପସରେ ତାଲାପକାଇଥିବା ଦେଖିବାକୁ ମିଳିଛି। ଲ୍ୟାମ୍ପସରେ ୟୁରିଆ, ପୋଟାସ, ଡିଏପି,୨୦-୨୦, ଚାଷୀଙ୍କୁ ସୁଲଭ ମୂଲ୍ୟରେ ଦେବା କଥା। କିନ୍ତୁ ପ୍ରାଥମିକତା ଦୃଷ୍ଟିରୁ ଲୋନ ଚାଷୀମାନଙ୍କୁ ପ୍ରଦାନ କରୁଥିବାରୁ ଅନ୍ୟ ଚାଷୀମାନଙ୍କୁ ଲ୍ୟାମ୍ପସ ବିକ୍ରି କରୁନଥିବାରୁ କଳାବଜାରୀ ବଢ଼ି ଚାଲିଛି। କୃଷି ବିଭାଗର ଟଙ୍କା ଅଧିକା ନେଉଥିବା ବେଳେ ଡିଏପି ଓ ୨୦-୨୦ ଚାରିଶହ ଟଙ୍କା ଅଧିକା ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଲ୍ୟାମ୍ପ

### ବଜାରରେ ମିଳୁଛି ଚଢ଼ାମୂଲ୍ୟରେ

ଜାଣତରେ ଚାଲୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ୱୀକୃତି ପ୍ରାପ୍ତ ଦୋକାନ ଓ ଅଣ ସ୍ୱୀକୃତି ପ୍ରାପ୍ତ ଦୋକାନରେ ୟୁରିଆ ବସ୍ତା ପିଛା ତିଶହ ଚାଷୀଙ୍କ ପ୍ରତି ବର୍ଷ ଆକଳନ କରି ସାର ଆଣିବା କଥା କିନ୍ତୁ କେଜାଣି ଚଳିତ ବର୍ଷ ଅତି କମ ସାର ଆଣି ସରି ଯାଇଥିବାରୁ ଲୋନ ଚାଷୀଙ୍କୁ ମଧ୍ୟ ସାର ମିଳୁନି କି ଅନ୍ୟ ଚାଷୀଙ୍କୁ ସାର ପ୍ରଦାନ କରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ଓ ବଜାରରୁ ଅଧିକା ମୂଲ୍ୟରେ କିଣିବାକୁ ପଡୁଛି ଚାଷୀଙ୍କୁ। ବେପାରୀ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଏଠାରୁ ସ୍ପଷ୍ଟ ହୋଇଛି ବୋଲି ଚାଷୀ ଅଭିଯୋଗ କରିଛି। କଲ୍ୟାଣସିଂହପୁର ବ୍ଲକଗୋଟିଏ କୃଷି ପ୍ରବଣ ଅଞ୍ଚଳ ଯେ ହେତୁ ଚାଷୀକୁ ପ୍ରାଧାନ୍ୟ ଦେଇଥିବା ବେଳେ ଲ୍ୟାମ୍ପର ଅଣ ଦେଖା ହେତୁ ଠିକ ସମୟରେ ବିହନ ଠୁ ସାର ପର୍ଯ୍ୟନ୍ତ ଚାଷୀ ପାଇ ପାରୁନନାହାଁନ୍ତି ବାଧ୍ୟ ହୋଇ ଚଢା ଦରରେ କିଣୁଛନ୍ତି। ଏମଡି ତାରିଣୀ ପ୍ରସାଦ ତ୍ରିପାଠୀ ଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।ଆଜକୁ ଚାରି ଦିନ ହେବ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଗି ସାର ନପାଇ ଫେରି ଯାଉଥିବାରୁ ଆଜି ବାଧ୍ୟ ହୋଇ ଲ୍ୟାମ୍ପସରେ ତାଲାପକାଇ ଥିଲେ। ଏଣୁ ଏହି ଏମଡଙ୍କୁ ପରିବର୍ତ୍ତନ କରିବା ପାଇଁ ଚାଷୀ ଦାବି କରିଛନ୍ତି।

# କୋଷାଗୁମୁଡ଼ାରେ ସ୍ୱାଧୀନତା ଦିବସ




କୋଷାଗୁମୁଡ଼ା, ୧୮।୮(ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ୍ ଏବଂ ସଦର ମହକୁମାରେ ଥିବା ଗାନ୍ଧୀ ଉଦ୍ୟାନ, ପୁରୁଣା ବ୍ଲକ, ଗ୍ରାମ୍ୟ ଜଳ ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ, ଥାନା, ବ୍ୟାଙ୍କ, ରାଜସ୍ୱ, ଡ୍ରାଇଭର ୟୁନିୟନ, ଲ୍ୟାମ୍ପସ, ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଗଠନ, ବିନାୟକ ଯୁବକ କ୍ଲବ, ପ୍ରାଇଭେଟ ବସ ୟୁନିୟନ,ବଣିକ ସଂଘ ଏବଂ କୋଷାଗୁମୁଡ଼ର ସହିଦ ବୀର ପିଙ୍କୁ ପାତ୍ରଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ, ଧୂପ, କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇଛି। ସେହିଭଳି ବ୍ଲକ ଅଧିନସ୍ଥ ୨୬ ଗ୍ରାମପଞ୍ଚାୟତ, ସରକାରୀ, ବେସରକାରୀ ଅନୁଷ୍ଠାନ ଗୁଡିକରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବ୍ଲକ୍ ଚେୟାରମ୍ୟାନ-ସର୍ବେଶ୍ୱରୀ ମାଝୀ,ବ୍ଲକ ଉପାଧ୍ୟକ୍ଷ- ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ-ଆଶିଷ ତ୍ରିପାଠୀ, ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ- ଡାଲିମ୍ବ ମାଝୀ,ଜିପିଓ-ଅଜିତ କୁମାର ନନ୍ଦ,ବି, ଏସ,ଏସ,ଓ- ବିଭାଗ ର ବାଳକୃଷ୍ଣ ସାହୁ, ସୌମ୍ୟରଂଜନ ନାୟକ, ଯୁଧିଷ୍ଠିର ଗୌଡ଼, ରଶ୍ମିରଞ୍ଜନ ପ୍ରଧାନ, ଅନନ୍ତ କୁମାର,ଲିପୁ,ଗ୍ରାମ୍ୟ ଜଳ ଯୋଗାଣ ଏଇ-ଅମରେଶ ନାୟକ, କେଏନ ରାଜୁ, ଭୁବନେଶ୍ୱର ନାୟକ,ନେତୁ ପୂଜାରୀ, ସନ୍ତୋଷ ଅଗ୍ରୱାଲ,ମୋହିତ ଜୈନ, ଚନ୍ଦନ ସାହୁ, ସନ୍ତୋଷ କୁମାର, ନରେନ୍ଦ୍ର ପାତ୍ର, ହିମାଂଶୁ ବାଘ, ପଙ୍କଜ ନାୟକ, ଚନ୍ଦନ ନାୟକ ପ୍ରମୁଖଙ୍କ ସହ ବ୍ଲକ କର୍ମଚାରୀ, ପଞ୍ଚାୟତ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ସହ ବିଦ୍ୟା ମନ୍ଦିର, ନୋଡାଲ ହାଇସ୍କୁଲ, ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲ, ଶିଶୁ ମନ୍ଦିର ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। "ହରଘର ତ୍ରିରଙ୍ଗା" ୨୬ ଗୋଟି ପଞ୍ଚାୟତରେ କୋଷାଗୁମୁଡ଼ା ବିଡିଓ ଓ ଜିପିଓ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

# ନିଷ୍ଠା ପକ୍ଷରୁ ରକ୍ତଦାନ ଶିବିର

ସେମିଳିଗୁଡ଼ା,୧୮।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ର ନିଷ୍ଠା , ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପ୍ରେସ କ୍ଲବର ସାଂସ୍କୃତିକ ଭବନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ପୌର ପରିଷଦ ଅଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ,ନିଷ୍ଠା ଅଧକ୍ଷା ସୁଶ୍ରୀ ମମତା ରାୟ, ପୀତାମ୍ବର କିଶାନି ଦ୍ୱୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ପାଙ୍କଜିନି ଦାସ, ସିଦ୍ଧାର୍ଥ କୁମାର ତ୍ରିପାଠୀ, ମମତା ପ୍ରଧାନ, ପ୍ରତିଭା, ସିଦ୍ଧାର୍ଥ ମିଶ୍ର, ମୋନାଲିସା ରାୟ, ପ୍ରଣତି ନାୟକ, ଉର୍ମିଳା ଦାସ, ବେବି ସୁଭୁଦି, ଚନ୍ଦନ ବଡବୁଡା, ବାଲେଶ୍ୱର ଯାଦବ, ବିଶ୍ୱଜିତ୍, ଗଣେଶ ପ୍ରମୁଖ ସହଯୋଗ କରି ଥିଲେ।

# ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ନବରଙ୍ଗପୁର,୧୮।୮ (ସମିସ): ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ମହିଳା ସ୍ନାତକ ମହା ବିଦ୍ୟାଳୟରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜିଲ୍ଲା ପ୍ରଶାସନ ତରଫରୁ ସାଇକେଲ ରାଲିରେ ମହା ବିଦ୍ୟାଳୟରୋ ଛାତ୍ରୀ ଏବଂ ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରା ଉପସ୍ଥିତ ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ମହା ବିଦ୍ୟାଳୟ ରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଦିତୀୟ ଦିନରେ ମହା ବିଦ୍ୟାଳୟ ରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବସଷ୍ଟାଣ୍ଡ, ପୋଷ୍ଟ ଅଫିସ ଓ ତହସିଲ କାର୍ଯ୍ୟାଳୟ ଇତ୍ୟାଦି ମୁଖ୍ୟ ସଡ଼କ ମଧ୍ୟ ଦେଇ ସହର ର ମୁଖ୍ୟ ସ୍ଥାନ ଗୁଡିକରେ ମାଲ୍ୟାର୍ପଣ କରାଯାଇଥିଲା। ମହା ବିଦ୍ୟାଳୟ କୁ ପ୍ରତ୍ୟାବର୍ତ୍ତନ କରିବା ପରେ କୁଇଜ୍, ଦେଶାତ୍ମବୋଧ ଏବଂ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଶେଷ ଦିନରେ ମହା ବିଦ୍ୟାଳୟରେ ଅଧକ୍ଷା ଶ୍ରୀମତୀ ମାଳେଶ୍ୱରି ସାହୁଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଇତି ଅବସରରେ ଶ୍ରୀ ଅରବିନ୍ଦଙ୍କ ୧୫୩ ତମ ଜନ୍ମଜୟନ୍ତୀ ଅବସରରେ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବ ଦିନରେ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ବିନୋଦ ବିହାରୀ ପ୍ରଧାନ ପରିଚାଳନା କରିଥିବା ବେଳେ ଡଃ ସଂଯୁକ୍ତା ପଣ୍ଡା, ନୃପେନ୍ଦ୍ରନାଥ ଖୋସଲା, ରଞ୍ଜୁସା କୁମାରୀ ପ୍ରହରାଜ, ତାଇରା ବେଗମ୍, ଡଃ ଏମ୍ ରୋହିଣୀ ରାଣୀ, ତରନୁମ୍ ଆରା, ସୁନୀତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ଭୁବନ ହରିଜନ, ଅକ୍ଷୟ କୁମାର ନାୟକ, ପଙ୍କଜ କୁମାର ଗରଡ଼ା, ଭୁବନୋ ହରିଜନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ ଏବଂ ବହୁ ସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଆସ ସ୍କୁଲ ଯିବା ସ୍ୱତନ୍ତ୍ର ବୈଠକ

କଲ୍ୟାଣସିଂହପୁର,୧୮।୮(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ନାରାୟଣପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକଙ୍କ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାର ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟରେ ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇ ନ ଥିବା, ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଚାଲିଛି। ଏଣୁ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ହେଉଛି। ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୃମୁକି ପାଣି ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କ ପିତା ମାତାଙ୍କୁ ଡାକି ପୁନର୍ବାର ବିଦ୍ୟାଳୟରେ ଯୋଗଦେବାକୁ ବୁଝାଇଥିଲେ। ସିଆରସିସି ଦେବେନ୍ଦ୍ର ରାଉତ କହିଛନ୍ତି ଯେ ଅଧାରୁ ରହିଯାଇଥିବା ପିଲାଙ୍କ ଘରକୁ ଯାଇ ପୁଣି ପ୍ରବେଶ କରାଇବା ବୋଲି ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଉପସ୍ଥିତ ରହିଥିଲେ।

# ଦୋକାନରୁ ଚୋରି ଉଦ୍ୟମ

ନନ୍ଦପୁର,୧୮।୮ (ସମିସ) ଏକ ଦୋକାନୀ ଭାଡ଼ିରୁ ଗତ ୧୫ ତଳେ ଦୁର୍ବୃତ୍ତ ମାନେ କଳା କନା ବୁଲାଇବାରେ ସଫଳ ହୋଇଥିଲେ। ହେଲେ ଗତ ଶୁକ୍ରବାର ରାତିରେ ଦୋକାନରୁ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଶନିବାର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ଦୋକାନୀ ସୁଜାତା ପାଡି। ସୂଚିତ ଯେ ନନ୍ଦପୁର ହାଟ ହାଟପଦା ସ୍ଥିତ ଛୋଟିଆ ଦୋକାନରୁ ପୂର୍ବରୁ ଥରେ ଦୋକାନରୁ ଖାଦ୍ୟସାମଗ୍ରୀ ଯଥା ବିସ୍କୁଟ, ଚକ୍‌ଲେଟ, ଓ ସିଗାରେଟ ଚୋରି ହୋଇଥିଲା। ଏହି ଅଞ୍ଚଳରେ ଚୋରି ନେଇ ଗଞ୍ଜେଇ ଟୁଙ୍ଗି ଉପରେ ସମସ୍ତଙ୍କ ନଜର ରହିଛି ।ଗଞ୍ଜେଇ ଟୁଙ୍ଗିର ସଦସ୍ୟ ମାନେ ଏପରି କାଣ୍ଡ ଘଟାଇ ଥିବା କୁହାଯାଉଛି। ପୁଲିସର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

## ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପାପଡାହାଣ୍ଡି, ୧୮।୮(ସମିସ): ପାପଡାହାଣ୍ଡି ମା' ସାର୍ବଜନୀନ ଦୁର୍ଗାପୂଜା କମିଟି ବସଷ୍ଟାଣ୍ଡ ତରଫରୁ ଦୁର୍ଗାପୂଜା ପାଇଁ ପବିତ୍ର ଜନ୍ମାଷ୍ଟମୀରେ ଭୂମିପୂଜନ ଏବଂ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ପୂର୍ଣଚନ୍ଦ୍ର ନାୟକ ସକାଳୁ ପବିତ୍ର ବେଳାରେ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। କାର୍ଯ୍ୟକ୍ରମରେ ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ବି. ଜଗନମୋହନ ରାଓଙ୍କ ନେତୃତ୍ୱରେ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ଏହି ପୂଜାରେ ଶଙ୍କର ବିଶୋଇ, ସ୍ୱାଧିନ ପଟ୍ଟନାୟକ, ଦିଲୀପ ସାମନ୍ତ, ଟିଂକୁ ଜୈନ, ଏନ. ସନ୍ତୋଷ ରାଓ, ଗଙ୍ଗାଧର ନାୟକ, ବି. ସୀମାଦ୍ରୀ ରାଓ, ବି. ସନ୍ତୋଷ ରାଓ, ଭି. ଶ୍ରୀନିବାସ ରାଓ, ରାଜକିଶୋର ରାଓ, ତ୍ରିନାଥ ବିଶୋଇ, ତରିଣୀ କାଶ୍ୟପ, ମନୋଜ ମୁଦୁଲି, ରିଣ୍ଟୁ ନାୟକ, ଚାନ୍ଦୁ, ଭୁବନି, ସିଲୁ, ରିଙ୍କୁ, ପୀତବାସ, ରାଜୁ, ମନମୋହନ, ଦେବେନ୍ଦ୍ର, ଶିବ, ଅଲେଖ, ମନ, ସିଲୁ ଲେଙ୍କା, ସୋନୁ, ଶଙ୍କର, ସୁନ୍ଦରଲାଲ, ଦୟାନିଧି, ସାନ ବିଶୋଇଙ୍କ ସହ କମିଟିର ଅନେକ ସଭ୍ୟ ଉପସ୍ଥିତ ଥିଲେ।

# ଅପରେସନ୍ ଦୁର୍ଗା ନାରୀ ସଚେତନତା ଶିବିର



ସେମିଳିଗୁଡ଼ା,୧୮।୮(ସମିସ):: କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ 'ଅପରେସନ ଦୁର୍ଗା' : ନାରୀ ସୁରକ୍ଷା ସଚେତନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ ସୀ ସିଂହଙ୍କ ଅଧକ୍ଷତାରେ ଏହି ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଟିମ ଲିଡର ନିରଞ୍ଜନ ପୋଡ଼ଙ୍କ ନେତୃତ୍ୱରେ ରେଞ୍ଜର, ରୋଭରଙ୍କ ଦ୍ୱାରା ଅତିଥି ଗଣଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପିକା ରୋନାଲି ନାୟକଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବାପରେ ବିନୋଦ ଲେଙ୍କାଙ୍କ ଦ୍ୱାରାରା ମାତୃବନ୍ଦନା ଗାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା କୋରାପୁଟର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋବ୍ରତା ଶତପଥୀ , ଅନ୍ୟତମ ଅତିଥି ଭାବରେ କୋରାପୁଟ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର କାଉନ୍‌ସିଲର ଋତୁପର୍ଣ୍ଣା ପଟ୍ଟନାୟକ ଯୋଗ ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରିଣୀ ସୁଷମା କହଁର, ଆଇଆଇସି ଜ୍ୟୋସ୍ନାରାଣୀ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ହରପ୍ରସାଦ ପତି, ସୁରେଶ ପାଇକରାୟ, ପ୍ରେମାନନ୍ଦ ରାଉତ, ଅଲେଖ ପ୍ରସାଦ ପଣ୍ଡା, ଡ. ପ୍ରୀତିସ ବେହେରା, ଅସିତ୍ କୁମାର ମିଶ୍ର, ଅମିତ ଦାସ, ଜୋସ୍ନା ଦାସ, ରିଶବିତା ଖୋସଲା, ଦିଗେଶ୍ୱରୀ ଶିଖା, ବବିତା ମିଶ୍ର, ସୁମିତ୍ରା ଗିରି, ପୂର୍ଣ୍ଣିମା ଗିରି, ସଂଗୀତା ଦାସ, ହରେକୃଷ୍ଣ ସାହୁ ବିନୋଦ ଲେଙ୍କା, ବିନୟ ପଣ୍ଡା, ମଧୁସ୍ମିତା ମହାରଣା, ମନିଷା ବେହେରା, ପିଙ୍କୀ ଜୈନ, ଆରତୀ ପ୍ରଧାନ, ରଶ୍ମିତା ସାହୁ ରୋନାଲି ନାୟକ, ଅମିଶା ପାଢ଼ୀ ପ୍ରମୁଖ ସଚେତନ ଶିବିରରେ ଉପସ୍ଥିତି ଥିଲେ। ଅଧ୍ୟାପିକା ଦେବଲିନା ସାହା ଧନ୍ୟବାଦ ଦେଇ ସଭାକାର୍ଯ୍ୟକୁ ସମାପ୍ତ କରିଥିଲେ।

## ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ରାୟଗଡ଼ା,୧୮।୮(ସମିସ): ରାୟଗଡ଼ା ନଗର ଭାଜପାର ସଭାପତି ରାଜେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୋଟର ସାଇକେଲ ଯୋଗେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାର ଅୟୋଜନ କରାଯାଇଥିଲା। ଶୋଭାଯାତ୍ରା ରାୟଗଡ଼ାର ମା ମଝିଘରିଆଣୀଙ୍କ ମନ୍ଦୀର ପ୍ରାଙ୍ଗଣ ଠାରୁ ବାହାରି ରାୟଗଡ଼ା ର ମୂଖ୍ୟ ରାସ୍ତା ଦେଇ ଏସବିଆଇ ବ୍ୟାଙ୍କ, କପିଳାସ ଛକ, ରିଲାଇନ୍ସ ମାର୍ଟ ଏବଂ ପରେ ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ସମାପ୍ତ ହେଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଭାଜପାର ବରିଷ୍ଠ ନେତା ୟାଲା ଭେଙ୍କେଟେଶ୍ୱର ରାଓ (କେଣ୍ଡା ବାବୁ), ରାୟଗଡ଼ା ବିଧାନସଭା ପ୍ରାର୍ଥୀ ବସନ୍ତ ଉଲ୍ଲାକା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବି ଲକ୍ଷ୍ମୀ, ପୂର୍ବତନ ଜିଲ୍ଲା ସଭାପତି ରଜତ ମାଦଲା, ଶିବ ଶଙ୍କର ଉଲ୍ଲାକା, ଚକ୍ର ବିଡ଼ିକା, କେ ଶ୍ରିନୁ, ଆଦି ନାରାୟଣା, ପୂର୍ବତନ ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା ସମେତ ନଗର ଭାଜପାର ଅଜୟ ଚୁଲେଟ, ରାମ କୃଷ୍ଣ ପାଣିଗ୍ରାହୀ, ରାଜେଶ ନାଇଡୁ , ରିଙ୍କି ସାହୁ, ଦୁର୍ଗା ପ୍ରାସାଦ ଚୌଧୁରୀ ଏବଂ ଅନେକ ବୁଥ୍ ସଭାପତି ଯୋଗ ଦେଇଥିଲେ। ପରିଶେଷରେ ନଗର ସଭାପତି କାର୍ଯ୍ୟକ୍ରମର ସଫଳତାର ଶ୍ରେୟ କର୍ମୀ ମାନଙ୍କୁ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ସୁନାବେଡ଼ା ,୧୮।୮ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଶାଳ ୫୦୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସୁନାବେଡ଼ା -୧ ଶାନ୍ତି ନଗର ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଏଇଏଫ୍ ମୁଖ୍ୟ ରାସ୍ତାଦେଇ ହନୁମାନ ବଜାର , ପୋଲିସ କ୍ୟାମ୍ପ, ଗୋପବନ୍ଧୁ ବଜାର ହେଇ ୨୬ ନଂ ଜାତୀୟ ରାଜପଥ ଦେଇ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲେ। ଆୟୋଜକ ଚିରଂଜୀବୀ ପରିଛା ,ମନୋଜ ସାହାଣୀ , ଓମ୍ ପ୍ରକାଶ ସିଂହ,ସୁଧୀର ପଟ୍ଟନାୟକ ଓ ସମସ୍ତ ଜନ ସାଧାରଣ ସହିତ କୋବ୍ରା ବାଟାଲିୟନ ମଧ୍ୟ ଯୋଗ ଦେଇଥିଲେ।

# ଇନୋଭେସନ୍ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୮।୮ (ସମିସ): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶରେ ନବରଙ୍ଗପୁର ସ୍ନାତକ ମହାବିଦ୍ୟାଳୟରେ ଇନୋଭେସନ ଷ୍ଟାଟଅପ୍ କାର୍ଯ୍ୟକ୍ରମ ଅଧକ୍ଷା ମାଳେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୁବ ମହିଳା ଉଦ୍ୟଗୀ ଉଷାରାଣୀ ପଟ୍ଟନାୟକ ଏବଂ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଏସ୍ ମାଧବୀ ପାତ୍ର ଯୋଗଦେଇ ଆତ୍ମନିର୍ଭର ହେବା ପାଇଁ ଛାତ୍ରୀ ମାନଙ୍କୁ ଏବେଠାରୁ ଚେଷ୍ଟିତ ହେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ରଞ୍ଜୁଷା କୁମାରୀ ପ୍ରହରାଜ ଯୋଗଦେଇ ଷ୍ଟାଟଅପ୍ ବିଷୟରେ କହିଥିଲେ ଏବଂ ପରିଚାଳନା କରିଥିଲେ। ଅଧ୍ୟାପିକା ତାଇରା ବେଗମ ଏବଂ ଏମ୍ ରୋହିଣୀ ରାଣୀଙ୍କ ସମେତ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ପୋଡ଼ାଗଡ଼,୧୮।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦରରେ ରାଜ୍ୟ ସରକାରଙ୍କ ବିକଶିତ ଭାରତ ଏବଂ ବିକଶିତ ଓଡିଶା ପକ୍ଷରୁ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଖସଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମି କୁମାରୀ ମାଣ୍ଡି, ଅଜିତ କୁମାର ଖସଲା, ବଶିଷ୍ଠ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, ମଧୁସ୍ମିତା ମାଣ୍ଡିଙ୍ଗ, ପ୍ରଦ୍ୟୁମ୍ନ କୁମାର ଦାଶ, ରାଜେନ୍ଦ୍ର କୁମାର ରଥଙ୍କ ସମେତ ପ୍ରଥମରୁ ୧୦ମ ଶ୍ରେଣୀର ମୋଟ ୪୮୫ ଛାତ୍ର/ଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାପଡିଛି।

## ରାଜରାସ୍ତାରେ ମାଳ ମାଳ ବୁଲା ଗୋରୁ

କୋଟପାଡ,୧୮।୮ (ସମିସ): ବିଜ୍ଞାପିତ ପରିଷଦ ଅଞ୍ଚଳ ରାସ୍ତାରେ ଯେଉଁଠି ଦେଖିବ ସେଠି ଗୋରୁ ମାଳ ମାଳ । ରାଜାସ୍ତା ପାଲିଟିଛି ଗୋରୁଗାଈଙ୍କ ଆଶ୍ରୟ ସ୍ଥଳୀ। କେନ୍ଦୁଗୁଡା ଠାରୁ ଆରମ୍ଭ କରି ଗାନ୍ଧୀ ଛକ ଯାଇଁ କୁସୁମୀ ଛକ ଦୁଲପୁର ସାହି ଛକ ଠାରୁ ହିରୋ ସୋ'ରୁମ ଛକ ଯାଇଁ ସବୁଠି ଗୋରୁଗାଈଙ୍କ ଦୌରାତ୍ମ୍ୟ । ଏହି ସବୁ ରାସ୍ତାରେ ସବୁ ଦିନ ଶହ ଶହ ଗାଡି ଯାତାୟାତ କରୁଛି । ହେଲେ ଏହି ସବୁ ଯାତାୟାତରେ ବୁା ଗୋରୁ ବାଧକ ସାଜିଛନ୍ତି। ମାଲିକମାନେ ଗୁହାଳ ନ କରି ଗାଈଗୋରୁଙ୍କୁ ରାସ୍ତାକୁ ଛାଡ଼ି ଦେଉଛନ୍ତି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ସ୍ୱତନ୍ତ୍ର ପିତାମାତା, ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

ଡ଼ାବୁଗାଁ ,୧୮।୮ (ସମିସ): ବିଦ୍ୟାଳୟର ବାହାରେ ଥିବା ଓ ଆଦୌ ବିଦ୍ୟାଳୟର ରେ ନାମ ଲେଖାଇ ନଥିବା ୫ ରୁ ୧୮ ବର୍ଷ ବୟସର ପ୍ରତ୍ୟେକ ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଶନିବାର ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ପିଟିଏମ ବା ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଡାବୁଗାଁ ବିଡ଼ିଓ ଶରତ ମାଝୀ, ଡ଼ାବୁଗାଁ ବ୍ଲକ ଶିକ୍ଷାଧିକାରୀ ରଶ୍ମିତା ନେତମ, ପିରାମଲ ଫାଉଣ୍ଡେସନ ର ବିକ୍ରମ କେଶରୀ ରାଣା, ସହକାରୀ ବ୍ଲକ ଶିକ୍ଷାଧିକାରୀ ଭଗବାନ ମାଝୀ, ସି ଆରସିସି ପ୍ରସନ୍ନ କୁମାର ଦଣ୍ଡସେନା, ହେମନ୍ତ କୁମାର ପଣ୍ଡା , ସରକାରୀ ଉନ୍ନତି ପ୍ରାଥମିକ ବିଦ୍ୟାଳୟ ଚିକିଲି ଓ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ଘୋଡ଼ାଖୁଣ୍ଟା ପରିଦର୍ଶନରେ ଯାଇ ପିଟିଏମ ବୈଠକରେ ଯୋଗଦେଇଥିଲେ। ଡ଼ାବୁଗାଁ ବ୍ଲକ ର ମୋଟ ୧୦୮୨ ଜଣ ଡ୍ରପ୍ ଆଉଟ୍ ପିଲାଙ୍କ ମଧ୍ୟରୁ ଆଜିସୁଦ୍ଧା ୩୫ ଜଣ ପିଲା ବିଦ୍ୟାଳୟରରେ ନାମ ଲେଖାଇ ସାରିଛନ୍ତି। ଚିକିଲି ଓ ଘୋଡକୁଣ୍ଟା ପିଟିଏମ ବୈଠକରେ ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୪୦ ଜଣ ପିଲା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହ ଅଧିକାରୀ ମାନେ ଘୋଡ଼ାଖୁଣ୍ଟା ଉନ୍ନତି ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରିଥିଲେ। ସେହିପରି ଡ଼ାବୁଗାଁ ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର ସାହୁ , ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉମୁରାହାଣ୍ଡି ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାଇଗାଁରେ ଅନୁଷ୍ଠିତ ପିଟିଏମ ରେ ଯୋଗ ଦେଇଥିଲେ।

# ଦାମ ପାତ୍ର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ



ରାୟଗଡ଼ା,୧୮।୮(ସମିସ): ସ୍ଥାନୀୟ ରେଳବାଇ ଷ୍ଟେସନ ନିକଟ ପଡ଼ିଆରେ ବିଶିଷ୍ଟ ଭଲିବଲ ଖେଳାଳୀ ସ୍ୱର୍ଗତ ଦାମ ପାତ୍ରଙ୍କ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉପଦେଷ୍ଟା ଜଳନ୍ଧର ପୁସ୍ତିକାଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟୋଜିତ ସମାଜସେବୀ ଲାଲବିହାରୀ ଲେଙ୍କା ଓ ଶାଆନା ଦିଲିପଙ୍କ ଉପସ୍ଥିତରେ ପ୍ରତିଯୋଗିତା ହୋଇଥିଲା। ଅତିଥି ମାନେ ବିଜେତା ପ୍ରଦୀପ ମିଶାଲଙ୍କ ଦଳ ଓ ଉପ ବିଜେତା ରାମକୃଷ୍ଣ ଓରଫ କାଳିଆଙ୍କ ଦଳକୁ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ନେଟର ଜିତୁ ଓ ଶ୍ରେଷ୍ଠ ହିଟର ଭାବରେ ଖେଳାଳି ସନାତନଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ଆୟୋଜକ ମଣ୍ଡଳୀର ରାଙ୍ଗା, ଛୀଣ୍ଟୁ, ଶ୍ରୀକାନ୍ତ,ବି ଗୌଡ, ଉମେଶ, ରମେଶ, ଶତୃଘନ, ରାମ, ଆଶିତ ଜେନା ପାର୍ସା,ଦିଲୀପ, ଲିଲୁ, ଭୁବନାନନ୍ଦ ନାୟକ,ହରି, ରୋହିତ,ମନୋଜ, ନରେନ୍ଦ୍ର, ବନମାଳୀ ଓ ପ୍ରଭୁପ୍ରମୁଖ ପରିଚାଳନା କରିଥିଲେ।

# ଗୀରିଲିପୁଟ ଗ୍ରାମ ଦଳ ଚାମ୍ପିଅନ୍

ପୋଡ଼ାଗଡ,୧୮।୮(ସମିସ): ପୋଡ଼ାଗଡ଼ ନିକଟ ଭିତରଗଡ଼ ପଞ୍ଚାୟତର ଗୀରିଲିପୁଟ ଗ୍ରାମ ଦଳ ଚାମ୍ପିଅନ୍ ହୋଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଦିନିଆ ଫୁଟବଲ ଖେଳର ଆୟୋଜନ କରାଯାଇଥିଲା। ଏଥିରେ ପାଖାପାଖି ୨୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏଥିମଧ୍ୟରୁ ଶେଷ ରାଉଣ୍ଡ ଖେଳରେ ପହଞ୍ଚି ଥିଲେ ଲକ୍ଷ୍ମୀପୁର ଓ ଗିର୍ଲିପୁଟ ଦଳ। ଏହି ଦୁଇ ଦଳ ମଧ୍ୟରେ ଶେଷ ରାଉଣ୍ଡ ଖେଳ ହୋଇଥିଲା। ଏହି ଖେଳରେ ଲକ୍ଷ୍ମୀପୁର ଦଳକୁ ଦୁଇ ଗୋଲରେ ହରାଇଲା ଗିର୍ଲି ପୁଟ ଦୋଳ। ବିଜୟ ପରେ ସ୍ଥାନୀୟ ସରପଞ୍ଚ ଲଳିତା ଜାନି ଓ ପୂର୍ବ ତନ ସରପଞ୍ଚ ଉଭୟ ଖେଳାଳିଙ୍କୁ ଧନ୍ୟବାଦ ଜଣାଇ ଥିଲେ।

# ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ୍; ଗୌଡ଼ଗୁଡ଼ା ଚାମ୍ପିଅନ୍




ଦାମନଯୋଡ଼ି,୧୮।୮(ସମିସ): ନାଲକୋ ଇଣ୍ଡିପେଣ୍ଡେନ୍ସ କପ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୧୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ସ୍ପୋର୍ଟସ ସେଲ୍ ଓ ନାଲ୍‌କୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ମୋଟ ୧୫୪ଟି ଦଳ ଭାଗ ନେଇଥିଲେ। ନାଲ୍‌କୋ ଟାଉନ୍‌ସିପ ସେକ୍ଟର ୨ ସ୍ଥିତ ଡ.ବି.ଆର.ଆମ୍ବେଦକର ଷ୍ଟାଡିୟମ ଓ ଚମ୍ପାପଦର ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିୟମ ଏବଂ ସେକ୍ଟର ୩ ସ୍ଥିତ ନେତାଜୀ ଷ୍ଟାଡିୟମରେ ଖେଳ ଅନୁଷ୍ଠିତ ହୋଇଥିଲା। ୧୫ତାରିଖ ଦିନ ଅପରାହ୍ନରେ ସେକ୍ଟର ୩ ନେତାଜୀ ଷ୍ଟାଡିୟମରେ ସେମି ଫାଇନାଲ, ଫାଇନାଲ ମ୍ୟାଚ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ପାୱାର କ୍ଲବ,ଗୌଡ଼ଗୁଡା ଦଳ କେଦାରନାଥ ୟୁଥ କ୍ଲବ,ଗାଦୀପାବଲିକୁ ଟାଇବ୍ରେକରରେ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ। ପାୱାର କ୍ଲବ, ଗୌଡ଼ଗୁଡାକୁ ଚାମ୍ପିଅନ୍ ଟ୍ରଫି ସହ ୨୨ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ଏବଂ କେଦାରନାଥ ୟୁଥ କ୍ଲବ, ଗାଦୀପାବଲିକୁ ରନର୍ସ ଅପ୍ ଟ୍ରଫି ସହ ୧୭ ହଜାର ଟଙ୍କା ଅର୍ଥରାଶି ପୁରସ୍କାର,୩ୟ ସ୍ଥାନରେ ଥିବା ଦଳ ଏମ.ବି.ଏଫ.ସି, ଲୁଙ୍ଗୁରିକୁ ଟ୍ରଫି ଏବଂ ୯ହଜାର ଟଙ୍କା ଅର୍ଥରାଶି ପୁରସ୍କାର, ଚତୁର୍ଥ ସ୍ଥାନରେ ଥିବା ଦଳ ଏମ.ବି. ୱାଇ.ସି, ବେହେରାଗୁଡ଼ାକୁ ଟ୍ରଫି ଏବଂ ୬ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର ଭାବେ କେଦାରନାଥ ୟୁଥ କ୍ଲବ,ଗାଦୀପାବଲିର ମୂରଲୀ,ଶ୍ରେଷ୍ଠ ଗୋଲ କିପର ଭାବେ ପାୱାର କ୍ଲବ,ଗୌଡ଼ଗୁଡାର ନଳ ଗୌଡ଼ ଏବଂ ଶ୍ରେଷ୍ଠ ଖେଳାଳୀ ଭାବେ ପାୱାର କ୍ଲବ, ଗୌଡ଼ଗୁଡାର କମଲୁ ଗୌଡ଼ଙ୍କୁ ଟ୍ରଫି ଏବଂ ୨ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ନାଲକୋ ଦାମନଯୋଡ଼ିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ପଟାଙ୍ଗୀ ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ପୀତମ ପାଢ଼ୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ନାଲ୍‌କୋର ଇପିଓ ଇଡି ପ୍ରୋଜେକ୍ଟ ଭି.ଏସ.ଏସ ଆନନ୍ଦ, ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା, ଆଶୀଷ ସେନାପତି,ସଞ୍ଜୟ କୁମାର ପଟ୍ଟନାୟକ,ସୁଗାତୋ ଆନନ୍ଦୋ ବସୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ରେଫରୀ ଡ.ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସହିତ ରେଫରୀ ଚଞ୍ଚଳ ମାଝୀ, ଛବି କୁମାର ନାୟକ, ସଂଜୁ ନାୟକ,ଉଦ୍ଧବ ବାଗ,ମନୋରଞ୍ଜନ ମାଝୀ, ସାହିଲ ଦୀପ, ବିଶେଶ୍ୱର ପ୍ରଧାନ, ପ୍ରଦୀପ ହାଁସଦା, ଅବିନାଶ କୁଲଦୀପ, ଦୈତାରି କୁଲଦୀପ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ନିର୍ମଳ କୁମାର ରାଉତ ପୁରସ୍କାର ବିତରଣ ଉତ୍ସବକୁ ସଂଯୋଜନା କରିଥିବା ବେଳେ ନାଲକୋ ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦୀପ୍ତି ପ୍ରକାଶ ପଣ୍ଡା,ବାଟଲା ରାଓ, ପ୍ରଭାତ କୁମାର ସାହୁ ପ୍ରମୁଖ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର



କଲମପୁର,୧୮।୮(ସମିସ): କଲମପୁର ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ଏସଜିଏସୱାଇ ମିଟିଂ ହଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେବାକୁ ଆସି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପ୍ରଥମେ କଲମପୁର କସ୍ତୁରୀକା ମୋଦିନୀ ଦେବୀ +୩ ଡିଗ୍ରୀ କଲେଜରେ ଆକାଂକ୍ଷା କାର୍ଯ୍ୟକ୍ରମ ହେବାକୁ ଥିବା ସ୍ଥାନ ପରିଦର୍ଶନ କରିଥିଲେ।

ଏଥି ସହିତ କଲମପୁରରେ ନବ ନିର୍ମିତ ହେଉଥିବା ଶହେ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟ ପରିଦର୍ଶନ କରିଥିଲେ। ପରେ ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟକ୍ତିଗତ ୨୬ ଏବଂ ସାମୂହିକ ୧୬ଟି ମୋଟ ୪୨ଟି ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।ଏହି ଅବସରରେ ମିନଗୁର ପଞ୍ଚାୟତର ୪ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା ଏବଂ ମଣ୍ଡଳର ଗଜାନନ ବାଗକୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ପରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ପ୍ରକାଶ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ ସମେତ ଶିବିରରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀଅଧିକାରୀ ଦୟାମୟ ପାଢ଼ୀ, ଆରକ୍ଷୀ ଅଧୀକ୍ଷକ ନାଗରକ୍ଷଜ ଦେବରକୁଣ୍ଡା, ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ସମିତି ଅଧ୍ୟକ୍ଷା ଜ୍ୟୋତି ନାଏକ, ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଡ଼ିଓ ବିଜୟ କୁମାର ମାଡାଙ୍ଗୀ, ତହସିଲଦାର ସ୍ମରଣିକା ତୁଳ,ସିଡିପିଓ ନିର୍ବାସିନୀ ଦେଇ, ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ମଧୁସ୍ମିତା ନାଏକ, ଡଃ ମୋନାଲିସା ପଣ୍ଡା, ବ୍ଲକ କୃଷି ପରାମର୍ଶ କେନ୍ଦ୍ର ଅଧିକାରୀ ମନୋଜ ବେମାଲ,ବ୍ଲକ୍ ସହକାରୀ ଯନ୍ତ୍ରୀ କିରଣ କୁମାର ଷଣ୍ଢ,ତଥା ଜିଲ୍ଲାର ବିଭିନ୍ନ ବିଭାଗୀୟ ସମସ୍ତ ଅଧିକାରୀ ଏବଂ ବ୍ଲକ୍ ଅଧିକାରୀ ସମୂହ ଉପସ୍ଥିତ ଥିଲେ।

ଏଭଳି ଏକ ଜନହିତକାରୀ କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ପ୍ରତି ଉପେକ୍ଷା କରାଯାଉଥିବାକୁ ନେଇ ଗଣମାଧ୍ୟମ ପ୍ରତିନିଧି ମହଲରେ ଅସନ୍ତୋଷ ଦେଖାଦେବା ସହିତ କ୍ଷୋଭକ୍ତି ପ୍ରକାଶ ପାଇଥିଲା।

# ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳା ଅଭିଯୋଗ

ତରଭା,୧୮।୮(ସମିସ)



ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରେ ଅବହେଳା ନେଇ ଅଭିଯୋଗ ହୋଇଛି। ଏନେଇ ଅଧିକାରୀଙ୍କ ସହ ସାମ୍ବାଦିକ ସଂଘ ସୋମବାର ଆଲୋଚନା କରିଛି। ଗତ ୧୪ ତାରିଖ ରାତିରେ ତରଭା ଏଇଏସ କଲେଜର ଅବସର ପ୍ରାପ୍ତ ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ବାଇ ଅସୁସ୍ଥ ହୋଇପଡିବାରୁ ତାଙ୍କ ସ୍ୱାମୀ ସାମ୍ବାଦିକ ଅକ୍ଷୟ ବାଘ ତାଙ୍କୁ ୧୫ ତାରିଖ ସକାଳେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଏହି ସମୟରେ ଡ୍ୟୁଟିରେ ଥିବା ଡ଼ାକ୍ତର କୌଣସି ପ୍ରାଥମିକ ଚିକିତ୍ସା ନକରି ବଲାଙ୍ଗୀର ରେଫର କରିଦେଇଥିଲେ। ଦୂରରୁ ଦେଖି ବଲାଙ୍ଗୀର ନେଇ ଯିବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ବଲାଙ୍ଗୀର ନିଆଯାଇଥିଲା, ହେଲେ ସେତେବେଳ ପର୍ଯ୍ୟନ୍ତ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ବଲାଙ୍ଗୀର ଡାକ୍ତରଙ୍କ ଅନେକ ପ୍ରଚେଷ୍ଟା ସତ୍ତ୍ୱେ ସଂଯୁକ୍ତା ବାଇଙ୍କ ଜୀବନ ବଞ୍ଚାଇ ପାରିନଥିଲେ। ତରଭା ଡାକ୍ତରଖାନାରେ କିଛି ପ୍ରାଥମିକ ଚିକିତ୍ସା ମିଳିଥିଲେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଥାନ୍ତା ବୋଲି ସ୍ୱାମୀ ଶ୍ରୀ ବାଘ କହିଛନ୍ତି। ଏହି ଘଟଣାକୁ ତୀବ୍ର ନିନ୍ଦା କରି ତରଭା ବ୍ଲକର ସମସ୍ତ ସାମ୍ବାଦିକ ସୋମବାର ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଶାନ୍ତ କୁମାର ପଟେଲଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସୋନପୁର ଡିପିଏମ ଏନଏଚଏମ ରୂପକ ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧିକାରୀ ଡା. ଶ୍ୟାମସୁନ୍ଦର ରଥ, ଆଶା କୋର୍ଡ଼ିନେଟର ତରଣୀ ସେନ ପଧାନ, ପିଏଚଓ ଅନିତା ଚାନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଡାକ୍ତରମାନେ ନିୟମିତ କାର୍ଯ୍ୟକୁ ଆସୁନଥିବା ଓ ଚିକିତ୍ସାରେ ଅବହେଳା କରୁଥିବା ଅଭିଯୋଗ ହୋଇଥିଲା। କିଛି ଜଣ ଡାକ୍ତର ଗୋଟିଏ ସପ୍ତାହରେ କେବଳ ଦିନେ କି ଦି ଦିନ ଡ୍ୟୁଟି କରି ସପ୍ତାହ ସାରା ଅନୁପସ୍ଥିତ ରହୁଥିବା ଜନସାଧାରଣ ଅଭିଯୋଗ କରୁଥିବା ମେଡିକାଲ ଅଫିସରଙ୍କୁ ସାମ୍ବାଦିକମାନେ ସୂଚନା ଦେଇଥିଲେ। ବିଭିନ୍ନ ସମୟରେ ପ୍ରାୟ ମେଡିକାଲରେ କେବଳ ଜଣେ ମାତ୍ର ଡାକ୍ତର ଦେଖିବାକୁ ମିଳେ ଏହି ସମୟରେ ଅନ୍ୟଡାକ୍ତରମାନେ କ'ଣ କରିଥାନ୍ତି ବୋଲି କିଛି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏହା ବ୍ୟତୀତ ଡାକ୍ତରଖାନାରେ ଆସିଥିବା ଇସିଜି, ଅଲଟ୍ରାସାଉଣ୍ଡ ମେସିନ୍ ସତବିନିଯୋଗ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ସାମ୍ବାଦିକମାନେ ଅନୁରୋଧ କରିଥିଲେ। ସାମ୍ବାଦିକଙ୍କ ସମସ୍ତ ଅଭିଯୋଗ ଶୁଣିଲା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ପଟେଲ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସୁବ୍ୟବସ୍ଥିତ

## ଅଧିକାରୀଙ୍କ ସହ ଆଲୋଚନା କଲେ ସାମ୍ବାଦିକ ସଂଘ

କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ଓ ଏଥିପାଇଁ ସମସ୍ତ ସାମ୍ବାଦିକ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ମାସେ ହେବ ସେ ମେଡିକାଲ ଅଫିସର ଦାୟିତ୍ୱ ନେଇଥିବା ଯୋଗୁଁ ସବୁକିଛି ସ୍ୱବ୍ୟବସ୍ଥିତ କରିବା ପାଇଁ ଅଳ୍ପ କିଛି ସମୟ ଦେବା ପାଇଁ ଅନୁରୋଧ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଧିକାରୀ ଡା.ଶ୍ୟାମସୁନ୍ଦର ରଥ ତରଭା ବ୍ଲକ୍ ତଥା ଏନଏସିରେ ସଚେତନତା ଅଭାବରୁ ଲୋକେ ଫେଲେରିଆ ମେଡ଼ିସିନ୍ ଖାଉ ନଥିବା ସୂଚନା ଦେଇଥିଲେ ଓ ଏହାର ପ୍ରଚାର ପ୍ରସାର ପାଇଁ ସାମ୍ବାଦିକ ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ।

# ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘର ବାର୍ଷିକ ଉତ୍ସବ



ବୌଦ୍ଧ,୧୮।୮(ସମିସ): ବୌଦ୍ଧ ଟାଉନହଲରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଙ୍ଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀଛକ ଠାରୁ ଟାଉନହଲ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଜିଲ୍ଲା ସଭାପତି ରମେଶ ପ୍ରସାଦ ମେହେର ସଂଯୋଜନା କରିଥିଲେ। ସମ୍ପାଦକ ଅରୁଣ କୁମାର ମେଣ୍ଡିଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ସଂସ୍କୃତି ବିଭାଗ ସଚିବ ବାସୁଦେବ ମାଳବିଶୋଇ ଯୋଗଦେଇ କଳାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରିବା ପାଇଁ ଉପସ୍ଥିତ ଅତିଥି ମାନଙ୍କୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି କଳାକାର ପ୍ରକୋଷ୍ଠ ରାଜ୍ୟ ସହ ସଂଯୋଜିକା ବିଦୁସ୍ମିତା ମନ୍ତ୍ରୀ ଯୋଗଦେଇ କଳାକାରଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର ପାଇଁ ଅନୁଦାନ ଯୋଗାଇଦେବା, କଳାକାର ଭତ୍ତା ପାଇବା ନିମନ୍ତେ ବୟସ ସୀମା କୋହଳ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି, ବିଜେପି କଳାକାର ପ୍ରକୋଷ୍ଠ ରାଜ୍ୟ ସହ ସଂଯୋଜକ ସତ୍ୟ ରାଉତ, କନ୍ଧମାଳ ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ଓ ଅନୁଷ୍ଠାନର ଉପଦେଷ୍ଟା ତଥା ଓଡିଶା ସଂଗୀତ ନାଟକ ଏକାଦେମୀ ସଦସ୍ୟ ବସନ୍ତ କୁମାର ସାହୁ ଯୋଗଦେଇଥିଲେ। ପରେ ଜିଲ୍ଲାର କଳାକାର ଦଳ ନିଜ କଳା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କର୍ଣ୍ଣ ଓ ବାମଦେବ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଠାକୁରଙ୍କ ପରଲୋକ

କୋକସରା,୧୮।୮(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଲଦୁଗାଁ ପଞ୍ଚାୟତ ମୁଟୁରାବାହିଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଠାକୁର(୬୪)ଙ୍କ



ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ରବିବାର ତାଙ୍କୁ ବୁର୍ଲା ମେଡ଼ିକାଲ ନେବା ସମୟରେ ବାଟରେ ମୃତ୍ୟୁ ହୋଇଛି।ଶିକ୍ଷକ ଶ୍ରୀଠାକୁର ଶାନ୍ତ ସରଳ ଓ ଅଞ୍ଚଳର ଜଣାଶୁଣା ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଅନେକ ଛାତ୍ରଛାତ୍ରୀ, ଶିକ୍ଷକ ଠାରୁ ଆରମ୍ଭ କରି ଡାକ୍ତର ଓ ଇଞ୍ଜିନିୟର ହୋଇ ପାରିଛନ୍ତି। ଅଞ୍ଚଳରେ ଶିକ୍ଷାଦାନରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ତାଙ୍କ ପୁଅ ବିଦେଶରେ ରହୁଥିବା ଯୋଗୁଁ ଶବ ସତ୍କାରରେ ବିଳମ୍ବ ହେତୁ ବର୍ତ୍ତମାନ ତାଙ୍କର ମର ଶରୀର ଭବାନୀପାଟଣା ମେଡିକାଲର ଶବ ଗୃହରେ ସୁରକ୍ଷିତ ରଖାଯାଇଥିବା ବେଳେ ମଙ୍ଗଳବାର ନିଜ ଗାଁ ମୁଟୁରାବାହିଲିକୁ ପହଞ୍ଚିବା ନେଇ ସୂଚନା ରହିଛି।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସଂକୁଳସ୍ତରୀୟ କଳା ଉତ୍ସବ

ଭବାନୀପାଟଣା,୧୮।୮(ସମିସ): ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ସଂକୁଳସ୍ତରୀୟ କଳା ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନସିପାଲ ଭୀମସେନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଳାକାର ଓ ଶିକ୍ଷକ ଉମେଶ ଚନ୍ଦ୍ର ଶତପଥି ଓ ପୂର୍ବତନ ସଭାପତି ମହାବୀର ସାଂସ୍କୃତିକ ଅନୁଷ୍ଠାନ ଏବଂ ସାରଳା ପୁରସ୍କାର ବିଜେତା ଜୟନ୍ତ ବେହେରଓ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରିନସିପାଲ ଶ୍ରୀ ପଣ୍ଡା ଭାଷଣ ସହ ଏହି ଉତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେଭି ଭବାନୀପାଟଣା ସହିତ, କେଭି ଧର୍ମଗଡ, କେଭି ବଡ଼ମାଳ, କେଭି ବଲାଙ୍ଗୀର, କେଭି ଖରିଆର, କେଭି ନୂଆପଡା, କେଭି ସୋନପୁର ଓ କେଭି ବରଗଡର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଅଂଶଗ୍ରହଣକାରୀଙ୍କ କଳା ନୈପୁନ୍ୟତାକୁ ବିଚାର କରିବା ପାଇଁ ୪ ଜଣ ବିଶିଷ୍ଟ ବିଚାରପତି ଉପସ୍ଥିତ ଥିଲେ। ଲୋକ ଓ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ, ଦୃଶ୍ୟକଳା, ଏବଂ ଦେଶୀୟ ଖେଳ-ଖିଳଣା ବିଭାଗରେ ଛାତ୍ରଛାତ୍ରୀମାନେ ନିଜର ସାଂସ୍କୃତିକ ଉତ୍ସାହ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ମଞ୍ଚ ସଙ୍ଗୀତ, ଚିତ୍ରାଙ୍କନ ୨ ଦି ଓ ୩ ଦି ଆର୍ଟ ଇତ୍ୟାଦି ମାଧ୍ୟମରେ ନିଜ କଳାକୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ପ୍ରିନସିପାଲ ଓ ମୁଖ୍ୟଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସେମାନେ ବର୍ତ୍ତମାନ କ୍ଲଷ୍ଟର ପକ୍ଷରୁ ରିଜିଓନାଲ ସ୍ତରରେ ପ୍ରତିନିଧିତ୍ୱ କରିବେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ପ୍ରତିଭାଗୀ ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ। ଏହା ଫଳରେ କଳା ଉତ୍ସବ ୨୦୨୫ ସ୍ମରଣୀୟ ଓ ପ୍ରେରଣାଦାୟକ ଅଭିଜ୍ଞତାରେ ପରିଣତ ହୋଇଛି। ଶେଷରେ ରାଷ୍ଟ୍ର ଗାନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

● ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗରେ ୨ କୋର୍ଟ ଚାଲାଣ

ଥୁଆମୂଳରାମପୁର,୧୮।୮(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ଅନ୍ତର୍ଗତ କର୍ଲାପାଟ ଥାନା ଅଧୀନସ୍ଥ ଗୁଣପୁର ପଞ୍ଚାୟତ କିରକିଚା ଗ୍ରାମରେ ଦରଭଙ୍ଗା ଅଙ୍ଗନୱାଡ଼ିକେନ୍ଦ୍ର ପରିସରୁ



ରକ୍ତ ଯୁଡୁବୁଡୁ ଏକ ମୃତଦେହ ଉଦ୍ଧାର ହୋଇଥିବା ଘଟଣାରେ ଦୁଇଜଣଙ୍କୁ ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରିଥିବା କର୍ଲାପାଟ ପୁଲିସ ପକ୍ଷରୁ ସୂଚନା ମିଳିଛି। ଦୁଇ ଅଭିଯୁକ୍ତ ଭବାନୀପାଟଣା ପୁରୁଣା ପଡାର ଧନେଶ୍ବି ଗଉଡ(୩୨) ପିତା ସ୍ୱର୍ଗତ ସୁନ୍ଦର ଗଉଡ ଏବଂ ଅନ୍ୟ ଜଣକ ହେଉଛି ଦାବ୍ରିଗୁଡା ଗ୍ରାମର ସୁଶୀଲ ଗଉଡ(୪୨) ପିତା ଇନ୍ଦ୍ର ଗଉଡ।ସୂଚନା ଯୋଗ୍ୟ ଯେ ଗତ ୯ ତାରିଖ ରାତିରେ ଭବାନୀପାଟଣା ବ୍ଲକ୍ କର୍ଲାପଡ଼ା ଥାନା କଲମ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଡ଼ାର ରତ୍ନାକର ନାଏକଙ୍କ ପୁଅ ଧରଣୀଧର(୩୦)ଙ୍କୁ ମୁଣ୍ଡ ତଥା ଶରୀରର ବିଭିନ୍ନ ସ୍ଥାନରେ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରି ଚାଲିଯାଇଥିବା ବେଳେ ତା ପରଦିନ ୧୦ ତାରିଖରେ ଘଟଣା ସ୍ଥଳରେ କର୍ଲାପାଟ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ହେଲେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ଅନୁସନ୍ଧାନୀ କୁକୁରର ମଧ ସହାୟତା ନିଆଯାଇଥିଲା।ହେଲେ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଥିଲେ ସୁଦ୍ଧା ପୁଲିସ ତାର ତଦନ୍ତ ଜାରି ରଖିଥିଲା।ଶେଷରେ ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତଙ୍କୁ ସୋମବାର କର୍ଲାପାଟ ପୁଲିସ ଗିରଫ କରି କରି କର୍ଲାପାଟ ଥାନା କେସ୍ ନଂ ୨୨/୨୫ ରେ ବିର.ଏନ୍.ଏସ୍ ୧୦୩(୧) ରେ କୋର୍ଟ ଚାଲାଣ କରି ତାର ତଦନ୍ତ ଜାରି ରଖିଥିବା ସୂଚନା ଦେଇଛନ୍ତି ଘଟଣାର ତଦନ୍ତ କାରୀ ଅଧିକାରୀ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା।

# ୧୯ରେ ତରଭା ବନ୍ଦ ପାଳନ ନ କରିବାକୁ ପ୍ରଚାର

ତରଭା,୧୮।୮(ସମିସ): ଗତ ୧୨ ତାରିଖ ସନ୍ଧ୍ୟାରେ ତରଭା ବ୍ଲକର ଜନପ୍ରତିନିଧିମାନେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯାଉଥିବା ବେଳେ ସୋନପୁର ପଟାଭାଡି ଛକ ନିକଟରେ ୧୫ରୁ ୨୦ ଜଣ ଦୁର୍ବୃତ୍ତ ସେମାନଙ୍କ ଦୁଇଟି ଗାଡିକୁ ଅଟକାଇ ଭଙ୍ଗାରୁଜା କରିଥିଲେ। ଏ ସମ୍ବନ୍ଧେ ସୋନପୁର ଥାନାରେ ରିପୋର୍ଟ ହୋଇଥିଲେ ହେଁ ଅପରାଧୀମାନେ ଧରା ପଡିନାହାନ୍ତି। ଏହି ଘଟଣାର ପ୍ରତିବାଦରେ ତରଭା ବ୍ଲକର ଜନପ୍ରତିନିଧିଙ୍କ ତରଫରୁ ଏକ ସର୍ବଦଳୀୟ ବୈଠକରେ ୧୯ ତାରିଖ ତରଭା ଏନ୍‌ଏସି ସମେତ ସମସ୍ତ ୨୧ଟି ପଞ୍ଚାୟତରେ ବନ୍ଦ ଡାକରା ଦିଆଯାଇଥିଲା। ସୋମବାର ବନ୍ଦକୁ ସଫଳ କରିବା ପାଇଁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। କିନ୍ତୁ ସୋମବାର ସନ୍ଧ୍ୟାରେ ଗୋଟିଏ ରିକ୍ସାରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଏହି ବନ୍ଦ ଡାକରାକୁ ସମର୍ଥନ ନ ଜଣାଇ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲା ରଖିବାକୁ ପ୍ରଚାର କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ ଅଞ୍ଚଳର ବ୍ୟବସାୟୀମାନେ ଦ୍ୱନ୍ଦରେ ପଡିଛନ୍ତି। ୧୯ ତାରିଖ ଦୋକାନ ଖୋଲିବେ ନା ବନ୍ଦ ରଖିବେ ସେ ଚିନ୍ତା ବ୍ୟବସାୟୀମାନଙ୍କୁ ଘାରିଛି। ଅନ୍ୟପଟରେ ବନ୍ଦକୁ ସଫଳ ନ କରିବାକୁ କିଏ ପ୍ରଚାର କରୁଛି ସେନେଇ ମଧ ସ୍ପଷ୍ଟ ହୋଇପାରିନାହିଁ।

## ଦ୍ୱନ୍ଦରେ ବ୍ୟବସାୟୀ

# ୭.୭୨ କୁଇଣ୍ଟାଲ ଗଞ୍ଜେଇ ଜବତ

ତରଭା,୧୮।୮(ସମିସ): ଗଞ୍ଜେଇ ଚୋରାଚାଲାଣ କରୁଥିବା ଏକ ବୋଲେରୋ ପିକଅପ୍‌ରୁ ତରଭା ପୁଲିସ ୭ କୁଇଣ୍ଟାଲ ୭୨ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗୋଟିଏ ବୋଲେରୋ ପିକ୍‌ଅପ୍(ଓଆର ୧୯ ଜି ୯୦୧୧) ରେ ଗଞ୍ଜେଇ ନେଇ କଣ୍ଟାମାଳ ପଟରୁ ତରଭା ଆଡକୁ ଆସୁଥିବା ନେଇ ସୋନପୁର ଏସ୍‌ପି ନାରାୟଣ



ନାଏକଙ୍କୁ ଖବର ମିଳିଥିଲା। ଶ୍ରୀ ନାଏକଙ୍କ ନିର୍ଦ୍ଦେଶରେ ତରଭା ପୁଲିସ ଚଢ଼ଉ କରିଥିଲେ। ବୋଲେରୋ ଗାଡିର ଡ୍ରାଇଭର ଗାଡିର ଚାବି ଧରି ଫେରାର ମାରିଥିଲା। ପୁଲିସ କମସରା ରାଣୀଝୁଲା ପାହାଡ଼ ପାଦଦେଶ ସିଂହାରୀ ରାସ୍ତାରେ ଗାଡିକୁ ଜବତ କରିଥିଲା। ସେଠାରେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ଉପସ୍ଥିତିରେ ବୋଲେରୋରୁ ୭୭୩ ପ୍ୟାକେଟ ପଲିଥିନରେ ଭର୍ତ୍ତି ଗଞ୍ଜେଇ ବାହାର କରି ଓଜନ କରିଥିଲା। ସମସ୍ତ ପଲିଥିନ୍‌ରେ ମୋଟ ୭ କୁଇଣ୍ଟାଲ ୭୨ କେଜି ୮୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହାର ଆନୁମାନିକ ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏହି ଚଢ଼ଉରେ ଆଇଆଇସି ଅନିତା କିଡୋ, ଏସ୍‌ଆଇ ମାରୁତଚନ୍ଦ୍ର ପ୍ରଧାନ, ଏଏସ୍‌ଆଇ ସୁରଞ୍ଜି ସେଠୀ, କନଷ୍ଟେବଳ ପ୍ରକାଶ ଧରୁଆ, ରବୀନ୍ଦ୍ର କୁଆଁର ପ୍ରମୁଖ ସାମିଲ ଥିଲେ। ଏନେଇ ଥାନାରେ କେଶ ନମ୍ବର ୨୩୦ /୨୫ରେ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତ ଦାୟିତ୍ୱ ଆଇଆଇସି ଅନିତା କିଡୋଙ୍କୁ ଦିଆଯାଇଛି।

# ପ୍ରେମୀଯୁଗଳଙ୍କୁ ଉଦ୍ଧାର ସମୟରେ ପୁଲିସକୁ ଆକ୍ରମଣ

ବଙ୍ଗୋମୁଣ୍ଡା/ଟିଟିଲାଗଡ଼,୧୮।୮(ସମିସ):ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବିରିପାଲି ଗାଁରେ ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରିବା ସମୟରେ ପୁଲିସ ଓ ଗାଁଲୋକଙ୍କ ମଧ୍ୟରେ ତୀବ୍ର ମୁହାଁମୁହିଁ ଘଟିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ଆସିଛି। ସୂଚନା ଅନୁଯାୟୀ ଈଶ୍ୱର ସାହୁ ତାଙ୍କ ଝିଅ ନିଖୋଜ ଥିବାର ଲିଖିତ ଅଭିଯୋଗ କେସ ନମ୍ବର -୩୯/୨୫ ବଙ୍ଗୋମୁଣ୍ଡା ଥାନାରେ ଦେଇଥିଲେ ଅଭିଯୋଗକୁ ଆଧାର କରି ବଙ୍ଗୋମୁଣ୍ଡା ପୁଲିସ ଖୋଜାଖୋଜି ଆରମ୍ଭ କରିଥିଲା। ସୂଚନା ଅନୁଯାୟୀ ଦୁଇ ପ୍ରେମୀ ଯୁଗଳ ବିଲର ଏକ ଘରରେ ଥିବା କୌଣସି ସୂତ୍ରରୁ ଖବର ପାଇ ବଙ୍ଗୋମୁଣ୍ଡା ପୁଲିସ ତାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲା। ଉଦ୍ଧାର କରିବା ସମୟରେ ଗାଁର କିଛି ଦୁର୍ବୃତ ପୁଲିସ୍ ସହ ମୁହାଁମୁହିଁ ହେବା ସହ ପୁଲିସ ଉପରେ ଆକ୍ରମଣ ମଧ କରିଥିଲେ।ଏନେଇ ପୋଲିସ ଦୋଷୀଙ୍କ ଉପରେ କେସ ନମ୍ବର ୧୬୪/୨୫ ରେ ମାମଲା ରୁଜୁ କରିଛି।ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଆଇନକୁ ହାତରେ ନେଇଥିବା ଓ ପୁଲିସ ଉପରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିକ୍ରିୟା ମିଳିଛି।



# ତେଲନଦୀ ଉପରେ ମେଗା ଜଳସେଚନ ପ୍ରକଳ୍ପ ପାଇଁ ଦାବି

କେସିଙ୍ଗା,୧୮।୮(ସମିସ): ରବିବାର ଜିଲ୍ଲାପାଳ କେସିଙ୍ଗା ସିଟିଜନ ଫୋରମ୍ ବୈଠକରେ ଯୋଗଦେବା ପାଇଁ ଆସିଥିବା ସମୟରେ କସୃପଡ଼ା କୃଷକ ସଂଗଠନ ପକ୍ଷରୁ ତେଲ ନଦୀ(ରାଣୀଦର) ଠାରେ ଏକ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।ଦାବିପତ୍ର ଅନୁଯାୟୀ ଉକ୍ତ ନଦୀରେ ଜଳ ସେଚନ ପ୍ରକଳ୍ପ ନିର୍ମାଣ ହେଲେ କେସିଙ୍ଗା ବ୍ଲକ୍‌ର କନ୍ତେଶିର ଓ କଶ୍ରୁପଡ଼ା ପଞ୍ଚାୟତର ପ୍ରାୟ ୧୨ ହଜାର ଏକର ଜମି ଜଳସେଚିତ ହେବା ସହ ଆଉ କିଛି ପଞ୍ଚାୟତର ଚାଷୀ ମଧ ଉପକୃତ ହେବା ସହିତ ମରୁଡି ଜନିତ ସମସ୍ୟାର ଚିନ୍ତା ଦୂର ହେବ।ଗତ ବିଜେଡି ସରକାର ଅମଳରେ ସରକାରୀ ଆଦେଶ ପାଇ ବିଭାଗୀୟ ଅଧିକାରୀ ମାନେ ସରଜମିନ ତଦନ୍ତକରି ପତ୍ର ସଂଖ୍ୟା ୫୧୪/ ୧୩/୭/୨୦୨୩ ରେ ଭିତ୍ତିଭୂମିର ଅଭାବ ନାହିଁ କହି ସରକାରଙ୍କୁ ଅବଗତ କରାଇଥିଲେ।ହେଲେ ସରକାର ବଦଳିବା ପରେ ନୂତନ ସରକାର ପକ୍ଷରୁ କଥା ଆଗକୁ ନ ବଢିବାରୁ ପୁଣିଥରେ ଅଞ୍ଚଳର ଚାଷୀମାନେ ଦାବିପତ୍ର ପ୍ରଦାନ କରି ସରକାରଙ୍କୁ ମନେପକାଇ ଦେଇଥିବା ଚାଷୀ ସଂଗଠନ ର କର୍ମକର୍ତ୍ତା ପ୍ରକାଶ କରିଥିଲେ।

# ଆନ୍ତଃରାଜ୍ୟସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଟିଟିଲାଗଡ,୧୮।୮(ସମିସ)




ଟିଟିଲାଗଡ଼ ଚାରଭଟାଠାରେ ଅବସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମ୍ ଭେଲିରେ ଆନ୍ତଃରାଜ୍ୟ ଫୁଟ୍‌ବଲ୍ କ୍ରୀଡ଼ା ପ୍ରତିଯୋଗିତା (ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗ) ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପଜିଲ୍ଲାପାଳ ପଦ୍ମନାଭନ୍ ସାମନ୍ତରାଏ , ଉପଖଣ୍ଡ ଟିଟିଲାଗଡ଼ ସହକାରୀ ଉପ ଜିଲ୍ଲାପାଳ ସନ୍ଦିପ କୁମାର ଚନ୍ଦ୍ରକାର , ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ଟିଟିଲାଗଡ଼,ଆରକ୍ଷୀ ଅଧିକାରୀ ଯଶୋବନ୍ତ ନାରାୟଣ ପ୍ରଧାନୀ ଉପଖଣ୍ଡ ଟିଟିଲାଗଡ଼, ବିଦ୍ୟାଳୟର ସଭାପତି ଖସକ୍ଟଭ ଦୀପକ କୁମାର ସାହୁ,ଉପସଭାପତି ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଆୟୁଷ ସାହୁ, ଶଶାଙ୍କ ସାହୁ ,ପରିଚାଳନା ନିର୍ଦ୍ଦେଶିକା ବିଭାରାଜ ଗୁପ୍ତା ,ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନିରୁପମା ରଥ,ବବିତା ଜୈନ , ବରିଷ୍ଠ ଆଇନଜୀବୀ ଓ ଶିକ୍ଷାବିତ୍ ରଘୁନାଥ ରଥ,ବରିଷ୍ଠ ଆଇନଜିବୀ ପ୍ରଦୀପ ମହାନ୍ତି, ଚାର୍ଟାଡ଼ ଆକାଉଣ୍ଟାଣ୍ଟ ରାକେଶ ଜୈନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଡ଼.ରବୀନ୍ ଚନ୍ଦ୍ର ପରମାଣିକ ,ଅଧ୍ୟକ୍ଷ ଏମ୍.ନାଗାମାଲେଶ୍ୱର ରାଓ, ବିଦ୍ୟାଳୟର ଖେଳଶିକ୍ଷକ ଓ ବ୍ୟବସ୍ଥାପ୍ରମୁଖ ଦାନିଏଲ ବାରିକ ଏବଂ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସିବିଏସ୍‌ଇ ଖେଳନିରୀକ୍ଷକ ଆନନ୍ଦ ସିଂ ତିୱାରୀ ତାଙ୍କର ବକ୍ତୃତା ମାଧ୍ୟମରେ ଖେଳ ସମ୍ପର୍କରେ ପ୍ରତିଯୋଗୀ ଛାତ୍ରମାନଙ୍କୁ ଅନେକ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଉପଜିଲ୍ଲାପାଳ ଶ୍ରୀ ପ୍ରଧାନୀ ବିଦ୍ୟାଳୟ କ୍ରୀଡ଼ାରୁ ହିଁ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ସମ୍ଭବ ବୋଲି ଅଭିଭାଷଣ ରଖିଥିଲେ।ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମଧ ପ୍ରତିଯୋଗୀ ଛାତ୍ରମାନଙ୍କୁ ଶାନ୍ତିଶୃଙ୍ଖଳାର ସହିତ ଖେଳି ଟିଟିଲାଗଡ ମାଟିରୁ ସ୍ମୃତିସାଉଁଟି ନେବାପାଇଁ ବାର୍ତ୍ତା ଦେଇଥିଲେ। ପରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଯୋଗୀ ଦଳ ଗୁଡ଼ିକ ନିଜର ବିଦ୍ୟାଳୟର ପତାକା ସହ ଖେଳପଡ଼ିଆରେ ପରେଡ କରି ଥିଲେ। ଶଶାଙ୍କ ସାହୁ ନିର୍ଦ୍ଦେଶକ ଓମ୍‌ଭେଲି ଶିକ୍ଷାନୁଷ୍ଠାନ ,ସୁକନ୍ୟା ମ୍ୟାଡ଼ମ୍ ଆରକ୍ଷି ବିଭାଗ ଟିଟିଲାଗଡ଼ ଉଭୟ ଦଳର ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ

ଗୋଲାମୁଣ୍ଡା,୧୮।୮(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ଚିକିତ୍ସା ସହାୟକ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଦିବ୍ୟାଙ୍ଗ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ରାଜେଶ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲବଣି ନାଏକ, ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥାଇ ଉପକରଣ ବଣ୍ଟନ କରିଥିଲେ। ଏଥିରେ ଦୁଇ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଟ୍ରାଇସାଇକେଲ, ୩ ଜଣଙ୍କୁ ଶ୍ରବଣ ଯନ୍ତ୍ର, ପାଞ୍ଚ ଟି ହୁଇଲ ଚେୟାର, ୬ ଟି ସିପି.ଚେୟାର, ୩ ଟି ସୁଗମ କେନ, ୨ ଟି ରୋଲାଟର, ଏବଂ କ୍ଲଚର ପ୍ରଦାନ କରାଯାଇଥିଲା।ଭୁବନେଶ୍ୱରରୁ ଆସିଥିବା ଆଲିମକୋର ଡାକ୍ତର ସତ୍ୟବ୍ରତ ଗିରି, ଡାକ୍ତର ମନୋଜ କୁମାର ସେଠୀ, ଡାକ୍ତର ଆଲୋକ କୁମାର ସାହୁ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା କରିଥିଲେ।ଚିକିତ୍ସା ସହାୟକ ଶିବିର ଓ ଉପକରଣ ବଣ୍ଟନ କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ତ୍ରିପାଠୀ ଏବଂ ଅବନୀ କୁମାର ପ୍ରଧାନୀ ପରିଚାଳନା କରିଥିଲେ।



## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର



ଢେଙ୍କାନାଳ, ୧୮ ।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୭୦ ଅଭିଯୋଗ ଗ୍ରହଣ କରାଯାଇ ୯ଟିର ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ସମସ୍ୟା ଓ ୧୩ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ୨ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୪୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକରଙ୍କ ସହ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସହିଦ ମନୋଜଙ୍କ ଶେଷକୃତ୍ୟ



ପରଜଙ୍ଗ, ୧୮ ।୮ (ସମିସ): ଜମ୍ମୁ-କାଶ୍ମୀରର କିସ୍ତୱାରରେ ବାଦଲ ଫଟା ବର୍ଷା ପ୍ରଭାବରେ ହୋଇଥିବା ଭୟଙ୍କର ଭୂସ୍ଖଳନ ଯୋଗୁଁ ସେଠାରେ କାର୍ଯ୍ୟରତ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣିକମରା ଗ୍ରାମର ସିଆର୍‌ପିଏଫ୍ ଯବାନ ମନୋଜ ବିଶ୍ୱାଳ ସହିଦ ହୋଇଥିଲେ। ମନୋଜଙ୍କ ପାର୍ଥିବ ଶରୀର ସୋମବାର ସକାଳେ ଗାଁରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଅବସରରେ ମାଣିକମରା ଗାଁ ଲୋକାରଣ୍ୟ ହୋଇପଡ଼ିଥିଲା। ପ୍ରଶାସକଙ୍କଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଗାଁରେ ସମସ୍ତଙ୍କ ଭିଡ଼ ଜମିଥିଲା। ବାସଭବନରେ ମନୋଜଙ୍କ ମରଶରୀର ଉପରେ ଜାତୀୟ ପତାକା, ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ତଥା ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ଡାକ୍ତର ନୃସିଂହ ଚରଣ ସାହୁ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ବିଶାଳ ଶୋଭାଯାତ୍ରାରେ ସହିଦଙ୍କୁ ଗାଁ ପରିକ୍ରମା କରି ଗାଁ ଶ୍ମଶାନରେ ଗାର୍ଡ ଅଫ ଅନର ଦିଆଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ



ପରଜଙ୍ଗ, ୧୮ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଗତ ଦିନରେ କଂଗ୍ରେସର ଗଡ଼ ରହିଥିବା ବେଳେ ଏହାକୁ ଫେରି ପାଇବା ପାଇଁ ଦଳର ନୂଆ ପୁରୁଣା କର୍ମୀମାନେ ଆଶା ବାନ୍ଧିଛନ୍ତି। ମିଳିମିଶି ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ କର୍ମୀମାନେ ଅଣ୍ଟା ଭିଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ରବିବାର ପରଜଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ଓବିସି ସେଲ ସଭାପତି ରଞ୍ଜିତ କୁମାର ସାହୁଙ୍କ ଆହ୍ୱାନ କ୍ରମେ ବୈଠକ ହୋଇଥିଲା। ଏଥିରେ ଜିଲ୍ଲା ସଂଯୋଜକ ଛବି ନାରାୟଣ ବିଶ୍ୱାଳ ଯୋଗଦେଇ ଦଳର ସଙ୍ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବାଦବିବାଦ ଭୁଲି ମିଳିମିଶି ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ପୁରୁଖା କଂଗ୍ରେସ କର୍ମୀ ବିଜୟଶ୍ରୀ ରାଉତରାୟ, ଦୟାସାଗର ଦାସ, ନଗେନ ବିନାୟକ, ସଦାଶିବ ମଲ୍ଲିକ, ଦୀପକ ବେହେରା, ମକରଧ୍ୱଜ ସାହୁ, ପ୍ରକାଶ ବିଶ୍ୱାଳ ସମେତ ଦଳର କର୍ମୀମାନେ ଯୋଗଦେଇ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ପରେ ନୂତନ ବ୍ଲକ କଂଗ୍ରେସ କମିଟି ସଭାପତି ପଦ ପୂରଣ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ବ୍ଲକ ସଭାପତି ପଦ ପାଇଁ ୧୨ ଜଣ ଆଶାୟୀ ଆବେଦନ କରିଛନ୍ତି। ଖୁବଶୀଘ୍ର ବ୍ଲକ ସଭାପତି ଚୟନ କରାଯିବ ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି।

## ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ



ଢେଙ୍କାନାଳ, ୧୮ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ତିଳପଦା ଗ୍ରାମର ବିଷ୍ଣୁଚରଣ ରାଉତଙ୍କ ଧର୍ମପତ୍ନୀ ନଳିନୀ ଦାସଙ୍କର ୫୫ ବର୍ଷ ବୟସରେ ହୃଦଘାତରେ ପରିଲୋକ ଘଟିଛି। ସେ ୨୦୦୨ରେ ଶିକ୍ଷୟିତ୍ରୀ ଭାବେ ସଦର ବ୍ଲକ ପାରିଖେଦା ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇଥିଲେ। ଏବେ ସେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୬ ତାରିଖରେ ଅସୁସ୍ଥ ହେବାରୁ ତାଙ୍କୁ ଢେଙ୍କାନାଳ ଏବଂ ପରେ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ଝିଅ, ଭାଇ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ନଳିନୀଙ୍କ ଦେହାନ୍ତରେ ଶୋକର ଛାୟା ଖେଳିଯାଇଛି।

## ସାର କଳାବଜାରୀ; ଚଢ଼ଉର ୭ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

କାମାକ୍ଷାନଗର, ୧୮ ।୮ (ସମିସ)

କାମାକ୍ଷାନଗରରେ ସାର ଦର ବୃଦ୍ଧି ପାଇଁ ସୋମବାର ଚାଷୀମାନେ କାମାକ୍ଷାନଗର ବ୍ଲକରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସହରରେ ଥିବା କେତେକ ସାର ଦୋକାନୀ ସରକାରୀ ଦରଠାରୁ ଦୁଇଗୁଣ ଅଧିକରେ ସାର ବିକ୍ରି କରୁଥିବା ଅଭିଯୋଗ ପରେ ଗତ ୧୨ ତାରିଖ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଚାଷୀମାନେ କମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକଙ୍କୁ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ତୁରନ୍ତ ଚଢ଼ଉ କରିବାକୁ ତହସିଲଦାର ଶୁଭଙ୍କର ମହାନ୍ତି ଓ କୃଷି ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ପକ୍ଷରୁ ଚଢ଼ଉ ହୋଇଥିଲା। କିନ୍ତୁ ଚଢ଼ଉକୁ ଦୋକାନୀ ଖାତିର ନ କରି ଏବେ ବି ଉଚ୍ଚ ଦରରେ ବିକ୍ରି କରିବାରେ ଲାଗିଛନ୍ତି। ଚଢ଼ଉ ସମୟରେ ଧାର୍ଯ୍ୟଠାରୁ ଅଧିକ ଦରରେ ସାର ବିକ୍ରି କରୁଥିବା ଅଧିକାରୀମାନେ ଜାଣିବାକୁ ପାଇଥିବା ବେଳେ ନିର୍ଦ୍ଧାରିତଠାରୁ ଅଧିକ ସାର ମଧ୍ୟ ଗୋଦାମରେ ଗଚ୍ଛିତ ଥିଲା। ଚଢ଼ଉକୁ ୭ଦିନ ବିତି ଯାଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ବେଳେ ଦୋକାନୀ ପୂର୍ବଭଳି ଚଢ଼ା ଦରରେ ସାର ବିକ୍ରି କରୁଥିବାରୁ ଚାଷୀମାନେ କାମାକ୍ଷାନଗର ବ୍ଲକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ତଦନ୍ତ କରିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ କୃଷି ଅଧିକାରୀ ଅନୁଜ ରାଉତ ଓ ଅନ୍ୟ ଅଧିକାରୀ ଯାଇ ସ୍ଥିତି ପରଖିଥିଲେ। ଅଧିକାରୀ ଯାଇଥିବା କାରଣରୁ ସାର ମୂଲ୍ୟ ଚାର୍ଟ ମାରିବା ସହ ସବୁ ଠିକଥିବା ଦେଖିଥିଲେ। ପୂର୍ବରୁ ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରୁଛନ୍ତି ବୋଲି ଅଧିକାରୀ କହିଛନ୍ତି। ବେନିୟମ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



## ନବୀନଙ୍କ ଆଶୁ ଆରୋଗ୍ୟ କାମନା




ଢେଙ୍କାନାଳ, ୧୮ ।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏହି ଅବସରରେ ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ପରାମର୍ଶ କ୍ରମେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଢେଙ୍କାନାଳ ବିଜେଡି ପକ୍ଷରୁ ସ୍ଥାନୀୟ ବଳରାମ ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଛି। ଏଥିରେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ଶୁଭଲକ୍ଷ୍ମୀ ସାହୁ, ବଂଶୀଧର ଦଳେଇ, ରୋଜାଲିନ ସାହୁ, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ଯୁବନେତା ଅଜୟ କୁମାର ଭଞ୍ଜ, ବିମଳ ନାୟକ, ରାଜୁ ପାଣ୍ଡେ, ଗଙ୍ଗାଧର ରାଉତ, କୁନା ସାହୁ, ବିଷ୍ଣୁପ୍ରସାଦ କର, ଛାତ୍ରନେତା ଆର୍ଯ୍ୟନ୍ ଦାସ, ଓମପ୍ରକାଶ ନାୟକ, ଓମକାର ପାଣ୍ଡେ, ବିଶ୍ୱଜିତ ବେହେରା, ସୋନୁରାମ ସିଂ, ଶ୍ରଦ୍ଧାଞ୍ଜଳି ସାହୁ, ମମତା ମହାପାତ୍ର, ମିନତୀ ନାୟକ, ମାମି ବେହେରା, ଗୀତାଞ୍ଜଳି ପଣ୍ଡା, ଜୟନ୍ତୀ ବେହେରା, ସୁଲୋଚନା କରଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଅଟ୍ଟାଳି ଜଗନ୍ନାଥ ମନ୍ଦିରରେ ଐତିହ୍ୟ ପଦଯାତ୍ରା ଦଳ



ଢେଙ୍କାନାଳ, ୧୮ ।୮ (ସମିସ): ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୮ତମ ସଂସ୍କରଣ କଟକ ଜିଲ୍ଲା ଆଠଗଡ଼ରେ ଥିବା ପ୍ରସିଦ୍ଧ ଅଟ୍ଟାଳି ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମନ୍ଦିର ପରିସରରେ ଥିବା ମଣ୍ଡପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥଲା। ହିମାଂଶୁ ଶେଖର ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପ୍ରବଚକ ମାନସ ପଣ୍ଡା ଆଠଗଡ଼ର ଶ୍ରୀ ଜଗନ୍ନାଥଙ୍କ ଆଧ୍ୟାତ୍ମିକ ମହିମା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଂସ୍କୃତି ଗବେଷକ ଅଜୟ କୁମାର ଦାଶ ଆଠଗଡ଼ ରାଜ୍ୟର ଅଭ୍ୟୁଦୟ ଓ ଅଟ୍ଟାଳି ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ପ୍ରାଣକୃଷ୍ଣ ଦାଶ ପଦଯାତ୍ରୀମାନଙ୍କୁ ଆଠଗଡ଼ର ସଂସ୍କୃତି ସମ୍ପର୍କରେ ସୂଚନା ଦେଇଥିଲେ। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପ୍ରସନ୍ନ କୁମାର ପଟ୍ଟନାୟକ, କଟକ ହେରିଟେଜ୍ ୱାକ୍‌ର ଆବାହକ ଡ. ଦୀପକ ସାମନ୍ତରାୟ, ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଆବାହକ ଶ୍ରୀକାନ୍ତ ସିଂହ, ବିଶ୍ୱରଞ୍ଜନ ଦେହୁରୀ, ଅକ୍ଷୟ କୁମାର ଦାସ, ସ୍ୱର୍ଣ୍ଣପ୍ରଭା ସେଠୀ, ସୁନୀତା ମହାପାତ୍ର, ନାରାୟଣ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ୨୫ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ମେଡିକାଲ ସାମ୍ନାରେ ସମାଜସେବୀଙ୍କ ଧାରଣା



ଗଁଦିଆ, ୧୮ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି ସମାଜସେବୀ କ୍ଷୀରୋଦ ଚନ୍ଦ୍ର ଦାସ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ବିଭାଗ ଡାକ୍ତର ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ଶବ ବ୍ୟବଚ୍ଛେଦ ଗୃହ ଦୀର୍ଘଦିନ ହେଲା ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ସେହିପରି ବିଧାୟକଙ୍କ ପାଣ୍ଠିରେ ଥିବା ଆମ୍ବୁଲାନ୍ସକୁ ମେଡିକାଲକୁ ଫେରାଇ ଆଣିବା ଦାବି ନେଇ କ୍ଷୀରୋଦ ସୋମବାରଠାରୁ ଧାରଣାରେ ବସିଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି କ୍ଷୀରୋଦ କହିଛନ୍ତି। ଏହି ଧାରଣାକୁ ଯୁବ ସାମ୍ବାଦିକା ପୁଷ୍ପାଲତା ସାମଲ, ସାମ୍ବାଦିକ ଅକ୍ଷୟ କୁମାର ପାତ୍ର, ମଦନ ରାଉତ, ରାଘବ ଚନ୍ଦ୍ର ମହାରଣା ଓ ସ୍ଥାନୀୟ ଜନସାଧାରଣ ସମର୍ଥନ ଦେଇଛନ୍ତି। ଆଗାମୀ ଦିନରେ ବହୁ ସଙ୍ଗଠନ ସହଯୋଗ କରିବେ ବୋଲି ମତ ଦେଇଛନ୍ତି।

## ବିନା ସୂଚନା ଫଳକରେ ରାସ୍ତା କାମ



ଖଜୁରିଆକଟା, ୧୮ ।୮ (ସମିସ): କାମ ହେବା ପୂର୍ବରୁ ଫଳକ ଲାଗିବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ଫଳକ ନ ମାରି କାମ କରାଯାଉଛି। ତାହା ପୁଣି ଅଧିକାରୀଙ୍କ ଅନୁପସ୍ଥିତିରେ। ଏପରି ଘଟଣା ହିନ୍ଦୋଳ ବ୍ଲକ ବୁହାଳିପାଳ ଅଁଳାବେଡ଼ାଠାରେ ଦେଖିବାକୁ ମିଳିଛି। ଫଳକ ନିର୍ମାଣ କରା ନ ଯାଇ କଂକ୍ରିଟ ରାସ୍ତା କାମ ଆରମ୍ଭ ହୋଇଥିଲା। ହିନ୍ଦୋଳରେ ଏପରି ବାରମ୍ବାର ହେଉଥିଲେ ମଧ୍ୟ ଉପରିସ୍ଥ ଅଧିକାରୀମାନେ ଆଖି ବୁଜିଦେଇଥିବା ଅଭିଯୋଗ ହେଉଛି। ଫଳରେ ଖୁଲମଖୁଲା ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ କରୁଛନ୍ତି ଠିକାଦାର। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

● ଯାଉଁଳି ପୋଖରୀ ମଠରେ ନିଆରା ନନ୍ଦୋତ୍ସବ

## କୃତ୍ରିମ ଯମୁନା ନଦୀ ପାର୍‌ହେଲେ କୃଷ୍ଣ

ଢେଙ୍କାନାଳ, ୧୮ ।୮ (ସମିସ): ୧୭୨ ବର୍ଷର ପ୍ରାଚୀନ ରଘୁନାଥଜୀଉ ବା ଯାଉଁଳି ପୋଖରୀ ମଠରେ କୃଷ୍ଣ ଜନ୍ମୋତ୍ସବ ଓ ନନ୍ଦୋତ୍ସବ ନିଆରା ଢଙ୍ଗରେ ପାଳିତ ହୋଇଛି। ଶନିବାର କୃଷ୍ଣ ଜନ୍ମ ପରେ ପ୍ରଥମ ଭୋଗ ଭାବେ ପଞ୍ଚୁରୀ ଭୋଗ ଅର୍ପିତ ହୋଇଥିଲା। ପରେ ରାତିରେ ଫଳ ଓ କ୍ଷୀର ଭୋଗ ଲାଗି କରାଯାଇଥିଲା। ରାତି ୧୦ଟାରେ ୧୦୮ ଜନ୍ମ ଆଳତି ସମ୍ପନ୍ନ ହୋଇଥିଲା। ମଠ ପ୍ରାଙ୍ଗଣରେ ବାଲିଦ୍ୱାରା ଏକ କୃତ୍ରିମ ଯମୁନା ନଦୀ ସୃଷ୍ଟି କରାଯାଇଥିଲା। ପିତା ବସୁଦେବଙ୍କ ସହ ବାଳକୃଷ୍ଣ ଏହାକୁ ପାର ହୋଇ ଗୋପପୁରକୁ ଗମନ କରିଥିଲେ। ରବିବାର ନନ୍ଦୋତ୍ସବ ପାଳିତ ହୋଇଥିଲା। ଉକ୍ତଦିନ ମଧ୍ୟାହ୍ନରେ କୃଷ୍ଣ ଜନ୍ମୋତ୍ସବ ଉପଲକ୍ଷେ ଖେଚୁଡ଼ି, ଖଟା, ତରକାରି, ଭଜା, ଶାଗୁ ଓ ସୁଆଁ ଚାଉଳରେ ପ୍ରସ୍ତୁତ କ୍ଷୀରି ନୈବେଦ୍ୟ ରୂପେ ଅର୍ପଣ କରାଯାଇଥିଲା। ଏହାକୁ ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ରୂପେ ସେବନ କରିଥିଲେ। ଶ୍ରୀ ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଯୋଗଦେଇଥିଲେ।



## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପ୍ରତିଯୋଗିତା



କାମାକ୍ଷାନଗର, ୧୮ ।୮ (ସମିସ): କାମାକ୍ଷାନଗର ଏନ୍‌ଏସି ତରଫରୁ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଛି। ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୋମବାର ଚିତ୍ରାଙ୍କନ, ବକ୍ତୃତା, ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ହେବ। କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୩୧ ତାରିଖ ଏନ୍‌ଏସି ତରଫରୁ ପାଳିତ ହେବାକୁଥିବା ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରାଯିବ। ଆଜିର କାର୍ଯ୍ୟକ୍ରମରେ ଉପନଗରପାଳ ଶକୁନ୍ତଳା ସେଠୀ, ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ପ୍ରଦୋତ ସାହୁ, ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ଆଇଆଇଏମସି ଢେଙ୍କାନାଳର ୩୩ତମ ପ୍ରତିଷ୍ଠା ଦିବସ

# ବିଦ୍ୟାର୍ଥୀମାନେ ଗଣତନ୍ତ୍ରକୁ ନିକଟରୁ ଜାଣିବା ଜରୁରୀ

ଢେଙ୍କାନାଳ, ୧୮ ।୮ (ସମିସ)

ସାମ୍ବାଦିକତା ଓ ଯୋଗାଯୋଗର ବିଦ୍ୟାର୍ଥୀ ଭାବେ ଗଣତକୁ ନିକଟରୁ ଜାଣିବା ଜରୁରୀ ବୋଲି ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳର ୩୩ତମ ତଥା ଆଇଆଇଏମସି ଦିଲ୍ଲୀର ୬୧ତମ ପ୍ରତିଷ୍ଠା ଦିବସ ପାଳନ ଉଦଯାପନୀ ଉତ୍ସବରେ ମତ ପ୍ରକାଶ ପାଇଛି। ଏହି ଅବସରରେ ସ୍ଥାନୀୟ କ୍ୟାମ୍ପସରେ ଆୟୋଜିତ ସଭାରେ ଉଦବୋଧନ ଦେଇ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଗଣତନ୍ତ୍ର ଓ ଗଣ ଯୋଗାଯୋଗ ବିଷୟରେ ଜାଣିବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀଙ୍କୁ କହିଥିଲେ। ଅତିଥି ଭାବେ ଆକାଶବାଣୀ, କଟକର ସମ୍ବାଦ ବିଭାଗ ମୁଖ୍ୟ ତଥା ଆଇଆଇଏମସିର ଓଏସଡି ଡ. ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ଦେଶର ଏହି ଅଗ୍ରଣୀ ଅନୁଷ୍ଠାନର ଖ୍ୟାତିକୁ ଦ୍ୱିଗୁଣିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସକାଳେ 'ଜେନେରେଟିଭ ଏଆଇ ଭବିଷ୍ୟତର ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଏକ ବରଦାନ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ଛାତ୍ରଛାତ୍ରୀ ଏହାର ସପକ୍ଷ ଓ ବିପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏଥିରେ ଦୀପାଂଶୁ ଝା, ଜ୍ୟୋଷିତା ଏବଂ ନମିତା ଗିରି ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ଆସିଥିବା ବିଦ୍ୟାର୍ଥୀମାନେ ନିଜ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ତେବେ ଓଡ଼ିଆ ସାମ୍ବାଦିକତା ବିଭାଗ ଛାତ୍ରୀଙ୍କ ଆଦିବାସୀ ନୃତ୍ୟ ସଭିଙ୍କ ମନ ମୋହିଥିଲା। ରବିବାର ଉଦଘାଟନୀ କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ପ୍ରଧାନ ପ୍ରତିଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ ସଭାରେ ଶିକ୍ଷକ, କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ରହି ଆଇଆଇଏମସିର ଗୁଣଗାଣ କରିଥିଲେ। ଏହି ୨ ଦିନିଆ କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍, ଡ. ଚିରସ୍ରୋତା ଜେନା, ପାରସ ଯାଦବ, ଆଭା ସିଂ, ଏକାଡେମିକ ତଥା ଟିଚିଂ ଆସୋସିଏଟ ହରେକୃଷ୍ଣ ପ୍ରଧାନ, ସନତ ପାଢ଼ୀ, ଏକାଡେମିକ ସଂଯୋଜକ ଜିତେନ୍ଦ୍ର ପତି, ଲାଇବ୍ରେରୀ ଇନ୍‌ଚାର୍ଜ ଶୁଭଙ୍କାରୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ।



### ମନମୋହିଲା ସାନ୍ତାଳୀ ଓ ପାରମ୍ପରିକ ନୃତ୍ୟ ସଙ୍ଗୀତ

### ପିଏମଶ୍ରୀ ବିବି ହାଇସ୍କୁଲ

## ପ୍ରାର୍ଥନା ସଭାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଢେଙ୍କାନାଳ, ୧୮ ।୮ (ସମିସ): ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାର୍ଥନା ସଭାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମନୋଜ ରଞ୍ଜନ ଦଳେଇଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟସ୍ତରୀୟ ପରେଡ୍‌ରେ ଅଂଶଗ୍ରହକାରୀ ଚାରିଟି ସମର ଶିକ୍ଷାର୍ଥୀ, ଦୁଇଟି ସିଭିଲିଆନ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି ଦଳ ସମେତ ଅନ୍ୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ତଥା ବିଚାରକ ଭାବେ ପ୍ରାକ୍ତନ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ ଅଫିସର ଡ. ଦେବୀପ୍ରସାଦ ମିଶ୍ର, ସମର ଶିକ୍ଷାର୍ଥୀ ନୌବାହିନୀର ପ୍ରାକ୍ତନ ଚିଫ ଅଫିସର ଧାନଚାନ୍ଦ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟସ୍ତରୀୟ ଏହି ପରେଡ୍‌ରେ ସମର ଶିକ୍ଷାର୍ଥୀ ସ୍ଥଳବାହିନୀ ବାଳକ ବିଭାଗ ପ୍ରଥମ, ସ୍ଥଳବାହିନୀ ବାଳିକା ବିଭାଗ ଦ୍ୱିତୀୟ, ଆକାଶ ବାହିନୀ ବାଳକ ବିଭାଗ, ନୌବାହିନୀ ବାଳକ ଓ ବାଳିକା ବିଭାଗ ଓ ବ୍ୟାଣ୍ଡ ପାର୍ଟି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ୫ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରଶଂସିତ ହୋଇଥିବାରୁ ସେମାନଙ୍କୁ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ପଣ୍ଡିତ ଡ. ରୁଦ୍ରନାରାୟଣ ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ୭ମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମୋନାଲିସା ସାହୁ ଓ ନବମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିବା ବିସ୍ମିତା ସାମଲଙ୍କୁ ହୃଷୀକେଶ ମୋତି ସ୍ମାରକୀ ମେଧାବୀ ପୁରସ୍କାର ପ୍ରଦାନ କରାଯାଇଛି। ଷଷ୍ଠ ଶ୍ରେଣୀ ଛାତ୍ରୀ ଶୀତଳ ପରିଡ଼ାଙ୍କୁ ଜିଲ୍ଲାସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ଗାନ ପ୍ରତିଯୋଗିତା କନିଷ୍ଠ ବିଭାଗରେ ୧ମ ସ୍ଥାନ ହାସଲ କରିଥିବାରୁ ମୁଖ୍ୟଅତିଥି ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କଠାରୁ ଗ୍ରହଣ କରିଥିବା ପ୍ରଶଂସାପତ୍ର ଓ ମେମେଣ୍ଟୋକୁ ମୁଖ୍ୟଅତିଥି ପୁନର୍ବାର ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କିଶୋର ଚନ୍ଦ୍ର ସାମଲ, ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ଜ୍ୟୋତିରଞ୍ଜନ ନାୟକ, ନଳିନୀ ବେହେରା, ଅନୁପମା ପଣ୍ଡା, କ୍ଷୀରାବ୍ଧିତନୟା ମହାପାତ୍ର, ସୁଚିତ୍ରା ସାହୁ, ଡ. ଅନୁପମା ମିଶ୍ର, ଦୀପ୍ତୀଶ କୁମାର ଶତପଥୀ, କିରଣମୟୀ ମହାଳିକ, ସ୍ମିତିସୁଧା ଜେନା ପ୍ରମୁଖ ଯୋଗଦେଇଥିଲେ।



## ବଡ଼ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଉରକେଲା, ୧୮।୮(ସମିସ): ବଡ଼ଗାଁ ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୩୫ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୭୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୮ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକମଧ୍ୟରୁ ୧୩ ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୭ଟି ଆବେଦନ ରହିଥିଲା ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ୍ ସାହୁ, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା, ସଦର ଉପଜିଲ୍ଲାପାଳ ତେଜସ୍ୱନୀ ବେହେରା, ଆଇଏଏସ ଶିକ୍ଷାନବିଶ ଫାବି ରସିଦ, ଡେପୁଟି କଲେକ୍ଟର ( ଜନ ଅଭିଯୋଗ) ଅଶ୍ୱନୀ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ସିଆଇଟିୟୁର ବିକ୍ଷୋଭକୁ ସ୍ଥାନୀୟଲୋକଙ୍କ ବିରୋଧ

# ସ୍ଥାନୀୟ ନିଯୁକ୍ତି ନହେବା ଯାଏଁ ଜାରି ରହିବ ଗଣଧାରଣା

କୋଇଡ଼ା, ୧୮।୮(ସମିସ)



କୋଇଡ଼ା ଖଣିମଣ୍ଡଳ ଅଧୀନସ୍ଥ କୋଇଡା ଲୌହଖଣି ପୂର୍ବରୁ ଏସେଲ୍ଫ ମାଇନିଂ ଆଣ୍ଡ ଇଣ୍ଡଟ୍ରିଜ୍ ଅଧୀନରେ ପରିଚାଳିତ ଥିଲା। ଲିଜ୍ ଅବଧି ଶେଷପରେ ନୂତନ ଖଣି ନିଲାମ୍ ପ୍ରକ୍ରିୟାରେ ଜିଭିପିଆର୍ ଇଞ୍ଜିନିୟରିଂ ଲିମିଟେଡ୍ ନାମକ କମ୍ପାନୀ ଖଣି ହାତେଇ ଗତ ୭ ତାରିଖରେ ଖଣି ପୂଜନ ସହ କାର୍ଯ୍ୟ ଆରମ୍ଭ କରିଥିଲା। ଖଣି ଖୋଲିବା ନେଇ ପୂର୍ବରୁ କାର୍ଯ୍ୟରତ ଶ୍ରମିକ ସମୂହ ନିଯୁକ୍ତି ଦାବି କରି ଆସୁଥିଲେ। ସ୍ଥାନୀୟ ଲୋକଙ୍କୁ ଯଥା ଶୀଘ୍ର ନିଯୁକ୍ତି ପ୍ରଦାନ ନେଇ ଆଜି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ୍ ରାଜ୍ୟ କମିଟି ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡା ଜିଲ୍ଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବହୁଟି ପଞ୍ଚାୟତ ସରପଞ୍ଚଙ୍କ ସମେତ ହଜାର ହଜାର ସିଆଇଟିୟୁ କର୍ମୀ କୋଇଡା ପଞ୍ଚାୟତ ବାଲିଜୁଡି ଠାରୁ ଜିଭିପିଆର୍ ଖଣି ଗେଟ୍ ସମ୍ମୁଖରେ ରାଲିରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ବହୁ ସ୍ଥାନୀୟ କାଦୋଡିହା, ବାଲିଯୁଡି, ନୁଆଗାଁ ଗ୍ରାମର ମହିଳା ପୁରୁଷ ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିଥିଲେ। କ୍ଷଣକ ମଧ୍ୟରେ କଥା କଟାକଟି ହୋଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇ ଠେଲାପେଲା ହୋଇଥିଲା। ଖୋଦ୍ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଓ ସୁରକ୍ଷାରେ ଥିବା କୋଇଡା ସମେତ ଅନ୍ୟ ଥାନା ଅଧିକାରୀ, ନିୟୋଜିତ ସୁରକ୍ଷାବାହିନୀ ଉଭୟ ଗୋଷ୍ଠୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରଥିଲେ। ଦିନ ତମାମ୍‌ର ଖଣ୍ଡଯୁଦ୍ଧ ପରେ ସ୍ଥାନୀୟ ମହିଳା ପୁରୁଷମାନେ ଥାନାର ଦ୍ୱାରସ୍ଥ ହୋଇ ବିଧାୟକ ଓ କର୍ମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଅନ୍ୟପଟେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ହଜାର ହଜାର କର୍ମୀ ଖଣି ଗେଟ୍ ସମ୍ମୁଖରେ ପ୍ରତିବାଦ୍ ସହ ଗଣଧାରଣା ଜାରି ରଖିଛନ୍ତି। ବର୍ତ୍ତମାନ ଖଣି ଖୋଲିଲେ ଆଉ ସ୍ଥାନୀୟ ନିଯୁକ୍ତି କରୁନାହାନ୍ତି ସେଥିପାଇଁ ଯେତେ ପର୍ଯ୍ୟନ୍ତ ଆମ ନିଯୁକ୍ତି ଦାବିପୂରଣ ବା କମ୍ପାନୀ ସହ ଚୁକ୍ତିନାମା ନ ହେଇଛି ସେତେ ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

## ଦିପାଳୀ ସାହୁ ମୃତ୍ୟୁ ଘଟଣା: ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା




କୁତ୍ରା, ୧୮।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ଅଧୀନ କୁତ୍ରା ବାସିନ୍ଦା ଅଶୋକ ସାହୁଙ୍କ ଝିଅ ଦିପାଳୀ ସାହୁ ଗତ ୧୩ ତାରିଖରେ ନିଜ ଶଶୁରଘର ରାୟପୁରର ମୋତିନଗରଠାରେ ମୃତ୍ୟୁ ବରଣ କରିଥିଲେ। ଏହି ମୃତ୍ୟୁ ଘଟଣାକୁ ଦିପାଳୀଙ୍କ ଶଶୁର ଘର ଲୋକେ ଆତ୍ମହତ୍ୟା କହୁଥିବା ବେଳେ ବାପା ଅଶୋକ ସାହୁଙ୍କ ପରିବାର ପକ୍ଷରୁ ଦିପାଳୀଙ୍କୁ ତାଙ୍କ ସ୍ୱାମୀ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ସଦସ୍ୟ ମିଶି ହତ୍ୟା କରିଥିବାନେଇ ରାୟପୁରର ଟିକ୍ରାପଡ଼ା ଥାନାରେ ଅଭିଯୋଗ କରାଯାଇଛି। ଘଟଣାକୁ ନେଇ ସୋମବାର ସନ୍ଧ୍ୟାରେ ଦୀପାଳୀଙ୍କୁ ନ୍ୟାୟ ପ୍ରଦାନ ତଥା ଅଭିଯୁକ୍ତ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ଦାବିରେ ଅଶୋକଙ୍କ ଘରୁ ଶତାଧିକ ପରିବାର ସଦସ୍ୟ, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ।

ସୂଚନା ଅନୁସାରେ ଦୀପାଳୀ ସାହୁ(୨୮) ଗତବର୍ଷ ନଭେମ୍ବର ମାସ ୨୨ ତାରିଖରେ ରାୟପୁର ଟିକ୍ରାପଡ଼ା ଥାନା ଅଧୀନ ମୋତିନଗରର ରାମକୁମାର ଗୁପ୍ତାଙ୍କ ପୁଅ ଅଙ୍କିତ ଗୁପ୍ତାଙ୍କୁ ବିବାହ କରିଥିଲେ। ଗତ ୧୩ ତାରିଖ ସକାଳ ପ୍ରାୟ ସାଢେ ୯ ଟା ସମୟରେ ଅଶୋକ ସାହୁଙ୍କ ନିକଟକୁ ଦିପାଳୀ ମୃତ୍ୟୁବରଣ କରିଥିବା ନେଇ ଫୋନ ଆସିଥିଲା। ସଙ୍ଗେସଙ୍ଗେ କୁତ୍ରାରୁ ଅଶୋକ ସାହୁଙ୍କ ପରିବାରର ପ୍ରାୟ ୩୦ ଜଣ ସଦସ୍ୟ ରାୟପୁର ଯାଇ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ସମସ୍ତ ପରିସ୍ଥିତିକୁ ନିରୀକ୍ଷଣ କରିବା ପରେ ତଥା ଦିପାଳୀଙ୍କୁ ପୂର୍ବରୁ ତାଙ୍କ ଶଶୁର ଘର ପକ୍ଷରୁ ଦିଆଯାଉଥିବା ଯୌତୁକ ନିର୍ଯାତନା ଯୋଗୁଁ ଟିକ୍ରାପଡ଼ା ଥାନାରେ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ବିରୋଧରେ ଦିପାଳୀଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ କରଯାଇଥିଲା। ସେଠାରେ ଦୀପାଳୀଙ୍କ ଶବ ବ୍ୟବଚ୍ଛେଦ ପରେ କୁତ୍ରାକୁ ଶବ ଅଣାଯାଇ ୧୫ ତାରିଖରେ ବେଦବ୍ୟାସଠାରେ ଶବ ସତ୍କାର କରଯାଇଥିଲା। ସୋମବାର ସନ୍ଧ୍ୟାରେ ଦୀପାଳୀଙ୍କୁ ନ୍ୟାୟ ତଥା ଅଭିଯୁକ୍ତ ଅଙ୍କିତ ଗୁପ୍ତାଙ୍କ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା।

## ପଶ୍ଚିମବଙ୍ଗର ଔଷଧ ବିକାଳି ଗିରଫ

ବଣାଇଁ, ୧୮।୮(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ାର ବ୍ରାହ୍ମଣସାହିରେ ସୋମବାର ଗ୍ରାମବାସୀଙ୍କ ଦ୍ୱାରା ଏକ ଠକ ଔଷଧ ବିକାଳି ଧରାପଡ଼ିଛି। ସେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ହୁମାୟୁନ ଶେଖ ବୋଲି ପରିଚୟ ଦେଇଥିଲା। ତାକୁ ଗ୍ରାମବାସୀଙ୍କ ସହାୟତାରେ ଲହୁଣୀପଡ଼ା ପୁଲିସକୁ ହସ୍ତାନ୍ତର କରାଯାଇଛି। ହୁମାୟୁନ ଶେଖ୍ ବିନା କୌଣସି ଫାର୍ମାସୀ ଲାଇସେନ୍ସରେ ଅନେକ ପ୍ରକାରର ଏଲୋପାଥି ଓ ଆୟୁର୍ବେଦିକ ଔଷଧ ବିକୁଥିଲା। ତା'ର କହିବାନୁଯାୟୀ, ସେ ଲହୁଣୀପଡ଼ା ଓ ଆଖପାଖ ଅଞ୍ଚଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସମୟ ଧରି ଏହି ବ୍ୟବସାୟ କରିଆସୁଛି ଏବଂ ବର୍ତ୍ତମାନ ସେ ବ୍ରାହ୍ମଣ ସାହିରେ ଏକ ଭଡ଼ା ଘରେ ଆଉ କିଛି ବଙ୍ଗାଳି ବ୍ୟବସାୟୀ ମାନଙ୍କ ସହିତ ରହୁଛି ବୋଲି ପୁଲିସ ସମ୍ମୁଖରେ ପ୍ରକାଶ କରିଛି। ସେ ବିକ୍ରି କରୁଥିବା ଔଷଧ ମଧ୍ୟରେ ଅନେକ ଏକ୍ସପାରି ମେଡିସିନ୍ ରଖିଥିବା କଥା ଲୋକେ ପୁଲିସ ସମ୍ମୁଖରେ ପ୍ରକାଶ କରିଥିଲେ ଏବଂ ଏକ୍ସପାରି ମେଡିସିନ୍ ଗୁଡ଼ିକୁ ମଧ ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ଉଭୟ ଏଲୋପାଥି ଓ ଅନ୍ୟ ମେଡିସିନକୁ କୌଣସି ଫାର୍ମାସୀ ଲାଇସେନ୍ସ ବିନା ଅବୈଧ ଭାବରେ ବିକ୍ରି କରୁଥିବା ଯୋଗୁଁ ହୁମାୟୁନ ଶେଖ୍ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ପୁଲିସକୁ ଗୁହାରି କରିଥିଲେ।

ସୂଚନାଯୋଗ୍ୟ ଯେ, ଏକ ବାଇକ୍‌ରେ ବିଭିନ୍ନ ସ୍ଥାନରେ ବୁଲି ବୁଲି ଔଷଧ ବିକିଥାଏ। ପୁଲିସ ଯାଞ୍ଚରୁ ଜଣାପଡ଼ିଛି ଉକ୍ତ ବାଇକ୍‌ଟିର ମାଲିକ କୁର୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କରା ତେଣୁ ବାଇକ୍ ଟି ଚୋରା ଗାଡ଼ି ମଧ ହେଇପାରେ ବୋଲି ସନ୍ଦେହ କରାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଲହୁଣୀପଡ଼ା ପୁଲିସ ଅଭିଯୁକ୍ତ ହୁମାୟୁନ ଶେଖ୍ କୁ ଅଟକ ରଖି ପଚରାଉଚରା କରିବା ସହିତ ଏହି କାର୍ଯ୍ୟରେ ବ୍ୟବହୃତ ବାଇକକୁ ମଧ ଜବତ୍ କରିଥିବାର ଜଣାପଡ଼ିଛି। ଏହାଛଡା ଲହୁଣୀପଡ଼ା ଅଞ୍ଚଳରେ ଥିବା ସମସ୍ତ ଅବୈଧ ବଙ୍ଗାଳି ଔଷଧ ବିକାଳି ମାନଙ୍କୁ ଖୋଜି ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ ରଖିଥିଲେ।




## ଟ୍ରକ୍ ଏବଂ ଟିପ୍ପର ମାଲିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋଇଡ଼ା, ୧୮।୮(ସମିସ): କୋଇଡ଼ା ଟ୍ରକ୍ ଏବଂ ଟିପ୍ପର ମାଲିକ ସଂଘର ନୂତନ କାର୍ଯ୍ୟାଳୟ ସ୍ଥାନୀୟ ତେହେରାଇ ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ସଂଘ ପକ୍ଷରୁ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ସହ ଔଷଧ ବଣ୍ଟନ କରାଯାଇଥିଲା। ପରେ ସଂଘପକ୍ଷରୁ ଶତାଧିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରଞ୍ଜନ କୁମାର ବାରିକ, ଉପସଭାପତି କାଜଲ ବେହେରା, ସମ୍ପାଦକ ପ୍ରଫୁଲ୍ଲ ବାରିକ, ଯୁଗ୍ମ ସମ୍ପାଦକ ପାଣ୍ଡୁ ମୁଣ୍ଡା, କୋଷାଧ୍ୟକ୍ଷ ବିଜୟ ଦେହୁରୀ, ସଦସ୍ୟ ଜଗନ୍ନାଥ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ବଲ୍ଲଭ ମହାକୁଡ଼, ଜିତୁ ପଲେଇ, ଦିଲୀପ ପାତ୍ର, ଆନନ୍ଦ ବାରିକ, ପରମେଶ୍ୱର ବାରିକ, କୁମୁଦ ବାରିକ, ଗଗନ ବେହେରା, ପ୍ରମୋଦ ପଲେଇ, ଅମିତ ବାରିକ, ଚକ୍ର ବାରିକ, ବିପିନ ମହାକୁଡ଼, ଠୁଲୁ ବାରିକ, ଚୌଧୁରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ



ରାଉରକେଲା, ୧୮।୮(ସମିସ): ବାସନ୍ତୀ ନଗର ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ମୁଖ୍ୟଅତିଥି ଓ ଏନ୍‌ଆଇଟି ରାଉରକେଲାର ପ୍ରଫେସର ସରୋଜ କୁମାର ପଟେଲ ଯୋଗଦାନ କରିଥିଲେ। ଏଥିସହିତ ବିଦ୍ୟାଳୟର ଏଲ୍ଏମ୍‌ସି ସଭ୍ୟ ଏସ୍‌କେ ଯୋଶୀ, ରାଜେଶ ମଲହୋତ୍ରା, ଡ. ସ୍ୱାତୀରେଖା ମହାନ୍ତି, ମାନସୀ ପ୍ରଧାନ ମଧ୍ୟ ମଞ୍ଚରେ ଅଧ୍ୟକ୍ଷଙ୍କ ସହିତ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଏନ୍‌ସିସି, ସ୍କାଉଟ୍, ଗାଇଡ୍, ଏୟାର ଉଇଙ୍ଗସ୍, କବ୍, ବୁଲ୍ ବୁଲ୍ ଛାତ୍ର ଛାତ୍ରୀ ପାରେଡ କରିଥିଲେ। ବିଦ୍ୟାଳୟର ଚାରୋଟି ହାଉସର ଛାତ୍ରଛାତ୍ରୀ ମଧ୍ୟ ପରେଡରେ ଯୋଗଦେଇ ଥିଲେ। ୨୫୦ ଶିଶୁଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ଅବସରରେ ପାକ୍ଷିକ ସମ୍ବାଦ ପତ୍ର 'ପରଖ' ଉନ୍ମୋଚନ ହେବା ସହ ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଇଂରାଜୀ, ଓଡ଼ିଆ ତଥା ହିନ୍ଦୀରେ ବକ୍ତବ୍ୟ ପ୍ରଦାନ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜେତା ଛାତ୍ର ଛାତ୍ରୀଙ୍କ ସମ୍ବର୍ଦ୍ଧନା, ଛାତ୍ରଛାତ୍ରୀଙ୍କ ଦ୍ୱାରାମଞ୍ଚ ପରିଚାଳନା ଦିବସଟିକୁ ଉତ୍ସବ ମୁଖର କରିଥିଲା। ରାଜେଶ ମାଲହୋତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ଦାୟିତ୍ୱରେ ବିଦ୍ୟାଳୟର ସହ ସଂଯୋଜକ ବିଜୟ ମିଶ୍ର ସମ୍ପାଦନା କରିଥିଲେ।

### ଏଏନ୍‌କେ ଡିଏଭି ପବ୍ଲିକ୍ ସ୍କୁଲରେ କ୍ୟାରିଅର୍ ମେଳା




ରାଉରକେଲା, ୧୮।୮(ସମିସ): ସ୍ଥାନୀୟ ବାସନ୍ତୀ କଲୋନୀସ୍ଥିତ ଡ. ଏଏନକେ ଡିଏଭି ପବ୍ଲିକ୍ ସ୍କୁଲରେ କ୍ୟାରିଅର୍ କାଉନସେଲିଂ କ୍ଲବ୍ ଦ୍ୱାରା ଏକ ମେଗା କ୍ୟାରିଅର୍ ମେଳା ଆୟୋଜନ କରାଯାଇଥିଲା। ମେଳାକୁ ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସ୍କୁଲ୍ ପର୍ଯ୍ୟବେକ୍ଷକ ବିଜୟ ମିଶ୍ର ଏବଂ ସ୍କୁଲ୍ କ୍ୟାରିଅର୍ କାଉନସେଲିଂ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଏନ୍‌ଆଇଟିରୁ ଚୋରି ଶକ୍ତିନଗରରୁ ଜବତ : ଜଣେ ଗିରଫ

ରାଉରକେଲା, ୧୮।୮(ସମିସ): ରାଉରକେଲା ଏନ୍‌ଆଇଟିର ମେନବିଲ୍ଡିଂ ଲାବୋରେଟରୀରୁ ଚୋରି ହୋଇଥିବା ଲାପ୍‌ଟପ୍, ହାର୍ଡ ଡିସ୍କକୁ ସେକ୍ଟର - ୩ ଥାନା ପୁଲିସ ଶକ୍ତିନଗରରୁ ଜବତ କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ପ୍ରିୟଦର୍ଶନ ପତି(୩୫)। ସେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଅଞ୍ଚଳର ମୂଳବାସୀନ୍ଦା ହୋଇଥିବାବେଳେ ରାଉରକେଲାର ସେକ୍ଟର - ୩ ଥାନା ଅନ୍ତର୍ଗତ ଶକ୍ତିନଗରର ହାଉସ ନମ୍ବର ଏସଇ/୭୯ ରେ ବାସ କରୁଥିଲେ।



ସୂଚନା ମୁତାବକ ଏନ୍‌ଆଇଟି ରାଉରକେଲାର ସିଭିଆର ରୁମ୍ ନମ୍ବର ଡି/୪୦୩ ରେ ବାସ କରୁଥିବା ତନୟା ସୁବୁଦ୍ଧି ମେନବିଲ୍ଡିଂ ଲାବୋରେଟରୀରେ ରଖିଥିବା ତାଙ୍କର ଲାପଟପ ଏବଂ ୨ଟି ହାର୍ଡ ଡିସ୍କକୁ କେହି ଚୋରି କରି ନେଇଥିଲେ ବୋଲି ଥାନାରେ ରିପୋର୍ଟ କରିଥିଲେ। ଯାହାର ମୋଟ ମୂଲ୍ୟ ୫୩ ହଜାର ଟଙ୍କା ହେବ ବୋଲି ସେ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଶକ୍ତିନଗରର ପ୍ରିୟଦର୍ଶନ ପତିଙ୍କ ଘରେ ଚଢ଼ଉ କରି ଚୋରି ଲାପ୍‌ଟପ୍ ଓ ହାର୍ଡ ଡିସ୍କକୁ ଜବତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଧାମରା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

ରାଉରକେଲା, ୧୮।୮(ସମିସ)




ରାଉରକେଲା ସହରର ଅନ୍ୟତମ ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ସଂଗଠନ ଧାମରା ସାହିତ୍ୟ ସଂସଦ ପକ୍ଷରୁ ବର୍ଷା କବିତା ଆସର ଆୟୋଜିତ ହୋଇଯାଇଛି। ଧାମରା ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କବି ସୁଶାନ୍ତ କୁମାର ନାୟକଙ୍କ ପରିକଳ୍ପିତ 'ବର୍ଷା' ନିଜେ ଏକ କବିତା' ଶୀର୍ଷକ ଆୟୋଜିତ ବର୍ଷା କବିତା ଆସରରେ ସମ୍ମାନିତ ବକ୍ତାଭାବେ ଯୋଗ ଦେଇ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଇଂ ଅଭୟ ସୂତାର ବର୍ଷା ପ୍ରକୃତି ଓ ପ୍ରେମ ଚେତନାକୁ କେନ୍ଦ୍ରକରି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବିତା ପ୍ରେମମୟ ଓ ଜୀବନ୍ତ ବୋଲି ମତ ଦେଇଥିଲେ। ରାଉରକେଲା ଭଳି ଏକ ଉପାନ୍ତ ଅଞ୍ଚଳରେ ଧାମରା ସଂଘର ଏଭଳି ସାହିତ୍ୟ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରି ସେ କହିଲେ ମେଘ ପ୍ରେମ ଓ ପ୍ରୀତିର ନିଦର୍ଶନ, ପ୍ରେମିକ ବା ପ୍ରେମିକା ନିଜ ମନରେ ଥିବା ଅକୁହା କଥାକୁ ମେଘ ମାଧ୍ୟମରେ ପରସ୍ପରକୁ ଜଣାଇଥାନ୍ତି। କିନ୍ତୁ ମେଘରୁ ସୃଷ୍ଟି ବର୍ଷା ପ୍ରେମୀ ଯୁଗଳଙ୍କ ହୃଦୟରେ ସବୁଜିମାର ସଞ୍ଜୀବନୀର ସ୍ପର୍ଶ ଭରିଦିଏ। ଆଷାଢ଼ ଆଣେ ଯୌବନ, ଶ୍ରାବଣ ଭରେ ସ୍ପନ୍ଦନ। ବର୍ଷା ପ୍ରକୃତି ଓ ଆଷାଢ଼ର ମେଘ ଘଡଘଡି ଓ ବିଜୁଳିର ସମ୍ଭାରକୁ ପାଥେୟ କରି ସଂସ୍କୃତ ସାହିତ୍ୟର ମହାକବି କାଳିଦାସଙ୍କ ବର୍ଷା ପ୍ରକୃତି ଓ ବିରହ ବ୍ୟଞ୍ଜନ ମହାକାବ୍ୟ ମେଘଦୂତମ୍ ଠାରୁ ଆରମ୍ଭ କରି ଓଡିଆ ସାହିତ୍ୟର ରସକଲ୍ଲୋଳର କବି ଦିନକୃଷ୍ଣ, ଗଙ୍ଗାଧର ମେହେର, ଉପେନ୍ଦ୍ର ଭଞ୍ଜ, ମଧୁସୂଦନ ରାଓ, ମାୟାଧର ମାନସିଂହ ସହ ଆଧୁନିକ ତଥା ଉତ୍ତର ଆଧୁନିକ କବିଙ୍କର କବିତାରେ ବର୍ଣିତ ବର୍ଷାର ପ୍ରକୃତି ହିଁ ପ୍ରମାଣ କରିଦିଏ ବର୍ଷା ହିଁ ଜୀବନର ଗୀତ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପବିତ୍ର ପାଣିଗ୍ରାହୀ 'ବର୍ଷା ନିଜେ ଏକ କବିତା' ଶୀର୍ଷକ ପରିକଳ୍ପନା କରିଥିବା କବି ସୁଶାନ୍ତ କୁମାର ନାୟକଙ୍କୁ ପ୍ରଶଂସା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆଗକୁ ଏହିଭଳି କବିତା ଆସର ଆହୁରି କିପରି ଆକର୍ଷଣୀୟ ହୋଇ ପାରିବ ତାହା ପ୍ରକାଶ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥିମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ପବିତ୍ର ପାଣିଗ୍ରାହୀଙ୍କୁ ଧାମରା ଶିଳ୍ପୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀଙ୍କ ସଭାପତିତ୍ୱ ଓ ବିଶିଷ୍ଟ ସଂଗଠିକା ସଂଯୁକ୍ତା ବଳନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କବୀ କନକ ଲତା ମିଶ୍ର, ହରପ୍ରିୟା ସାମଲ, ସବିତା ପରିଡ଼ାଙ୍କ ସଂଯୋଜନାରେ କବି ତ୍ରିଲୋଚନ ସ୍ୱାଇଁ, ଉପେନ୍ଦ୍ର ବସ୍ତିଆ, ଦିବାକର ଦାଶ, ସଞ୍ଜୀବ୍ ଭୋଇ, କାଶୀନାଥ ନନ୍ଦୀ, ବଳରାମ ରାଉଳ, ସୁସ୍ମିତା ମହାପାତ୍ର, ରଘୁବର ଧଳ, ରାଜୀବ ପାଣି, ବାସନ୍ତୀ ପ୍ରୁଷେଠ୍, ପ୍ରତାପ ପଣ୍ଡା, ମିନକେତନ ପଶାୟତ, ବ୍ରଜେନ୍ଦ୍ର ଦାଶ, ଗୌତମ ଦାସ, ନିକୁଞ୍ଜ ବିହାରୀ ଦାଶ, ବସନ୍ତ ବିଶ୍ୱକର୍ମା, କୁଞ୍ଜ ବିହାରୀ ରାଉତ, ଦେବେନ୍ଦ୍ର କୁମାର ବଳ, ନିରୁପମା ପତି, ମୀରା ମଲ୍ଲିକ୍, ପ୍ରଶାନ୍ତ ମେହେର୍ ଆଦି ୪୨ ଜଣ କବି କବିତା ପାଠ କରିଥିଲେ। ଅନ୍ୟପକ୍ଷରେ ନିରୁପମା ନାୟକ, ବଳରାମ ମଲ୍ଲିକ୍, ସସ୍ମିତା ପ୍ରଧାନ, ମନୋଜ କୁମାର ନନ୍ଦ, ବ୍ରଜକିଶୋର ପାଣି, ସୂର୍ଯ୍ୟପଣ୍ଡା ସହଯୋଗ କରିଥିଲେ। ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡାଦେଶ

ରାଉରକେଲା, ୧୮।୮(ସମିସ): ସୁନ୍ଦରଗଡ଼ ସ୍ୱତନ୍ତ୍ର ପସ୍କୋ କୋର୍ଟ ୨୦୨୦ କିଞ୍ଜିରିକେଲା ଥାନା ଅଞ୍ଚଳର ଜଣେ ନାବିଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ମାଧବ ଲାକ୍ରାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୩୦ ହଜାର ଜରିମାନା ଏବଂ ଜରିମାନା ଅନାଦାୟ କଲେ ଆହୁରି ୧ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

## କୋଏଲନଗର ଡି. ବ୍ଲକ୍ ଦୁର୍ଗାପୂଜା ପୂର୍ଣ୍ଣାଙ୍ଗ କମିଟି ଗଠିତ

ରାଉରକେଲା, ୧୮।୮(ସମିସ): ଚଳିତବର୍ଷର ସାର୍ବଜନୀନ ଦୁର୍ଗାପୂଜା ପାଳନ ନିମନ୍ତେ କୋଏଲନଗର ଡି ବ୍ଲକ ଦୁର୍ଗାପୂଜାର ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଯାଇଛି। ଏହି ମର୍ମରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକ ପୁର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିଗତବର୍ଷର ଆୟବ୍ୟୟ ଉପସ୍ଥାପନା କରାଯାଇଥିଲା ବେଳେ ଚଳିତବର୍ଷର ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଥିଲା। ମୁଖ୍ୟ ସଂଯୋଜକ ଭାବେ ଦିଲୀପ କୁମାର ମହାନ୍ତି ଓ ସଂଯୋଜକ ଭାବେ ନରେଶ ସ୍ୱାଇଁ, ଜ୍ୟୋସ୍ନାରାଣୀ ଦାଶ, ମନୋରମା ବେହେରାଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ସଭାପତି ଭାବେ ଦେବେନ୍ଦ୍ର ନାଥ ନାୟକ ଓ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ରଥଙ୍କୁ ମନୋନୀତ କରାଯାଇଛି। ଉପସଭାପତି ଭାବେ ଦିଲୀପ କୁମାର ପୁହାଣ, ସୁଭେନ୍ଦୁ ଧଳ, ଦୀପକ କୁମାର ମହାନ୍ତି, ପ୍ରଣୟ ପାଣିଗ୍ରାହୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ଜୟଶ୍ରୀ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ଉମେଶ ପ୍ରସାଦ ଓ ସହସମ୍ପାଦକ ଭାବେ ଅଙ୍କିତ କୁମାର ବର୍ମା, ସୁଶୀଲ ସାହୁ, ବୁଦ୍ଧରାମ ବଡ଼ାଇକ ଓ ନବରଙ୍ଗ୍ ଛତ୍ରୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ କୋଏଲନଗର ଡି ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବରିଷ୍ଠ, ମହିଳା ଓ ଯୁବକ ଯୋଗ ଦେଇଥିଲେ।



## ଭୁବନେଶ୍ୱର ସିଟି

# ବିଧାନସଭାରେ ଆଣ୍ଟି ଟେରରିଷ୍ଟ ମକ୍‌ଡ୍ରିଲ୍‌



ଭୁବନେଶ୍ୱର,୧୮ ।୮ (ସମିସ): ବିଧାନସଭାରେ ଆଣ୍ଟି ଟେରରିଷ୍ଟ ମକ୍‌ଡ୍ରିଲ୍ କରାଯାଇଛି । ଆତଙ୍କବାଦୀଙ୍କୁ ପ୍ରତିହତ କରିବା ଲକ୍ଷ୍ୟରେ ଏନ୍‌ଏସ୍‌ଜି କମାଣ୍ଡ, ଓଡ଼ିଶା ଅଗ୍ନିଶମ, ଓଡ଼ିଶା ପୁଲିସ ପକ୍ଷରୁ ଏହି ମିଳିତ ଅପରେସନ କରାଯାଇଛି । ସ୍ୱତନ୍ତ୍ର ଟାକ୍ଟିକାଲ ୟୁନିଟ୍, ସ୍ୱତନ୍ତ୍ର କମାଣ୍ଡ କଣ୍ଟ୍ରୋଲ ଭେଇକିଲ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ଆତଙ୍କବାଦୀ ଆକ୍ରମଣ ସମୟରେ କିଭଳି ସମନ୍ୱୟ ରଖି ଅଧିକ ଦକ୍ଷ ଭାବେ କାମ କରିହେବ, ତାହା ଏହି ମକ୍ ଡ୍ରିଲର ମୂଳ ଲକ୍ଷ୍ୟ ।

ସୋମବାର କରାଯାଇଥିବା ଏହି ମକ୍ ଡ୍ରିଲ୍ର ଦୃଶ୍ୟ ଦେଖି ଏହାକୁ ସତ ଭାବିଥିଲେ । ଆତଙ୍କୀ ବିଧାନସଭା ଭିତରକୁ ପ୍ରବେଶ କରିଥିବାରୁ ଏସ୍‌ଏସ୍‌ଜି କମାଣ୍ଡୋମାନେ ଏହାର ଚାରିପାଖ ଘେରିପଡ଼ି ଅପରେସନ ଆରମ୍ଭ କରିଥିଲେ । ବିଧାନସଭା ଭିତରେ ୪ରୁ ୫ ଆତଙ୍କବାଦୀ ପ୍ରବେଶ କରିଥିବା ନେଇ ଗୁଇନ୍ଦା ବିଭାଗକୁ ଖବର ମିଳିବା ପରେ ଓଡ଼ିଶା ପୁଲିସ ଆଲର୍ଟ

**ଆତଙ୍କବାଦୀଙ୍କୁ ପ୍ରତିହତ କରିବାକୁ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ଅପରେସନ**

ରହିଥିଲା । ସଙ୍ଗେ ସଙ୍ଗେ ଓଡ଼ିଶା ପୁଲିସ ପକ୍ଷରୁ ଏନଏସଜିକୁ ଖବର ଦିଆଗଲା । କୋଲକାତାରୁ ଏନଏସଜିର ଏକ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚିବା ପରେ ମିଳିତ ଅପରେସନ କରାଯାଇଥିଲା । କମାଣ୍ଡ କଣ୍ଟ୍ରୋଲ ଭେଇକିଲ ମାଧ୍ୟମରେ ସଂପୂର୍ଣ୍ଣ ବିଧାନସଭା ବିଲ୍ଡିଂକୁ କଡ଼ା ନଜରରେ ରଖାଯାଇଥିଲା । ଏହି ଅପରେସନରେ ବୁଲେଟ୍ ପ୍ରୁଫ ଭେହିକଲ୍ ସହ, ରକ୍ଷକ ଭେହିକଲ୍‌ର ବ୍ୟବହାର କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ଦେଲେ ଅର୍ଥ କମିସନ



ଭୁବନେଶ୍ୱର,୧୮ ।୮ (ସମିସ): ସୋମବାର ଲୋକସେବା ଭବନରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । କମିସନର ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିସନର ଅନ୍ୟ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଥିଲେ ଏବଂ କମିସନଙ୍କ ବିଭିନ୍ନ ସୁପାରିସ ସମ୍ପର୍କରେ ଆଲୋକପାତ କରିଛନ୍ତି । ଷଷ୍ଠ ରାଜ୍ୟ ଅର୍ଥ କମିସନ ସରକାରଙ୍କୁ ଦେଇଥିବା ଏହି ଅନ୍ତରୀଣ ରିପୋର୍ଟକୁ ଷୋଡ଼ଶ ଅର୍ଥ କମିଶନଙ୍କ ବିଚାର ପାଇଁ ପ୍ରେରଣ କରାଯିବ । ଏହାପରେ କମିସନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କରିବେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବେ ବୋଲି ଜଣାପଡ଼ିଛି ।

ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ । କମିସନ ଅଧ୍ୟକ୍ଷ ଡ. ପଣ୍ଡାଙ୍କ ସହିତ କମିସନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥ, କମିଶନର ପଦାଧିକାରୀ ସଦସ୍ୟ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଗତ ସୋମବାର ଅପରାହ୍ଣରେ ରାଜଭବନରେ କମିସନ ଏହି ରିପୋର୍ଟକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ ଯେ ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ ଷଷ୍ଠ ରାଜ୍ୟ ଅର୍ଥ କମିସନ ଗଠନ କରିଛନ୍ତି । ଏହି କମିସନ ରାଜ୍ୟ ଏବଂ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକ ମଧ୍ୟରେ ରାଜ୍ୟ ଦ୍ୱାରା ଆଦାୟ ହେଉଥିବା କର, ଶୁଳ୍କ, ଟୋଲ୍ ଏବଂ ଫି' ବିତରଣ ଏବଂ ଏପରି ଆୟର ସେମାନଙ୍କର ଅଂଶର ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ନୀତିଗୁଡ଼ିକୁ ସୁପାରିସ କରିବେ ଓ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସୁପାରିସ କରିବେ ।

# ବିଏମ୍‌ସି ଜନଶୁଣାଣିରେ ସାମିଲ ହେବେ ଲାଇନ ଡିପାର୍ଟମେଣ୍ଟ

ଭୁବନେଶ୍ୱର, ୧୮ ।୮ (ସମିସ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜନ ଶୁଣାଣିକୁ ବ୍ୟାପକ କରିବା ପାଇଁ ଆରମ୍ଭ ହୋଇଛି ପ୍ରୟାସ । ଜନ ଶୁଣାଣିରେ କେବଳ ବିଏମ୍‌ସି ଅଧିକାରୀ ନୁହେଁ ବରଂ ସହରାଞ୍ଚଳରେ ସେବା ପ୍ରଦାନ କରୁଥିବା ବିଭିନ୍ନ ସଂସ୍ଥାର ଅଧିକାରୀମାନେ ଏଥିରେ ସାମିଲ ହୋଇଛନ୍ତି । ଏଣିକି ଟାଟା ପାୱାର, ୱାଟ୍‌କୋ, ଆର୍‌ଆଣ୍ଡବି ଆଦି ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ଆଜି ବିଏମ୍‌ସି ସହ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କ ଉପସ୍ଥିତିରେ କମିସନର ଚଞ୍ଚଳ ରାଣା ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜନ ଶୁଣାଣି ମାଧ୍ୟମରେ ସମସ୍ୟା ତୁରନ୍ତ ସମାଧାନ ହୋଇଯାଉଥିବାରୁ ଲୋକମାନେ ବେଶ ଖୁସି ପ୍ରକଟ କରିଛନ୍ତି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

# ବରିଷ୍ଠ ନାଗରିକଙ୍କ ଟ୍ରାଫିକ ସଚେତନତା

ଧଉଳି, ୧୮ ।୮ (ସମିସ): ଉତ୍ତରା ବରିଷ୍ଠ ନାଗରିକଙ୍କ ପକ୍ଷରୁ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଉତ୍ତରା ଛକରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୋମବାର ଉତ୍ତରା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବାହ୍ନ ୮ ଟାରୁ ମଧ୍ୟାହ୍ନ ୧୨ ଟା ଏବଂ ଅପରାହ୍ନ ସାଢେ ୫ ଟାରୁ ସାଢେ ୮ ଟା ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଏଥିରେ ସ୍ଥାନୀୟ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ଓ ଅଞ୍ଚଳ ସଚେତନ ଯୁବଗୋଷ୍ଠୀ ସହଯୋଗ କରିଥିଲେ । ଏହି ସମୟରେ ଆମ ବସ କର୍ମଚାରୀ ଆସି ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ନାଗରିକ ମଞ୍ଚର ସଭାପତି ଡା. ଅମରେନ୍ଦ୍ରନାଥ ମହାନ୍ତି, ବିଶିଷ୍ଟ ସମାଜସେବୀ ସରୋଜ କୁମାର ପାତ୍ର, ସଞ୍ଜୟ ଆଚାର୍ଯ୍ୟ, ଜୟରାମ



ବିଶ୍ୱାଳ, ପ୍ରଭାତ ସାହୁ, ବେଣୁଧର ନାୟକ, ଆନନ୍ଦ ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ମହେନ୍ଦ୍ର ନାୟକ, ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସଫେଇ କର୍ମଚାରୀ ନେତାଙ୍କୁ ଗିରଫର ପ୍ରତିବାଦ

ଭୁବନେଶ୍ୱର, ୧୮ ।୮ (ସମିସ): ଚେନ୍ନାଇ ମହାନଗର ନିଗମରେ କାର୍ଯ୍ୟରତ ସଫେଇ କର୍ମଚାରୀ ଓ ସଂଘର ନେତା ସାଥୀ ଭାରତୀଙ୍କୁ ମଧ୍ୟରାତ୍ରରେ ଗିରଫ ହୋଇଛନ୍ତି । ଏନେଇ ଚେନ୍ନାଇ ପୋଲିସ ତାଙ୍କୁ ତୁରନ୍ତ ମୁକ୍ତ କରିବା ଓ ପୋଲିସର ଜୁଲମ ପ୍ରତିବାଦରେ ସୋମବାର ଦେଶବ୍ୟାପି ପ୍ରତିବାଦ ଦିବସ ଏଆଇସିସିଟିୟୁ ଓ ଏଆଇଏମସା ଶ୍ରମିକ ମହାସଂଘ ପକ୍ଷରୁ ଡାକରା ଦିଆଯାଇଛି । ସ୍ୱଚ୍ଛତା ନାମରେ ସଫେଇ କର୍ମଚାରୀଙ୍କୁ ଶୋଷଣ କରିବା ଓ କମ ଦରମାରେ କାମ କରାଇବା ଏକ ମାନବ ଅଧିକାରକୁ ଖର୍ଣ୍ଣ କରୁଛି । ତୁରନ୍ତ ସଫାଇ କର୍ମଚାରୀଙ୍କୁ କାମରେ ନେବା, ମାସିକ ୨୬ ହଜାର ଟଙ୍କା ଦରମା, ଛଟେଇ ବନ୍ଦ କରିବା ଓ ଦେଶରେ ଆଉଟସୋର୍ସିଙ୍ଗକୁ ବନ୍ଦ କରିବା ଦାବିରେ ପ୍ରତିବାଦ ଦିବସ କରାଯାଇଥିଲା । ଏଥିରେ ଏଆଇସିସିଟିୟୁ ଓ ଏଆଇଏମଏସଡବ୍ଲ୍ୟୁଏଫ ର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଆଇସିସିଟିୟୁର ଉପସଭାପତି ବଂଶୀଧର ପରିଡ଼ା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ବାସୁଦେବ ସ୍ୱାଇଁ, ସଫେଇ କର୍ମଚାରୀ ନେତା ହେମନ୍ତ ପ୍ରଧାନ, ଉପେନ୍ଦ୍ର ସାହୁ ପ୍ରମୁଖ ପ୍ରତିବାଦ ଦିବସରେ ଅଂଶଗ୍ରହଣ କରିଥିଲେ ।

**ନବୀନଙ୍କ ଆଶୁ ଆରୋଗ୍ୟ କାମନା**

# ଲିଙ୍ଗରାଜ ମନ୍ଦିରରେ ଅଖଣ୍ଡ ଦୀପ ଜାଳିଲେ ବିଜେଡି କର୍ମୀ

ଭୁବନେଶ୍ୱର, ୧୮ ।୮ (ସମିସ): ସୋମବାର ଭୁବନେଶ୍ୱର ସାଂଗଠାନିକ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆଶୁ ଆରୋଗ୍ୟ କାମନା କରି ଅଖଣ୍ଡ ଦୀପ ଜାଳି ପୂଜାର୍ଚ୍ଚନା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ର ଶେଖର ମଲ୍ଲିଆ, ଭାରତୀ ସିଂ, ମହାମାୟା ସ୍ୱାଇଁ, ଶିବ ନାରାୟଣ ରାୟ, କେ ଶାନ୍ତି, ଶ୍ରୀଧର ବେହେରା, ଅଜିତ୍ ବେହେରା, କିରଣ ମାଝୀ, ଅଶ୍ୱିନୀ ସୁନ୍ଦରାୟ, ମିହିର ରାଉତ, ସନ୍ତୋଷ ସିଂ, ରଞ୍ଜୁଲତା ରାୟ, ପୁଷ୍ପାଞ୍ଜଳି ସେଠୀ, ପଦ୍ମଯା ଜେନା, ସ୍ମୃତି ରେଖା ବରିସଲ, ଡ ସନ୍ତୋଷ ବେଜ୍, ଦାଶରଥି ଗରାବଡୁ, ଆଲିଅଲି ମଲ୍ଲିକ, ହେମାଦ୍ରି ମହାପାତ୍ର, ଶିବପ୍ରସାଦ ମହାପାତ୍ର, ସସ୍ମିତା ଦାସ, ଦୁର୍ଗାଚରଣ ସାମନ୍ତରାୟ, ରାଜେଶ ପାତ୍ର ଏବଂ ଭୁବନେଶ୍ୱର ଆଇନଜୀବୀ ସାମ୍ମୁଖ୍ୟରେ ଡ. ସୁରେଶ ବାରିକ ବହୁ ଯୁବ, ଛାତ୍ର ନେତା ପ୍ରମୁଖ ଉପସ୍ଥିତ ଥିଲେ ।



# ହାଇଟେକ୍‌ରେ ସ୍ୱାଧୀନତା ଦିବସ



ଭୁବନେଶ୍ୱର, ୧୮ ।୮ (ସମିସ): ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭ ୯ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି । ଏଥିରେ ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫିଜିଓଥେରାପି, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, +୨ ସାଇନ୍ସ କଲେଜ ର ସହସ୍ରାଧିକ ବିଦ୍ୟାର୍ଥୀ ଉପସ୍ଥିତ ରହି ସ୍ୱାଧିନତା ଦିବସ ମହାସମାରୋହରେ ପାଳନ କରିଛନ୍ତି । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ପତାକା ଉତ୍ତୋଳନ କରିବା ସହ ଏକବିଂଶ ଶତାବ୍ଦୀରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କ ପାଖରେ ପହଞ୍ଚି ସାରିଛି, କିନ୍ତୁ ହାଇଟେକ୍ ଗ୍ରୁପ୍ ତାକୁ ପରବର୍ତ୍ତୀ ସମୟରେ ସମସ୍ତଙ୍କ ଦ୍ୱାର ମୁହଁରେ ପହଞ୍ଚାଇବାର ପ୍ରତିଶ୍ରୁତି ଏବଂ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି । ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣିଗ୍ରାହୀ, ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡକ୍ଟର ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରିପାଠୀ ଙ୍କ ସମେତ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇ ଏହି ଦିବସକୁ ଉତ୍ସବମୁଖର କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷାନୁଷ୍ଠାନର କୃତକାର୍ଯ୍ୟ ବିଦ୍ୟାର୍ଥୀ ଏବଂ ବିଶିଷ୍ଟ ଚିକିତ୍ସାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# 'ଉତ୍କଳ'ରେ ସିଣ୍ଡିକେଟ୍ ବୈଠକ

ଭୁବନେଶ୍ୱର, ୧୮ ।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଗଠନ ପରେ ସୋମବାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । କୁଳପତି ନିଯୁକ୍ତି ପାଇଁ ସିଣ୍ଡିକେଟ୍ ସଦସ୍ୟ ମନୋନୀତ କରିବାକୁ ବ୍ୟାପକ ଆଲୋଚନା ହୋଇଛି । ଚୁଡାନ୍ତ ନାମ ଘୋଷଣା ହୋଇ ନ ଥିଲେ ମଧ୍ୟ ୨ ଜଣ ବରିଷ୍ଠ ସଦସ୍ୟଙ୍କ ନାମ ଆଗରେ ରହିଛି । ଦୁଇ ଦିନ ମଧ୍ୟରେ ସିଣ୍ଡିକେଟ୍ ପ୍ରତିନିଧିଙ୍କ ନାମ ଘୋଷଣା କରାଯିବ ବୋଲି ଜଣା ପଡ଼ିଛି । ବୈଠକରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ସମେତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଅଜିତ୍ ମହାନ୍ତି, ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ଅଧ୍ୟକ୍ଷ ଡ. ମିତାଲି ଚିନାରା, କଲେଜ ଉନ୍ନୟନ ପରିଷଦ (ସିଡିସି) ନିର୍ଦ୍ଦେଶକ ପ୍ରଫେସର କବୀର ସେଠୀ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ (ଡିଏସ୍‌ଡବ୍ଲ୍ୟୁ) ଡ. ଶ୍ରୀରୂପ ଗୋସ୍ୱାମୀ, ଇଂରାଜୀ ବିଭାଗ ପ୍ରଫେସର ଅସୀମ ରଞ୍ଜନ ପହି, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେସନ ବିଭାଗର ପ୍ରଫେସର ମୃତ୍ୟୁଞ୍ଜୟ ପଣ୍ଡା, ରାଜଧାନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜକାନ୍ତ ଚୌଧୁରୀ, ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରି କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ ଏବଂ ଅନ୍ୟ ସଦସ୍ୟଙ୍କ ସହ ସିଣ୍ଡିକେଟ୍ ସେକ୍ରେଟାରୀ ତଥା କୁଳସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍‌ସିଏଲ ପାଳନ କଲା ୭ ୯ ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୮ ।୮ (ସମିସ): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ସମ୍ବଲପୁରସ୍ଥିତ କମ୍ପାନୀ ମୁଖ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବୁର୍ଲାର ଆନନ୍ଦ ବିହାର ଗ୍ରାଉଣ୍ଡରେ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ଏମ୍‌ସିଏଲ୍, ଓଆଇଏସ୍‌ଏଫ୍, ଏନ୍‌ସିସି ସ୍କାଉଟ୍ସ, ଗାଇଡ୍ସ ଏବଂ ସ୍କୁଲ ପିଲାମାନଙ୍କୁ ନେଇ ଗଠିତ ମାର୍ଚ୍ଚପାଷ୍ଟ ଦଳଠାରୁ ଅଭିବାଦନ ଗ୍ରହଣ କରିଥିଲେ । ତାଙ୍କ ଭାଷଣରେ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବାରେ କୋଇଲା ଖଣି ଶ୍ରମିକମାନଙ୍କ ଅମୂଲ୍ୟ ଅବଦାନକୁ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀ ମାନବ ସମ୍ବଳ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ, ନିର୍ଦ୍ଦେଶକ ପିକେ ପଟେଲ, (ଟେକ୍ନିକାଲ/ଅପ୍ସ) ଜେକେ ବୋରା, ଏବଂ ନିର୍ଦ୍ଦେଶକ (ଟେକ୍ନିକାଲ/ପ୍ରକଳ୍ପ ଏବଂ ଯୋଜନା) ଏସକେ ଝା, ସାମିଲ ଥିଲେ । ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଜ୍ଜ୍ୱଳ ସାଂସ୍କୃତିକ ପ୍ରଦର୍ଶନ ସ୍ୱାଧୀନତା ଦିବସ ପାଳନରେ ରଙ୍ଗୀନତା ଆଣିଥିଲା । ସିଏମଡି ଏବଂ ନିର୍ଦ୍ଦେଶକମାନେ ଶ୍ରେଷ୍ଠ ମାର୍ଚ୍ଚିଂ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ । ଏହାସହ ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲାର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଶ୍ରେଷ୍ଠ ସ୍କୋର କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଥିଲେ । ଏହି ସମୟରେ, ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷ ଅଞ୍ଜନା ଶୁକ୍ଳା ରାଓ ଏବଂ ଆରତୀ ଦେହୁରୀ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନୁଗୁଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏମ୍‌ସିଏଲର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମାନ ଉତ୍ସବ ପାଳନ କରାଯାଇଥିଲା ।



# ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୧୮ ।୮ (ସମିସ): ବିଡ଼ିଏ ପକ୍ଷରୁ ଚନ୍ଦ୍ରଶେଖରପୁର ମୌଜା ନୀଳାଦ୍ରି ବିହାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଜବରଦଖଲରେ ଥିବା ୧୪, ୮୫୦ ବର୍ଗଫୁଟ୍ ସରକାରୀ ଜମି ମଧ୍ୟରୁ ପ୍ରାୟ ୩୪୧ ଡିସିମିଲ ଜମିକୁ ଜବରଦଖଲ କରି ଘର ତିଆରି କରିଥିଲେ ଜବରଦଖଲକାରୀ । ସୋମବାର ବିଡିଏ ଉଚ୍ଛେଦକାରୀ ଦଳ ୧, ୨, ୩, ୪, ୫ ଓ ୬ ଜମିରେ ହୋଇଥିବା ବେଆଇନ ନିର୍ମାଣକୁ ମାଟିରେ ମିଶାଇ ଦେଇଛନ୍ତି । ଏହି ଉଚ୍ଛେଦରେ ୪ ଟି ଛାତ ଘର, ୩ ଟି ଲୁହା ଗେଟ୍, ଦୁଇଟି ଶୌଚାଳୟ, ଦୁଇଟି ଅର୍ଦ୍ଧନିର୍ମିତ ଘର, ଦୁଇଟି ପାଣି ଟାଙ୍କୀ ସହିତ ୧୦୦ ଫୁଟ ଲମ୍ବର ଫେନ୍ସ ଭଙ୍ଗା ଯାଇଛି । ପ୍ରାୟ ୩୨୭ ଡିସିମିଲ ଜମିକୁ ଦବରଦଖଲମୁକ୍ତ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରିବାକୁ ବିଡ଼ିଏକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ମିଳିଥିବା ସୂଚନା ମୁତାବକ ଏହି ଅଞ୍ଚଳରେ ଏକ ଘରୋଇ ସ୍କୁଲ ଚାଲୁଥିଲା । ଏହି ସ୍କୁଲଟି ପରବର୍ତ୍ତୀ ସମୟରେ ବନ୍ଦ ହୋଇଯାଇଥିଲା ସ୍କୁଲରେ କାମ କରୁଥିବା ଜଣେ କେୟାର ଟେକର ଏଠାରେ ନିଜ ପରିବାର ସହ ରହୁଥିଲେ । କିଛି ଘରକୁ ଭଡାରେ ମଧ୍ୟ ଲଗାଇଥିଲେ । ଏହି ଉଚ୍ଛେଦ କାର୍ଯ୍ୟ ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଯାଇ ନ ଥିଲା ବୋଲି ବିଡିଏ ପକ୍ଷରୁ କୁହାଯାଇଛି । ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଓ ବିଡିଏ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ "ସାଧାରଣ ପ୍ରଶାସନ ବିଭାଗ (ଜିଏ) ର ସହକାରୀ ନିର୍ଦ୍ଦେଶକ ସର୍ଭେ ଓ ଏନ୍‌ଫୋର୍ସମେଣ୍ଟ ଅମିୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ଆମ ରାଜଧାନୀ ଆମ ଐତିହ୍ୟ**

# ପଞ୍ଚରଥ ଶୈଳୀରେ ନିର୍ମିତ ମକରେଶ୍ୱର ମନ୍ଦିର



ଭୁବନେଶ୍ୱର, ୧୮ ।୮ (ସମିସ): ମନ୍ଦିରମାନଙ୍କର ସମୂହ ରାଜଧାନୀରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ କିର୍ତ୍ତିରାଜି । ଯାହା ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ସେଥିପାଇଁ ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଏବଂ ତାର ଚାରିପାଖ ଅଞ୍ଚଳକୁ ସ୍ୱର୍ଣ୍ଣଚଳ ବୋଲି କୁହାଯାଏ । ପ୍ରତି ଗଳିରେ ଏଠି ଶିବଙ୍କ ପୁରାତନ ମନ୍ଦିର ଦେଖିବାକୁ ମିଳେ । ସେଥିମଧ୍ୟରୁ ଚତୁର୍ଦ୍ଦଶ ଶତାବ୍ଦୀର ମକରେଶ୍ୱର ମନ୍ଦିର ଅନ୍ୟତମ ।

ଆପଣ ଯଦି ରଥ ରୋଡ୍‌ରେ ଦେଇ ଆସୁଛନ୍ତି ମନ୍ଦିରଟି ପାପନାଶିନୀ ମନ୍ଦିର ସାମ୍ନାରେ ହିଁ ରହିଛି । ମନ୍ଦିରର ଗଠନ ଶୈଳୀ ନିକଟବର୍ତ୍ତୀ ବକ୍ରେଶ୍ୱର ମନ୍ଦିର ସହ ସମାନତା ଦେଖାଯାଏ । ଏଠାରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ । ଏହାର ନିର୍ମାଣ ଶୈଳୀ ଓ କାରୁକାର୍ଯ୍ୟରୁ ଅନୁମାନ କରାଯାଏ ମନ୍ଦିରଟି ଗଙ୍ଗ ବଂଶ ସମୟର ନିର୍ମାଣ ହୋଇଛି । ଏଠାରେ ପାର୍ଶ୍ୱ ଦେବତା ଭାବେ ଗଣେଶ, କାର୍ତ୍ତିକ ଏବଂ ପାର୍ବତୀଙ୍କୁ ପୂଜା କରାଯାଇଥାଏ । ମନ୍ଦିରର ଦେଉଳ ସହ ଜଗମୋହନ ରହିଛି । ମନ୍ଦିରଟି ପଞ୍ଚରଥ ଶୈଳୀରେ ନିର୍ମାଣ ହୋଇଥିବା ପରିଲକ୍ଷିତ ହୁଏ । ମକରେଶ୍ୱର ମନ୍ଦିର ପରିସରରେ ଆଉ ଏକ ଛୋଟ ଶିବ ମନ୍ଦିରଟିଏ ରହିଛି । ଯାହା ଦ୍ୱାଦଶ ଶତାବ୍ଦୀର ବୋଲି କୁହାଯାଏ । ଏଠାରେ ଶିବଙ୍କୁ ପୂଜା କରାଯାଉଥିବାରୁ ସଂକ୍ରାନ୍ତି, ଶିବରାତ୍ରି ଆଦି ପର୍ବପର୍ବାଣି ପାଳନ କରାଯାଇଥାଏ । ପରିସର ମଧ୍ୟରେ ଏକ ପୁରାତନ କୂଅ ଏବଂ ଛୋଟ ପୂଜା ମଣ୍ଡପଟିଏ ଅଛି ।

## ଏବେ କେମିତି ରହିଛି



ମନ୍ଦିରଟି ବର୍ତ୍ତମାନ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି । ହେଲେ ତାର ବର୍ତ୍ତମାନ ସ୍ଥିତି ଦେଖିଲେ ଲାଗୁଛି ଏହା ଅନେକ ଦିନରୁ ଅବହେଳିତ ହୋଇ ପଡ଼ିଛି । ମନ୍ଦିରରେ ପୂଜା ହେଉଥିଲେ ମଧ୍ୟ ତାର ପାରିପାର୍ଶ୍ୱିକ ସ୍ଥିତି ଓଲଟା ଦୃଶ୍ୟମାନ ହେଉଛି । ମନ୍ଦିରର ପାଚେରୀ ଅଧା ଅଂଶ ଭାଙ୍ଗି ଯାଇଥିବାବେଳେ ତାକୁ ଲାଗି ଅଳିଆ କୂଢ ହୋଇଛି । ସେହିପରି ମନ୍ଦିରର କାରୁକାର୍ଯ୍ୟ କଥା କହିଲେ ତାହା ଏବେ କ୍ଷୟ ହେବାରେ ଲାଗିଲାଣି । ରଙ୍ଗ ବଦଳିବା ସହ କାରୁକାର୍ଯ୍ୟର ଭଗ୍ନାଂଶ ହିଁ ଏବେ ପରିଲକ୍ଷିତ ହେଉଛି । ଲିଙ୍ଗରାଜ ମନ୍ଦିର ନିକଟବର୍ତ୍ତୀ ହୋଇଥିବାରୁ ପର୍ଯ୍ୟଟକ ଆଖପାଖ ଅଞ୍ଚଳରେ ଥିବା ଛୋଟ ବଡ ପୁରାତନ ଶିବ ମନ୍ଦିରକୁ ମଧ୍ୟ ବୁଲିବାକୁ ଆସିଥାନ୍ତି । ହେଲେ ମନ୍ଦିରର କୌଣସି ନାମ ଏବଂ ତଥ୍ୟ ନଥିବା ଯୋଗୁଁ ସେମାନେ ମନ୍ଦିର ବିଷୟରେ ଜାଣିପାରୁନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି । ପରିସର ମଧ୍ୟରେ ଥିବା କୂଅ ମଧ୍ୟ ଅନାବନା ଗଛରେ ପୋତି ହୋଇଗଲାଣି । ଏହାସହ ବେଢ଼ାରେ ଥିବା ଅନ୍ୟ ଛୋଟ ମନ୍ଦିରର ମଧ୍ୟ ସେହି ସମାନ ଅବସ୍ଥା, କେଉଁଠି ଗଛ ମାଡିଲାଣି ତ କେଉଁଠି କାରୁକାର୍ଯ୍ୟ କ୍ଷୟ ହେବାକୁ ଲାଗିଲାଣି ।

### ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନକୁ ନେଇ ରାଜନୀତି ସରଗରମ

# ଶ୍ରେୟ ନେବାକୁ ବିଜେପି-ବିଜେଡି ମଧ୍ୟରେ ସୋସିଆଲ ମିଡିଆ ୱାର୍

ପାଲଲହଡ଼ା, ୧୮ ।୮ (ସମିସ)

ଦୀର୍ଘଦିନର ଦାବି ପରେ ପାଲଲହଡ଼ାବାସୀଙ୍କ ସ୍ୱପ୍ନ ପୂରଣ ହେବା ଆଶା ପୁଣିଥରେ ଉଜ୍ଜୀବିତ ହୋଇଛି। ପାଲଲହଡ଼ାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ମାନ୍ୟତା ମିଳିବା ନେଇ ରାଜ୍ୟ ସରକାରଙ୍କ ଚିଠା ତାଲିକା ପ୍ରକାଶ ପାଇଛି। ଏଥିରେ ଅନୁଗୋଳ ଜିଲ୍ଲାର ଏକମାତ୍ର ସହର ଭାବେ ପାଲଲହଡ଼ା ସ୍ଥାନ ପାଇଛି। ପାଲଲହଡ଼ାକୁ ଏନଏସି ମାନ୍ୟତା ମିଳିବା ନେଇ ପୂର୍ବ ବିଜେଡି ସରକାର ଘୋଷଣା କରିଥିଲେ। କିନ୍ତୁ ସରକାର ବଦଳିବା ପରେ ଏହି ସ୍ୱପ୍ନ ପୁଣି ଶୀତଳଭଣ୍ଡାରକୁ ଚାଲି ଯାଇଥିଲା। ଏପରିକି ସରକାର ଆଉଥରେ ଏ ସମ୍ପର୍କରେ ଘୋଷଣା କରିବେ ବୋଲି କହିଥିଲେ। ତେଣୁ ମାନ୍ୟତା ମିଳିବା ନେଇ ଆଶା, ଆଶଙ୍କା ସୃଷ୍ଟି ହୋଇଥିଲା। ଶେଷରେ ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଛି। ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ତେବେ ଏନ୍ଏସି ମାନ୍ୟତାକୁ ନେଇ ଏବେ ପାଲଲହଡ଼ାରେ ପୁଣିଥରେ ରାଜନୀତି ଜୋର ଧରିଛି। ପାଲଲହଡ଼ାକୁ ଏନ୍ଏସି ମାନ୍ୟତା ମିଳିଲେ ଲୋକଙ୍କୁ ସହରୀ ସୁବିଧା ସୁଯୋଗ ମିଳିବ, ମୌଳିକ ସେବା ମିଳିବା ଅଧିକ ସୁଗମ ହେବା ସହ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ, ସଫେଇ, ଆଲୋକୀକରଣ କାମ ଆଗେଇପାରିବ। ଏଠାରେ ଉପଖଣ୍ଡର ସମସ୍ତ କାର୍ଯ୍ୟାଳୟ ସହ ବ୍ଲକସ୍ତରୀୟ ସମସ୍ତ କାର୍ଯ୍ୟାଳୟ ରହିଛି। ସେହିପରି ଦୁଇଟି ଜାତୀୟ ରାଜପଥ ଯାଇଛି। ଏଠାରେ ପ୍ରାୟ ୨୦ ହଜାର ଲୋକ ରହୁଥିଲା ବେଳେ ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାର ଲୋକମାନେ ଏହା ଉପରେ ନିର୍ଭର କରୁଛନ୍ତି। ସହରରେ ନାମୀ ଶିକ୍ଷାନୁଷ୍ଠାନ ସହ ଘରୋଇ ପ୍ରତିଷ୍ଠାନ ରହିଛି। ହେଲେ ଏହା ପଞ୍ଚାୟତ ହୋଇଥିବାରୁ ଲୋକଙ୍କୁ ଉପଯୁକ୍ତ ସେବା ମିଳିପାରୁ ନ ଥିଲା। ପରିମଳ ବ୍ୟବସ୍ଥା ବିଗିଡ଼ି ଯାଇଥିଲା ବେଳେ ସହର ଅନ୍ଧାରରେ ଥିଲା। ଏଣୁ ସାଧାରଣ ଲୋକଙ୍କ ଦାବି ଉଠିବା ପରେ ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। କିନ୍ତୁ ଏବେ ବିଧିବଦ୍ଧ ଡ୍ରାଫ୍ଟ ନୋଟିସ ବାହାରିବା ପରେ ଅଞ୍ଚଳର ସହରୀ ସ୍ୱପ୍ନ ସାକାର ହେବାକୁ ଯାଉଛି। ଏହାକୁ ନେଇ ପାଲଲହଡ଼ାରେ ଖୁସିର ବାତାବରଣ ଖେଳିଯାଇଛି। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ପାଲଲହଡ଼ାବାସୀଙ୍କ ଦୀର୍ଘବର୍ଷର ଦାବିକୁ ପୂରଣ କରିଥିବାରୁ ଦଳମତ ନିର୍ବିଶେଷରେ ଏହାକୁ ସ୍ୱାଗତ କରାଯାଇଛି। ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତିଙ୍କୁ ବିଭିନ୍ନ ମହଲରୁ ତଥା ବିଜେପି କର୍ମୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଏନ୍ଏସି ମାନ୍ୟତା ନେଇ କିନ୍ତୁ ଓଲଟା ଅଭିଯୋଗ କରିଛି ବିଜେଡି। ବିଜେଡି ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା ଏକ ପ୍ରେସ ଇସ୍ତାହାରରେ କହିଛନ୍ତି ଯେ ବିଜେପି କେବଳ ବିନା ପରିଶ୍ରମରେ ଶ୍ରେୟ ନେବା ରାଜନୀତି କରୁଛି। ପାଲଲହଡ଼ାକୁ ଏନଏସି ଘୋଷଣା ନାଁରେ ବିଧାୟକ ବାହାବା ନେବା ହାସ୍ୟାସ୍ପଦ କଥା ବୋଲି ସେ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଫେବୃଆରୀ ୨୪ରେ ରାଜ୍ୟର ୨୦ ଜିଲ୍ଲାରେ ୩୪ଟି ନୂତନ ଏନ୍ଏସି ଗଠନ ଏବଂ ୪ ଜିଲ୍ଲାର ୫ଟି ଏନଏସିକୁ ମ୍ୟୁନିସିପାଲଟିକୁ ଉନ୍ନୀତ କରାଯିବ ବୋଲି ଘୋଷଣା କରିଥିଲେ। ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ୨୦୧୯ରେ ପାଲଲହଡ଼ା ଗସ୍ତ କରି ପାଲଲହଡ଼ା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବରେ ଯୋଗଦେଇ କହିଥିଲେ ଯଦି ଓଡ଼ିଶାରେ କେବେ ନୂତନ ଏନଏସି ଘୋଷଣା ହେବ ତେବେ ପାଲଲହଡ଼ା ନାମ ସର୍ବ ପ୍ରଥମେ ରହିବ। ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ପରିଶ୍ରମରେ ପାଲଲହଡ଼ାକୁ ଏନଏସି ମାନ୍ୟତା ଦେବା ପାଇଁ ସମସ୍ତ ନଥିପତ୍ର ବିଭାଗୟ ଅଧିକାରୀଙ୍କ ଜରିଆରେ ପ୍ରସ୍ତୁତ କରାଇଥିଲେ। ମାତ୍ର ପରିତାପର ବିଷୟ, ଘୋଷଣା ସର୍ବସ୍ୱ ଆଜିର ଡବଲ ଇଞ୍ଜିନ ବୋଲାଉଥିବା ବିଜେପି ସରକାରର ବିଧାୟକ ଅଶୋକ ମହାନ୍ତି ତାଙ୍କ ସରକାରକୁ ୧୪ ମାସ ବିତି ଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ପାଲଲହଡ଼ା ଅଞ୍ଚଳରେ ଗୋଡ଼ି ମୁଠାଏ ପକାଇବା ପାଇଁ ଟଙ୍କାଟିଏ ଆଣିବାକୁ ଅକ୍ଷମ ଥିଲାବେଳେ ପୂର୍ବ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ନିଜ ନାମଫଳକ ମାରି ବାହାବା ନେବାରେ ବ୍ୟସ୍ତ ଥିବାବେଳେ ଏନଏସି ଘୋଷଣା ହେବାର ବିନ୍ଦୁ ବିସର୍ଗ ତାଙ୍କୁ ଜଣାନାହିଁ। ପୂର୍ବ ସରକାରଙ୍କ ଘୋଷଣାକୁ ଦୋହରାଇ ନିଜ ସରକାରଙ୍କ ମୋହର ଲଗାଇ ବାହାବା ନେବା ହାସ୍ୟାସ୍ପଦ କଥା। ସାଂସଦ ଓ ବିଧାୟକଙ୍କୁ ଅନୁରୋଧ ପ୍ରଚାର ସର୍ବସ୍ୱ ନ ହୋଇ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଧ୍ୟାନଦେବା ସହ ପାଲଲହଡ଼ା ବିକାଶ କ୍ଷେତ୍ରରେ ଧ୍ୟାନ ଦିଅନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି। ଏ କଥାକୁ ପାଲଲହଡ଼ା ବିଜେଡି ଲୋକଲୋଚନକୁ ଆଣିବା ସହ ବିଜେପି ନେତୃମଣ୍ଡଳୀଙ୍କୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ଘୋଷଣା ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ପ୍ରଧାନ ଉଭୟ ଦଳକୁ କଟାକ୍ଷ କରିବା ସହ ପାଲଲହଡ଼ାକୁ ଏନଏସି ଘୋଷଣା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି।

## ପାଲଲହଡ଼ାକୁ ନିଶାମୁକ୍ତ କରିବାକୁ ଆହ୍ୱାନ




ପାଲଲହଡ଼ା, ୧୮ ।୮ (ସମିସ): ପାଲଲହଡ଼ା ପୁଲିସ ପ୍ରଶାସନ ପକ୍ଷରୁ ଶନିବାର ମାଲ୍ୟଗିରି ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଲଲହଡ଼ା ଏସ୍ଡିପିଓ କୈଳାସ ଚନ୍ଦ୍ର ସେଠୀ, ଡା. ଦିଲୀପ କୁମାର ଭୋଇ ଏବଂ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ମହନ୍ତ ଅତିଥିଭାବେ ଯୋଗଦେଇଥିଲେ। ଆଜିର ସମାଜରେ ନିଶା ସେବନ ଏକ ସାମାଜିକ ବ୍ୟାଧି ଭାବେ ଉଭା ହୋଇଛି। ନିଶାସେବନ ଦ୍ୱାରା ଯୁବସମାଜ ପଥଭ୍ରଷ୍ଟ ହେଉଛନ୍ତି, ଦୁର୍ଘଟଣା ବଢୁଛି, ଗାଁ ଏବଂ ପରିବାରରେ ଗଣ୍ଡଗୋଳ ହେଉଛି। ଲୋକେ ରୋଗଗ୍ରସ୍ତ ହେଇ ମୃତ୍ୟୁବରଣ କରୁଛନ୍ତି। ତେଣୁ ନିଶାସେବନଠାରୁ ଦୂରେଇ ରହିବା ସହ ନିଜେ ସଚେତନ ହେବା ଓ ସମାଜକୁ ସଚେତନତା କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପାଲଲହଡ଼ା ଉପଖଣ୍ଡକୁ ନିଶାମୁକ୍ତ କରିବା ପାଇଁ ଛାତ୍ରଚାତ୍ରୀଙ୍କୁ ଶପଥ କରାଇଥିଲେ।

## ବାଜପେୟୀଙ୍କ ଶ୍ରାଦ୍ଧ ଦିବସ ପାଳିତ



କିଶୋରନଗର, ୧୮ ।୮ (ସମିସ): କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କୁସୁଣୀ ଶିବ ମନ୍ଦିର ପ୍ରାଙ୍ଗଣରେ କିଶୋରନଗର ବିଜେପି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ବିଜେପି ଜିଲ୍ଲା ଉପସଭାପତି ତଥା ସମାଜସେବୀ ଅର୍ଜୁନ କୁମାର ସାହୁ ଯୋଗଦେଇ ବାଜପେୟୀଙ୍କ ସମ୍ମାନାର୍ଥେ ଚାରାରୋପଣ କରିଥିଲେ। ବାଜପେୟୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ଜନନାୟକ ଥିଲେ ବୋଲି ଅର୍ଜୁନ ସାହୁ ମତ ରଖିଥିଲେ। ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ତଥା ଜିଲ୍ଲା ବିଜେପି ମୁଖପାତ୍ର ଚିକୁନ ବିଶ୍ୱାଳ, ଜଳଧର ପ୍ରଧାନ, ବାମୁନ ବେହେରା, ବବୁଲୁ ସାମଲ, ସଞ୍ଜୀବ ପ୍ରଧାନ, ଅର୍ଦ୍ଧେନ୍ଦୁ ପ୍ରଧାନ, ଉମେଶ ସାମଲ, ମୁକେଶ ବିଶ୍ୱାଳ, ସିପୁନ ବିଶ୍ୱାଳଙ୍କ ସମେତ ଅନେକ ଯୁବକ ଏବଂ ମହିଳା ଉପସ୍ଥିତ ଥିଲେ।

## କଦଳୀମୁଣ୍ଡା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର, ୧୮ ।୮ (ସମିସ): କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ କଦଳୀମୁଣ୍ଡା ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଶାନ୍ତ ସେଠୀ, ସମିତି ସଭ୍ୟ ଅନୀଲ ସାହୁ, ଜିପିଡିଓ ସତ୍ୟପ୍ରିୟ ସାହୁ, ଏବିଇଓ ଲକ୍ଷ୍ମଣ ଦେହୁରୀ, ବିଏସଏସଓ ଝସକେତନ ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିଆରସିସି (ଓଏଲଏମ୍) ସୁଜିତ ପ୍ରଧାନ, ସିଆରସିସି ତରଣୀସେନ ପାତ୍ର, ଭିଏଡବ୍ଲ୍ୟୁ ବିଶ୍ୱନାଥ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ



କିଶୋରନଗର, ୧୮ ।୮ (ସମିସ): କିଶୋରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ବିଦ୍ୟାମନ୍ଦିରର କୁନି ପିଲାମାନେ କୃଷ୍ଣ, ରାଧା, ଯଶୋଦା, ବଳରାମ, ସୁଦାମା, ଗୋପାଳ ଆଦି ବେଶ ଧାରଣ କରି କିଶୋରନଗର ବଜାର ପରିକ୍ରମା କରି ବିଦ୍ୟାମନ୍ଦିରକୁ ଫେରିଥିଲେ। ସେଠାରେ ଦଧିହାଣ୍ଡି ଭଗ୍ନ କରି ପ୍ରସାଦସେବନ କରିଥିଲେ। ପରେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମ୍ପାଦକ ଅମୂଲ୍ୟ ବିଶ୍ୱାଳ, ପ୍ରଧାନ ଗୁରୁଜୀ କାଶୀନାଥ ପ୍ରଧାନ, କିଶୋର ଗୁରୁଜୀ, ବୁଲୁ ଗୁରୁଜୀ, ମନୋଜ ଗୁରୁଜୀ, ସିପି ଗୁରୁମା, ମିନୁ ଗୁରୁମା, ଲିପା ଗୁରୁମା, ତପ ଗୁରୁମା, ରେନି ଗୁରୁମା, ରଶ୍ମି ଗୁରୁମା, ଜନନୀ ଗୁରୁମା, ପ୍ରିୟଙ୍କା ଗୁରୁମା ଲୁସି ଗୁରୁମା, ଲେନୀ ଗୁରୁମା ସହଯୋଗ କରିଥିଲେ।

## ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ



ତାଳଚେର, ୧୮ ।୮ (ସମିସ): ବେସାମରିକ, ପ୍ରତିରକ୍ଷା ସଂଗଠନ, ତାଳଚେର ସ୍ୱଚ୍ଛାସେବୀ ଭାବେ ୧୯୯୧ରେ ଯୋଗଦାନ କରି ଗତ ୩୩ବର୍ଷ ଧରି ନିଃସ୍ୱାର୍ଥପର ସେବା ପ୍ରଦାନ କରି ଆସୁଥିବା ସଞ୍ଜୀବ ନାଏକଙ୍କୁ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂଶାପତ୍ର ପ୍ରଦାନ କରିଛନ୍ତି। ସେ ୨୦୧୭ ପଞ୍ଚାୟତ ନିର୍ବାଚନ ଓ ୨୦୨୪ ସାଧାରଣ ନିର୍ବାଚନରେ ଆଇନଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିବା ସହ ରକ୍ତଦାନ ଶିବିର, ପୋଲିଓ ପ୍ରତିଷୋଧକ ଟିକାକରଣ, ସ୍ୱାକ୍ଷରତା ଅଭିଯାନ ଇତ୍ୟାଦି ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ତାଙ୍କ ଅଙ୍ଗିକାରବଦ୍ଧତା ପ୍ରଶଂଶାନୀୟ। କୋଭିଡ-୧୯ ସମୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ତାଙ୍କ ଅବଦାନ ଅତ୍ୟନ୍ତ ଅତୁଳନୀୟ। ତାଙ୍କର ଏହି ଉଲ୍ଲେଖନୀୟ ସେବାପାଇଁ ରାଷ୍ଟ୍ରପତି ତାଙ୍କୁ ୨୦୨୫ ସାଧାରଣତନ୍ତ୍ର ଦିବସରେ ପ୍ରଶଂଶାପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ପ୍ରୋତ୍ସାହନ ସ୍ୱରୂପ ତାଙ୍କୁ ୭ ହଜାର ୫ଶହ ଟଙ୍କା ପ୍ରଦାନ କରିଛନ୍ତି। ଏହି ଖବର ପ୍ରସାରିତ ହେବାପରେ ଶୁଭେଚ୍ଛୁ ଓ ଅଞ୍ଚଳବାସୀ ତାଙ୍କ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ଯଜ୍ଞ



କିଶୋରନଗର, ୧୮ ।୮ (ସମିସ): କୃତିବାସପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ନାକଚି ଆଞ୍ଚଳିକ ବ୍ରାହ୍ମଣ ସମାଜର ୩୩ତମ ବାର୍ଷିକ ସଭା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ସୂର୍ଯ୍ୟପୂଜା, ଗୋ ପୂଜା, ରାଧାକୃଷ୍ଣ ବିଗ୍ରହଙ୍କୁ ପୂଜା କରି ଯଜ୍ଞ କରାଯାଇଥିଲା। ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ବ୍ରାହ୍ମଣ ସମାଜ ସଭାପତି ତରୁଣ କୁମାର ତ୍ରିପାଠୀ, ସମ୍ପାଦକ ବାନାମ୍ବର ମିଶ୍ରଙ୍କ ନେତୃତ୍ୱରେ କୃତିବାସପୁର ଗ୍ରାମ ସଭାପତି ଅନାଦିଚରଣ ସାହୁ, ସମ୍ପାଦକ ଈଶ୍ୱର ଚନ୍ଦ୍ର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ। କ୍ଷୀରୋଦ କୁମାର ତ୍ରିପାଠୀ, ବିଶ୍ୱେଶ୍ୱର ତ୍ରିପାଠୀ, ସୁଧାକର ନନ୍ଦ, ଗଙ୍ଗଦେବ ହୋତା, ବିଦ୍ୟାଧର ତ୍ରିପାଠୀ, ସୁନୀଲ ମହାପାତ୍ର, ବିଚିତ୍ରାନନ୍ଦ ମିଶ୍ର, ପ୍ରମୋଦ ତ୍ରିପାଠୀ, ସତ୍ୟମୋହନ ରଥ, ସୁରଥ ପଣ୍ଡା, ବିପିନ ବିହାରୀ ତ୍ରିପାଠୀ, ଜ୍ୟୋତିରଞ୍ଜନ ପଣ୍ଡା, ଅଶୋକ ମିଶ୍ର, ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରସାଦ ସେବନ କରାଯାଇଥିଲା।

## ଖେଳପଡ଼ିଆର ଉନ୍ନତୀକରଣ ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ଦାବିପତ୍ର



କିଶୋରନଗର, ୧୮ ।୮ (ସମିସ): କ୍ରୀଡ଼ାର ବିକାଶ ନିମନ୍ତେ ଆଠମଲ୍ଲିକ ଉପଖଣ୍ଡ ଆଠମଲ୍ଲିକ, ମାଧପୁର, ପତାକା ଓ କିଶୋରନଗର ବରପଡ଼ିଆର ଖେଳପଡ଼ିଆର ଉନ୍ନତୀକରଣ ପାଇଁ ବୌଦ୍ଧ ଜିଲ୍ଲା ଧଳପୁରକୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବିଜେପି ଯୁବନେତା ଅର୍ଜୁନ ସାହୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଭା ଥିଲେ ମଧ୍ୟ ଲୋକଲୋଚନକୁ ଆସିପାରୁ ନାହାନ୍ତି। ତେଣୁ ଖେଳପଡ଼ିଆର ଉନ୍ନତି ପାଇଁ ସାହୁ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ
















ବିକ୍ରମପୁର, ୧୮ ।୮ (ସମିସ)

ଏନଟିପିସି କଣିହା ଡାଫୋଡିଲ୍ସ ସ୍କୁଲ୍ରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ବିରଜା ପ୍ରସନ୍ନ ପଟ୍ଟନାୟକ ଜାତୀୟପତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀ ମନସ୍ୱିନୀ ପରିଡ଼ା, ପ୍ରିୟଙ୍କା ଭୁତିଆ ସ୍ୱାଧୀନତା ସଂଗ୍ରାମ ଉପରେ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଗ୍ରେଡ୍-୪ର ଛାତ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆୟୁଷ୍ମାନ, ପ୍ରାପ୍ତି, ପ୍ରତ୍ୟୁଷ, ସୌମ୍ୟ, ସ୍ୱେତାଲିନ୍, ସୁଦୀପ୍ତ, ରାଧିକା, ସାକ୍ଷୀ, ସାର୍ଥକ, ଅଙ୍କିତା ଓ ଅନୁପମା ସହଯୋଗ କରିଥିଲେ।

**ପବିତ୍ରନଗର:** କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗର ବିଜେଡି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶ କ୍ରମେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ପବିତ୍ରନଗର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି, କର୍ଣ୍ଣପାଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ପ୍ରଧାନ, ପରାବିଲ ସଭାପତି ବିରଞ୍ଚି ନାରାୟଣ ସାହୁ, ବିରୁ ସଭାପତି ଅବନୀକାନ୍ତ ଦେହୁରୀ, ବୁରୁକୁନା ସଭାପତି ତପନ କୁମାର ବେହେରା, ପର୍ଶୁରାମ ବିଶ୍ୱାଳ, ରବିଚନ୍ଦ୍ର ରାଉତ, ଧ୍ରୁବଚରଣ ବିଶ୍ୱାଳ, ନିତ୍ୟାନନ୍ଦ ବିଶ୍ୱାଳ, ମଣ୍ଟୁ ମହାନ୍ତି, ପ୍ରଦୀପ ସାମଲ, ପ୍ରଭାକର ମହାନ୍ତି, ଶିବରାମ ପ୍ରଧାନ, ସୁକାନ୍ତ ମହାନ୍ତି, ସୁରେନ ବେହେରା, ପାଣ୍ଡବ ସାହୁ ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ।

**ତାଳଚେର ସହର:** ତାଳଚେର ବ୍ଲକ ଘଣ୍ଟପଡ଼ାସ୍ଥିତ ତୋଫାନ ଯୁବକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ସଭାପତି ଧୀରେନ୍ଦ୍ର ଦାସ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଘଣ୍ଟପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରଂ ଗାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଘଣ୍ଟପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସୋନାକ୍ଷି ମହାପାତ୍ର, କାଜଲ ସାହୁ, ପ୍ରଗତି ପ୍ରିୟଦର୍ଶନୀ ରାଣା ଓ ଦେଶାତ୍ମକ ବୋଧକ ସଙ୍ଗୀତରେ ମଧୁସ୍ମିତା ସାହୁ, ସିଦ୍ଧି ବେହେରା ଓ ମଧୁସ୍ମିତା ସାହୁଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ପ୍ରଧାନ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ପଟ୍ଟନାୟକ, ନମିତା ମିଶ୍ର, ସୁଷମା ପଟ୍ଟନାୟକ, ସଞ୍ଜିତ କୁମାର ବାରିକ, ସଂସ୍କୃତ ଶିକ୍ଷକ ଭାସ୍କର ମେହେନା, ଦେବବ୍ରତ ଶତପଥୀ, ସବିତା ବେହେରାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଂଘ ଉପସଭାପତି କାହ୍ନୁଚରଣ ଦାସ, ସହସମ୍ପାଦକ ମନୋଜ ଦାସ, ପାଠାଗାର ସମ୍ପାଦକ ସତ୍ୟମ୍ ସାହୁ, ଆଦିତ୍ୟ ନାରାୟଣ ଦାସ, ଅଂଶୁମାନ ଦାସ, ଲିପନ ସାହୁ, ପ୍ରଦୀପ ମହାରଣା ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। କୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ତାଳଚେର ସହର:** ଏନ୍ଟିପିସି ଟିଟିପିଏସ୍ ଟାଉନସିପ୍ ଗ୍ରାଉଣ୍ଡରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେପି ରୟ, ପ୍ରବୀର କୁମାର ରାଜେଶ ଧୟାଲ୍, ବିଭା ଅଗ୍ରୱାଲ୍, ରୋହିତ କୁମାର, ଭାରତୀ ସିଂହ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଚାନ୍ଦ ତ୍ରିରଙ୍ଗା ବେଲୁନ ଉଡ଼ାଇବା ସହ ନିକଟବର୍ତ୍ତୀ ଗ୍ରାମର ଦିବ୍ୟାଙ୍ଗଜନଙ୍କୁ ମୋଟର ଚାଳିତ ହ୍ୱିଲ୍ ଚେୟାର ବଣ୍ଟନ କରିଥିଲେ।

**ବଅଁରପାଳ:** ବଅଁରପାଳ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନ ତଥା ବ୍ୟବସାୟ ପ୍ରତିଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ବିଜୟ କୁମର ନାଥ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଥାନାରେ ଥାନା ଭାରପ୍ରାପ୍ତ ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, +୩ ମହାବିଦ୍ୟାଳୟରେ ନିର୍ବାହୀ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ବେହେରା, +୨ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁଙ୍କ ଉପସ୍ଥିତିରେ ସଭାପତି ସତ୍ୟବାନ ବରାହ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ସତ୍ୟାନନ୍ଦ ରାଉତ ଓ ପ୍ରଧାନ ଆଚାର୍ଯ୍ୟା ସୁଷମା ସାହୁଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ନରେଶ ଚନ୍ଦ୍ର ସାହୁ ଓ ପ୍ରଦୀପ୍ତ କୁମାର ମାଝୀ, ଦିବ୍ୟଦର୍ଶନ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ନିରୁପମା ସାହୁ, ହାଇସ୍କୁଲରେ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଗୋତମରା ହାଇସ୍କୁଲରେ ପ୍ରଧାନଶିକ୍ଷକ ଅର୍ଜୁନ କୁମାର ସାହୁ, ବିଶ୍ୱନାଥପୁର ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପାଲ, କମିଟି ସଭାପତି ରଶ୍ମିତା ବରାହ ଓ ପ୍ରଭାକର ବିଶ୍ୱାଳଙ୍କ ଉପସ୍ଥିତିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁମୁଦ ବିହାରୀ ସିଂହ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ତାଳଚେର:** ତାଳଚେର-ଅନୁଗୋଳ ଆକ୍ଟିଭ ମିଡିଆ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ତାଳଚେର ଟାଉନ 'ଜୟ ନିତାଇ ଆଶ୍ରମ' କାର୍ଯ୍ୟାଳୟରେ ସଂଘ ସମ୍ପାଦକ, କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ, ତ୍ରିଲୋଚନା ସ୍ୱାଇଁ, ଦେବେନ୍ଦ୍ର ସାହୁ, ଦିଲୀପ ପ୍ରଧାନ, ରମେଶ ସେଠୀଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଅଲ୍ ଓଡ଼ିଶା ମାନବଧିକାର ସଭାପତି ପତକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଥାନାସାହି ସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷୟତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଜୟ ନିତାଇ ଆଶ୍ରମ ବାବା ଜ୍ୟୋତିନ୍ଦ୍ର ମହାପାତ୍ର, ଟିଙ୍କୁ, ରିଙ୍କୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଅନୁଗୋଳ:** ଅନୁଗୋଳ ଜିଲ୍ଲା ଔଷଧ ସଂଘ ପିଟିସିଠାରେ ଥିବା ଖମ୍ବେଶ୍ୱରୀ କଲୋନୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘ ସଦସ୍ୟ ବିପିନ କୁମାର ମହାପାତ୍ର, କିରଣ ପତି, ସତ୍ୟନ କୁମାର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାଣିକୋଇଲି ଟ୍ରମା କେୟାର

# ଉଦ୍‌ଘାଟନ କରିପାରୁନାହାଁନ୍ତି ନୂଆ ସରକାର

ଯାଜପୁର, ୧୮।୮ (ସମିସ):

ଯାଜପୁର ଜିଲ୍ଲାରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଜିଲ୍ଲା ସଦର ମହକୁମା ଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ ନବୀନ ସରକାର। ଏହି ମେଡିକାଲ କଲେଜ ସହିତ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳକୁ ଗୁରୁତ୍ୱ ଦେବାକୁ ଯାଇ ପାଣିକୋଇଲି ଠାରେ ଏକ ଟ୍ରମା କେୟାର ପ୍ରତିଷ୍ଠା କରିଥିଲେ। ପାଣିକୋଇଲି ଛକଟି ବଙ୍ଗ, ବିହାର ଏବଂ ଓଡ଼ିଶାର ସଙ୍ଗମ ସ୍ଥଳୀ। ଏଥିସହିତ ଦୁଇ ଦୁଇଟି

### ● ଭିତ୍ତିଭୂମି କରିଥିଲେ ନବୀନ ସରକାର

ଜାତୀୟ ରାଜପଥ ଯାଇଥିବାରୁ ଅଧିକାଂଶ ସମୟରେ ଏଠାରେ ଦୁର୍ଘଟଣା ଘଟୁଛି। ଆହତ ଓ ଗୁରୁତର ମାନଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର କିମ୍ବା ଅନ୍ୟସ୍ଥାନକୁ ସ୍ଥାନାନ୍ତର କଲାବେଳେ ରୋଗୀମାନଙ୍କର ମୃତ୍ୟୁ ହେଉଥିବା ଦେଖି ଏଠାରେ ଟ୍ରମା କେୟାର କରିବା ପାଇଁ ନିଷ୍ପତି ନେଇଥିଲେ ନବୀନ ସରକାର। ସେଠାରେ ବିଭିନ୍ନ ବିଭାଗର ସ୍ପେଶିଆଲିଷ୍ଟ ବିଭାଗ ସହିତ




ଆଇସିୟୁ ଏବଂ ୨୪ ଘଣ୍ଟିଆ ଜରୁରୀ ସେବା ଯୋଗାଇବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଟ୍ରମା କେୟାର ନିର୍ମାଣ ଶେଷ ହେବା ପରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ହୋଇଯାଇଥିଲା। ଫଳରେ ଏହାର ଉଦ୍‌ଘାଟନ ନେଇ ଜିଲ୍ଲାବାସୀ ଅପେକ୍ଷା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ବାରମ୍ବାର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଗସ୍ତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ଉଦ୍‌ଘାଟନ ହୋଇପାରୁନାହିଁ। ଏହି ଟ୍ରମା କେୟାର ପାଇଁ ଆବଶ୍ୟକ ମାନବ ସମ୍ବଳ ଯୋଗାଇବା ପାଇଁ ରାଜ୍ୟ ସରକାର ବିଫଳ ହୋଇଥିବା କାରଣରୁ ଏହା ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରୁନଥିବା ଜଣପଡ଼ିଛି।

ଅନ୍ୟପକ୍ଷରେ ଏହାକୁ ଟ୍ରମା କେୟାର ପରିବର୍ତ୍ତେ ଅନ୍ୟ ଏକ ଡାକ୍ତରଖାନାର ମାନ୍ୟତା ଦେଇ ସରକାର ତରବରିଆ ଉଦ୍‌ଘାଟନ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିରେ ନିଯୁକ୍ତି ହେବାକୁ ଥିବା ଅଣଚିକିତ୍ସା କର୍ମଚାରୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସିକ୍ୟୁରିଟି କର୍ମଚାରୀଙ୍କ ଠାରୁ ସୁଇପର ଏବଂ ଅନ୍ୟାନ୍ୟ ୬୨ ଜଣ କର୍ମଚାରୀ ନିଯୁକ୍ତି ଏକ ଘରୋଇ ସଂସ୍ଥା ମାଧ୍ୟମରେ କରାଯିବ। ଏଥିପାଇଁ ଏହାର ବାର୍ଷିକ ବ୍ୟୟଅଟକଳ ୧ କୋଟି ୬୫ ଲକ୍ଷ ୩୮ ହଜାର ୪୪୭ ଟଙ୍କା କରାଯାଇଛି। ଏଥିପାଇଁ ପ୍ରତ୍ୟେକ ନିଯୁକ୍ତି ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେପଟେ ଏହି ଟ୍ରମା କେୟାରକୁ ଉଦ୍‌ଘାଟନ କରିବା ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକ ରାଜ୍ୟ ସରକାରଙ୍କୁ ଚିଠି ଲେଖିବା ପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ରମା କେୟାରରେ ପହଞ୍ଚି ଏହାର ସମୀକ୍ଷା କରିଛନ୍ତି। ନବୀନ ସରକାର ଏଠାରେ ୯୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଏହି ଟ୍ରମା କେୟାର ପ୍ରତିଷ୍ଠା କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ଆଉ କେତେ ଦିନ ଲାଗିବ ତାକୁ ସମସ୍ତେ ଚାହିଁ ବସିଛନ୍ତି।

# ସୁକିନ୍ଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ସୁକିନ୍ଦା, ୧୮।୮ (ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ତହସିଲଦାର ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅମ୍ବର୍ କୁମାର କର ୧୦ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ, ୧୨ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର, ୪ ଜଣ ଦିବ୍ୟାଙ୍ଗଙ୍କୁ ସ୍ମାର୍ଟଫୋନ, ୨ ଜଣ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣ ଦିବ୍ୟାଙ୍ଗଙ୍କୁ ଟିଏଲ୍‌ଏମ୍ କିଟ ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ସିପି ଚେୟାର ୱିଥ କମୋଡ ବଣ୍ଟନ କରିଥିଲେ।

## ■ ରାଜ୍ୟ ପାରା ଆଥଲେଟିକ୍ସ

# ଜିଲ୍ଲାକୁ ମିଳିଲା ୮ ପଦକ



ଯାଜପୁର, ୧୮।୮ (ସମିସ): କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଯାଜପୁରର ପାରା କ୍ରୀଡ଼ାବିତ ଗୋଲାପୀ ସିର୍‌କାଙ୍କୁ ଏଫ୍-୫୫ ବର୍ଗରେ ଜାବେଲିନ ଥ୍ରୋ ଓ ସଟପୁଟ ୨ଗୋଟି ସ୍ୱର୍ଣ୍ଣ, ରାଜକିଶୋର ସାହୁଙ୍କୁ ଟି-୧୨ ବର୍ଗ ଜାଭଲିନ ଥ୍ରୋରେ ସ୍ୱର୍ଣ୍ଣ, ଡିସ୍କସ୍ ଥ୍ରୋରେ ରୌପ୍ୟ, ସଟପୁଟ୍ ଥ୍ରୋରେ କାଂସ୍ୟ, ରାମଚନ୍ଦ୍ର ମୁଣ୍ଡା ଟି-୧୧ ବର୍ଗ ଲଙ୍ଗ୍ ଜମ୍ପରେ ସ୍ୱର୍ଣ୍ଣ ଓ ୧୦୦ମିଟରରେ ରୌପ୍ୟ; ଏହିପରି ଭାବରେ ଯାଜପୁର ଜିଲ୍ଲାକୁ ମୋଟ ୮ଗୋଟି ପଦକ ଜିତିଛନ୍ତି। ରାମଚନ୍ଦ୍ର ମୁଣ୍ଡା ନେତାଜୀ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଛାତ୍ର ଅଟନ୍ତି। ଏହି ସଫଳତା ପରେ ଜିଲ୍ଲା ପାରା ସ୍ପୋର୍ଟସ ଆସୋସିଏସନ ସଭାପତି ମଣ୍ଟୁ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ଆସ ସ୍କୁଲ ଯିବା ଅଭିଯାନର ସ୍ୱତନ୍ତ୍ର ବୈଠକ

ସିଂହପୁର, ୧୮।୮ (ସମିସ): ବିଞ୍ଝାରପୁର ବ୍ଲକର ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁରରେ 'ସଂସ୍କୃତ ସପ୍ତାହ' ପାଳିତ ହେବା ସହିତ 'ଆସ ଆମେ ସ୍କୁଲ ଯିବା ଅଭିଯାନ'କୁ ସଫଳ କରିବା ନିମନ୍ତେ ସ୍ୱତନ୍ତ୍ର ପିତାମାତା ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନା ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ସଂସ୍କୃତ ଭାଷାର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ଶିକ୍ଷକ ଖଗେଶ୍ୱର ଯେନା ସଂସ୍କୃତ ଭାଷା କିପରି ପିଲାମାନଙ୍କର ଭବିଷ୍ୟତ ଗଠନରେ ସହାୟକ ହେବ, ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି 'ଆସ ସ୍କୁଲ ଯିବା' ଅଭିଯାନ ଉଦ୍ଦେଶ୍ୟରେ ପଦଯାତ୍ରା କରାଯାଇଥିବା ସ୍ଥଳେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ଅଭିଯାନର ମହତ ଉଦ୍ଦେଶ୍ୟ 'ଦେଶରେ କେହି ନିରକ୍ଷର ରହିବେ ନାହିଁ' କୁ ସମସ୍ତେ ସ୍ୱାଗତ କରିଥିଲେ। ସଭାରେ ବିଞ୍ଝାରପୁର ମଣ୍ଡଳ ସହଶିକ୍ଷା ଅଧିକାରୀ ବଳରାମ ପତି ଓ ବି ମଡେଲ ସିଆର୍‌ସିସି ବିଦ୍ୟାସାଗର ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ମୁମସାଦ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଶ୍ରୀ ବିଶ୍ୱାଳ, ନିତୁ କମଲ, ପ୍ରିୟରଞ୍ଜନ ବେହେରା, ଗାୟତ୍ରୀ ସାହୁ, ପାର୍ବତୀ ବେହେରା, ବିଜୟା ମଲ୍ଲିକ, ପ୍ରକାଶ ମଲ୍ଲିକ, ଶିକ୍ଷାକର୍ମୀ ବିଶ୍ୱନାଥ ପଣ୍ଡା, ନବ କିଶୋର ସାହୁ ଓ ସମର୍ଜିତ ସାହୁ ସହଯୋଗ କରିଥିଲେ।

# ମୋ ବସଷ୍ଟାଣ୍ଡର ନାମ ପରିବର୍ତ୍ତନ ଦାବି

ମଙ୍ଗଳପୁର, ୧୮।୮ (ସମିସ): ଦଶରଥପୁର ବ୍ଲକର ପ୍ରମୁଖ ବଜାର ଓ ବ୍ୟବସାୟିକ ପେଣ୍ଠସ୍ଥଳ କହିଲେ ମଙ୍ଗଳପୁର ବଜାରକୁ ବୁଝାଇଥାଏ। ମଙ୍ଗଳପୁର ବଜାରରେ ୭/୮ଟି ଇଂଲିଶ ମିଡିୟମ ସ୍କୁଲ, ଶିଶୁମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ୫ଟି ଜାତୀୟ କରଣ ବ୍ୟାଙ୍କ ରହିଛି। ଉକ୍ତ ବଜାର ଉପରେ ପ୍ରତିଦିନ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରି ଚଳୁଥିବା ବେଳେ ଏହି ବଜାର ଉପରେ ଯାଜପୁର ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଲୋକେ ନିର୍ଭର କରିଥାନ୍ତି। ଏହି ବଜାରରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେବା ସହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ମାତ୍ର ବସ୍‌ଷ୍ଟାଣ୍ଡଟି କନିକାପଡ଼ା ପଞ୍ଚାୟତ ଦିହୁଡିସାଇ ନିକଟ ମଙ୍ଗଳପୁର ବଜାର ସଂଲଗ୍ନରେ ନିର୍ମାଣ କରାଯାଇ ଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡର ନାମ ଦଶରଥପୁର ଲେଖା ଯିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ବସଷ୍ଟାଣ୍ଡର ନାମ ମଙ୍ଗଳପୁର-କନିକାପଡ଼ା ବସ୍‌ଷ୍ଟାଣ୍ଡ ରଖିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ କନିକାପଡ଼ା ପଞ୍ଚାୟତ ବାସୀଙ୍କ ପକ୍ଷରୁ କନିକାପଡ଼ା ସରପଞ୍ଚ ପ୍ରଦୀପ ଯେନା, ସମିତିସଭ୍ୟା ସୁନିତା ଦାସ, ପ୍ରାକ୍ତନ ସମିତିସଭ୍ୟ ରାକେଶ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଯୁବନେତା ଇଂ. ତିମିରକାନ୍ତ ସେନାପତି, ପ୍ରାକ୍ତନ ସରପଞ୍ଚ ଜୟଶ୍ରୀ ଦାସ, ବରିଷ୍ଠ ସିପିଆଇ ନେତା ଅଭୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ କମଳିନୀ ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ପ୍ୟାନେଲ ଲୟରଙ୍କ ପ୍ରଶିକ୍ଷଣ ଶିବିର



ଯାଜପୁର, ୧୮।୮ (ସମିସ): ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ସିଭିଲ କୋର୍ଟ ଯାଜପୁରର ଭିଡିଓ କନଫେରନ୍ସ ହଲରେ ପ୍ୟାନେଲ ଲୟରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପ୍ରାଧିକରଣର ଅଧ୍ୟକ୍ଷ ଉଦ୍‌ଘାଟନ କରିବା ସହିତ ପ୍ୟାନେଲ ଲୟରମାନଙ୍କ ଭୂମିକା ଏବଂ ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା କୋର୍ଟର ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ଅତିରିକ୍ତ ଜିଲ୍ଲା ଜଜ୍ ସତ୍ୟପ୍ରକାଶ ରାୟ ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ମାନସ ରଞ୍ଜନ ସାମନ୍ତରାୟ, ରେଜିଷ୍ଟ୍ରାର ସୁମିତ୍ରା ବିଶ୍ୱାଳ, ଏସ୍‌ଡିଜିଏମ ସୁନିତା ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଯୋଗଦେଇ ପ୍ୟାନେଲ ଲୟରମାନଙ୍କୁ ପରିବାର ସମ୍ବନ୍ଧୀୟ ଆଇନ, ପୋକ୍‌ସୋ ଆକ୍ଟ, ଫୌଜଦାରୀ ଆଇନ, ସମ୍ପତିଗତ ଆଇନ, ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ ତଥା ଲିଗାଲ ସର୍ଭିସ୍ ଅଥରିଟି ଆକ୍ଟ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧିକରଣର ସଚିବ ଲିପା ମହାନ୍ତି ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବା ସହ ପ୍ୟାନେଲ ଲୟରଙ୍କ କାର୍ଯ୍ୟ କ'ଣ, ସେମାନେ କେଉଁଭଳି ଉପାୟରେ ସଠିକ ହିତାଧିକାରୀଙ୍କୁ ମାଗଣା ଆଇନ ପ୍ରଦାନ କରିବାରେ ମାଧ୍ୟମ ସାଜିପାରିବେ ସେ ଉପରେ ଆଲୋକପାତ କରିଥିଲେ।

# କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିରାକରଣ କର୍ମଶାଳା

ଯାଜପୁର, ୧୮।୮ (ସମିସ): କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ, ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ ଆଇନ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା, ନିବାରଣ, ନିଷେଧ, ନିରାକରଣ ଆଇନ ୨୦୧୩ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଗଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ସମସ୍ତ ବିଭାଗର ଆଇସିସି କମିଟି ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଅନ୍ୟ ପଦାଧିକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମର ବକ୍ତା ଭାବେ ବ୍ୟାସନଗର ତହସିଲଦାର, ଏନ୍‌ଆଇଏସଡବ୍ଲ୍ୟୁ, ଶ୍ରୀମତୀ ପଙ୍କଜିନି ସ୍ୱାଇଁ ଓ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗ ଦେଇଥିଲେ। ସୁରକ୍ଷା ଅଧିକାରୀ ଶ୍ରୀମତୀ ସୁନନ୍ଦା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ■ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

# ବଡ଼ବାବୁଙ୍କ ବଦଳି ଦାବି

ମଙ୍ଗଳପୁର, ୧୮।୮ (ସମିସ): ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଦୀର୍ଘଦିନ ହେବ ଗୋଟିଏ ଜାଗାରେ ରହି କାର୍ଯ୍ୟ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ମାନଙ୍କର ବଦଳି ହେଉଥିବା ବେଳେ ଦୀର୍ଘଦିନ ଧରି କାର୍ଯ୍ୟରତ ମୁଖ୍ୟ କିରାଣିଙ୍କର ବଦଳି ନ ହେବାକୁ ନେଇ ସରକାରଙ୍କର ବଦଳି ନିୟମର ଖୋଲା ଖୋଲି ଉଲ୍ଲଙ୍ଘନ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଦୀର୍ଘଦିନ ଧରି ଗୋଟିଏ ଜାଗାରେ ରହି କାର୍ଯ୍ୟ କରିବା ଫଳରେ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବା, ସମୟ ଅନୁଯାଇ ଅଫିସକୁ ନ ଆସିବା, ଅଫିସକୁ କୌଣସି କାର୍ଯ୍ୟରେ ଯାଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ହଇରାଣ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁଯାଇ ଜଣେ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିବା ପରେ ଅନ୍ୟତ୍ର ବଦଳି ହେବାର ନିୟମ ରହିଥିଲେ ବି ସରକାରଙ୍କ ନିୟମ କେବଳ ତଳିଆ କର୍ମଚାରୀମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି। ବଡ଼ ବଡ଼ିଆ ମାନଙ୍କ କ୍ଷେତ୍ରରେ ସରକାରଙ୍କ ଏହି ବଦଳି ନିୟମ କେବେ ଓ କେଉଁ ଦିନ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବଡ଼ବାବୁଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହେବ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛ। ଏ ସମ୍ପର୍କରେ ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ କାର୍ଯ୍ୟ ବ୍ୟସ୍ତତା ଦର୍ଶାଇ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ଧର୍ମଶାଳା, ୧୮।୮ (ସମିସ): ଧର୍ମଶାଳା ବ୍ଲକ କାଏମା ଅଞ୍ଚଳର ସାମ୍ବାଦିକ ଶିବପ୍ରସାଦ ମହାନ୍ତିଙ୍କ ପିତା ଯୁଧିଷ୍ଠିର ମହାନ୍ତି (୭୩)ଙ୍କ ଆଜି କଟକର ଏକ ଘରୋଇ ହାସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଯୁଧିଷ୍ଠିର ଏହି ବ୍ଲକ ମିର୍ଜାପୁରସ୍ଥିତ ସରକାରୀ ହାଇସ୍କୁଲରେ ଜଣେ କିରାଣି ଭାବେ କାର୍ଯ୍ୟ କରି ଗତ ଦୁଇ ବର୍ଷ ହେବ କାର୍ଯ୍ୟରୁ ଅବସରଗ୍ରହଣ କରିଥିଲେ। ସେ ଦୀର୍ଘ ଦିନ ହେଲା କିଡ୍‌ନୀ ଜନୀତ ରୋଗରେ ପୀଡ଼ିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ତେବେ ଗତକାଲି ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅଜି ସକାଳୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁଅ, ପୁତ୍ର ବଧୂ, ପତ୍ନୀ, ଝିଅ, ଜ୍ୱାଇଁ ଓ ସରପଞ୍ଚଙ୍କ ପ୍ରତିନିଧି ଧନେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ କଟକ ବିଧାୟିକା



ସୋଫିଆ ଫିର୍ଦ୍ଦୋସ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀର ଗାଁକୁ ଅଣାଯାଇଥିବା ବେଳେ ଜାରକା ଫ୍ଲାଏଓଭର ବ୍ରିଜ ତଳେ ବହୁ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ନିଜ ଗାଁ କାଏମାକୁ ନିଆଯାଇ ସେଠାରୁ ଏକ ଶୋଭାଯାତ୍ରାରେ କାଏମା ବଜାର ଓ ଗ୍ରାମ ଦେଇ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ କାଏମା ସରପଞ୍ଚ କୁମୁଦିନୀ ମହାନ୍ତି ଓ ମିର୍ଜାପୁର ସ୍କୁଲର ବହୁ ଶିକ୍ଷକ ଓ କର୍ମଚାରୀ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଶିବପ୍ରସାଦ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ମଦ୍ରାସା ପକ୍ଷରୁ ଚାରାରୋପଣ

ବ୍ରହ୍ମବରଦା, ୧୮।୮ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଜାମିଆ ଇମାନିଆ ସାମସୁଲ ମାରିଫ ଖେରୱା ମହଲ୍ଲା ମଦ୍ରାସା ପକ୍ଷରୁ 'ମା ପାଇଁ ବୃକ୍ଷଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରୀ ବିଜେପି ନେତା ଉମେଶ ଚନ୍ଦ୍ର ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଏକ ନିମ୍ବ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମବାରାଦ ସରପଞ୍ଚ ପ୍ରତିନିଧି ରାକେଶ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ସମିତି ସଭ୍ୟ ପ୍ରତିନିଧି ଅନ୍‌ୱର ଖାଁ, ଶ୍ରମିକ ନେତା ପ୍ରଦୀପ ଦାସ, ସଫିଆଲମ୍ ଖାଁ, ପ୍ରଫୁଲ୍ଲ ସାହୁ, ଜୁଲଫିକର ଆଲି ଓ ଶ୍ରୀକାନ୍ତ ଦାସ ପ୍ରମୁକ ଯୋଗ ଦେଇଥିଲେ। ମଦରସାର ଜକି ଆଲାମ ଖାଁ, ଶେଖ ଆୟଜୁଲହାକ, ଶେଖ ଅସରୁଲ ହକ, ଶେଖ କଲାମ, ପୂର୍ବତନ ସରପଞ୍ଚ ଶେଖ ଆୟୁବ ଅଲି ସମେତ ଅନ୍ୟ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିପାଟଣା ଗ୍ରାମରେ ନନ୍ଦୋତ୍ସବ



ବ୍ରହ୍ମବରଦା, ୧୮।୮ (ସମିସ): ପୌରାଣିକ ବିଷୟ ଆଧାରରେ ସବୁଆଡେ ପାଳିତ ହେଉଛି ନନ୍ଦୋତ୍ସବ। ଭଗବାନ କୃଷ୍ଣଙ୍କୁ ପୁତ୍ର ସନ୍ତାନ ଭାବେ ପାଇ ଆନନ୍ଦ ଉଲ୍ଲାସରେ ନନ୍ଦ ରାଜା ଓ ଯଶୋଦା ରାଣୀ ପାଳନ କରିଥିଲେ ନନ୍ଦୋତ୍ସବ। ଏହି ଆଧାରରେ ପୁରପଲ୍ଲୀରେ ପାଳିତ ହେଉଛି ଏହି ପର୍ବ। ଏହି ପରିପେକ୍ଷିରେ ଯାଜପୁର ଜିଲ୍ଲା ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ବହୁକାଳରୁ ନନ୍ଦୋତ୍ସବ ଏକ ନିଆରା ଢଙ୍ଗରେ ପାଳିତ ହୋଇଆସୁଛି। ନନ୍ଦ, ଯଶୋଦା, କୃଷ୍ଣ, ବଳରାମ, କଂସ ରାଜା ଆଦି ବେଶରେ ସଜିତ ହୋଇ ପିଲାମାନେ ଗ୍ରାମ ପରିକ୍ରମା କରିଥିଲେ। ବାଲିପାଟଣା ଗ୍ରାମର ଦଶ ଘର ସାହି, ଦେଉଳ ସାହି, ନାସପାଟଣା, କୁଲୁଙ୍ଗା ପ୍ରମୁଖ ସାହି ପିଲାମାନେ ଏହି ନନ୍ଦୋତ୍ସବକୁ ଧୂମଧାମରେ ପାଳନ କରୁଥିବାର ଦେଖିବାକୁ ମିଳିଛି। ଶହ ଶହ ସଂଖ୍ୟାରେ କୃଷ୍ଣପ୍ରେମୀ ରୁଣ୍ଡ ହୋଇ ଏହି ଦିବ୍ୟ ଦୃଶ୍ୟକୁ ଆନନ୍ଦ ଉଲ୍ଲାସର ସହିତ ଉପଭୋଗ କରିଥିଲେ।

## ରତଳାଙ୍ଗ-ମଢ଼ିଆଳି ରାସ୍ତା କାର୍ଯ୍ୟ ନିମ୍ନମାନର

# ଅଭିଯୋଗ ପରେ ପରିଦର୍ଶନ କଲେ ବିଧାୟକ

ବରୀ, ୧୮।୮ (ସମିସ)

ବରୀ ବ୍ଲକ ଅନ୍ତର୍ଗତ ରତଳାଙ୍ଗ ପଞ୍ଚାୟତ ଚିଙ୍ଗୁଡ଼ିଆ ନାଳର ବାମ ପାର୍ଶ୍ୱରେ ଥିବା ମଢିଆଳି ଗ୍ରାମ ଠାରୁ ଢିଅସାହି ପର୍ଯ୍ୟନ୍ତ ୨.୮ କିମି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ହେଲେ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଯୋଗୁଁ ରତଳାଙ୍ଗ ପଞ୍ଚାୟତର ଗ୍ରାମବାସୀ ଏହି କାର୍ଯ୍ୟକୁ ବିରୋଧ କରିବା ସହ ଏହା ସଠିକ୍ ମାନର କାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି। ସୂଚନା ମୁତାବକ ଏହି ନଦୀବନ୍ଧ ରାସ୍ତାଟି ଉପରେ ୩ଟି ପଞ୍ଚାୟତର ଜନ ସାଧାରଣ ନିର୍ଭର କରିଥାନ୍ତି। ଏହି ନଦୀବନ୍ଧ ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଖାପାଖି ୨ କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସରକାରୀ ନିୟମ ଅନୁଯାୟୀ କୌଣସି ନିର୍ମାଣ କାର୍ଯ୍ୟ କରିବା ପୂର୍ବରୁ ସେହି ସ୍ଥାନରେ କାମର ମାନ ସହିତ ସମସ୍ତ ସୂଚନା ଥିବା ଏକ ଫଳକ ପ୍ରଦର୍ଶନ କରାଯିବ କଥା। କିନ୍ତୁ ସମ୍ପୃକ୍ତ ଠିକାଦାର ଏହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଥିବା ଦେଖିବାକୁ ମିଳିଛି। ସେହିପରି ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହୁ ନଥିବାରୁ ନିୟମ ଅନୁଯାୟୀ ମାଟି ପକାଇ ତା' ଉପରେ ମେଟାଲିଂ କରି ମୋରମ ବିଛାଇବା ପରିବର୍ତ୍ତେ ନିର୍ମାଣଧୀନ ନଦୀବନ୍ଧ କଡ଼ରୁ ବାଲି ଉଠାଇ ପକାଇବା ଫଳରେ ସାମାନ୍ୟ ବର୍ଷାରେ ଧୋଇହୋଇ ଖାଲ ଖମା ହୋଇଯାଇଛି। ଠିକାସଂସ୍ଥା ମନମୁଖୀ କାର୍ଯ୍ୟ କରୁଥିବା ଯୋଗୁଁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ଗ୍ରାମବାସୀ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପରାହ୍ନରେ ବିଧାୟକ ଶ୍ରୀ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହିତ ନିର୍ମାଣଧୀନ ରାସ୍ତା ବୁଲି ଦେଖିବା ସହିତ ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରିଙ୍କୁ ଅବଗତ କରାଇ କିଭଳି ଉତ୍ତମ ମାନର କାର୍ଯ୍ୟ ହୋଇପାରିବ ସେ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବିଧାୟକଙ୍କ ସମେତ ସରପଞ୍ଚ ସଙ୍ଘ ସଭାପତି ପ୍ରସନ୍ନ କୁମାର ସାମଲ, ଅଖିଳ ଚନ୍ଦ୍ର ଜେନା, ସରପଞ୍ଚଙ୍କ ପ୍ରତିନିଧି ସଂଗ୍ରାମ ସାମଲ, ନବଘନ ସାମଲ, ପ୍ରଦିପ ସାମଲ ଓ ବ୍ୟୋମକେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।





# ଅପଡେଟ୍ ହେଉନି 'ସୁଯୋଗ'

ଭୁବନେଶ୍ୱର, ୧୮।୮ (ସମିସ)

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ପାଇଁ ନିୟମ ବଦଳାଇଲା ଦେଲା। ସହରାଞ୍ଚଳରେ ୩୦ଫୁଟ୍ ନୁହେଁ ୨୦ ଫୁଟ୍ ରାସ୍ତା ହେଲେ ବି ପ୍ଲାନ୍ ଆପ୍ରୁଭାଲ ମିଳିଯିବ। ସରକାର ସିନା ନିୟମ ବଦଳାଇ ଦେଲେ ହେଲେ ସୁଯୋଗ ପୋର୍ଟାଲରେ କିନ୍ତୁ ଏହି ନିୟମ ପରିବର୍ତ୍ତନ ହୋଇପାରୁନି। ଲୋକେ ତାଙ୍କ ଘର ସାମ୍ନାରେ ୨୦ଫୁଟ୍ ରାସ୍ତା ଥିବା ଦର୍ଶାଇ ପ୍ଲାନ୍ ଆପ୍ରୁଭାଲ ପାଇଁ ଆବେଦନ କଲେ ଏସବୁ ଖାରଜ ହୋଇଯାଉଛି। କାରଣ ସୁଯୋଗ ପୋର୍ଟାଲର ସଫ୍ଟୱେୟାର ଏପର୍ଯ୍ୟନ୍ତ ଅପଡେଟ୍ ହୋଇପାରୁ ନାହିଁ। ଏକ ମାସ ହେବ ଲୋକେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଓଡିଏ (ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାଡ୍) ରୁଲ୍‌କୁ ସଂଶୋଧନ ଜୁନ୍ ମାସରେ ଏହି ନିୟମକୁ ସଂଶୋଧନ କରାଯାଇଥିଲା। ରାସ୍ତାକୁ ନେଇ ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମକୁ ସରଳୀକରଣ କରାଗଲା।

■ ଅନ୍‌ଲାଇନ୍‌ରେ ହୋଇପାରୁନି ପ୍ଲାନ୍ ଆପ୍ରୁଭାଲ୍

■ ଘର କରିବା ପାଇଁ ହନ୍ତସନ୍ତ ରାଜଧାନୀବାସୀ

ବିଲ୍ଡିଂର ପ୍ଲାନ୍ ଆପ୍ରୁଭାଲ ପାଇଁ ପୂର୍ବରୁ ୩୦ଫୁଟ୍ ସାଧାରଣ ରାସ୍ତା ବାଧ୍ୟତାମୂଳକ ଥିଲା। ହେଲେ ସଂଶୋଧିତ ନିୟମ ଅନୁଯାୟୀ ଏହାକୁ ୨୦ ଫୁଟ୍ କରାଗଲା। ଯାହାଦ୍ୱାରା ଲୋକେ ଉପକୃତ ହୋଇପାରିବେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ବହୁ ସଂଖ୍ୟାରେ ଲୋକ ନିଜ ବିଲ୍ଡିଂର ପ୍ଲାନ୍ ଆପ୍ରୁଭାଲ ପାଇଁ ଇଚ୍ଛୁକ। ସେମାନେ ସୁଯୋଗ ପୋର୍ଟାଲ ମାଧ୍ୟରେ ପ୍ଲାନ୍ ଆପ୍ରୁଭାଲ ସଂକ୍ରାନ୍ତ କାଗଜପତ୍ର ଦାଖଲ କରୁଛନ୍ତି। କିନ୍ତୁ ସଫ୍ଟୱେର ଅପଡେଟ୍ ନ ହେବାରୁ ୩୦ଫୁଟ୍‌ର ରାସ୍ତା ନ ଦର୍ଶାଇଲେ ସେମାନଙ୍କ ଆବେଦନ ହୋଇପାରୁ ନାହିଁ। ସଂଶୋଧିତ ପ୍ଲାନ୍ ଆପ୍ରୁଭାଲ୍ ଲୋକଙ୍କ ପାଇଁ କୌଣସି କାମରେ ଆସୁନାହିଁ। ଲୋକେ ହଇରାଣ ହେଉଥିଲେ ମଧ୍ୟ ଏହାକୁ ପରିଚାଳିତ କରୁଥିବା ଘରୋଇ ସଂସ୍ଥା ବିରୋଧରେ ପ୍ରଶାସନ ସେଭଳି କୌଣସି କଡା ଆଭିମୁଖ୍ୟ ଗ୍ରହଣ କରୁ ନାହିଁ। ଏପରିକି ଏହା କେବେ ଠିକ୍ ହେବ ତାହା ମଧ୍ୟ ସ୍ପଷ୍ଟ ଦର୍ଶାଯାଉ ନାହିଁ। ଏଣୁ ତୁରନ୍ତ ଏହାକୁ ଠିକ୍ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

ସୂଚନାଯୋଗ୍ୟ, ଗୃହ ଓ ନଗର ଉନ୍ନୟନ ବିଭାଗର ଦ୍ୱାରା ୨୦୨୨ ମସିହା ଜାନୁଆରୀ ମାସରେ ଇ-ଗଭର୍ଣ୍ଣାନ୍ସ ସେବାର ଅଂଶ ଭାବେ ସୁଜୋଗ ପୋର୍ଟାଲକୁ କାର୍ଯ୍ୟକାରୀ କରାଯାଇଥିଲା। ପୂର୍ବରୁ ଲୋକେ ବିଭିନ୍ନ କାଗଜପତ୍ର ଦାଖଲ କରିବାକୁ ଘଣ୍ଟା ଘଣ୍ଟା ସରକାରୀ କାର୍ଯ୍ୟାଳୟରେ ଲାଇନ୍‌ରେ ଛିଡା ହେଉଥିଲେ। ହେଲେ ସୁଯୋଜ ପୋର୍ଟାଲ କାର୍ଯ୍ୟକାରୀ ହେବା ଦ୍ୱାରା ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ଅନ୍‌ଲାଇନ୍ ମାଧ୍ୟମରେ ଘରେ ବସି ସମ୍ଭବ ହୋଇପାରୁଛି। ସୁଯୋଗ ପୋଟାଲରେ ପ୍ଲାନ୍ ଆପ୍ରୁଭାଲ ବ୍ୟତୀତ ଲୋକେ ଟ୍ରେଡ୍ ଲାଇସେନ୍ସ, ପାଣି ଏବଂ ସ୍ୱରୋଜ କନେକସନ୍, ଲେଆଉଟ୍ ଆପ୍ରୁଭାଲ, ସାଧାରଣ ଅଭିଯୋଗ ଶୁଣାଣି, ସମ୍ପତ୍ତି ଟିକସ, ବିବାହ ସାର୍ଟିଫିକେଟ୍ ପ୍ରଭୃତି ପ୍ରମାଣପତ୍ର ହାସଲ କରିବା ସମ୍ଭବ ହେଉଛନ୍ତି।

■ ମହଙ୍ଗା ପଡ଼ିଲା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ

## ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୮।୮ (ସମିସ): ବୈଧ ଅନୁମତି ବିନା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ କରିବା ମହଙ୍ଗା ପଡ଼ିଛି। ଏଥିପାଇଁ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଇନ୍ସପେକ୍ଟର୍ ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍(ଆଇଜିଆର୍)। ୭ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**୭ ଦିନରେ ଜବାବ ଦେବାକୁ ନିର୍ଦ୍ଦେଶ**

ସୂଚନାନୁସାରେ, ଉତ୍ତର ମୁଣ୍ଡମୁହାଁଣର ଶିବାନୀ ଶଙ୍କର ରଥ କାଶୀପୁର ମୌଜାରେ ଥିବା ଠାକୁରଙ୍କ ସମ୍ପତ୍ତିର ସ୍ୱତ୍ୱ ପରିବର୍ତ୍ତନ କରି ଦେଇଥିଲେ। ଜାଲିଆତି କରି ଉକ୍ତ ଜମିର ଆରଓଆର୍ ପ୍ରସ୍ତୁତ କରି ତାହା ସ୍ଥିତିବାନ ଜମି ବୋଲି ଦର୍ଶାଇଥିଲେ। ପରେ ନିଜ ପତ୍ନୀ ଜୟନ୍ତୀ ପୁଷ୍ପାଳକ ସମେତ ୮ ଜଣଙ୍କୁ ଉକ୍ତ ଜମିକୁ ବିକ୍ରି କରିଦେଇଥିଲେ। ଦେବୋତ୍ତର କମିସନରଙ୍କ ଅନୁମତି ଆଣିବା ପରିବର୍ତ୍ତେ ଜାଲିଆତି କରି ବିକ୍ରି କରିଦେଇଥିଲେ। ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ଅର୍ଚ୍ଚନା ଗୌଡ଼ଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ପୁଲିସ ଶିବାନୀ ଓ ପତ୍ନୀ ଜୟନ୍ତୀଙ୍କୁ ଗିରଫ କରିଥିଲା। ତେବେ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାହିଁକି ଆରଓଆର୍ (ରେକର୍ଡ ଅଫ୍ ରାଇଟ୍ସ) ଯାଞ୍ଚ ନକରି ଜମି ପଞ୍ଜୀକରଣ କରିଥିଲେ, ସେନେଇ ଆଇଜିଆର୍ ପ୍ରଶ୍ନ କରିଛନ୍ତି। ପଞ୍ଜୀକରଣ ଆକ୍ଟ ୧୯୦୮ ର ଧାରା ୨୨(ଏ) ଉଲଙ୍ଘନ କରିଥିବାରୁ କାହିଁକି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଲିଖିତ ଉତ୍ତର ଦେବାକୁ କହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ ଆଇଜିଆର୍ ନିର୍ଦ୍ଦେଶ ଦେଇଛନ୍ତି।

ମଦବିକ୍ରିକୁ ବିରୋଧ

## ପୁରୀ ବାଇପାସ୍ ରାସ୍ତାରେ ବସିଲେ ମହିଳା

ଧଉଳି, ୧୮।୮ (ସମିସ): ଧଉଳି ଥାନା ଶିଶୁପାଳଗଡ଼ ତୈଳଭୋଇ ସାହିରେ ଗତ ୨ ଦିନ ତଳେ ମଦ୍ୟପାନ କରି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମାତ୍ର ମଦ ବ୍ୟବସାୟ ଥମିନଥିଲା। ଏହାକୁ ନେଇ ଆଜି ମଦ ବିକ୍ରିକୁ ବିରୋଧ କରି ସମ୍ପୃକ୍ତ ଗ୍ରାମର ମୃତକଙ୍କ ପରିବାର ଓ ଶତାଧିକ ମହିଳା ଏହି ଥାନା ପୁରୀ ବାଇପାସ ରାସ୍ତା ରେବତୀନଗର ଠାରେ ଟାୟାର ଜାଳି ରାସ୍ତାରୋକ କରିଛନ୍ତି। ଦୀର୍ଘସମୟ ଧରି ରାସ୍ତାରୋକ ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଟଙ୍କପାଣି ଓ ଉତ୍ତରା ପର୍ଯ୍ୟନ୍ତ ଲାଇନ ଲାଗିଥିବା ବେଳେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବରପାଇ ଧଉଳି ଥାନା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ସହକାରୀ ଆରକ୍ଷୀ ନିରୀକ୍ଷକ ପ୍ରବୀର ଲେଙ୍କା, ବିଭୁ ନାରାୟଣ ସାହୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମାତ୍ର ମଦ ବିକ୍ରି ବନ୍ଦ ନ ହେଲେ ରାସ୍ତାରୁ ହଟିବେ ନାହିଁ ବୋଲି କହିଥିଲେ। ପରେ ଜୋନ -୨ ଅତିରିକ୍ତ ପୁଲିସ ଅଯୁକ୍ତ(ଏସିପି) କୃଷ୍ଣ ଚନ୍ଦ୍ର ପଲାଇ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମଦ ଦୋକାନ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଖବରନେବାରେ ଜଣାପଡ଼ିଛି ଶିଶୁପାଳଗଡ଼ ଅଞ୍ଚଳର ବିଭିନ୍ନ ସାହି ବା କଲୋନୀରେ ଥିବା କିଛି ଦୋକାନରେ ମାଦକ ଦ୍ରବ୍ୟ ବିକ୍ରି ହେଉଛି। ସେହିପରି କିଛି ବ୍ୟବସାୟୀ ନିଜ ଗାଡ଼ିରେ ଧରି ଏହି ମାଦକ ଦ୍ରବ୍ୟ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ବହୁଳ ମାତ୍ରାରେ ଏହି ବ୍ୟବସାୟ ଚାଲିଥିଲେ ମଧ୍ୟ ଅବକାରୀ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହୋଇଛି।



କାଳ ହେଲା ଅନ୍‌ଲାଇନ ଗେମ୍

## ଓୟୋରେ ଜୀବନ ହାରିଲେ ଫାର୍ମାସୀ ଛାତ୍ର

ଭୁବନେଶ୍ୱର, ୧୮।୮ (ସମିସ): ଭଗବାନପୁର ଅଞ୍ଚଳରେ ଥିବା ଓୟୋରୁ ଫାର୍ମାସୀ ଛାତ୍ରଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି ଅସ୍ତରଙ୍ଗ ଚକରପଡ଼ା ଗାଁର ସିପୁନ ମୁରୁନି (୨୫)। ଅନଲାଇନ୍ ଗେମରେ ଟଙ୍କା ହରାଇବା ପରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି।

ଅଭିଯୋଗ ଅନୁଯାୟୀ, ଚକରପଡ଼ା ଗାଁର ସିପୁନ ପାଣିଓରା ନିକଟସ୍ଥ ଲକି ଫାର୍ମାସୀ କଲେଜରେ ପଢୁଥିଲେ। ପ୍ରଥମରୁ ଛାତ୍ରାବାସରେ ରହୁଥିବା ବେଳେ ୬/୭ ମାସ ହେବ ଅନ୍ୟତ୍ର ରହୁଥିଲେ। ବିଭିନ୍ନ ସମୟରେ ଭଗବାନପୁର କେ-୯ ବି ଅଞ୍ଚଳରେ ଥିବା ଓୟୋ ହୋଟେଲରେ ରହୁଥିଲେ। ଗତକାଲି ପରିବାର ଲୋକଙ୍କ ସହ ଫୋନରେ କଥାବାର୍ତ୍ତା ହେବା ବେଳେ ଗାଁକୁ ଯିବାକୁ କହିଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରେ ପହଞ୍ଚିଥିଲେ କି ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଆଜି ସକାଳୁ ମଧ୍ୟ ଫୋନ୍ ନ ଉଠାଇବାରୁ ପରିବାର ଲୋକେ କଲେଜକୁ ଯାଇ ଖୋଜାଖୋଜି କରିଥିଲେ। ସିପୁନ ହଷ୍ଟେଲରେ ରହୁନଥିବା ବେଳେ ଭଗବାନପୁର ସ୍ଥିତ ଓୟୋ ହୋଟେଲରେ ରହୁଥିବା ଅନ୍ୟ ସହପାଠୀମାନେ କହିଥିଲେ। ପରିବାର ଲୋକେ ଓୟୋରେ ପହଞ୍ଚି କବାଟ ବାଡ଼େଇଥିଲେ ମଧ୍ୟ ଭିତର ପଟରୁ କିଛି ଉତ୍ତର ଆସିନଥିଲା। ପରିବାର ଲୋକେ ତମାଣ୍ଡୋ ଥାନାରେ ଜଣାଇବା ପରେ ପୁଲିସ ଓୟୋକୁ ଯାଇଥିଲା। ପରିବାର ସଦସ୍ୟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଭିତରକୁ ପଶିଥିଲା। ସିପୁନ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

ତମାଣ୍ଡୋ ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଘର ଓ ମୃତଦେହର ଲମ୍ବ ଓ ଓସାର ମାପଚୁପ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ମୃତଦେହ ଉଦ୍ଧାର କରି ଡାକ୍ତରଖାନାକୁ ପଠାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ହୋଟେଲ କର୍ତ୍ତୃପକ୍ଷଙ୍କ କହିବା ମୁତାବକ, ସିପୁନ ଅନେକ ସମୟରେ ହୋଟେଲକୁ ଆସି ରୁହନ୍ତି। ଗତକାଲି ମଧ୍ୟ ରୁମ୍ ଚେକ୍ ଇନ୍ କରିଥିଲେ ଓ ରାତିରେ ମଧ୍ୟ ସ୍ୱାଭାବିକ ଭାବେ ଖାଇପିଇ ଶୋଇଥିଲେ। ତେବେ ସିପୁନ କିଛିଦିନ ହେବ ଅନଲାଇନ ଗେମରେ ଟଙ୍କା ନିବେଶ କରୁଥିଲେ। ଏମିତିକି ଏଥିଲାଗି ସେ ସାଙ୍ଗସାଥୀଙ୍କ ଠାରୁ ଟଙ୍କା ଧାର ଆଣି ବିନିଯୋଗ କରିଥିଲେ। ହେଲେ ଗେମରେ ଅତ୍ୟଧିକ କ୍ଷତିକୁ ସେ ସହ୍ୟ କରି ପାରିନଥିଲେ। ସେଥିଲାଗି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ଅନୁମାନ କରୁଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଟ୍ରାଫିକ୍ ପୋଷ୍ଟରେ ମହିଳା କନେଷ୍ଟବଲଙ୍କୁ ଆକ୍ରମଣ; ଦୁଇ ଗିରଫ



ଭୁବନେଶ୍ୱର, ୧୮।୮ (ସମିସ): ଟ୍ରାଫିକ ପୋଷ୍ଟରେ ମହିଳା କନେଷ୍ଟବଲଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜାଗମରାସ୍ଥିତ ଫାଷ୍ଟଫୁଡରେ କାମ କରୁଥିବା ମଗବୁଲ୍ ମହମ୍ମଦ (୨୬) ଓ ପ୍ରଭାକର ସେଠୀ (୩୦)।

ପୁଲିସ ସୂଚନା ଅନୁସାରେ, ରବିବାର ସକାଳେ ଜଣେ ମହିଳା କନଷ୍ଟେବଳ କ୍ୟାପିଟାଲ ହସ୍ପିଟାଲ ଛକ ଟ୍ରାଫିକ୍ ପୋଷ୍ଟରେ ଡ୍ୟୁଟି କରୁଥିଲେ। ସେହି ସମୟରେ ମଗବୁଲ୍ ଓ ପ୍ରଭାକର ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଡ୍ୟୁଟିରେ ବାଧା ଦେବା ସହ ଟ୍ରାଫିକ ପୋଷ୍ଟ ଛାଡ଼ି ଯିବାକୁ ବାଧ୍ୟ କରି ଭୟଙ୍କର ପରିଣାମର ଧମକ ଦେଇଥିଲେ। ଫଳରେ ଅପ୍ରୀତିକର ବାତାବରଣ ସୃଷ୍ଟି କରିଥିଲା। ମହିଳା କନେଷ୍ଟବଳଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଦୁହିଁଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଶ୍ୱାସ ବିଶ୍ଳେଷଣକାରୀ ମାଧ୍ୟମରେ ପରୀକ୍ଷା କରାଯାଇ ଉଭୟ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଘଟଣା ପୂର୍ବରୁ ଉଭୟ ନିଶାସକ୍ତ ଅବସ୍ଥାରେ ଖଣ୍ଡଗିରି ଥାନା ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରିଥିଲେ ଓ ଲୋକଙ୍କ ସହିତ ଝଗଡ଼ାରେ ସାମାନ୍ୟ ଆହତ ହୋଇଥିଲେ। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ଓୟୋରୁ ଧରାପଡ଼ିଲେ ଗଞ୍ଜେଇ ବେପାରୀ

■ ବ୍ରହ୍ମପୁରରୁ ବେଙ୍ଗାଲୁରୁ ନେଉଥିଲେ

■ ଦୁଇ କେରଳୀ ଗିରଫ



ଭୁବନେଶ୍ୱର, ୧୮।୮ (ସମିସ): ଓୟୋ ହୋଟେଲରୁ ଧରାପଡ଼ିଲେ ଗଞ୍ଜେଇ ବେପାରୀ। ଦୁଇ କେରଳୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କେରଳର ମହମ୍ମଦ ଆସିଫ୍ (୨୬) ଓ ସବିଥ୍ କୋଭିଲକମ୍ ସଦାନନ୍ଦନ୍ (୨୮)।

ପୁଲିସ ସୂଚନା ଅନୁସାରେ, ଜାଗମରା ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରେ ଗଞ୍ଜେଇ ଗଚ୍ଛିତ ଥିବା ଖଣ୍ଡଗିରି ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସୃତି ହୋଟେଲ ପରିସରରେ ଥିବା ନନ୍ଦନ ଓୟୋରେ ଚଢ଼ଉ କରିଥିଲା। ଗଞ୍ଜେଇ ଗନ୍ଧରୁ ରୁମ୍ ଠାବ କରିଥିଲା ପୁଲିସ। ସେହି ରୁମରୁ କେରଳର ମହମ୍ମଦ ଆସିଫ୍ ଓ ସବିଥ୍ କୋଭିଲକମ୍ ସଦାନନ୍ଦନକୁ ଗିରଫ କରିଥିଲା। ତଲାସି ବେଳେ ଉଭୟଙ୍କ ହେପାଜତରୁ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦୁଇଟି ଜରି ବସ୍ତା ଜବତ ହୋଇଥିଲା। ଯେଉଁଥିରେ ୩୦ ପ୍ୟାକେଟ ଚୋରା ଗଞ୍ଜେଇ ରହିଥିଲା। ସେମାନଙ୍କ ଠାରୁ ମୋଟ ୩୮ କିଲୋ ୬୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଥିଲା। ସେମାନେ ବ୍ରହ୍ମପୁର ପାର୍ଶ୍ୱରୁ ଗଞ୍ଜେଇ ସଂଗ୍ରହ କରି ବାଙ୍ଗାଲୋରକୁ ନେଉଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ନନ୍ଦନ ଓୟୋରେ ରାତ୍ରିଯାପନ କରି ସକାଳୁ ଟ୍ରେନ୍ ଯୋଗେ ବେଙ୍ଗାଲୁରୁର ଯାଇଥାନ୍ତେ ବୋଲି କହିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

## ଅବକାରୀ ଜାଲରେ ୩ ନିଶା ବେପାରୀ

ଭୁବନେଶ୍ୱର, ୧୮।୮ (ସମିସ): ନିଶା ବେପାର କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଅବକାରୀ ଥାନା। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଥାନା ଜୟଦୁର୍ଗା ନଗରର କରୁଆ ବାହାଦୁର (୨୬), ବାଲିଅନ୍ତା ଥାନା ବେଣ୍ଟପୁରର ରାକେଶ କୁମାର ଦାସ (୩୯) ଓ ସହିଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିର କୃଷ୍ଣ ନାଏକ (୩୭)। ସୂଚନାନୁସାରେ, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ଅବକାରୀ ଥାନାକୁ ଖବର ମିଳିଥିଲା। ଅବକାରୀ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ପେଟ୍ରୋଲ ପମ୍ପ ନିକଟରେ ଚଢ଼ଉ କରିଥିଲା। ସେଠାରୁ କରୁଆକୁ ଗିରଫ କରିବା ସହ ୮୬ ଗ୍ରାମ ବ୍ରାଉନସୁଗର ଓ ବାଇକ୍ ଜବତ କରିଥିଲା।

ସେହିପରି ଆଜି ବାଲିଅନ୍ତା ଅଞ୍ଚଳରେ ଚଢ଼ଉ କରିଥିଲା ଅବକାରୀ ସ୍କ୍ୱାର୍ଡ। ବେଣ୍ଟପୁର ପେଟ୍ରୋଲ ପମ୍ପ ନିକଟରୁ ରାକେଶଙ୍କୁ ଗିରଫ କରିଥିଲା। ତା' ଠାରୁ ୪୪ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ସେହିପରି ଶାନ୍ତିପଲ୍ଲୀ ବସ୍ତିରେ ମଦ ବିକ୍ରି ହେଉଥିବା ବେଳେ ଅବକାରୀ ପୁଲିସ ଚଢ଼ଉ କରିଥିଲା। ସେଠାରୁ କୃଷ୍ଣଙ୍କୁ ଗିରଫ କରିବା ସହ ୬୦ ଲିଟର ଦେଶୀମଦ ଓ ଗାଡ଼ି ଜବତ କରିଥିଲା। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ଅବକାରୀ ଥାନା ପୁଲିସ।

## ସମସ୍ତ ୱାର୍ଡ ବୁଲିବେ ବିଏମ୍‌ସି ଅଧିକାରୀ

ଭୁବନେଶ୍ୱର, ୧୮।୮ (ସମିସ): ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ବିକାଶ କାର୍ଯ୍ୟର ନିୟମିତ ତଦାରଖ ପାଇଁ ବିଏମ୍‌ସି କମିସନର ଆଦେଶ ଜାରି କରିଛନ୍ତି। ପ୍ରତ୍ୟେକ ଅଧିକାରୀ ସପ୍ତାହକୁ ତିନିଦିନ କରିବେ କ୍ଷେତ୍ର ପରିଦର୍ଶନ। ଏହିଭଳି ଭାବେ ୩୨ ଜଣଙ୍କୁ ମିଳିଛି ଦାୟିତ୍ୱ। ଏମାନଙ୍କ ମଧ୍ୟରେ ଅଛନ୍ତି ସମସ୍ତ ଉପାୟୁକ୍ତ, ସହକାରୀ ଆୟୁକ୍ତ ଏବଂ ନିର୍ବାହୀ ଯନ୍ତ୍ରୀ। ପରିମଳର ଟିକିନିଖି ନିରୀକ୍ଷଣ ଦ୍ୱାରା ଭୁବନେଶ୍ୱରକୁ ଆଉଟିକେ ଆଗକୁ ନେବାର ପ୍ରୟାସ କରାଯାଇଛି। ଏଥପାଇଁ ଆନୁସଙ୍ଗିକ ବିକାଶ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେବ। ଏପରି ଅଭ୍ୟାସରେ ଗୋଷ୍ଠୀ ଭାଗିଦାରିତା ବଢ଼ିବ ଏବଂ ସହଭାଗିତା ମାଧ୍ୟମରେ ପ୍ରଗତି ଚରିତାର୍ଥ ହେବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ସାମାଜିକ ଗଣମାଧ୍ୟମରୁ ଅସାମାଜିକ ମାନସିକତା

## ବଢ଼ି ଚାଲିଛି ଆତ୍ମହତ୍ୟା, ହତ୍ୟା ଓ ପ୍ରତାରଣା

ଭୁବନେଶ୍ୱର, ୧୮।୮ (ସମିସ): ସାମାଜିକ ଗଣମାଧ୍ୟମରୁ ଏବେ ବଢ଼ୁଛି ଅସାମାଜିକ ମାନସିକତା। ଫଳରେ ହତ୍ୟା, ଆତ୍ମହତ୍ୟା ଏବଂ ପ୍ରତାରଣା କ୍ରମେ ବଢ଼ିଚାଲିଛି। ଆଜିକା ସ୍ମାର୍ଟଯୁଗରେ ଯୁବପିଢ଼ି ସାମାଜିକ୍ ଗଣମାଧ୍ୟମରେ ଅଧିକ ସମୟ ବିତାଉଛନ୍ତି। କିଏ ରିଲ୍ସ କରି ଇନ୍‌ଷ୍ଟାରେ ଛାଡୁଥିବା ବେଳେ ଆଉ କିଏ ଫେସ୍‌ବୁକ୍ ଏବଂ ୟୁଟ୍ୟୁବ୍‌ରେ ଭିଡ଼ିଓ ଏବଂ ଫଟୋ ଛାଡୁଛନ୍ତି। ହେଲେ ଆଜିକା ଯୁବପିଢ଼ି ସାମାଜିକ ଗଣମାଧ୍ୟମରୁ ଭଲ ଅପେକ୍ଷା ଅଧିକମାତ୍ରାରେ ଖରାପ କଣ୍ଟେନ୍‌କୁ ଗ୍ରହଣ କରୁଛନ୍ତି। ଫଳରେ ସେମାନଙ୍କ ମାନସିକସ୍ତରରେ ଏକାଧିକ ପରିବର୍ତ୍ତନ ଆସୁଛି। ହ୍ୟୁମାନ ନେଚର ରିସର୍ଚ୍ଚ ନାମକ ଏକ ସଂସ୍ଥା ଭୁବନେଶ୍ୱରରେ ରହୁଥିବା ଏକାଧିକ ଯୁବପିଢ଼ିଙ୍କ ମାନସିକ ସ୍ଥିତିକୁ ନେଇ ଏକ ରିସର୍ଚ୍ଚ କରିଥିଲେ। ସେମାନେ ଏକାଧିକ ଯୁବପିଢିଙ୍କୁ ଭେଟି ସେମାନଙ୍କ ମତାମତ ନେଇଥିଲେ। ଶେଷରେ ଯେଉଁ ତଥ୍ୟ ବାହାରିଲା ତାହା ଆଶ୍ଚର୍ଯ୍ୟ କଲାଭଳି। ଏକାଧିକ ଯୁବପିଢୀ ରିଲ୍ସ ଦେଖି ନିଜର ଲାଇଫ୍ ଷ୍ଟାଇଲ୍‌କୁ ବଦଳାଉଛନ୍ତି। ଯାହାଫଳରେ ସେମାନେ ପରବର୍ତ୍ତୀ ସମୟରେ ଅପରାଧ ଘଟାଉଛନ୍ତି।

ଅନେକ ଯୁବକ ଇନ୍‌ଷ୍ଟାରେ ଏକାଧିକ ରିଲ୍ସ କରି ଛାଡୁଛନ୍ତି। ଫଳରେ ଅନେକ ଯୁବକଯୁବତୀ ଏହି ଇନ୍‌ଷ୍ଟାରେ ପରିଚୟ ହୋଇ କଥା ହେଉଛନ୍ତି। ପରେ ସେମାନଙ୍କ ମଧ୍ୟ ଭଲ ସମ୍ପର୍କ ଗଢି ଉଠୁଛି। ଏହା ମଧ୍ୟମରେ ଉଭୟ ପ୍ରେମରେ ପଡ଼ିବା ପରେ ଶାରିରୀକ ସମ୍ପର୍କ ରଖୁଛନ୍ତି। କିନ୍ତୁ ପ୍ରେମିକ ଏହାର ଭିଡ଼ିଓ ନିଜର ମୋବାଇଲ୍ ଫୋନ୍‌ରେ ରେକର୍ଡ କରି ରଖୁଛି। କିଛିଦିନ ପରେ ପ୍ରେମୀ ଯୁଗଳଙ୍କ ମଧ୍ୟରେ କୌଣସି କାରଣକୁ ଫାଟ ହେବା ପରେ ପ୍ରେମିକ କ୍ରୋଧାନ୍ୱିତ ହୋଇ ପ୍ରେମିକାର ଅଶ୍ଳୀଳ ଫଟୋ ଏବଂ ଭିଡ଼ିଓ ସୋସିଆଲ ମିଡ଼ିଆରେ ଛାଡି ଦେଇଛି। ଶେଷରେ ଥାନାକୁ ମାମଲା ଗଲା ପରେ ପ୍ରେମିକ ଗିରଫ ହେଉଛି। ନିକଟରେ ଏକାଧିକ ପରିଚିତ ଇନ୍‌ଷ୍ଟା ଗାର୍ଲଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ ହୋଇଥିଲା। ଯାହାଫଳରେ ଥାନାରେ ମାମଲା ହେବା ପରେ ପ୍ରେମିକ ଗିରଫ ହୋଇଛନ୍ତି।

ପ୍ରେମିକାର ଏକାଧିକ ପ୍ରେମିକ ପାଇଁ ଅପରାଧ ଘଟୁଛି।

■ ଲୋକଙ୍କ ମାନସିକତାରେ ଆସୁଛି ପରିବର୍ତ୍ତନ

■ ପ୍ରେମରେ ଧୋକା ଖାଇ ଆପଣାଉଛନ୍ତି ଆତ୍ମହତ୍ୟା

■ ପରିବାର ଭାଙ୍ଗିବାର ମୁଖ୍ୟ କାରଣ ସାମାଜିକ ଗଣମାଧ୍ୟମ

ସୋସିଆଲ ମିଡିଆରେ ଯୁବତୀମାନେ ଏକାଧିକ ପ୍ରେମିକ କରି କଥା ହୋଇ ଟାଇମ୍‌ପାସ୍ କରୁଛନ୍ତି। କିଛି ଦିନ ଗଲା ପରେ ପ୍ରେମିକ ଜାଣିବା ପରେ ପ୍ରେମିକ ପ୍ରେମିକ ମଧ୍ୟରେ ଗଣ୍ଡଗୋଳ ଘଟୁଛି। ପରେ ଏହା ହତ୍ୟାର ରୂପ ନେଉଛି। ଯାହାର ଉଦାହରଣ ଜଟଣି ଥାନା ଅଞ୍ଚଳରେ ଗତ ଅଗଷ୍ଟ ୧୫ରେ ଦେଖିବାକୁ ମିଳିଛି। ବାଙ୍କିର ଜଣେ ଯୁବତୀଙ୍କ ଇନଷ୍ଟାଗ୍ରାମ ପ୍ରେମରେ ପଡ଼ିଥିଲେ ଦୁଇ ଯୁବକ। ଯୁବତୀଙ୍କ ପ୍ରେମରେ ପ୍ରଥମ ପ୍ରେମିକ ସ୍ମୃତି ରଞ୍ଜନ ନାୟକ ଆସିବା ପରେ ବଢ଼ିଥିଲା ଭାବ। ଦ୍ୱିତୀୟ ପ୍ରେମିକ ଜାଣିବା ପରେ ସମାଧାନ କରିବାକୁ ଡାକି ହତ୍ୟା କରିଥିଲେ। ସେହିପରି ଦୁଇ ଦିନ ତଳେ କ୍ୟାପିଟାଲ ଥାନା ଅଞ୍ଚଳରେ ଆଉ ଏକ ଘଟଣା ଦେଖିବାକୁ ମିଳିଛି। ଇନ୍‌ଷ୍ଟାରୁ ପରିଚୟ ହୋଇ ଭଲ ପାଇଲେ ଯୁବକ। ପରେ ଓୟୋ ହୋଟେଲରେ ରହିଲେ। କିନ୍ତୁ ଯୁବତୀ ବିବାହ କରିବାକୁ ମନା କରିବାରୁ ପ୍ରେମିକ ହାମରରେ ତାଙ୍କ ମୁଣ୍ଡକୁ ପିଟି ଗୁରୁତର କରିଥିଲେ। ସେହିପରି ଗତକାଲି ମୈତ୍ରୀବିହାର ଥାନା ଅଞ୍ଚଳରେ ପ୍ରେମିକକୁ ବିବାହ କରିବାକୁ ପ୍ରେମିକା ରାଜି ନ ହେବାରୁ ତାର ହାତ କାଟି ଦେଇଥିଲେ। ଆହୁରି ମଧ୍ୟ ପ୍ରେମ ପାଇଁ ଗତ ୬ ମାସ ମଧ୍ୟରେ ରାଜଧାନୀରେ ୧୮ ଜଣ ଆତ୍ମହତ୍ୟା କରିଛନ୍ତି।



ଅନେକ ପ୍ରେମୀଯୁଗଳ ନୂଆ ବାହା ହୋଇ ସହରରେ ରହୁଛନ୍ତି। ଏଠାକୁ ଆସିବା ପରେ ସେମାନେ ରିଲ୍ସ କରିବା ସହ ଭିଡ଼ିଓ ଇନ୍‌ଷ୍ଟାରୁ ଦେଖୁଛନ୍ତି। ବିଶେଷକରି ମହିଳାମାନେ ଇନ୍‌ଷ୍ଟାରୁ ଦେଖୁଥିବା ଖରାପ ଭିଡ଼ିଓକୁ ସହଜରେ ଗ୍ରହଣ କରୁଛନ୍ତି। ଆଉ ନିଜ ସ୍ୱାମୀକୁ ତାହା କରିବାକୁ କହୁଛନ୍ତି। ସ୍ୱାମୀ ତାହା କରି ନ ପାରିଲେ ଉଭୟଙ୍କ ମଧ୍ୟ ଝଗଡ଼ା ହେବା ସହ ବିବାହ ବିଚ୍ଛେଦ ହେଉଛି। ଆହୁରି ମଧ୍ୟ ଯେଉଁମାନେ ଶାଶୂ ଏବଂ ଶଶୁରଙ୍କ ସହ ରହୁଛନ୍ତି ସେମାନେ ଏଭଳି ରିଲ୍ସ ଦେଖି ସେମାନଙ୍କ ସହ ଝଗଡ଼ା କରିବା ସହ ବାପ ଘରକୁ ପଳାଇଯାଉଛନ୍ତି।

ଅନେକ ବ୍ୟକ୍ତି ଅନ୍ୟ ଉପରେ ରାଗ ଶୁଝାଇବା ପାଇଁ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି। ସେମାନେ ଫେକ୍ ଆକାଉଣ୍ଟ କରି ସେମାନଙ୍କ ବିଷୟରେ ଏକାଧିକ ମିଛ ପୋଷ୍ଟ କରୁଛନ୍ତି। ଯାହାଫଳରେ ଗାଁ ଏବଂ ଗଳିରେ ଉକ୍ତ ବ୍ୟକ୍ତି ଏବଂ ମହିଳା ମୁହଁ ଦେଖାଇ ପାରୁନାହାନ୍ତି। ଅନେକ ସମୟରେ ଏକାଧିକ ଯୁବକ ମଧ୍ୟ ରାଗ ସୁଝାଇବା ପରେ ଯୁବତୀଙ୍କ ନାମରେ ଫେକ୍ ଆକାଉଣ୍ଟ ଖୋଲି ଫଟୋ ଏଡିଟ୍ କରି ଅଶ୍ଳୀଳ ଫଟୋ ପକାଉଛନ୍ତି। ଆହୁରି ମଧ୍ୟ ଏବେ ୟୁଟ୍ୟୁବ୍‌ରେ ଏକାଧିକ ଯୁବକ ଏବଂ ମହିଳା ରୋଷ୍ଟିଂ କରୁଛନ୍ତି। ପରସ୍ପର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚରିତ୍ର ସଂହାର କରୁଛନ୍ତି। ଯେଉଁଥି ପାଇଁ ଏହା ପ୍ରଭାବ ଛୋଟ ଛୋଟ ପିଲାଙ୍କ ଉପରେ ପଡୁଛି।

### ବେତନଟୀକୁ ଏନ୍ଏସି ଘୋଷଣା ପରେ ବି କାର୍ଯ୍ୟକାରୀ ହେବାରେ ବିଳମ୍ବ

# ଆନ୍ଦୋଳନକୁ ଓହ୍ଲାଇବାକୁ ଅଞ୍ଚଳବାସୀ ସଜବାଜ

ବେତନଟୀ, ୧୮।୮(ସମିସ): ପୂର୍ବ ସରକାରରେ ବେତନଟୀକୁ ଏନଏସି ଘୋଷଣା କରାଯାଇଥିଲେ ମଧ୍ୟ ଆଜିଯାଏ କାର୍ଯ୍ୟକାରୀ ହେବାରେ ବିଳମ୍ବ ଦେଖାଦେଇଛି। ଫଳରେ ଏ ନେଇ ସହରବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀ, ବ୍ଲକ କଂଗ୍ରେସ ସଭାପତି, ସ୍ୱାଭିମାନ ସୁରକ୍ଷା ମଞ୍ଚ ଓ ବ୍ଲକ ମିଡିଆ ଆସୋସିଏସନ୍ ଅଭିଯୋଗ କରିଛନ୍ତି। ପୂର୍ବତନ ବିଜେଡି ସରକାରର ଶାସନ ଅବଧିରେ ବିଧାନସଭାରେ ପ୍ରତିଶ୍ରୁତି ଦେଇ ବେତନଟୀକୁ ଏନଏସି ଘୋଷଣା କରିଥିଲେ; କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ। ଗତ ୨୦୧୯ରୁ ୨୦୨୪ ମଧ୍ୟରେ ବଡ଼ସାହି ବିଧାୟକ ବହୁବାର ଏହି ଦାବି ଉଠାଇଥିଲେ। ଫଳରେ ଗଣମାଧ୍ୟମରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପ୍ରକାଶ ପାଇଥିଲା। ଛଅ ବର୍ଷରେ ଏନଏସି ଘୋଷଣା ସମ୍ପୂର୍ଣ୍ଣ ସର୍ତ୍ତେ ପୂରଣ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ଏହି ଘୋଷଣା ସହରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଲାଣି। ଏହା ଜନସାଧାରଣଙ୍କ ଅଧିକାରର ଉଲ୍ଲଙ୍ଘନ ବୋଲି ଲୋକେ କହୁଛନ୍ତି। ଏନଏସି କାର୍ଯ୍ୟକାରୀ ନ ହେବା ଫଳରେ ଲୋକେ ରାସ୍ତା, ପରିମଳ, ଜଳ ଯୋଗାଣ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ଏହି ଅବହେଳା ସମ୍ବିଧାନର ଅନୁଚ୍ଛେଦ ୨୧(ଏ) ଅନୁଯାୟୀ ସ୍ଥାନୀୟ ସ୍ୱାୟତ୍ତ ଶାସନର ଅଧିକାରର ଉଲ୍ଲଙ୍ଘନ। ତେଣୁ ତୁରନ୍ତ ଫାଇଲର ଅଗ୍ରଗତି ତଦନ୍ତ କରି ଘୋଷଣା କରିବାକୁ ଦାବି ହେଉଛି; ନଚେତ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଲେଣି।

### ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

# ଏକ୍ସ-ରେ ମେସିନ ଖରାପ; ରୋଗୀ ହନ୍ତସନ୍ତ




ବେତନଟୀ, ୧୮।୮(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ରୋଗୀ ସେବା ପାଉନାହାନ୍ତି। କିଛି ଦିନ ପୂର୍ବେ ରକ୍ତଚାପ ମାପିବା ଯନ୍ତ୍ର ଖରାପ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫଳରେ ରୋଗୀ ବାଧ୍ୟହୋଇ ବାହାରର ଔଷଧ ଦୋକାନରୁ ରକ୍ତଚାପ ମାପିଥିଲେ। ଏ ନେଇ ଭାଲିଆ ଗ୍ରାମର ରଞ୍ଜିତ ମହାନ୍ତ, ସରୋଜ ମହାନ୍ତି ଓ ଏସ୍ଏସ୍ ନହଣ୍ଡାଶୋଳର ମଙ୍ଗଳ ସିଂ ଅଭିଯୋଗ କରିଥିଲେ। ପୁଣି ଏକ୍ସ-ରେ ମେସିନ୍ ଖରାପ ହୋଇଥିବାରୁ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହୋଇଛନ୍ତି। ବେତନଟୀ ଭୋଗବାଟିର ପ୍ରକାଶ ଲେଙ୍କା ତାଙ୍କ ଭାଇ ବିକାଶଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ଏକ୍ସ-ରେ ପାଇଁ ପରାମର୍ଶ ଦେଇଥିଲେ, କିନ୍ତୁ ଅପରେଟର୍ ମେସିନ୍ ଖରାପ ଥିବା କହି ବାହାରୁ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଗ୍ରିଆ ଗ୍ରାମର ଜନ୍ମେଜୟ ପରିଡ଼ାଙ୍କର ଦୁର୍ଘଟଣା ପରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଛାତିରେ ମାଡ଼ ବାଜି ଫୁଲିଥିବାରୁ ଡାକ୍ତର ଏକ୍ସ-ରେ ପାଇଁ ପରାମର୍ଶ ଦେଇଥିଲେ; କିନ୍ତୁ ବେତନଟୀ ସ୍ୱାସ୍ଥ୍ୟ କେନ୍ଦ୍ରରେରେ ଏକ୍ସ-ରେ ମେସିନ୍ ଖରାପ ଥିବାରୁ ଶେଷରେ ବାରିପଦା ପିଆର୍ଏମ୍‌କୁ ନିଆଗଲା। ବାରମ୍ବାର ଏଭଳି ଘଟୁଥିଲେ ମଧ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଞ୍ଚଳବାସୀ।

# ବିଜେଡି ଜିଲ୍ଲା ଓ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୧୮।୮(ସମିସ): ବିଜାତଳା ବ୍ଲକ ବିଜେଡି ତରଫରୁ ନୂତନ ଜିଲ୍ଲା ଏବଂ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ବିଜାତଳା ହାଟ ନିକଟ କଲ୍ୟାଣ ମଣ୍ଡପ ପରିସରରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ନିମାଇ ଚରଣ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ନୂତନ ବିଜେଡି ଜିଲ୍ଲା ସଭାପତି ଡାଃ.ଦେବାଶିଷ ମାରାଣ୍ଡି ଏବଂ ବ୍ଲକ ସଭାପତି ମାଝିଆ ରାମଚନ୍ଦ୍ର ଟୁଡୁଙ୍କୁ ଜିଲ୍ଲା ପରିଷଦ ସଦସ୍ୟା ପାର୍ବତୀ ଟୁଡୁ, ବିଜାତଳା ସରପଞ୍ଚ ଦମୟନ୍ତୀ ଟୁଡୁ, ପ୍ରାକ୍ତନ ବିଜାତଳା ସରପଞ୍ଚ ରାମଚନ୍ଦ୍ର ଟୁଡୁ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ନେତୃବୃନ୍ଦ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଡ଼ା. ମାରାଣ୍ଡି କହିଥିଲେ ଯେ, ବିଜେଡି ଏବେ ବି ଲୋକଙ୍କ ହୃଦୟରେ ଅଛି। ବିଜେଡି କୃଷକ, ମହିଳା, ଯୁବ, ଛାତ୍ର, ଶ୍ରମିକଙ୍କ ଦଳ। ବିଜେଡି ସର୍ବଦା ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛି। ତେଣୁ ସମସ୍ତେ ଏକହୋଇ ବିଜେଡି ଛତା ତଳେ ରହି ସାରସକଣା ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ବ୍ଲକ ବିଜେଡି ସଭାପତି ଶ୍ରୀ ଟୁଡୁ କହିଥିଲେ ଯେ, ବିଜାତଳାର ସାମଗ୍ରିକ ଉନ୍ନତି ଏବଂ ସମସ୍ତ ଦଳୀୟ କର୍ମୀଙ୍କୁ ନେଇ ଦଳ ଆଗକୁ ବଢ଼ିବା। ତୃଣମୂଳ ସ୍ତରରେ ଜନତାଙ୍କ ହୃଦୟରେ ବିଜେଡି ଅଛି। ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ସମସ୍ତେ ଏକାଠି ହୋଇ ଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜାତଳା ବ୍ଲକର ବରିଷ୍ଠ ନେତୃବୃନ୍ଦ, ଯୁବ ନେତୃବୃନ୍ଦଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଧାନ ଫସଲ ନଷ୍ଟକଲେ ହାତୀ



ରାଇରଙ୍ଗପୁର, ୧୮।୮(ସମିସ): ବିଜାତଳା ବ୍ଲକର ମାଣିକପୁର ପଞ୍ଚାୟତର ମାଣିକପୁର ଓ ପାଉଁଶିଆ ଗ୍ରାମରେ ହାତୀ ଉପଦ୍ରବରେ ବ୍ୟାପକ ଧାନଫସଲ କ୍ଷତି ପହଞ୍ଚିଛି। ଶନିବାର ରାତିରେ ୧୦ରୁ ଅଧିକ ଚାଷୀଙ୍କ ଧାନବିଲକୁ ହାତୀପଲ ଦଳି ଚକଟି ନଷ୍ଟ କରିଛନ୍ତି। ମାଙ୍ଗାତ ସୋରେନ, ସୁରେନ୍ଦ୍ର ହେମ୍ବ୍ରମ, କାରୁ ବାସ୍କେ ଓ ଚାଷୀବୃନ୍ଦ ଧାନବିଲ ନଷ୍ଟ ଦେଖି ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ପ୍ରଶାସନ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସହାୟତା ରାଶି ଦେବା ପାଇଁ ସେମାନେ ଦାବି କରିଛନ୍ତି।

## ସ୍ୱାଧୀନତା ଦିବସରେ ପିଲାଙ୍କୁ ମିଳିଲାନି ମଧ୍ୟାହ୍ନ ଭୋଜନ

କପ୍ତିପଦା, ୧୮।୮(ସମିସ): କପ୍ତିପଦା ବ୍ଲକ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅନିୟମିତତା ଦେଖାଦେଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଅଧିକାଂଶ ବିଦ୍ୟାଳୟରେ ବିଭିନ୍ନ ଆଳ ଦେଖାଇ ଆଦୌ ମଧ୍ୟାହ୍ନ ଭୋଜନ ରୋଷେଇ କରି ନ ଥିବା ବେଳେ ଆଉ କେତେକ ଅଣ୍ଡା ଖାଇବାକୁ ନ ଦେଇ କେବଳ ଆଳୁ ଝୋଳ ଦେଉଛନ୍ତି। ସେହିଭଳି କିଛି ବିଦ୍ୟାଳୟ କେବଳ ଅଣ୍ଡା ସିଝା ସହିତ ବୁଟ ସିଝା ଖାଇବାକୁ ଦେଉଛନ୍ତି। ସ୍ୱଳ୍ପ ମୂଲ୍ୟରେ ବେସରକାରୀ ବିଦ୍ୟାଳୟରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର କରିକୁଲମ ଆକ୍ଟିଭିଟି କରୁଥିବାବେଳେ ସରକାରୀ ବିଦ୍ୟାଳୟର କିଛି ଶିକ୍ଷକଙ୍କ ମନମାନି ଯୋଗୁଁ ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଉଛନ୍ତି। ଏ ନେଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂଙ୍କୁ ଯୋଗାଯୋଗ କରିବାରୁ ସ୍ୱାଧୀନତା ଦିବସରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେବା ପାଇଁ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଘଟଣାର ତଦନ୍ତ କରାଯାଇ ଯେଉଁ ବିଦ୍ୟାଳୟ ଏଥିରେ ଖିଲାପି କରିଥିବେ ସେହି ସ୍କୁଲ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପୂର୍ଣ୍ଣଚନ୍ଦ୍ରପୁରରେ ଖୋଲିବ ନୃତ୍ୟକେନ୍ଦ୍ର

ବାରିପଦା, ୧୮।୮(ସମିସ): ମୟୂର କଳାଭୂମି ଅନୁଷ୍ଠାନ ପକ୍ଷରୁ ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ. ୧୫ରେ ଏକ ନୂତନ ନୃତ୍ୟକେନ୍ଦ୍ର ଖୋଲିବାକୁ ଯାଉଛି। ଏହି ନୃତ୍ୟ କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିଓଗ୍ରାଫର ଏସକେ ସାହିଲ ଯୋଗଦେଇ ପିଲାଙ୍କୁ ନୃତ୍ୟ ପ୍ରଶିକ୍ଷଣ ଦେବେ। ଏହି କେନ୍ଦ୍ରରେ ଆଗ୍ରହୀ ଅନାଥ ପିଲାଙ୍କୁ ମାଗଣାରେ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ନିର୍ଦ୍ଦେଶକ ଦିଲ୍ଲୀପ ପାତ୍ର କହିଛନ୍ତି। ପ୍ରତି ସପ୍ତାହର ମଙ୍ଗଳବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସନ୍ଧ୍ୟା ୬ଟାରୁ ୯ ଘଟିକା ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ।

## ସ୍ୱାଧୀନତା ଦିବସରେ ନିମ୍ବ ଚାରାରୋପଣ

ବାରିପଦା, ୧୮।୮(ସମିସ): ସ୍ୱାଧୀନତା ଦିବସରେ ବାରିପଦାର ଗ୍ଲୋବାଲ ନିମ ପ୍ଲାଣ୍ଟେସନର ସଦସ୍ୟ/ସଦସ୍ୟା ନିମ୍ବ ଚାରାରୋପଣ କରିବା ସହ ସେଗୁଡ଼ିକର ଯତ୍ନ ନେବାପାଇଁ ଶପଥ ନେଇଥିଲେ। ବହୁବର୍ଷ ଧରି ସଂସ୍ଥା ତରଫରୁ ବିଭିନ୍ନ ସମୟରେ ନିମ୍ବ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତିଷ୍ଠାତା ବିମ୍ବାଧର ସାହୁ, ସଦସ୍ୟ ଡଃ ନିରୋଜ ପୋଥାଳ, ବୀର କିଶୋର କୁଁଅର, ସର୍ଦ୍ଦାର ହରିଚରଣ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ଲୋକନାଥ ମହାନ୍ତ, ଅରବିନ୍ଦ ମୁଖି, ଆଶୁତୋଷ ତ୍ରିପାଠୀ, ବିଜୟଲକ୍ଷ୍ମୀ ନାୟକ, ରାଜଲକ୍ଷ୍ମୀ ମିଶ୍ର ତଥା ସେଭ ଆର୍ଥ ମିଶନର ଜିଲ୍ଲା ସଭାପତି ତାପସ ବେହେରା ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ସତସଙ୍ଗ କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର



ରାଇରଙ୍ଗପୁର, ୧୮।୮(ସମିସ): ମହୁଲଡିହା ସତସଙ୍ଗ କେନ୍ଦ୍ରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନିଗମାନନ୍ଦ ପଟ୍ଟନାୟକ ଉଦଘାଟନ କରିଥିଲେ। ଉତ୍ତର ଓଡ଼ିଶା ଭୂମିକା ଚକ୍ଷୁ ଡାକ୍ତରଖାନାର ଜୋନାଲ ମ୍ୟାନେଜର ବର୍ଣ୍ଣାଟ କେଶରୀ ଜେନା, ଏରିଆ ମ୍ୟାନେଜର ବିରଞ୍ଚି ନାରାୟଣ ସେଠୀ, ରାଇରଙ୍ଗପୁର ବ୍ଲକ ଇନ୍‌ଚାର୍ଜ କାପୁରା ବାସ୍କେ, କରଞ୍ଜିଆ ଚକ୍ଷୁ ହସପିଟାଲର ମ୍ୟାନେଜର ହିମାଂଶୁ ସାମଲ ସମେତ ଏକ ଟିମ୍ ୭୬ ଜଣ ରୋଗୀ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୩ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଛି। ଅସ୍ତ୍ରୋପଚାର ନିମନ୍ତେ ୧୬ ଜଣଙ୍କୁ କରଞ୍ଜିଆ ଭୂମିକା ଚକ୍ଷୁ ଡାକ୍ତରଖାନାକୁ ପଠାଯାଇଛି।

## ୨୯ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ମନୋନୀତ

ମହୁଲଡିହା, ୧୮।୮(ସମିସ): ଗତ ୧୯୯୩ ମସିହାରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିବା ଜଡିବିଲ ଉଚ୍ଚ ବିଦ୍ୟାଳୟରୁ ୨୯ ଜଣ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଗତ ମାଟ୍ରିକ ପରୀକ୍ଷାରେ ଜଡିବିଲ ଉଚ୍ଚ ବିଦ୍ୟାଳୟରୁ ୫୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେଥିରୁ ୨୯ ଜଣ



ଛାତ୍ରଛାତ୍ରୀ ସର୍ବୋଚ୍ଚ ନମ୍ବର ରଖିଥିବା ଆଧାରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପଛରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ବେଶ ସହାୟକ ହୋଇଛି। ଶିଖାରାଣୀ ମହାନ୍ତ ସର୍ବୋଚ୍ଚ ୫୧୯ ନମ୍ବର ରଖି ଜିଲ୍ଲାସ୍ତରୀୟ ତାଲିକାରେ ସ୍ଥାନ ପାଇଥିବାବେଳେ ଅନ୍ୟମାନେ ବ୍ଲକସ୍ତରରେ ଅଧିକ ନମ୍ବର ରଖି ମନୋନୀତ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ କୃତଜ୍ଞତା ଜଣାଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ବହଳଦା, ୧୮।୮(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଭାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଥାନା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୬ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ମଧ୍ୟରେ ସଭାପତି ନନ୍ଦକିଶୋର କିସ୍କୁ, ଉପସଭାପତି ଆହ୍ଲାନ ଚନ୍ଦ୍ର ମୁର୍ମୁ, ସମ୍ପାଦକ ବାରିଆଲ ମାଝୀ, ସହ ସମ୍ପାଦକ ଦୁର୍ଗାଚରଣ ମାଝୀ, କୋଷାଧ୍ୟକ୍ଷ ଡମାନ ଚରଣ ମାଝୀ, ସମୀକ୍ଷକ ସିଂଗ୍ରାୟ ହାଁସଦାଃ, ଉପଦେଷ୍ଟା ସମାୟ ଟୁଡୁ, ମାମୁ ମାଝୀ, ମାତାଂ ହାଁସଦା, ଡ. ଦାସମାତ ମୁର୍ମୁ ଏବଂ ସଂଘର ସଦସ୍ୟ ବିକ୍ରମ ହାଁସଦା, ମିନତୀ ମୁର୍ମୁ, ଗୌରିମଣୀ ମାର୍ଣ୍ଡି, ଗାନସା ସୋରେନ୍, ଗୋପାଳ ଚନ୍ଦ୍ର ବେଶ୍ରା, ଶାଙ୍ଗଚରଣ ମାଝୀ ଓ ଶାଙ୍ଗ ଚରଣ ହାଁସଦା ପ୍ରମୁଖଙ୍କୁ ବରିଷ୍ଠ ନାଗରିକ ପରିଚୟ ପ୍ରଦାନ କରାଯାଇଛି।

## ଯୁବପିଢ଼ିଙ୍କ ହାତରେ ପରିବେଶ ସୁରକ୍ଷା ଦାୟିତ୍ୱ



କରଞ୍ଜିଆ, ୧୮।୮(ସମିସ): ଆଜିର ଯୁଗରେ ପରିବେଶ ସୁରକ୍ଷା ଦାୟିତ୍ୱ ଯୁବପିଢ଼ି ନିଅନ୍ତୁ ବୋଲି ବାର୍ତ୍ତା ରଖିଥିଲେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ। ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ହାଇବୁରୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ପରିବେଶ ସୁରକ୍ଷାର ଦାୟିତ୍ୱ ନେଇ ପ୍ରତ୍ୟେକ ଯୁବକ ଯୁବତୀ ଅନ୍ୟୂନ ଗୋଟିଏ ଚାରା ଲଗାଇବାକୁ ଯୁବ ସମାଜ ଶପଥ ନିଅନ୍ତୁ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ଯୋଗଦେଇ ଶିମିଳିପାଳ ହେଉଛି ଆମର ପ୍ରାଣସ୍ପନ୍ଦନ। ତେଣୁ ଅଭୟାରଣ୍ୟକୁ ବଞ୍ଚାଇଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପରିବେଶବିତ୍ ଆଶିଷରଞ୍ଜନ ମହାନ୍ତ ଛାତ୍ର ସମୟରୁ ପରିବେଶ ସୁରକ୍ଷା ଦିଗରେ ଆକୃଷ୍ଟ ହୋଇ ବୃକ୍ଷ ଲଗାଇବା ଓ ଏହାର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ପରିବେଶବିତ ସୁବ୍ରତ କୁମାର ବିଶ୍ୱାଳ ସ୍ୱାର୍ଥ ପାଇଁ ମଣିଷ ସମାଜ କିପରି ପରିବେଶକୁ ଧ୍ୱଂସ କରିଚାଲିଛି ସେ ନେଇ ଭିଡିଓ ମାଧ୍ୟମରେ ଯୁବ ପିଢ଼ିଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକ ଯୋଗ ଦେଇ ବିଭିନ୍ନ କାରଣରୁ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ତେଣୁ ଏହାର ସୁରକ୍ଷା ଯୁବପିଢ଼ି ନିଅନ୍ତୁ ବୋଲି କହିଥିଲେ। କର୍ଣ୍ଣାର୍ଜୁନ ସାହା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମନ୍ଦିର ସମ୍ମୁଖରେ ବର୍ଷାପାଣି; ଶ୍ରଦ୍ଧାଳୁ ହନ୍ତସନ୍ତ



ମହୁଲଡିହା, ୧୮।୮(ସମିସ): ଠାକୁରମୁଣ୍ଡାର ଆରାଧ୍ୟ ଦେବୀ ମା' ବାସୁଳୀ ମନ୍ଦିର ସମ୍ମୁଖରେ ଦୀର୍ଘ ୫ ଦିନ ହେଲା ବର୍ଷାପାଣି ଜମି ରହିଥିବାରୁ ଶ୍ରଦ୍ଧାଳୁ ହନ୍ତସନ୍ତ ହେଉଛନ୍ତି। ତେବେ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ମନ୍ଦିର ପଛ ପାଖରେ କଂକ୍ରିଟ କରାଯାଇ ଉଚ୍ଚ କରିଦିଆଯାଇଛି। ଫଳରେ ପାଣି ନିଷ୍କାସନ ହୋଇପାରୁନାହିଁ। ପଛ ପଟରେ ଯାଉଥିବା ପାଣି ରାସ୍ତା ବନ୍ଦ ହୋଇଯିବା ଫଳରେ ଏବେ ସବୁଦିନିଆ ସମସ୍ୟା ହୋଇ ଦେଖାଦେଇଛି। ତୁରନ୍ତ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରା ନ ଗଲେ ମନ୍ଦିର ଆଗରେ ପାଣି ଜମି ରହିବ। ଏଣେ ବଜାରରୁ ମନ୍ଦିର ଯିବା ରାସ୍ତାକଡ଼ରେ ମଇଳା କୁଢ଼ କୁଢ଼ ଦୁର୍ଗନ୍ଧରେ ଫାଟି ପଡୁଛି। ଫଳରେ ଭକ୍ତମାନେ ନାକବନ୍ଦକରି ମନ୍ଦିରକୁ ଯାଉଛନ୍ତି। ତୁରନ୍ତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଦାବିପତ୍ର ପ୍ରଦାନ



ରାଇରଙ୍ଗପୁର, ୧୮।୮(ସମିସ): ରାଇରଙ୍ଗପୁର ରାଜସ୍ୱ କ୍ଷେତ୍ର ଅଧିକାରୀ, କର୍ମକର୍ତ୍ତା ଓ ସଦସ୍ୟମାନେ ବିଭିନ୍ନ ଦାବିନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଭାରାପ୍ରାପ୍ତ ତହସିଲଦାର ସୁଧାକାର ସେଠୀଙ୍କୁ ପ୍ରଦାନ କରିଛନ୍ତି। ରାଜସ୍ୱ ସୁପରଭାଇଜର ଇଂ ନିହାର କୁମାର ପାତ୍ର, ରାଜେନ୍ଦ୍ର ଜ୍ୟୋତିଷ, ରତିକାନ୍ତ ପାତ୍ର, ପ୍ରତିଭା ମହାନ୍ତି, ସୁନାରାମ ମୁର୍ମୁ, ଗାୟତ୍ରୀ କୁମ୍ଭକାର, କର୍ମିଳା ମୁର୍ମୁ, ଇଂ ରଞ୍ଜନ ମହାନ୍ତ, ପ୍ରତିଭା ମହାନ୍ତ, ରତିକାନ୍ତ ଧୀର ପ୍ରମୁଖ ସାମିଲ ହୋଇଥିଲେ।

## ଚଣ୍ଡୀଛକ ହାଇମାଷ୍ଟ ଲାଇଟ ଅଚଳ; ମରାମତି କରୁନି ପ୍ରଶାସନ



ବେତନଟୀ, ୧୮।୮(ସମିସ): ବେତନଟୀ ସହରର ଟ୍ରାଫିକ୍ ଛକ ୧୮ ନମ୍ବର ଜାତୀୟ ରାଜପଥ ଚେନ୍ନାଇ-କୋଲକାତାକୁ ସଂଯୋଗ କରୁଛି। ଏହି ରାସ୍ତା ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟ ସହ ନୀଳଗିରି ଉପଖଣ୍ଡ ଏବଂ ଉଦଳା, କରଞ୍ଜିଆ, କେନ୍ଦୁଝର ସହରକୁ ମଧ୍ୟ ସଂଯୋଗ କରୁଛି। ଏହି ଛକରେ ଥିବା ଲାଇଟଗୁଡ଼ିକ ମରାମତି କରାଯାଉ ନ ଥିବାରୁ ୨୦୨୧ ମସିହାରୁ ଅନ୍ଧାରରେ ରହିଆସୁଛି। ୨୦୧୮ ରେ ବଡସାହି ବିଧାୟକ ଗଣେଶ୍ୱର ପାତ୍ରଙ୍କ ଉଦ୍ୟମରେ ଏଠାରେ ଏକ ହାଇମାଷ୍ଟ ଲାଇଟ ଟାୱାର ସ୍ଥାପନ କରାଯାଇଥିଲା। କିନ୍ତୁ ୩/୪ ବର୍ଷ ପରେ ଖରାପ ହେବାରୁ ଏଠାକାର ବ୍ୟବସାୟୀମାନେ ଚାନ୍ଦା ଆଦାୟ କରି ମରାମତି କରିଥିଲେ। ପୁଣି ୨୦୨୧ରୁ ଅଚଳ ହୋଇରହିଛି। ସନ୍ଧ୍ୟା ପରେ ଏଠାରେ ପ୍ରବଳ ଜନଗହଳି ହେଉଥିବାରୁ ଅନ୍ଧାରରେ ଲୋକେ ନିଜକୁ ସୁରକ୍ଷିତ ମଣୁନହାନ୍ତି। ଲାଇଟ ମରାମତି ନିମନ୍ତେ ଲୋକେ ସରପଞ୍ଚ, ବିଡିଓ, ବର୍ତ୍ତମାନର ବିଧାୟକ ଏବଂ ବାରିପଦା ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ସରପଞ୍ଚ ମଧ୍ୟ ଲାଇଟ ମରାମତି କରିବାକୁ ଉଦ୍ୟମ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି।

### ରାସ୍ତା ମଝିରୁ ଟେକିନେଲେ ଛେଳି

# ଧରାପଡ଼ିବା ଭୟରେ ନଦୀକୁ ଫିଙ୍ଗିଦେଲେ

କୁଆମରା, ୧୮।୮(ସମିସ): କିଛି ଦିନ ବ୍ୟବଧାନ ପରେ ପୁଣି ମାତିଲେଣି ଛେଳି ଚୋର। ରାସ୍ତା ମଝିରୁ ଉଠାଇ ନେଇ ମାରୁଛନ୍ତି ଚମ୍ପଟ। ଦିନକ ପୂର୍ବରୁ ଏଭଳି ଘଟଣା ଘଟିଛି ଜୟପୁର-ବାଲେଶ୍ୱର ରାସ୍ତାର ଖୁଣ୍ଟା ଥାନା ଅଧୀନ ସାଇଁକୁଳା ଠାରେ। ଉକ୍ତ ଗ୍ରାମର ବେଣୁଧର ମହାପାତ୍ରଙ୍କ କିଛି ଛେଳି ସାଇଁକୁଳା ପଞ୍ଚାୟତ ଅଫିସ ସମ୍ମୁଖ ରାସ୍ତାରେ ଚରୁଥିବା ବେଳେ ବାଲେଶ୍ୱର ପଟୁ ଏକ ସ୍କର୍ପିଓରେ ଚାରିଜଣ ଦୁର୍ବୃତ୍ତ ଆସି ଛେଳି ଗୋଠରୁ ଗୋଟିଏ ଛେଳିକୁ ଟେକିନେଇ ଜୟପୁର ପଟକୁ ଆସିଥିଲେ। ତେବେ କିଛି ବ୍ୟକ୍ତି ସେମାନଙ୍କୁ ବାଇକରେ ପିଛା କରିଥିଲେ। ମାତ୍ର ସ୍କର୍ପିଓଟି ଦ୍ରୁତ ଗତିରେ ଆସି ସୋନନଦୀ ପୋଲଉପର ଦେଇ ନୀଳଗିରି ମୁହାଁ ହୋଇଥିଲା। ସେମାନେ ଧରାପଡ଼ିବା ଭୟରେ ଗାଡି ଚାଲିଥିବା ଅବସ୍ଥାରେ ଛେଳିଟିକୁ ନଦୀର ପୋଲ ଶେଷ ମୁଣ୍ଡ ଆଡ଼ିବନ୍ଧକୁ ଫିଙ୍ଗି ଦେଇଥିଲେ। ତେବେ ଛେଳିଟି ପ୍ରାୟ ୩୦ ଫୁଟ ତଳକୁ ଗଡ଼ି ଗଡ଼ି ଯାଇ ପଥରରେ ବାଡେଇ ହେବା ଯୋଗୁଁ ଛେଳିଟିର ମୃତ୍ୟୁ ଘଟିଥିଲା। ତେବେ ଛେଳିଟିର ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଏନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଥିବାର କହିଛନ୍ତି। ତେବେ ଦୁର୍ବୃତ୍ତ ମାନେ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି।



## ନାବାଳିକାକୁ ବ୍ଲାକ୍‌ମେଲିଂ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୮ ।୮ (ସମିସ): ନାବାଳିକାର ଫଟୋ ବ୍ୟବହାର କରି ନକଲି ଇନଷ୍ଟାଗ୍ରାମ ଆଇଡ଼ି ଖୋଲିବା ଓ ଟଙ୍କା ନ ଦେଲେ ଫଟୋ ଭାଇରାଲ ଧମକ ଦେବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ନିମଖଣ୍ଡି ଥାନା ଇଲାକାର ରାହୁଲ କୁମାର ସାହୁ (୨୪) । ସୂଚନାଯୋଗ୍ୟ ଏହି ଥାନା ଇଲାକାର ଜଣେ ୧୬ବର୍ଷୀୟ ନାବାଳିକାଙ୍କ ଫଟୋ ବ୍ୟବହାର କରି ଏକ ଇନଷ୍ଟାଗ୍ରାମ ଆଇଡ଼ି ଖୋଲା ଯାଇଥିଲା । ଯାହାକୁ ଦେଖି ନାବାଳିକା ଜଣକ ଅବାକ ହୋଇଥିଲେ । ପରେ ଅଭିଯୁକ୍ତ ରାହୁଲ ନାବାଳିକାଙ୍କୁ ବ୍ଲାକ୍‌ମେଲ କରିଥିଲେ । ଟଙ୍କା ନଦେଲେ ସବୁ ନଗ୍ନ ଫଟୋ ଭାଇରାଲ କରିଦେବାର ଧମକ ଦେଇଥିଲେ । ବାରମ୍ବାର ମାନସିକ ନିର୍ଯାତନା ଦେବା ପରେ ନାବଳିକା ଜଣକ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହିକ୍ରମରେ ପୁଲିସ ଏକ ମାମଲା ରୁଜୁ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଥିଲା ।

## ଛୁରି ଦେଖାଇ ମୋବାଇଲ ଲୁଟ୍; ଜଣେ ଗିରଫ

ବ୍ରହ୍ମପୁର,୧୮ ।୮ (ସମିସ): ବ୍ରହ୍ମପୁର ଷ୍ଟେସନ ନିକଟରେ ଜଣେ ବ୍ୟକ୍ତିଙ୍କୁ ଛୁରି ଦେଖାଇ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୁଲିସ ଡିମିରାବାଉରୀ ସାହିର ନିରୋଦ ଦାସ(୨୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗୋଦାବରୀଶ ନଗର ନିବାସୀ ରବିନାରାୟଣ ମିଶ୍ର (୫୩) ଗତ ୧୭ ତାରିଖରେ ବ୍ରହ୍ମପୁର ରେଳ ଷ୍ଟେସନରୁ କମାପଲ୍ଲୀକୁ ଯିବା ପାଇଁ ପ୍ଲାଟଫର୍ମ ପାଶ୍ୱର୍ର ସଂକୀର୍ଣ୍ଣ ରାସ୍ତା ଦେଇ ବାହାରକୁ ଯାଉଥିବା ବେଳେ ବିପରୀତ ପାଶ୍ୱର୍ରୁ ଆସୁଥିବା ଜଣେ ଯୁବକ ତାଙ୍କୁ ଫୋନ ମାଗିଥିଲେ । ତାଙ୍କ ଫୋନ ବନ୍ଦ ହୋଇଯାଇଥିବା ହେତୁ ସେ ତାଙ୍କ ଜଣେ ବନ୍ଧୁଙ୍କୁ ଶ୍ରୀ ମିଶ୍ରଙ୍କୁ ଫୋନ୍ କରିବେ ବୋଲି ଅନୁରୋଧ କରିଥିଲେ । ଶ୍ରୀ ମିଶ୍ର ଫୋନ ଦେବାକୁ ମନା କରିବାରୁ ସମ୍ପୃକ୍ତ ଯୁବକ ଜଣକ ଛୁରୀ ଦେଖାଇ ରବି ଧରିଥିବା ମୋବାଇଲକୁ ଲୁଟି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର,୧୮ ।୮ (ସମିସ): ସ୍ଥାନୀୟ ଗ୍ରାମଦେବତୀ ସାହି ସ୍କୁଲ ନିକଟରେ ଜଣେ ଯବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ସୂଚନାଯୋଗ୍ୟ ଯେ, ଶ୍ରୀରାମନଗର ଜଗନ୍ନାଥ ବିହାର ସପ୍ତମ ଲାଇନର ଝୁନୁ ମହାନ୍ତିଙ୍କ ପୁଅ ପ୍ରତାପ ମହାନ୍ତିଙ୍କୁ ଉପରୋକ୍ତ ସ୍କୁଲ ନିକଟରେ କିଛି ଯୁବକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଏଥିରେ ସେ ଗୁରୁତର ଆହତ ହୋଇ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କ ମା’ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ଘରେ ପଶି ମହିଳାଙ୍କୁ ଅସଦାଚରଣ

ବ୍ରହ୍ମପୁର,୧୮ ।୮ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ କାଲୁପାତ୍ର ସାହିରେ ଜଣେ ମହିଳାଙ୍କୁ ଅସଦାରଣ ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ବିଳମ୍ବିତ ରାତିରେ କିଛି ଯୁବକ ଜୈନିକ ମହିଳାଙ୍କ ଘର କବାଟ ଭାଙ୍ଗି ପଶିବା ସହ ଶୋଇଥିବା ମହିଳାଙ୍କୁ ଅସଦାରଣ କରିଥିଲେ । ଏହି ସମୟରେ ତାଙ୍କ ସ୍ୱାମୀ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ସେମାନେ ଦୌଡ଼ି ପଳାଇଥିଲେ । କିନ୍ତୁ ମୋବାଇଲ ଛାଡ଼ି ପଳାଇଥିଲେ । ମୋବାଇଲ ନେବାକୁ ଆଜି ସକାଳୁ ମହିଳାଙ୍କ ଘରକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ କାବୁ କରି ପୁଲିସରେ ଜିମା ଦେଇଥିଲେ ।

● ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା

## ହାଇକୋର୍ଟରୁ ୬ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

ବ୍ରହ୍ମପୁର,୧୮ ।୮ (ସମିସ): ବ୍ରହ୍ମପୁରର ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲାର ୧୨ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ମୌଉଜ ମିଶ୍ର, ରାକେଶ ପଣ୍ଡା ଓରଫ ମାଙ୍ଗ, ଟୁକୁନା ବେହେରା, ଡାକ୍ତର ଅରଫ ସନ୍ତୋଷ କୁମାର ସାହୁ, ମୃତ୍ୟୁଞ୍ଜୟ ସାବତ, ଇଚିଲି ଓରଫ ସନ୍ତୋଷ ପାଣିଗ୍ରାହୀ, ବୁଡୁଦାସ, ଗଣେଶ ପାଣିଗ୍ରାହୀ, ଏସକେ ଜାଫିର୍, ବାବାଜୀ ରଣା, ଶଙ୍କର୍ଷଣ ପାଢ଼ୀ ଓ ଶଙ୍କର ବେହେରା । ଏମାନଙ୍କୁ ଗଞ୍ଜାମ ଜିଲ୍ଲା ଦୌରା ଜଜ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆଜି ହାଇକୋର୍ଟ ମୃତ୍ୟୁଞ୍ଜୟ ସାବତ, ଶଙ୍କର୍ଷଣ ପାଢୀ, ବାବାଜୀ ରଣା, ଗଣେଷ ପାଣିଗ୍ରାହୀ, ଏସକେ ଜାଫିର, ଟୁକୁନା ବେହେରାଙ୍କୁ ଜାମିନ ମଞ୍ଜୁର କରିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ୨୦୨୩ ମସିହା ଜାନୁଆରୀ ୨୯ ତାରିଖ ସକାଳ ୮ଟାରେ ଶାନ୍ତି ମିଶ୍ର ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନାରେ ହାଜିରା ପକାଇ ଫେରୁଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନଙ୍କ ଆକ୍ରମଣ ଓ ବୋମାମାଡ଼ରେ ଶାନ୍ତି ମିଶ୍ରଙ୍କ ମୃତ୍ୟୁ ହୋଇଥିଲା ।

# ଦକ୍ଷିଣାଞ୍ଚଳର ସବୁ କଲେକ୍ଟୋରେଟ୍ ହେବ ‘ପେପର ଲେସ୍’

## ନିୟମିତ କରାଯିବ ସମୀକ୍ଷା : ଆରଡିସି




● ୬ଟି ଜିଲ୍ଲାରେ ‘ଓସୱାସ’ ଓ ୨ଟି ଜିଲ୍ଲାରେ ଇ-ଅଫିସ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ
● ଡିଜିଟାଲ୍ ଫାଇଲ୍ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି ବିଧାନସଭା ଓ ଅଦାଲତ ସମ୍ପର୍କିତ ବିଷୟ
● ୨ବର୍ଷ ପୂର୍ବରୁ ଦକ୍ଷିଣାଞ୍ଚଳରେ ଲାଗୁ ଏହି ବ୍ୟବସ୍ଥାର ସଫଳ ରୂପାୟନ ହୋଇନାହିଁ

ବ୍ରହ୍ମପୁର,୧୮ ।୮ (ସମିସ)

ଏଣିକି ସରକାରୀ କାର୍ଯ୍ୟାଳୟରେ ‘ପେପର ଫାଇଲ’ର ସ୍ଥାନ ନେବ ‘କମ୍ପ୍ୟୁଟର’ । ସମସ୍ତ କାର୍ଯ୍ୟ ହେବ ଅନ୍‌ଲାଇନ୍ ବା ଡିଜିଟାଲ ମୋଡରେ । ସରକାରଙ୍କ ଏହି ନିଷ୍ପତ୍ତି ନୂତନ ନୁହେଁ ବରଂ ଦୁଇ ବର୍ଷ ପୂର୍ବରୁ ନବୀନ ପଟ୍ଟନାୟକଙ୍କ ସରକାର ଅମଳରୁ ପଦକ୍ଷେପ ନିଆଯାଇଥିଲା । ଏ ନେଇ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ବିଭାଗ ଜରିଆରେ ନିର୍ଦ୍ଦେଶନାମା ଜାରି କରାଯିବା ସହ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ମଧ୍ୟ ପ୍ରଦାନ କରାଯାଇଥିଲା । ତେବେ ନିୟମିତ ତଦାରଖରେ ଅବହେଳା ଓ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁଁ ବହୁ କାର୍ଯ୍ୟାଳୟ ପେପରଲେସ୍ ହୋଇଥିଲେ ହେଁ ଅନେକ ଦପ୍ତରରେ ଏହି ନିଷ୍ପତ୍ତି ଶତ ପ୍ରତିଶତ ପୂରଣ ହୋଇପାରିଲା ନାହିଁ । ଏଭଳି ସ୍ଥିତିକୁ ଦେଖିବା ପରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ସଂଗ୍ରାମ କେଶରୀ ମହାପାତ୍ର ନିଜ ଅଧୀନରେ ଥିବା ସମସ୍ତ ଜିଲ୍ଲାପାଳଙ୍କୁ ଏ ନେଇ ଗତ ଜୁଲାଇ ୨୯ତାରିଖରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସେଥିମଧ୍ୟରୁ ଗଞ୍ଜାମ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ‘ଓଡ଼ିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋମେସନ ସିଷ୍ଟମ’ ବା (ଓସୱାସ) ଏବଂ ଗଜପତି ଓ ରାୟଗଡ଼ା ଜିଲ୍ଲାରେ ‘ଇ-ଅଫିସ’ ବ୍ୟବସ୍ଥାକୁ ଶତ ପ୍ରତିଶତ ସଫଳ କାର୍ଯ୍ୟକାରୀ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏହା ଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ସହିତ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବୃଦ୍ଧି ହେବ । ଏଣୁ କେବଳ ବିଧାନସଭା ଓ ଅଦାଲତ ସମ୍ପର୍କିତ ନଥିପତ୍ର ବା ତଥ୍ୟକୁ ବାଦ ଦେଇ ଅନ୍ୟ ସମସ୍ତ ସରକାରୀ କାମ ଅନ୍‌ଲାଇନ୍ ବା ଡିଜିଟାଲ ମୋଡ୍‌ରେ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଏପରିକି ପ୍ରତି ୩ମାସରେ ଥରେ ଏହି ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହେଉଛି ଓ କର୍ମଚାରୀମାନେ କେତେଦୂର କମ୍ପ୍ୟୁଟର ଫ୍ରେଣ୍ଡଲି ହେଉଛନ୍ତି ତାହାର ସମୀକ୍ଷା କରାଯିବ ବୋଲି ତାଗିଦ କରାଯାଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଏହି ନିର୍ଦ୍ଦେଶନାମା ଦକ୍ଷିଣାଞ୍ଚଳର ସମସ୍ତ ୮ଟି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ଉଦ୍ଦିଷ୍ଟ । ତେବେ ବିଭିନ୍ନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା କେତେଦୂର ଆରମ୍ଭ କରାଯାଇଛି ତାହା ତଦାରଖ କରି ସାପ୍ତାହିକ ରିପୋର୍ଟ ପ୍ରଦାନ କରିବାକୁ ଚଳିତ ଅଗଷ୍ଟ ୫ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ । ଜିଲ୍ଲାପାଳମାନଙ୍କ ଠାରୁ ରିପୋର୍ଟ ପାଇବା ପରେ ତାହାର ସମୀକ୍ଷା କରି ପୁଣି ଗତ ୧୪ତାରିଖରେ ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ରିପୋର୍ଟ ସମସ୍ତ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଥିଲା । ଉକ୍ତ ରିପୋର୍ଟରୁ ଯାହା ଜଣାପଡ଼ିଛି ଅଗଷ୍ଟ ପହିଲାରୁ ଅଗଷ୍ଟ ୧୪ତାରିଖ ସୁଦ୍ଧା ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରିପୋର୍ଟ ସନ୍ତୋଷଜନକ ଥିବା ବେଳେ ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସ୍ଥିତିରେ ଅଧିକ ସୁଧାର ଜରୁରୀ ଥିବା ଦର୍ଶାଯାଇଛି । ସେହିଭଳି କୋରାପୁଟ ଓ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ‘ଓସୱାସ’ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଯାଇଛି । ତେବେ ଏଥିପ୍ରତି ଅଧିକ ଯତ୍ନବାନ ହୋଇ ବ୍ୟବସ୍ଥା କିଭଳି ଅଧିକ ସୁଦୃଢ଼ ହୋଇପାରିବ ଓ ଶତ ପ୍ରତିଶତ ସଫଳ କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି ।

ଅଶାନ୍ତ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲା!

# ଏନ୍‌କାଉଣ୍ଟର ସତ୍ତ୍ୱେ ସୁଧୁରୁନି ସ୍ଥିତି

ବ୍ରହ୍ମପୁର,୧୮ ।୮ (ସମିସ)

ଅଶାନ୍ତ ହୋଇପଡିଛି ସମଗ୍ର ଗଞ୍ଜାମ ଜିଲ୍ଲା । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବାକୁ ଯାଇ ବ୍ରହ୍ମପୁର ସହର ଓ ଅନ୍ୟ ୧୫ଟି ଥାନାକୁ ନେଇ ବ୍ରହ୍ମପୁର ପୁଲିସ ଜିଲ୍ଲା ଗଠନ କରାଯାଇଥିଲା । ସେହିପରି ଜିଲ୍ଲାର ୨୬ଟି ଥାନାକୁ ନେଇ ଗଞ୍ଜାମ ପୁଲିସ ଜିଲ୍ଲା ଗଠିତ । ବର୍ତ୍ତମାନ ପରିସ୍ଥିତିରେ ଉଭୟ ପୁଲିସ ଜିଲ୍ଲାରେ ଅଶାନ୍ତର ବାତାବରଣ ଖେଳାଇଛନ୍ତି ଅପରାଧି । କଥା କଥାକେ ବୁଲୁଛି ଖଣ୍ଡା, ଫୁଟୁଛି ଗୁଳି ଏବଂ ହେଉଛି ଘନଘନ ବୋମାମାଡ । ଚଳିତ ଅଗଷ୍ଟ ପହିଲାରୁ ବର୍ତ୍ତମାନ ସୁଦ୍ଧା ୬ଟି ହତ୍ୟାକାଣ୍ଡ ହୋଇସାରିଛି । ସେପଟେ ହତ୍ୟା, ଗଣଦୁଷ୍କର୍ମ, ଦୁଷ୍କର୍ମ, ଡକାୟତି, ଚୋରି, ରାହାଜାନୀ, ହତ୍ୟା ଉଦ୍ୟମ ଓ ଠକେଇ ଭଳି ମାମଲା ବୃଦ୍ଧି ପୁଲିସ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ସାଜିଛି । ଏସବୁକୁ ବାଦ ଦେଇ ସାଇବର ଠକଙ୍କ ଦୌରାତ୍ମ୍ୟ ପୁଲିସକୁ ନାକେଦମ କରିସାରିଛନ୍ତି । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଘଟିଯାଇଛି ଦୁଇ ଦୁଇଟି ଚର୍ଚ୍ଚିତ ଗଣଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣା । ସେହିଭଳି ଚଳିତ ବର୍ଷ ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ୧୫ରୁ ଉର୍ଦ୍ଧ୍ୱ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟିସାରିଛି । ତେବେ ହତ୍ୟା ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲେ ହେଁ ପୁଣି ହତ୍ୟା ଉଦ୍ୟମ ଓ ହତ୍ୟାକାଣ୍ଡ ଭଳି ବହୁ ଘଟଣା ଦେଖିବାକୁ ମିଳୁଛି । ଅପରାଧିଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ତଥା ଅପରାଧକୁ ଦମନ କରିବା ଓ ଜିଲ୍ଲାରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ବ୍ରହ୍ମପୁର ପୁଲିସ ପକ୍ଷରୁ ନିକଟରେ ଏନକାଉଣ୍ଟର କରାଯାଇଥିଲା । ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଠାରେ ପୁଲିସ ଗୁଳିର ଶୀକାର ହୋଇଥିଲା କବିସୂର୍ଯ୍ୟନଗର ଆଇବି ରୋଡ୍‌ର ଦୁର୍ଦ୍ଦାନ୍ତ ଅପରାଧୀ ସୁନିଲ ମହାନ୍ତି ଓରଫ୍ ମଲ୍ଲ । ଏହା ସତ୍ତ୍ୱେ ଅପରାଧୀଙ୍କ ଉତ୍ପାତ ବଢିଯାଇଥିବା ଦେଖିବାକୁ ମିଳିଛି । ଉଭୟ ପୁଲିସ ଜିଲ୍ଲାରେ ୬ଟି ହତ୍ୟାକାଣ୍ଡ ହୋଇସାରିଛି । ବ୍ରହ୍ମପୁର ପୁଲିସ ଜିଲ୍ଲାର ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଗୌଡ ସାହିରେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବଶଙ୍କର ମାଝୀ, ନିମଖଣ୍ଡି ଥାନା ଅଧିନ ଶ୍ରୀମାନଗରରେ ଗାୟତ୍ରୀ ସ୍ୱାଇଁ, ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ରାଳବ ଗ୍ରାମର ହରି ପଟ୍ଟନାୟକଙ୍କୁ, ଶେରଗଡ଼ ଥାନା ଅଞ୍ଚଳରେ ନୀଳାଞ୍ଚଳ ମିଶ୍ରଙ୍କୁ, ରମ୍ଭା ରେଳଷ୍ଟେସନ ନିକଟସ୍ଥ ବାହାଡାପଲ୍ଲୀ ରାସ୍ତାରେ ଖୁନ୍ ର ବଦଳା ଖୁନ୍ ନୀତିରେ ଅଭିମନ୍ୟୁ ପ୍ରଧାନ ଓ ମନୁ ପ୍ରଧାନଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା । ସେହିପରି ପୂର୍ବ ଶତ୍ରୁତା, ଜମିଜମା ଓ ତ୍ରିକୋଣୀୟ ପ୍ରେମ ପାଇଁ ମଧ୍ୟ ହୋଇଛି ହତ୍ୟାକାଣ୍ଡ । ଅନ୍ୟପକ୍ଷରେ କିଛି ଜେଲଫେରନ୍ତା ମାଉଜର, ବୋମା ଓ ଖଣ୍ଡା ସହିତ ପୂର୍ବଶତ୍ରୁତାର ପ୍ରତିଶୋଧ ନେବାକୁ ଯୋଜନା କରୁଥିବା ଶୁଣିବାକୁ ମିଳିଛି । ସେପଟେ ଉଭୟ ପୁଲିସ ଜିଲ୍ଲାରେ ଅପରାଧକ ଦମନ ତଥା ଅପରାଧିଙ୍କୁ ସାବାଡ କରିବାକୁ ଯାଇ ଅପରେସନ ଖୋଜ ଓ ସନ୍ଧାନ ଭଳି ଦ୍ୱିଟି ସ୍ୱତନ୍ତ୍ର ଅପରେସନ ଜରିଆରେ ପୁଲିସକୁ ମିଳିଛି ବଡ ସଫଳତା । ଏହି ଅଭିଯାନରେ ୫୦ରୁ ଉର୍ଦ୍ଧ୍ୱ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ଠାରୁ ବହୁ ସଂଖ୍ୟାରେ ମାଉଜର, ଗୁଳି ଓ ମାଗାଜିନ ଜବତ କରାଯାଇଛି । ତଥାପି ଅପରାଧୀଙ୍କ ନିକଟରେ ବନ୍ଧୁକ ରହିଥିବା କିଛି ଘଟଣାରୁ ସ୍ପଷ୍ଟ ହୋଇଛି । ଗତ ଅଗଷ୍ଟ ୫ତାରିଖରେ ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ୫ଲାଇନରେ ବ୍ୟବସାୟୀ ବାଳକୃଷ୍ଣ ଆଚାରୀ ଓରଫ ରୁନା ଓ ତାଙ୍କ ଶଳା ସୁନିଲ ସାହୁଙ୍କୁ ଗୁଳି କରି ହୀରା ଲୁଟ୍ ହୋଇଥିଲା । ଏହି ଘଟଣାରେ ହୀରା ବିକ୍ରି କରିବାକୁ ମଧ୍ୟସ୍ଥି ଭୂମିକା ତୁଲାଇଥିବା ମଳୟ ଉପାଧ୍ୟାୟ, ଖଣ୍ଡଗିରି ଅଂଚଳର ସରୋଜ କୁମାର ମହାନ୍ତି, ଶେଖ୍ ରାଜୁ, ସାହିଲ ଖାନ୍‌ଙ୍କୁ ଆଦି ୪ଜଣ ଗିରଫ କରି ଥିବାବେଳେ ପୁରା ଲୁଟ୍ ଘଟଣାର ପର୍ଦ୍ଦାଫାସ୍ ହୋଇଥିଲା । ବର୍ତ୍ତମାନ ପୁଲିସ କବଜାରେ ସାର୍ପ ସୁଟର ରହିଥିବା ବେଳେ ହୀରା ଲୁଟ୍ କରିଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ ରାଜ୍ୟ ବାହାରକୁ ଯାଇଥିବା ଜଣାପଡିଛି ।

● ଘଟିଲାଣି ୬ଟି ହତ୍ୟାକାଣ୍ଡ
● ପ୍ରତିଶୋଧପରାୟଣ ହେଉଛନ୍ତି ଜେଲ୍ ଫେରନ୍ତା

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ; ଯୁବକ ଗିରଫ

ବ୍ରହ୍ମପୁର,୧୮ ।୮ (ସମିସ): ଅନ୍ୟ କେଉଁଠି ବିବାହ କଲେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ରାହ୍ମଣବିଲର ଲିପନ ନାୟକ(୨୮) । ଅନୁଗୁଳ ଜିଲ୍ଲା ବାଗେଡିଆ ଥାନା ଅଞ୍ଚଳର ଜଣେ ଯୁବତୀ ବ୍ରହ୍ମପୁରରେ ରହୁଛନ୍ତି । ଯୁବତୀ ଜଣଙ୍କ ବ୍ରହ୍ମପୁରରେ କାମ ଅନ୍ୱେଷଣ କରୁଥିବା ବେଳେ ଏକ ଏକାଡେମୀର ହଷ୍ଟେଲରେ ରହୁଛନ୍ତି । ପୂର୍ବରୁ ସେ ଅଭିଯୁକ୍ତ ଲିପନଙ୍କ ଅଧୀନରେ ଏକ ସ୍ଥାନରେ କାର୍ଯ୍ୟ କରୁଥିଲେ । ସେହିକ୍ରମରେ ଉଭୟଙ୍କ ମଧ୍ୟରେ ପରିଚୟ ରହିଥିଲା । ଅଭିଯୁକ୍ତ ଲିପନ ତାଙ୍କ ସହ ପ୍ରେମ ସମ୍ପର୍କ ରଖିବାକୁ ବାରମ୍ବାର ବାଧ କରୁଥିଲେ । ଏପରିକି ଯୁବତୀ ଜଣଙ୍କ ତାଙ୍କ କଥାରେ ରାଜି ନହେବାରୁ ତାଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଇଥିଲେ । ଫଳରେ ଯୁବତୀ ଜଣଙ୍କ ତାଙ୍କଠାରୁ ଦୂରେଇ ଯିବା ସହ କାମ ଅନ୍ୱେଷଣରେ ବ୍ରହ୍ମପୁର ଆସିଥିଲେ । ଏହା ଜାଣିବା ପରେ କିଛି ଦିନ ତଳେ ଲିପନ ବ୍ରହ୍ମପୁର ଆସି ଯୁବତୀ ଜଣଙ୍କ ରହୁଥିବା ହଷ୍ଟେଲ ସମ୍ମୁଖକୁ ଯାଇଥିଲେ ।

ଯୁବତୀଙ୍କୁ କଲ କରି ବାହାରକୁ ଡାକିବା ସହ ତାଙ୍କ ସମସ୍ତ ସାର୍ଟିଫିକେଟ ମାଗିଥିଲେ । ହେଲେ ଯୁବତୀ ଜଣଙ୍କ ସାର୍ଟିଫିକେଟ ଦେବାକୁ ମନା କରିଥିଲେ । ଏହାପରେ ଅଭିଯୁକ୍ତ ଲିପନ ସଂପୃକ୍ତ ଯୁବତୀଙ୍କୁ ଏକ ହୋଟେଲକୁ ଯିବାକୁ ବାଧ କରିଥିଲେ । ଯୁବତୀ ଜଣଙ୍କ ଏଥିରେ ରାଜି ନ ହେବାରୁ ତାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବାକୁ ଅଭିଯୁକ୍ତ ଲିପନ ଧମକ ଦେଇଥିଲେ । ଏପରିକି ସେ ଯଦି ଅନ୍ୟ କୌଣସି ଜାଗାରେ ବିବାହ କରନ୍ତି ତେବେ ସାଙ୍ଗସାଥିଙ୍କ ନିକଟକୁ ସମସ୍ତ ଫଟୋ ଓ ଭିଡିଓ ପଠେଇଦେବେ ଓ ଜୀବନରେ ମାରି ଦେବି ବୋଲି ମଧ୍ୟ ଧମକ ଦେଇଥିଲେ । ହଷ୍ଟେଲ ନିକଟକୁ ଆସି ବାରମ୍ବାର ଏଭଳି ଧମକ ଦେବା ପରେ ଅନ୍ୟ ଉପାୟ ନପାଇ ଯୁବତୀ ଜଣଙ୍କ ଅନୁଗୁଳ ଯାଇ ସେଠାକାର ପୁଲିସ ଥାନାରେ ଅଭିଯୋଗ କରିଥିଲେ । ଯେହେତୁ ମାମଲାଟି ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଘଟିଛି ତେଣୁ ଅନୁଗୁଳ ପୁଲିସ ଏକ ଜିରେ ଏଫଆଇଆର ରୁଜୁ କରି ସେହି ମାମଲାକୁ ବୈଦ୍ୟନାଥପୁର ଥାନା ପୁଲିସକୁ ହସ୍ତାନ୍ତର କରିଥିଲା । ଏହାପରେ ବୈଦ୍ୟନାଥପୁର ଥାନା ପୁଲସ ଅଭିଯୁକ୍ତ ଲିପନଙ୍କୁ ଗିରଫ କରିଥିବା ଜଣାପଡିଛି ।

## ଯୁବତୀଙ୍କୁ ଅସଦାଚରଣ ପରେ ଲୁଟ୍; ଯୁବକ ଗିରଫ

ବ୍ରହ୍ମପୁର,୧୮ ।୮ (ସମିସ): ବ୍ରହ୍ମପୁରରେ ରହୁଥିବା ଗଜପତି ଜିଲାର ଜଣେ ଯୁବତୀଙ୍କ ରୁମ ଭିତରେ ପଶି ଅସଦାଚରଣ କରିବା ସହ ସୁନା ଚେନ ଓ ମୋବାଇଲ ଲୁଟ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଗଜପତି ଜିଲାର ଲିଙ୍ଗରାଜ ଶର୍ମା(୩୦) । ସୂଚନାପ୍ରକାରେ, ଗଜପତି ଜିଲାର ଜଣେ ୨୫ ବର୍ଷୀୟ ଯୁବତୀଙ୍କ ସହ ଅଭ୍ଯୁଯୁକ୍ତ ଲିଙ୍ଗରାଜଙ୍କ ମଧ୍ୟରେ ଅନେକ ବର୍ଷ ହେବ ସମ୍ପର୍କ ରହିଥିଲା । ଯୁବତୀ ଜଣଙ୍କ ବ୍ରହ୍ମପୁରର ଏକ ନର୍ସିଂହୋମରେ ରହି କାମ କରୁଥିବା ବେଳେ ନୂଆ ବସଷ୍ଟାଣ୍ଡ ନିକଟରେ ଏକ ଭଡା ରୁମରେ ରହୁଛନ୍ତି । ଅଭିଯୁକ୍ତ ଲିଙ୍ଗରାଜ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନେକ ସମୟରେ ସମ୍ପର୍କ ରଖିବାକୁ ବାଧ କରୁଥିଲେ । ହେଲେ ଯୁବତୀ ଜଣଙ୍କ ଏଥିରେ ରାଜି ହେଉନଥିଲେ । କିଛି ଦିନ ତଳେ ଅଭିଯୁକ୍ତ ଲିଙ୍ଗରାଜ ତାଙ୍କୁ ଏକ ପଞ୍ଜିକୃତ ବିବାହ ସଂସ୍ଥାକୁ ନେଇ ସେଠାରେ ବିବାହ ସାର୍ଟିଫିକେଟରେ ଜୋର ଜବରଦସ୍ତ ଦସ୍ତଖତ କରାଇ ଦେଇଥିଲେ । ୨ ଦିନ ତଳେ ଲିଙ୍ଗରାଜ ଯୁବତୀଙ୍କ ରୁମକୁ ଯାଇ ତାଙ୍କ ସହ ସମ୍ପର୍କ ରଖିବାକୁ ବାଧ କରିଥିଲେ । ସେ ମନା କରିବାରୁ ବଳାତ୍କାର ଉଦ୍ୟମ କରିବା ସହ ତାଙ୍କ ସୁନା ଚେନ ଓ ମୋବାଇଲ ଲୁଟ କରି ନେଇଯାଇଥିଲେ । ଏ ନେଇ ଯୁବତୀ ଜଣଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୪୧୨/୨୫) ରୁଜୁ କରି ତଦନ୍ତ କରିଥିଲା । ଅଭିଯୁକ୍ତ ଲିଙ୍ଗରାଜଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିବା ଜଣାପଡିଛି ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଆରମ୍ଭ

ଜିଲ୍ଲାରେ ୧୫ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ

ବ୍ରହ୍ମପୁର,୧୮ ।୮ (ସମିସ)



■ ପାତ୍ରପୁର ଜନଶୁଣାଣିରେ ଯୋଗଦେଲେ ଜିଲ୍ଲାପାଳ, ଏସ୍‌ପି
■ ଦିନକରେ ୨୧ଟି ବ୍ଲକ୍‌ରେ ଗୋଟିଏ ଲେଖାଏ ପଞ୍ଚାୟତରେ ଜନଶୁଣାଣି
■ ଜନଶୁଣାଣି ଯୋଗୁଁ କାର୍ଯ୍ୟାଳୟରେ ଅଧିକାରୀ ମରୁଡ଼ି

ସରକାର ଓ ପ୍ରଶାସନକୁ ଲୋକଙ୍କ ନିକଟତର କରିବାକୁ ଯାଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ହାତକୁ ନିଆଯାଇଛି ନିଆରା ପ୍ରୟାସ । ପ୍ରତ୍ୟେକ ସୋମବାର ଉପଖଣ୍ଡସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଥିବା ବେଳେ ଏଣିକି ଏହାକୁ ଆହୁରି ଲୋକାଭିମୁଖୀ କରିବାକୁ ଚେଷ୍ଟା କରାଯାଇଛି । ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣିରେ ପଞ୍ଚାୟତ ସ୍ତରରୁ ଲୋକେ ସାମିଲ ହେବାରେ ସମସ୍ୟା ହେଉଥିବା ଦୃଷ୍ଟିରୁ ଏଣିକି ପଞ୍ଚାୟତ ସ୍ତରରେ ଜନ ଶୁଣାଣି ଆରମ୍ଭ କରାଯାଇଛି । ଏଥିପାଇଁ ସମଗ୍ର ଜିଲ୍ଲାର ୨୨ଟି ବ୍ଲକ୍ ପାଇଁ ମୋଟ ୧୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ କାହାକୁ ଗୋଟିଏ ଏବଂ କାହାକୁ ଦୁଇଟି ବ୍ଲକର ଦାୟିତ୍ୱ ପ୍ରଦାନ କରାଯାଇଛି । ଦୁଇଟି ବ୍ଲକ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ଗୋଟିଏ ଛଡ଼ା ଗୋଟିଏ ସୋମବାର ଆୟୋଜିତ ହେବାକୁ ଥିବା ଜନ ଶୁଣାଣିରେ ଉଭୟ ବ୍ଲକ୍‌ରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି । ଏହି କ୍ରମରେ ସୋମବାର ଠାରୁ ଆରମ୍ଭ ହୋଇଥିବା ପଞ୍ଚାୟତସ୍ତରୀୟ ଜନ ଶୁଣାଣି ସହ ପାତ୍ରପୁର ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଓ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସେହିଭଳି ଜିଲ୍ଲାର ଅବଶିଷ୍ଟ ୨୧ଟି ବ୍ଲକ୍‌ରେ ଯଥାକ୍ରମେ ଆସିକାର ବରଗାଁ, ବେଗୁନିଆପଡାର ଅଙ୍ଗାରଗାଁ, ବେଲଗୁଣ୍ଠାର ବାଙ୍କା, ଭଞ୍ଜନଗରର ତିଳିସିଙ୍ଗି, ବୁଗୁଡାର କରାସିଙ୍ଗି, ଛତ୍ରପୁରର ଅଗସ୍ତି ନୂଆଗାଁ, ଚିକିଟିର ରାମଚନ୍ଦ୍ରପୁର, ଧରାକୋଟର ଡଉଗାଁ, ଗଞ୍ଜାମର ଖଣ୍ଡଦେଉଳି, ହିଞ୍ଜିଳିକାଟୁର ଭାବନ୍ଧ, ଜଗନ୍ନାଥ ପ୍ରସାଦର ରୁଢାପଦର, କବିସୂର୍ଯ୍ୟନଗରର ଗାଙ୍ଗପୁର, ଖଲ୍ଲିକୋଟର ବଡିନୂଆପଲ୍ଲୀ, କୁକୁଡାଖଣ୍ଡିର କଙ୍କିଆ, ପୋଲସରାର ବରତିନି, ପୁରୁଷୋତ୍ତମପୁରର ଷୋଳଘର, ରଙ୍ଗେଇଲୁଣ୍ଡାର କୋଳଥିଗାଁ, ସାନଖେମୁଣ୍ଡିର ପଦ୍ମପୁର, ସୋରଡ଼ାର ନୂଆଁଗଡ଼, ଶେରଗଡ଼ର ତାକରଡ଼ା ଓ ଦିଗପହଣ୍ଡିର ସିଦ୍ଧେଶ୍ୱର ଗ୍ରାମ ପଞ୍ଚାୟତରେ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହି ପଞ୍ଚାୟତସ୍ତରୀୟ ଜନ ଶୁଣାଣିର ସଫଳ ରୂପାୟନ ପାଇଁ ନିଯୁକ୍ତ ୧୫ଜଣ ନୋଡାଲ ଅଧିକାରୀ ନିଜ ନିଜ ବ୍ଲକ୍‌ରେ ଆୟୋଜିତ ଜନ ଶୁଣାଣିରେ ପର୍ଯ୍ୟାୟକ୍ରମେ ଉପସ୍ଥିତ ରହି ଜନ ଶୁଣାଣିରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ପ୍ରଥମ ଦିନରେ ଜିଲ୍ଲାର ସମସ୍ତ ଜନ ଶୁଣାଣିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା । ତେବେ ଏଭଳି ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଦ୍ୱାରା ସହରାଞ୍ଚଳ ଓ ବ୍ଲକ ମୁଖ୍ୟାଳୟରେ ଅଧିକାରୀଙ୍କ ମରୁଡି ହୋଇଥିବା ଅଭିଯୋଗ ହୋଇଛି । ସମସ୍ତ ଅଧିକାରୀ ଗୋଟିଏ ଦିନରେ ପଞ୍ଚାୟତକୁ ଚାଲି ଯିବା ଫଳରେ ସହରାଞ୍ଚଳରେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଥିବା ନେଇ ଆଲୋଚନା ହୋଇଛି । ଆଗକୁ ସ୍ୱାୟତ୍ତ ଶାସନ ଥିବା ବେଳେ ବ୍ରହ୍ମପୁର ମହାନଗର ନିଗମରେ ବହୁ କାର୍ଯ୍ୟ ପଡ଼ି ରହିଥିବା ବେଳେ ନିଜ ନିଜ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ନିଗମ କାର୍ଯ୍ୟାଳୟରେ ଲୋକଙ୍କ ଭିଡ଼ ଲାଗି ରହୁଛି । ତେବେ ନିଗମର କମିସନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ କୁକୁଡ଼ାଖଣ୍ଡି ଓ ଅନ୍ୟ ଦୁଇଜଣ ଡେପୁଟି କମିସନର ଯଥା ଆଶୀର୍ବାଦ ପରିଡ଼ାଙ୍କୁ ରଙ୍ଗେଇଲୁଣ୍ଡା ଓ କଲ୍ୟାଣୀ ସଂଘମିତ୍ରାଙ୍କୁ ଦିଗପହଣ୍ଡି ବ୍ଲକ୍‌ର ନୋଡାଲ ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଛି । ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ନିଗମର ଏହି ୩ଜଣ ଗୁରୁତ୍ୱପୂର୍ଣ୍ଣ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଲୋକଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିବା ବେଳେ ନିଗମର ଉନ୍ନୟନମୂଳକ କାର୍ଯ୍ୟ ଠପ ହେବାର ଆଶଙ୍କା ସୃଷ୍ଟି ହୋଇଛି । ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମରୁ ସହରାଞ୍ଚଳ ଅଧିକାରୀଙ୍କୁ ବାଦ୍‌ଦେଇ ବ୍ଲକ୍ ବା ଉପଖଣ୍ଡସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ସାମାଜିକ କର୍ମୀଙ୍କୁ ହତ୍ୟା ଧମକ; ମାମଲା ରୁଜୁ

ବ୍ରହ୍ମପୁର,୧୮ ।୮ (ସମିସ): ସୋସିଆଲ ମିଡ଼ିଆରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର ପ୍ରଚାର କରିଥିବା ଜଣେ ସାମାଜିକ କର୍ମୀଙ୍କୁ ହତ୍ୟା ଧମକ ହୋଇଛି । ଏନେଇ ସେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ସୁନୀଲ କୁମାର ପାତ୍ର ଓ ଶିବୁ ଦଳାଇ ନାମରେ ମାମଲା ରୁଜୁ କରିଛି । ସୁନୀଲ ଆଗଧାଡ଼ିର ବିଜେପି ନେତା ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର କେ କୁମାର ପାତ୍ର ଗତ ୧୬ତାରିଖ ଦିନ କେ ନୂଆଗାଁ ଥାନା ଅନ୍ତର୍ଗତ ବାହୁଦା ନଦୀରୁ ଅବୈଧ ବାଲିଚାଲାଣ ନେଇ ବିଭାଗୀୟ ଅଧିକାରୀଙ୍କୁ ସାମାଜିକ ଗଣମାଧ୍ୟମରେ ଜଣାଇଥିଲେ । ପରେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଚୋରା ବାଲିଚାଲାଣ ଗାଡ଼ିକୁ ଧରିଥିଲେ । କେ କୁମାରଙ୍କ ସାମାଜିକ ଗଣମାଧ୍ୟମରେ ହୋଇଥିବା ଉକ୍ତ ପୋଷ୍ଟକୁ ନେଇ ସୁନୀଲ କୁମାର ପାତ୍ର ଗତ ୧୭ ତାରିଖ ଦିନ ୮ଟା ସମୟରେ ଫୋନ କରି କୁମାରଙ୍କୁ ଗାଳିଗୁଲଜ କରିବା ସହ ହାତଗୋଡ଼ ଭାଙ୍ଗିଦେବି ବୋଲି ଧମକ ଦେଇଥିଲେ । ସେହିଭଳି ୧୭ତାରିଖ ଦିନ ରାତି ୧୧ଟା ବେଳେ କୁମାରଙ୍କ ନିକଟକୁ ଟ୍ରୁକଲରରେ ଶିବୁ ଦଳେଇ ନାମ ଲେଖା ହୋଇଥିବା ଏକ ନମ୍ବରରୁ ଫୋନ ଆସିଥିଲା । ଫୋନ କରିଥିବା ଯୁବକ ଜଣକ ସୋସିଆଲ ମିଡ଼ିଆରେ ବାଲି ଚାଲାଣ ଖବର କାହିଁକି ପୋଷ୍ଟ କରିଛୁ ବୋଲି କହିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ପୋଷ୍ଟ ଡିଲିଟ କରିବାକୁ ଧମକ ଦେଇଥିଲେ । ବାରମ୍ବାର ଧମକ ଚମକ ଆସିବା ପରେ କେ କୁମାର ପାତ୍ର ଟୁଇଟର ଯୋଗେ ବ୍ରହ୍ମପୁର ଏସପିଙ୍କୁ ଅବଗତ କରାଇଥିଲେ । ତାଙ୍କ ଜୀବନ ପ୍ରତି ବିପଦ ରହିଛି । ଆଗାମୀ ଦିନରେ କିଛି ଅଘଟଣ ଘଟେ ତେବେ ସେଥିପାଇଁ ସୁନୀଲ ପାତ୍ର ଓ ଶିବୁ ଦଳେଇ ଦାୟୀ ରହିବେ ବୋଲି ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଅଭିଯୋଗକୁ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ୩୫୭/୨୫ରେ ଦଫା ୨୯୬,୩୫୧(୨), ୩୫୧(୪), ୩(୫)ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି ।

# ଶ୍ରୀକ୍ଷେତ୍ର ସିଟି

୧୮/୮/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୬,୭୫୭/-
ସୁନା: ୦୪.୨୫୦ ଗ୍ରାମ୍
ରୁପା: ୪୨.୦୦୦ ଗ୍ରାମ୍





## ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ପାଇଁ ଆବେଦନ

ପୁରୀ,୧୮।୮ (ସମିସ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା କରାଯାଇଥାଏ। ବିଗତ ବର୍ଷମାନଙ୍କରେ ସାମିଲ ହୋଇଥିବା ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ଅବଧି ଥିବା ଗଣମାଧ୍ୟମ ପରିଚୟପତ୍ର ଦେଇ ଏହାକୁ ନବୀକରଣ କରିଥା'ନ୍ତି। ତତ୍‌ସହିତ ଯଦି ସଂଶୋଧନ ଯଥା- ସ୍ତ୍ରୀ ବା ସ୍ୱାମୀ, ପିଲାମାନଙ୍କ ନାମ ସଂଯୁକ୍ତ କରିବାର ଅଛି, ଠିକଣା ପରିବର୍ତ୍ତନ ଇତ୍ୟାଦି ଅଛି ତେବେ ଏଡିଟ ଅପ୍ସନରେ ଏହାକୁ କରି ସବ୍‌ମିଟ୍ କରିବା ଜରୁରୀ। ସେହିପରି ନୂତନ ଭାବେ ସାମିଲ ହେବା କ୍ଷେତ୍ରରେ ନିଜର ସମ୍ପୂର୍ଣ୍ଣ ତଥ୍ୟ, ଆଧାର କାର୍ଡ, ଅଥରିଟି ଲେଟର, ଅବଧି ଥିବା ଗଣମାଧ୍ୟମ ପରିଚୟପତ୍ର ଇତ୍ୟାଦି ଦେଇ ଆବେଦନ କରିପାରିବେ। ତେଣୁ ନବୀକରଣ ଓ ନୂତନ ଆବେଦନ ଚଳିତ ମାସ ୨୫ ତାରିଖ ସୁଦ୍ଧା ଏହାକୁ ଅନ୍‌ଲାଇନରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟକୁ ବିଗତ ବର୍ଷମାନଙ୍କ ପରି ପ୍ରେରଣ ପାଇଁ ଅନୁରୋଧ କରାଯାଉଛି।

● ବ୍ଲେଡ୍‌ରେ ବେକ କାଟିବା ଘଟଣା

## ୫ ନାବାଳକଙ୍କୁ କାବୁକଲା ପୁଲିସ

ପୁରୀ,୧୮।୮ (ସମିସ): ବ୍ଲେଡ୍‌ରେ ଜଣେ ଛାତ୍ରଙ୍କ ବେକ କାଟିବା ମାମଲାରେ ସମୁଦ୍ରକୂଳ ଥାନା ପୁଲିସ ସୋମବାର ୫ ଜଣ ନାବାଳକଙ୍କୁ କାବୁ କରିଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଗଦୀଶ ପ୍ରସାଦ ବରାଳଙ୍କ ବାପା ମୁକୁନ୍ଦମିଶ୍ର ନଗରରେ ରହୁଥିବା ପିପିଲିର ସତୀଶ କୁମାର ବରାଳ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ, ରବିବାର ଅପରାହ୍ଣ ୫ଟାରେ ତାଙ୍କ ପୁଅର ସାଙ୍ଗ ଅନୀଶ ଫୋନ୍ କରି ଜଗଦୀଶଙ୍କୁ ହୋଟେଲ ଜମିନଦାର ପ୍ୟାଲେସ୍ ନିକଟକୁ ଡାକିଥିଲେ। ତାଙ୍କ ପୁଅ ପହଞ୍ଚିବା ପରେ ସେଠାରେ ପୂର୍ବରୁ ୧୫/୨୦ ଜଣ ନାବାଳକ ଥିଲେ। ହଠାତ୍ ଜଗଦୀଶଙ୍କ ଉପରେ ଆକ୍ରମଣ କରିଥିଲେ। ଏକ ବ୍ଲେଡ୍‌ରେ ତାଙ୍କ ବେକକୁ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହୋଇଥିଲା। ଜଗଦୀଶଙ୍କର କିଛି ସାଙ୍ଗ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଜଗଦୀଶଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୨୨୫/୨୫) ରୁଜୁ କରି ସୋମବାର ୫ ନାବାଳକଙ୍କୁ କାବୁ କରି ସେମାନଙ୍କୁ ଜେଜେବିରେ ହାଜର କରାଇଥିଲା। ଏଥିସହ ଜଗଦୀଶଙ୍କ ବେକ କାଟିଥିବା ବ୍ଲେଡ୍‌କୁ ମଧ୍ୟ ଜବତ କରିଛି ପୁଲିସ।

## ଚୋରି ପରେ ଦାଦାଗିରି, ଅଭିଯୁକ୍ତ ଗିରଫ

ପୁରୀ,୧୮।୮ (ସମିସ): ଜଣଙ୍କ ଘରେ ପଶି ଚୋରି କରିବା ପରେ ପୁଣି ତାଙ୍କୁ ଧମକଚମକ ଦେବା ଏବଂ ମାଡ଼ ମାରିବା ଘଟଣାରେ ବଳିଆପଣ୍ଡା ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେତକୀଝରର କାର୍ତ୍ତିକ ଦେବନାଥ (୨୬)। ଅଭିଯୋଗ ଅନୁଯାୟୀ, କାର୍ତ୍ତିକ ଏବଂ ତାଙ୍କ ସହଯୋଗୀ ଗତ ୧୩ ତାରିଖ ସନ୍ଧ୍ୟାରେ ସେହି ସାହିର ଚପଳା ସର୍ଦ୍ଦାରଙ୍କ ଘର ତାଲା ଭାଙ୍ଗି ପଶିଥିଲେ। ତାଙ୍କ ଘରୁ କିଛି ବାସନ, ଗୋଟିଏ ହଳ କାନଫୁଲ ଏବଂ ୧୫୦୦ ଟଙ୍କା ଚୋରି କରିଥିଲେ। ଚପଳା ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିବା ପରେ ତାଲା ଭଙ୍ଗାଯାଇ ଏ ସବୁ ଚୋରି ହୋଇଥିବା ଦେଖି କାର୍ତ୍ତିକର ମା'କୁ ପଚାରିଥିଲେ। ମାତ୍ର କାର୍ତ୍ତିକ ଘରେ ନ ଥିବା ତାଙ୍କ ମା' କହିଥିଲେ। ଏହା ପରଦିନ ସକାଳ ସାଢ଼େ ୬ଟାରେ କାର୍ତ୍ତିକ ଏବଂ ତାଙ୍କ ଭଉଣୀ ଏକ ପଥର ଧରି ଚପଳାଙ୍କ ଘର ପାଖକୁ ଆସି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କୁ ଧକ୍କା ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ଏହା ଦେଖି ପଡ଼ୋଶୀ ଘରର ଜଣେ ମହିଳା ଚପଳାଙ୍କୁ ଉଦ୍ଧାର କରିବାକୁ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଠେଲାପେଲା କରିଥିଲେ। ଏ ନେଇ ଚପଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୧୪୦/୨୫) ରୁଜୁ କରି ଅଭିଯୁକ୍ତ କାର୍ତ୍ତିକକୁ ସୋମବାର ଗିରଫ କରିଛି। ଏଥିସହ ତା' ନିକଟରୁ ଆଲୁମିନିୟମ୍ ଏବଂ ଷ୍ଟିଲ୍‌ର କିଛି ବାସନ ଏବଂ ୧୫୦୦ ଟଙ୍କା ପୁଲିସ ଜବତ କରିଛି।

▷ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା

# ବନଭୋଜି ବେଶରେ ଦର୍ଶନଦେଲେ ମହାପ୍ରଭୁ










ପୁରୀ,୧୮।୮ (ସମିସ)

ଶ୍ରୀମନ୍ଦିରରେ ସୋମବାରଠାରୁ ଆରମ୍ଭ ହୋଇଛି ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା। ଏହି ଅବସରରେ ରତ୍ନସିଂହାସନରେ ମହାପ୍ରଭୁ ବନଭୋଜି ବେଶରେ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ଠାକୁରଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବ।

ସୋମବାର ଭାଦ୍ରବ କୃଷ୍ଣପକ୍ଷ ଦଶମୀ। ସନ୍ଧ୍ୟାଧୂପ ବେଶରେ ତିନିଠାକୁରଙ୍କୁ ବନଭୋଜି ବେଶରେ ସଜାଇଥିଲେ ପୁଷ୍ପାଳକ ସେବକ। ଏହି ବେଶ ସଂକ୍ରାନ୍ତରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଅବସ୍ଥାନ କରୁଥିବା ସମୟରେ ଗୋପାଳ ବାଳକଙ୍କୁ ସାଙ୍ଗରେ ନେଇ ବନରେ ଭୋଜି କରୁଥିଲେ। ନନ୍ଦରାଜାଙ୍କ ପୁତ୍ର ହୋଇଥିବାରୁ ରାମ କୃଷ୍ଣ ଦୁଇଭାଇ ରାଜକୀୟ ଢଙ୍ଗରେ ବଣକୁ ଯାଉଥିଲେ। ଶ୍ରୀମନ୍ଦିରରେ ଅନୁଷ୍ଠିତ କୃଷ୍ଣ ଲୀଳାରେ ସେହି ସ୍ମୃତିରେ ମହାପ୍ରଭୁଙ୍କ ବନଭୋଜି ବେଶ ଅନୁଷ୍ଠିତ ହେଉଛି। ରତ୍ନସିଂହାସନ ଉପରେ ହେଉଥିବା ଏହି ବେଶରେ ଠାକୁର ସୁବର୍ଣ୍ଣ ଶ୍ରୀଭୁଜ, ସୁବର୍ଣ୍ଣ ଶ୍ରୀପୟର ଧାରଣ କରିଥା'ନ୍ତି। ଜଗନ୍ନାଥ ଏବଂ ବଳଭଦ୍ର ଯେଉଁ ଚୁଳ ପରିଧାନ କରିଥା'ନ୍ତି ସେଥିରେ ସୁବର୍ଣ୍ଣର କିଆ ଖଞ୍ଜା ଯାଇଥାଏ। ଗୋଟିଏ ହାତରେ ଶିକାରେ ସର ପରିପୂର୍ଣ୍ଣ ରୁପା ପିଙ୍ଗଣ ଏବଂ ଅନ୍ୟ ହାତରେ କାଠର ନଉଡ଼ି ଧାରଣ କରିଥା'ନ୍ତି। ଦୁଇଜଣ ଦୁଇଟି ପେଡ଼ାର ମାଳି ଲାଗି ହୋଇଥା'ନ୍ତି। ଦେବୀ ସୁଭଦ୍ରା ସୁବର୍ଣ୍ଣ କିରୀଟି ଧାରଣ କରନ୍ତି। ଏହି ବେଶରେ ସିଂହାସନ ଉପରେ ସୋଲ, ବେତ ଓ କନାରେ ନିର୍ମିତ ଦୁଇଟି ଲେଖାଏଁ ଗାଈବାଛୁରୀ ରଖାଯାଇଥାଏ। ବ୍ରଜଦାଣ୍ଡରେ ରାମ ଏବଂ କୃଷ୍ଣ ବନଭୋଜିକୁ ଯାଉଥିବା ଭଳି ଏହି ବେଶରେ ଠାକୁର ପ୍ରତୀୟମାନ ହୋଇଥା'ନ୍ତି। ସନ୍ଧ୍ୟା ପରେ ବେଶ କରାଯାଇଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ଏହା ଦର୍ଶନ କରିଛନ୍ତି।

■ ଶବରୁଣୀଠୁ କୋଳି ଖାଇଲେ ରାମ-କୃଷ୍ଣ

ମଧ୍ୟାହ୍ନ ଧୂପରେ ବଡ଼ଠାକୁର ଏବଂ ମହାପ୍ରଭୁଙ୍କୁ ଖଣ୍ଡିଏ ଲେଖାଏଁ ଆଜ୍ଞାମାଳ ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ସରିବା ପରେ ଭିତରେ ପାଣି ପଡ଼ିଥିଲା। ଦକ୍ଷିଣୀଘର ଭୋଗ ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ବଡ଼ଠାକୁରଙ୍କଠାରୁ ଆଜ୍ଞାମାଳ ଆଣି ରାମଙ୍କୁ ଏବଂ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀକୃଷ୍ଣଙ୍କୁ ଲାଗି କରାଯାଇଥିଲା। ଏହାପରେ ମହାଜନ ଦୁଇ ଠାକୁରଙ୍କୁ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କି ଆଣି ବଡ଼ଛତା ମଠ ସମ୍ମୁଖ କାଠ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଜଣେ ଶବରୁଣୀ ବେଶ ହୋଇ ଗୁଆ, କୋଳି, ନଡ଼ିଆ ବିକ୍ରି କରିଥିଲେ। ଭିତରଛ ମହାପାତ୍ର ଶବରୁଣୀଠୁ କୋଳି ନେଇ ରୁପା ପିଙ୍ଗଣରେ ରଖି ସମର୍ପଣ କରି ମଣୋହି କରିଥିଲେ। ଏହାପରେ ଠାକୁର ବାହୁଡ଼ା ବିଜେ ହୋଇ ଜଗମୋହନରେ ଥିବା ଖଟ ଉପରେ ବିଜେ କରିଥିଲେ।

### ବଧହେଲେ ବକାସୁର, ଅଘାସୁର

କୃଷ୍ଣ ବଳରାମ ଗୋପପୁରରେ ବ୍ରଜଗୋପାଳଙ୍କ ସହ ବନରେ ଭୋଜି କରୁଥିବାବେଳେ ତାଙ୍କୁ ମାରିବା ପାଇଁ ମହାରାଜ କଂସ ବକାସୁର ଏବଂ ଅଘାସୁର ପ୍ରେରଣ କରିଥିଲେ। ହେଲେ ଏହି ଦୁଇ ରାକ୍ଷସ ବାଳକ କୃଷ୍ଣ ବଳରାମଙ୍କ ହାତରେ ନିଧନ ହୋଇଥିଲେ। ଶ୍ରୀମନ୍ଦିରରେ ପାଳିତ ହେଉଥିବା ଶ୍ରୀକୃଷ୍ଣ ଲୀଳାରେ ସୋମବାର ବକାସୁର ଓ ଅଘାସୁର ବଧ ପ୍ରସ୍ତାବ ଆଗତ ହୋଇଛି। ବାଲିସାହି ଆଖଡ଼ାରୁ ବକାସୁର ବାହାରି ପ୍ରଥମେ ସାହି ଇଷ୍ଟ ବାରାହୀଙ୍କୁ ଦର୍ଶନ ସାରି ସାହି ପରିକ୍ରମା କରି ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ। ସାଙ୍ଗରେ ଥିଲେ କୃଷ୍ଣ ଓ ବଳରାମ ବେଶଧାରୀ ଦୁଇ ବାଳକ। ଶ୍ରୀମନ୍ଦିର ଜଗମୋହନରେ ଏମାନେ ବକାସୁର ବଧ ନୀତି ସମ୍ପନ୍ନ କରିଥିଲେ। ସେହିପରି ହରଚଣ୍ଡୀ ସାହିରୁ ଅଘାସୁର ବାହାରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ନୀତି ସମ୍ପନ୍ନ କରିଥିଲେ।

ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

## 'ଶିକ୍ଷା ଓ ଶାରୀରିକ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ'

ପୁରୀ,୧୮।୮ (ସମିସ)

ପୁରୀ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍କୁଲଠାରେ ତିନିଦିନ ବ୍ୟାପୀ କବାଡ଼ି, ଖୋ ଖୋ, ଭଲିବଲ୍, ହ୍ୟାଣ୍ଡ ବଲ, ଫୁଟ୍‌ବଲ, ସମୂହ ଡ୍ରିଲ୍ ଓ ଫ୍ଲାଗ୍ କୋଡ୍ କ୍ରୀଡ଼ା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯିବ। ସୋମବାର ଏହା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରଞ୍ଜିତ କେଶରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ ବିଗତ ବର୍ଷର ରାଜ୍ୟସ୍ତରରେ କ୍ରୀଡ଼ା ସଫଳତା ପାଇଁ ଭୂୟସୀ ପ୍ରଶଂସା କରିବା ସହ ଏହାକୁ ଆହୁରି ଅଧିକ ଯୁଗୋପଯୋଗୀ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ତିନିଦିନ ପ୍ରଶିକ୍ଷଣ ଶିବିରରେ ଯାହା ଶିକ୍ଷାଲାଭ କରିବେ ତାହାକୁ ନିଜ ବ୍ଲକ୍‌ରେ ପ୍ରୟୋଗ କରିବାକୁ ଉତ୍ସାହିତ କରିଥିଲେ। ଅତିଥି ତଥା ମାଷ୍ଟର ଟ୍ରେନର ନୀଳକଣ୍ଠ ମିଶ୍ର କହିଥିଲେ ଯେ, ପିଲାମାନଙ୍କ ପ୍ରତିଭାକୁ ଅନ୍ୱେଷଣ କରି ତାଙ୍କୁ ସେହି ଦିଗରେ ପ୍ରବର୍ତ୍ତାଇବା ଶିକ୍ଷକମାନଙ୍କ କର୍ତ୍ତବ୍ୟ। ଶିକ୍ଷା ଓ ଶାରୀରିକ ଶିକ୍ଷା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶିକ୍ଷା ପାଇଁ ପ୍ରଥମେ ସୁସ୍ଥ ଶରୀର ଆବଶ୍ୟକ ବୋଲି କହିଥିଲେ ଅନ୍ତର୍ଜାତୀୟ ଖୋ ଖୋ ଅଧିକାରୀ ଚୌଧୁରୀ ପାର୍ଥସାରଥୀ ମହାପାତ୍ର। ଜିଲ୍ଲା ସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀ ବର୍ତ୍ତମାନ ଉତ୍ତମ ସ୍ୱାସ୍ଥ୍ୟରେ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ନିହାର ରଞ୍ଜନ ପଲାଇ, ସୂର୍ଯ୍ୟନାରାୟଣ ଜେନା, ରଶ୍ମୀରଞ୍ଜନ ରେଡ୍ଡୀ, ଜଗନ୍ନାଥ ପ୍ରଧାନ, ସୁଚିତ୍ରା ଖଟୋଇ, ଶ୍ରୀକାନ୍ତ ନାୟକ ଶିବିରକୁ ତ୍ୱରାନ୍ୱିତ କରିବେ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ଶିବିରରେ ୧୧ଟି ବ୍ଲକ୍‌ରୁ ୧୧୦ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଗତ ବର୍ଷ ଜାତୀୟସ୍ତରରେ ୧୧୧ ଜଣ ଅଂଶଗ୍ରହଣ କରି ବ୍ୟକ୍ତିଗତ ୩ ଜଣ ଓ ଦଳଗତ ୧୦ ଜଣ ପଦକ ବିଜେତା ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିଲେ। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କ ଭବିଷ୍ୟତ ଉଜ୍ୱଳ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ପୁରୀ ସଦର ବ୍ଲକ୍ ସମ୍ପାଦକ ଅଜୟ କୁମାର ମିଶ୍ର ପ୍ରକାଶ କରିଥିଲେ।

ପୁଣି ବଗଲା ବିବାଦ

## ବେଆଇନ ନିର୍ମାଣ ବନ୍ଦ ଦାବିରେ ଆପ୍‌ର ବିକ୍ଷୋଭ




ପୁରୀ,୧୮।୮ (ସମିସ)

ପୁଣି କଡ଼ ଲେଉଟାଇଛି ବଗଲା ଧର୍ମଶାଳା ବିବାଦ। କିଛିବର୍ଷ ବ୍ୟବଧାନ ପରେ ବଗଲା ଧର୍ମଶାଳା ପରିସରରେ ଚାଲିଛି ନିର୍ମାଣ କାର୍ଯ୍ୟ। ଏହାକୁ ବେଆଇନ ଦର୍ଶାଇ ଏବେ ରାସ୍ତାକୁ ଓହ୍ଲାଇଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)। ସୋମବାର ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାହିଁକି ଏହାକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପୁରୀ ସାଂସଦ ଡ. ସମ୍ବିତ ପାତ୍ର

### ସାଂସଦ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ

ନିରବ କାହିଁକି ବୋଲି ଦଳ ପ୍ରଶ୍ନ କରିଛି। ଏତଦ୍‌ବ୍ୟତୀତ ବଗଲା ପାଇଁ ଦିନେ ଗଳା ଫଟାଉଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଏବେ ନିରବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ବଗଲା ଧର୍ମଶାଳାକୁ ନେଇ ୫ ବର୍ଷ ପୂର୍ବରୁ ବେଶ୍ ହୋ-ହଲ୍ଲା ହୋଇଥିଲା। ଏହାର ଜମିକୁ ଅନ୍ୟମାନଙ୍କୁ ପ୍ରଦାନ ନେଇ ଉପୁଜିଥିଲା ବିବାଦ। ଏହାକୁ ବିକ୍ରି କରି ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏପରିକି ବଗଲା ଧର୍ମଶାଳା ଜମି ବିବାଦ କୋର୍ଟରେ ପହଞ୍ଚିଥିଲା। ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ମଧ୍ୟ ଏଥିପାଇଁ ଧାରଣା ଦେଇଥିଲା। ବର୍ତ୍ତମାନ ପୁରୀ ସାଂସଦ ଥିବା ସମ୍ବିତ ପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ଉପମୁଖ୍ୟମନ୍ତ୍ରୀ ଥିବା ପ୍ରଭାତୀ ପରିଡ଼ା ଦଳର ଅନ୍ୟ ନେତା ଓ କର୍ମୀଙ୍କ ସହ ବଡ଼ଦାଣ୍ଡରେ ଧାରଣା ଦେବା ସହ ବଗଲା ଜମି ଇଞ୍ଚେ କାହାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଅପରପକ୍ଷେ ବଗଲା ଧର୍ମଶାଳା ଜମି ଉପରେ କୋର୍ଟଙ୍କ ରହିତାଦେଶ ରହିଛି। ହେଲେ ବିଜେପି ସରକାର ଆସିବା ପରେ ଏବେ ସେଠାରେ କିପରି ନିର୍ମାଣ ଚାଲିଛି ବୋଲି ପ୍ରଶ୍ନ କରିଛି ଆପ୍।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ବର୍ତ୍ତମାନ ବଗଲାରେ ଜଣେ ସେବାୟତ ନିର୍ମାଣ କରୁଛନ୍ତି। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ କେମିତି ସେଠାରେ ନିର୍ମାଣ କରାଯାଉଛି। ଜିଲ୍ଲା ପ୍ରଶାସନ କାହିଁକି ଏହାକୁ ବନ୍ଦ କରୁନାହିଁ। ଏ ନେଇ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି। କିଛିବର୍ଷ ପୂର୍ବେ ବଗଲା ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଥିବା ବର୍ତ୍ତମାନର ପୁରୀ ସାଂସଦ ସମ୍ବିତ ପାତ୍ର ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବେ ଚୁପ୍ କ'ଣ ପାଇଁ ବୋଲି ସଞ୍ଜୀବ ପ୍ରଶ୍ନ କରିଛନ୍ତି। ଏଥିରୁ ଜଣାପଡୁଛି ବିଜେପି ସରକାର କୋର୍ଟଙ୍କୁ ମଧ୍ୟ ଅବମାନନା କରୁଛି। ଯଦି ପ୍ରଶାସନ ଓ ସରକାର ଏହି ନିର୍ମାଣକୁ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ଆପ୍ କର୍ମକର୍ତ୍ତା ଆମରଣ ଅନଶନରେ ବସିବାକୁ ବାଧ୍ୟ ହେବେ। ପୁରୀର ସୁରକ୍ଷା ପାଇଁ ଆମେ ଜୀବନ ଦେବାକୁ ପ୍ରସ୍ତୁତ ଅଛୁ। ଆପ୍ କର୍ମକର୍ତ୍ତା ଓ କର୍ମୀଙ୍କର ଯଦି କ୍ଷତି କିଛି ହୁଏ ତେବେ ପ୍ରଶାସନ ଓ ବିଜେପି ସରକାର ଏଥିପାଇଁ ଉତ୍ତରଦାୟୀ ରହିବେ ବୋଲି କହିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ। ସୋମବାର ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ତପସ୍ୱିନୀ ଜଗଦେବ, ସନ୍ଧ୍ୟା ଦାସ, ସମିନା ନାୟକ, ରମାକାନ୍ତ ସ୍ୱାଇଁ, ରବୀନ୍ଦ୍ର ସାହୁ, ଦେବ ପ୍ରଧାନ, ଅନିଲ ସେନାପତି, ଜନ୍ମେଜୟ ସ୍ୱାଇଁ, ଯୁଧିଷ୍ଠିର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ୧୯୦୫ ମସିହାରେ କହ୍ନେୟାଲାଲ ବଗଲା ନାମକ ଜଣେ ବଦାନ୍ୟ ବ୍ୟକ୍ତି ଦାନ ସୂତ୍ରରେ ଏହି ଜମି ଭକ୍ତଙ୍କ ସୁବିଧା ପାଇଁ ଅର୍ପଣ କରିଥିଲେ। ସେତେବେଳେ ଏହାର ଦାୟିତ୍ୱ ତତ୍କାଳୀନ ପୁରୀ ଜିଲ୍ଲାପାଳ ତଥା ସେ ସମୟରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଭାରତୀୟ ଲଜିଂ ହାଉସ୍ ଫଣ୍ଡ କମିଟି ସଭାପତିଙ୍କୁ ଦାନ କରିଥିଲେ। ଆଉ ସେବେଠାରୁ ସ୍ୱଳ୍ପ ମୂଲ୍ୟରେ ଏମିତିକି ୫୦ରୁ ୨ଶହ ଟଙ୍କାରେ ଯାତ୍ରୀ ଓ ଭକ୍ତଙ୍କୁ ରହଣୀ ପାଇଁ କୋଠରି ସୁବିଧା ମିଳୁଥିଲା।

# ବେଳାଭୂମିରେ କମିନି ଫଟୋଗ୍ରାଫିର କ୍ରେଜ୍

ପୁରୀ,୧୮।୮ (ସମିସ)



ଶବ୍ଦର ବ୍ୟବହାର କରି ଯେଉଁ କଥା କହି ହୁଏନା ଗୋଟିଏ ଫଟୋ ତାହାକୁ ଅତି ସହଜରେ ବର୍ଣ୍ଣନା କରିପାରେ। ସେଥିପାଇଁ କୁହାଯାଏ ଫଟୋ କଥା କୁହେ। ଅତୀତ ହେଉ ଅବା ବର୍ତ୍ତମାନ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଭବିଷ୍ୟତ ପାଇଁ ସାଇତି ରଖିଥାଏ ଫଟୋଗ୍ରାଫି। ଯୁଦ୍ଧର ଭୟାବହତା ହେଉ କି ଦାଦନର ଦୁଃଖ ବା ସଂସ୍କୃତି ପରମ୍ପରାର ଚିତ୍ର ଅବା ପ୍ରକୃତିର କରାଳ ରୂପ ଅଥବା ଅପରୂପ ସୌନ୍ଦର୍ଯ୍ୟ ସବୁକୁ ନିଜ କ୍ୟାମେରାରେ ସାଇତି ରଖେ ଫଟୋଗ୍ରାଫର। ସେହିଭଳି ଫଟୋଗ୍ରାଫି କାହା ପାଇଁ ନିଶା ତ ଆଉ କାହା ପାଇଁ ଏକ ପେସା। ଡିଜିଟାଲ ଓ ସ୍ମାର୍ଟଫୋନ୍ ଯୁଗରେ ସମସ୍ତେ ଆଜିକାଲି ଜଣେ ଜଣେ ଫଟୋଗ୍ରାଫର। ଏହା ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୁହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ଅଗଷ୍ଟ ୧୯ ତାରିଖ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ପୁରୀ ବେଳାଭୂମି ଫଟୋଗ୍ରାଫର ଓ ଫଟୋଗ୍ରାଫିକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।

ପୂର୍ବ ଭାରତର ଏକ ପ୍ରମୁଖ ବେଳାଭୂମି ହେଉଛି ପୁରୀ। ବର୍ଷତମାମ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ବିଶେଷକରି ମହାପ୍ରଭୁଙ୍କ ଦର୍ଶନ ପରେ ସମସ୍ତେ ବେଳାଭୂମିକୁ ପସନ୍ଦ କରିଥା'ନ୍ତି। ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ବସି ଶାନ୍ତଶୀତଳ ନୀଳ ଜଳରାଶି ଉପରେ ଆଖି ବୁଲାଇବା ସହିତ ଭାରାକ୍ରାନ୍ତ ମନକୁ ହାଲ୍‌କା କରିଥା'ନ୍ତି ପର୍ଯ୍ୟଟକ। ଘରକୁ ଫେରିଯିବା ବେଳେ ସ୍ମୃତିସ୍ୱରୂପ ଅନେକ ବେଳାଭୂମିରେ ବିତାଇଥିବା କିଛି ମୁହୂର୍ତ୍ତକୁ ଫଟୋ ମାଧ୍ୟମରେ ସାଥୀରେ ନେବାକୁ ଇଚ୍ଛା ରଖିଥା'ନ୍ତି। ହେଲେ ସେତେବେଳେ ଆଜିକା ପରି କାହା ହାତରେ ଦାମୀ ମୋବାଇଲ୍ କିମ୍ବା କ୍ୟାମେରା ନ ଥିଲା। ପର୍ଯ୍ୟଟକଙ୍କ ଏଭଳି ଚାହିଦାକୁ ନଜରରେ ରଖି ପୁରୀ ବେଳାଭୂମିରେ ଆରମ୍ଭ ହୋଇଥିଲା ଫଟୋଗ୍ରାଫି। ଗୁରୁ ମହାନ୍ତି, ବାଦଲ ପଣ୍ଡା, ଖୋକନ ମଲ୍ଲିକ ଓ ଶାଣ୍ଟୁ ଘୋଷ ଏହିମାନେ ହିଁ ପୁରୀ ବେଳାଭୂମିରେ ପ୍ରଥମ ଫଟୋଗ୍ରାଫର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେମାନଙ୍କଠାରୁ ଆରମ୍ଭ ହୋଇଥିବା ଏହି ପେସା ଆଜି ବିସ୍ତାରଲାଭ କରିପାରିଛି। ସେତେବେଳେ ପର୍ଯ୍ୟଟକମାନଙ୍କୁ ଫଟୋ ଦେବା ଏତେଟା ସହଜ ନ ଥିଲା। ଯେଉଁମାନେ ହୋଟେଲରେ ରହୁଥିଲେ ଫଟୋଗ୍ରାଫର ସେମାନଙ୍କ ଠିକଣା ସଂଗ୍ରହ କରୁଥିଲେ। ବେଳାଭୂମିରେ ଫଟୋ ଉଠାଇ ଏହାକୁ ଧୋଇସାରିବା ପରେ ସମ୍ପୃକ୍ତ ହୋଟେଲରେ ପହଞ୍ଚି ସେମାନଙ୍କୁ ପ୍ରଦାନ କରୁଥିଲେ। ଏମିତି ବି ପର୍ଯ୍ୟଟକମାନେ ଫଟୋ ଉଠାଇ ଅନେକ ସମୟ ଧରି ବେଳାଭୂମିରେ ଅପେକ୍ଷା କରି ରହୁଥିଲେ। ଫଟୋଗ୍ରାଫର ଷ୍ଟୁଡିଓକୁ ଯାଇ ଫଟୋ ଧୋଇ ଆଣି ସେହି ବେଳାଭୂମିରେ ହିଁ ଫେରାଉଥିଲେ। ସେତେବେଳେ ମୋବାଇଲ ନ ଥିଲା, ତେଣୁ ଖୋଜି ଖୋଜି ପର୍ଯ୍ୟଟକଙ୍କୁ ତାଙ୍କ ଫଟୋ ଦେବା ବେଶ୍ କଷ୍ଟକର ବ୍ୟାପାର ଥିଲା। ତଥାପି ଫଟୋଗ୍ରାଫରମାନେ ହତୋତ୍ସାହିତ ହେଉ ନ ଥିଲେ। ବରଂ ବୃତ୍ତିକୁ ନେଇ ଉତ୍ସାହିତ ଥିଲେ। ଏମିତି ବି ସେତେବେଳେ ଫଟୋଗ୍ରାଫି ନିଶା ରଖିଥିବା ବ୍ୟକ୍ତିମାନେ ଷ୍ଟୁଡିଓରୁ କ୍ୟାମେରା ଭଡ଼ାରେ ନେଇ ଫଟୋ ଉଠାଉଥିଲେ।

ହେଲେ ସମୟ ବଦଳିଯାଇଛି। ଆଜି ଫଟୋଗ୍ରାଫି ସହଜ ହୋଇପଡ଼ିଛି। ଫଟୋ ଉଠାଇବା ପରେ ଆଉ ପୂର୍ବଭଳି ଏତେ ସମୟ ଅପେକ୍ଷା କରିବାକୁ ପଡୁନି। ସମସ୍ତଙ୍କ ହାତରେ ନାମୀଦାମୀ ମୋବାଇଲ୍ ଫୋନ୍। ହାତ ଟିପରେ ତୋଳି ନେଉଛନ୍ତି ନିଜ ମନ ପସନ୍ଦର ଭଳିକି ଭଳି ଫଟୋ। ତଥାପି ଏହାରି ଭିତରେ କିନ୍ତୁ ବେଳାଭୂମି ଫଟୋଗ୍ରାଫିର କ୍ରେଜ୍ କମିନି। ବରଂ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବାରୁ ଫଟୋଗ୍ରାଫରଙ୍କ ସଂଖ୍ୟା ବଢ଼ିଛି। ବେଳାଭୂମିକୁ ଆଧାର କରି ଫଟୋଗ୍ରାଫିକୁ ପେସା ଭାବେ ଆଦରି ନେଇଥିବା ଫଟୋଗ୍ରାଫରମାନଙ୍କୁ ନେଇ ପୁରୀରେ ୯ଟି ସଂଘ ଗଢ଼ିଉଠିଛି। ଏହି ସଂଘଗୁଡ଼ିକୁ ନେଇ ପ୍ରତିଷ୍ଠା ହୋଇଛି ପୁରୀ ସି ବିଚ୍ ଫଟୋଗ୍ରାଫର ମହାସଂଘ, ଯାହାର ସଦସ୍ୟ ସଂଖ୍ୟା ପ୍ରାୟ ୬୫୦ରୁ ଉର୍ଦ୍ଧ୍ୱ। ଏଥିରେ ପୁରୀ ଏବଂ ଚନ୍ଦ୍ରଭାଗା ବେଳାଭୂମିର ଫଟୋଗ୍ରାଫରମାନେ ସଦସ୍ୟ ରହିଛନ୍ତି। ଫଟୋଗ୍ରାଫରମାନେ କେବଳ ଫଟୋ ଉଠାନ୍ତି ତା' ନୁହେଁ ଯଦି ସ୍ନାନବେଳେ କୌଣସି ପର୍ଯ୍ୟଟକ ବିପଦରେ ପଡ଼ିବା ଦେଖନ୍ତି ନିଜ କ୍ୟାମେରାକୁ ବେଳାଭୂମିରେ ରଖି ସମୁଦ୍ରକୁ ଲମ୍ଫ ପ୍ରଦାନ କରନ୍ତି। ପର୍ଯ୍ୟଟକଙ୍କୁ ଉଦ୍ଧାର କରି ସେମାନେ ମାନବିକତାର ପରିଚୟ ଦେଇଥା'ନ୍ତି। ଏହାବ୍ୟତୀତ ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିଥା'ନ୍ତି।

ମହାସଂଘର ସଭାପତି ସିଙ୍ଗଲ ଶିବା କହିଛନ୍ତି, ସଂଘ ବୀମା ସୁବିଧା ଉପଲବ୍ଧ କରାଉଥିବା ବେଳେ ୬୦ ବର୍ଷ ପରେ ଅବସର ନେଉଥିବା ସଦସ୍ୟଙ୍କୁ ମଧ୍ୟ କିଛି ପରିମାଣର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେହିପରି ସମ୍ପାଦକ ସତ୍ୟନାରାୟଣ ଭଞ୍ଜ କହିଛନ୍ତି, ପ୍ରତ୍ୟେକ ବର୍ଷ ଭଳି ଆମେ ଏ ବର୍ଷ ମଧ୍ୟ ଫଟୋଗ୍ରାଫି ଦିବସ ପାଳନ କରୁଛୁ। ଏ ବର୍ଷ ଆମେ ବିଚ୍‌ରେ ପରିବାର ସହିତ ଆସୁଥିବା ପର୍ଯ୍ୟଟକଙ୍କୁ ଆମ ମହାସଂଘର ଶୁଭେଚ୍ଛା ବାର୍ତ୍ତା ସହିତ ଗୋଟେ ଫଟୋ ଫ୍ରି ଦେବା ପାଇଁ ନିଷ୍ପତ୍ତି ନେଇଛୁ। ଚଳିତବର୍ଷ ଆମର ମହାସଂଘ ୧୭ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଯଦିଓ ଫଟୋଗ୍ରାଫରମାନଙ୍କୁ ଲେବର ଅନ୍ତର୍ଭୁକ୍ତ କରାଯାଇଛି କିନ୍ତୁ ଆମ ରୋଜଗାରର କିଛି ଠିକ୍ ଠିକଣା ନାହିଁ। କେଉଁଦିନ ମେଞ୍ଚାଏ ତ ପୁଣି କେଉଁଦିନ କେଞ୍ଚାଏ। ଜୀବନ ଜୀବିକାର ସଂଘର୍ଷ ଭିତରେ ଆମେ ଅନ୍ୟମାନଙ୍କ ମୁହଁରେ ଫଟୋଗ୍ରାଫି ମାଧ୍ୟମରେ ହସ ଫୁଟାଇ ଆସୁଛି ବୋଲି କହିଛନ୍ତି ସମ୍ପାଦକ ଶ୍ରୀ ଭଞ୍ଜ।

ମହାସଂଘର ପରାମର୍ଶଦାତା ସିଦ୍ଧାର୍ଥ ରାୟ କହିଛନ୍ତି, ଫଟୋଗ୍ରାଫରମାନେ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ସମୟ ସହିତ ତାଳ ଦେଇ ଚାଲିବାକୁ ହେଲେ ଏମାନଙ୍କୁ ଫଟୋଗ୍ରାଫିରେ ଟ୍ରେନିଂ ଦିଆଯିବାର ଆବଶ୍ୟକତା ରହିଛି। ପ୍ରଶିକ୍ଷଣ ପାଇଲେ ସେମାନଙ୍କର ଦକ୍ଷତା ବଢ଼ିବ। ଫଳରେ ପର୍ଯ୍ୟଟକମାନେ ଯେଉଁଭଳି ଫଟୋଗ୍ରାଫି ଚାହୁଁଛନ୍ତି ତାହା ଏମାନେ ପ୍ରଦାନ କରିପାରିବେ।





# ରାଜଧାନୀରେ ଜମିଲାଣି ପୂଜା ମାହୋଲ

ଭୁବନେଶ୍ୱର, ୧୮।୮ (ସମିସ)



ପାଖେଇଲାଣି ପାର୍ବଣ। ପୂଜା ପାଇଁ ରାଜଧାନୀ ହେଲାଣି ଉତ୍ସବମୁଖର। ହାଟ ବଜାର ଠାରୁ ଆରମ୍ଭ କରି ବିଭିନ୍ନ ସପିଂ ମଲ୍‌ରେ ଜମିଲାଣି ଗ୍ରାହକଙ୍କ ଭିଡ଼। ସନ୍ଧ୍ୟା ହେଲେ ଆରମ୍ଭ ହୋଇଯାଉଛି ପୂଜା ସପିଂ। ପୂଜାରେ ନୂଆ ବସ୍ତ୍ର ପରିଧାନ କରିବାକୁ ସମସ୍ତଙ୍କ ମଧ୍ୟରେ ଭରି ରହିଛି ଉତ୍କଣ୍ଠା। କିଏ କେଉଁ ଢ଼ଙ୍ଗରେ ପାଳନ କରିବ ସେଥିପାଇଁ ପୂର୍ବରୁ ପ୍ରସ୍ତୁତି ମଧ୍ୟ ହୋଇଛି। ଗଣେଶ ପୂଜା ଆସିଲେ ଗୋଟିକ ପରେ ଗୋଟିଏ ପୂଜାକୁ ନେଇ ପ୍ରସ୍ତୁତି ବି ଆରମ୍ଭ ହୋଇଯାଏ। ଏଥିପାଇଁ କିଏ ନୂଆ ଡ୍ରେସ୍ କିଣୁଛନ୍ତି ତ ଆଉ କେହି ଏଥର ପୂଜାରେ ପାରମ୍ପରିକ ଶାଢ଼ୀ ପିନ୍ଧିବାକୁ ମନସ୍ଥ କରିଛନ୍ତି। ଏଥିପାଇଁ ବଜାରକୁ ମଧ୍ୟ ଆକର୍ଷଣୀୟ ଡ୍ରେସ୍ ଓ ଶାଢ଼ି ଆସିଥିବା ଦେଖିବାକୁ ମିଳିଛି। ଅନଲାଇନ୍ ସପିଂ ପରିବର୍ତ୍ତେ ବଜାରକୁ ନିଜ ମନ ପସନ୍ଦର ଜିନିଷ କିଣିବାକୁ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ରାଜଧାନୀର ୟୁନିଟ୍-୧ ହାଟ, ମାର୍କେଟ ବିଲଡିଂ, ଇନ୍ଦ୍ରଧନୁ ମାର୍କେଟ, ପ୍ରିୟଦର୍ଶନୀ ମାର୍କେଟ ଆଦି ପ୍ରମୁଖ ହାଟ ବଜାରରେ ଦେଖିବାକୁ ମିଳିଲାଣି ପାର୍ବଣର ଭିଡ଼।

**ହାଟ ବଜାରରେ ଜମିଲାଣି ଭିଡ଼**

ଏବେଠାରୁ ଘରେ ଘରେ ଦେଖିବାକୁ ମିଳିଲାଣି ପୂଜା ମାହୋଲ। କିଏ ନିଜ ଘରକୁ ଲାଇଟ୍‌ରେ ସଜାଉଛନ୍ତି ତ ଆଉ କେହି ପୂଜା ବୁଲିବାର ଯୋଜନା ପ୍ରସ୍ତୁତ କରୁଛନ୍ତି। ପ୍ରାୟ ଗଜଲକ୍ଷ୍ମୀ ପୂଜା ପର୍ଯ୍ୟନ୍ତ ପ୍ରାୟ ୩ରୁ ୪ମାସ ଧରି ବିଭିନ୍ନ ପର୍ବ ପର୍ବାଣୀରେ ସମସ୍ତେ ବିଭିନ୍ନ ପ୍ଲାନିଂ କରିଥାନ୍ତି। ଏଥିପାଇଁ ବଜାର ମଧ୍ୟ ହୋଇଛି ଚଳଚଞ୍ଚଳ। ସାଧାରଣତଃ ପର୍ବପର୍ବାଣୀରେ ନୂଆ ପୋଷାକୁ ସମସ୍ତେ ଗୁରୁତ୍ୱ ଦେଉଥିବା ବେଳେ ଏଥର ପୂଜାରେ ନୂଆ ଡ୍ରେସ୍, ଶାଢ଼ି କିଣିବାକୁ ବିଭିନ୍ନ ସପିଂ ମଲ୍ ଠାରୁ ଆରମ୍ଭ କରି ପୋଷାକ ଦୋକାନ ଓ ବିୟୁଟି ପାର୍ଲରରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ମଧ୍ୟ ପୂଜା ବଜାରରେ ଗ୍ରାହକଙ୍କ ଚାହିଦାକୁ ଆଖିଆଗରେ ରଖି ଆକର୍ଷଣୀୟ ଅଫର୍ ରଖିଛନ୍ତି। ଗଣେଶ ପୂଜାରେ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ କର୍ପୋରେଟ୍ ସଂସ୍ଥାଗୁଡ଼ିକରେ ମଧ୍ୟ ପୂଜା ପାଳନ ହେଉଥିବା ବେଳେ ଏଥିପାଇଁ ମାର୍କେଟିଂ ପାଇଁ ଚାଲିଛି ଜୋରଦାର୍ ପ୍ରସ୍ତୁତି। ସନ୍ଧ୍ୟା ହେଲେ ଆରମ୍ଭ ହେଉଛି ପୂଜା ସପିଂ। ସେହିପରି ରାସ୍ତା ଘାଟରେ ମଧ୍ୟ ଗହଳି ଜମୁଛି। ବିଶେଷ କରି ରାଜଧାନୀର ସବୁଠୁ ଚଳଚଞ୍ଚଳ ସ୍ଥାନ ରାଜମହଲ ଛକରୁ ଏଜି ଛକ ଯାଏ ପ୍ରବଳ ଗହଳି ଦେଖିବାକୁ ମିଳିଛି। ସନ୍ଧ୍ୟା ୫ଟାରୁ ପ୍ରାୟ ରାତି ୧୦ଟା ଯାଏ ଭିଡ଼ ସାଙ୍ଗକୁ ଉଭୟ ରାସ୍ତାରେ ଗାଡ଼ି ଚାଳକମାନେ ଅଟକି ରହୁଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ କରାଯାଉଥିଲେ ବି ପ୍ରବଳ ଗହଳି ଯୋଗୁଁ ଘଣ୍ଟା ଘଣ୍ଟା ଧରି ଚାଳକମାନେ ଫସି ରହୁଥିବା ଦେଖିବାକୁ ମିଳିଛି।

## ଭାରତ ମସଲା ପକ୍ଷରୁ ସ୍ୱାଧୀନତା ଦିବସ




ଭୁବନେଶ୍ୱର, ୧୮।୮ (ସମିସ): ଭାରତ ମସଲା ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ବାରଙ୍ଗ ରାମଦାସପୁରସ୍ଥିତ କମ୍ପାନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାରତୀୟ ନୌ -ସେନାର ଅବସରପ୍ରାପ୍ତ କମାଣ୍ଡର ଏସ ଏନ ମହାନ୍ତି ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତାରେ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କର ସ୍ମୃତିଚାରଣ କରିଥିଲେ। ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏଥିରେ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମରେ ସଙ୍ଘର୍ଷ କରିଥିବା ସଂଗ୍ରାମୀ ମାନଙ୍କୁ ଭକ୍ତିପୂତ ନମନ ଜଣାଇ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ନିର୍ଦ୍ଦେଶକ ଦିଗନ୍ତ ପଣ୍ଡା, ଜିଏମ ଅଶ୍ୱିନୀ ଦାସ, ଜିଏମ ଅପରେସନ ଅରୁଣ ନାୟକ, ଜିଏମ ପ୍ରଦ୍ୟୁମ୍ନ ନବକୃଷ୍ଣ ପ୍ରଧାନ, ପିଆରଓ ଆଶିଷ ମଙ୍ଗନଙ୍କ ସମେତ କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆରସିବି ମୈତ୍ରୀ ପକ୍ଷରୁ ଚାରାରୋପଣ




ଭୁବନେଶ୍ୱର, ୧୮।୮ (ସମିସ): ରୋଟାରୀ ଭବନରେ ଆରସିବି ମୈତ୍ରୀର ସଭାପତି ରୋଟାରିଆନ ଅଂଶୁ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ବା ଆରସିବି ମୈତ୍ରୀର ପ୍ରଥମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ବ୍ୟାପକ ବୃକ୍ଷ ଚାରାରୋପଣ କରାଯିବ ବୋଲି ଆରସିବି ମୈତ୍ରୀର ପ୍ରଥମ ଅଧିଷ୍ଠାନ ଉତ୍ସବରେ ସଦସ୍ୟମାନେ ପ୍ରତିଜ୍ଞା କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ରୋଟାରିଆନ ଅନିଲ କୁମାର ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜିନ୍ଦେଗି ଫାଉଣ୍ଡେସନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ ସଦସ୍ୟାମାନଙ୍କୁ ସମାଜସେବା କ୍ଷେତ୍ରରେ ଯୋଗଦାନ ପାଇଁ ପ୍ରୋତ୍ସାହନ ଦେଇଥିଲେ। ସହ ପ୍ରାନ୍ତପାଳ ରୋଟାରିଆନ ସୌର୍ଯ୍ୟରଞ୍ଜନ ମହାନ୍ତି, ଆରସିବି ମୈତ୍ରୀର ଉପଦେଷ୍ଟା ତଥା ରୋଟାରିଆନ ସରୋଜ କୁମାର ଦାଶ, ସମ୍ପାଦକ ରୋଟାରିଆନ ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଆଇଆଇଟିଏମ୍‌ରେ 'ସ୍ୱାର୍କ-୨୦୨୫'




ଭୁବନେଶ୍ୱର, ୧୮।୮ (ସମିସ): ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ପକ୍ଷରୁ ନୂତନ ଏମ୍‌ବିଏ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ 'ସ୍ୱାର୍କ-୨୦୨୫' ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଶିକ୍ଷାଦାନ ପଦ୍ଧତି ଓ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଇମାଜିନେକ୍ସ ଇଣ୍ଡିଆ ଲିମିଟେଡ୍‌ର ସିଇଓ ଡ. ବି. ରବୀନ୍ଦ୍ରନ ଯୋଗଦେଇ ନିଜର ନିର୍ଦ୍ଦିଷ୍ଟ ଲକ୍ଷ ହାସଲ କରିବାକୁ ନିରବଚ୍ଛିନ୍ନ ଭାବେ ପ୍ରୟାସ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଯୋଗ ଦେଇ ଆତ୍ମବିଶ୍ୱାସର ସହ ପାଠପଢ଼ା ଜାରି ରଖିଲେ ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଛନ୍ତି। ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା, ପୂର୍ବତନ ଛାତ୍ର ଏବଂ କର୍ମଚାରୀ ପରସ୍ପର ମଧ୍ୟରେ ପରିଚିତ ହୋଇଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରିରହିବ। କର୍ପୋରେଟ୍ ଆଲୋଚନା, କର୍ମଶାଳା, ଅଧିବେଶନ, ପୂର୍ବତନ ଛାତ୍ରଙ୍କ ସହିତ ଆଲୋଚନା, ଶିକ୍ଷାଦାନ, ଶିଳ୍ପ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ପରି ବହୁ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିକ୍ଷାନପଷ୍ଠାନ ପକ୍ଷରୁ କୁହାଯାଇଛି।

## ୨୧ରେ 'ଉତ୍କଳ' ପୁରାତନ ଛାତ୍ରସଂଘ ବାର୍ଷିକୋତ୍ସବ

**ରାଜ୍ୟପାଳ ହେବେ ମୁଖ୍ୟ ଅତିଥି**

ଭୁବନେଶ୍ୱର, ୧୮।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ପଞ୍ଚମ ବାର୍ଷିକ ଉତ୍ସବ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ବାଣୀବିହାର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପୁରାତନ ଛାତ୍ରସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ ସୂଚନା ଦେଇ କହିଛନ୍ତି ଯେ, ଗୁରୁବାର ଦିନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ 'ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ' ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିସରରେ କରାଯିବ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ମିତାଲୀ ଚିନାରା ଏବଂ କୁଳସଚିବ ଡ. ସ୍ୱାତୀ ମିଶ୍ର ଏହାକୁ ଉଦଘାଟନ କରିବେ। ଅପରାହ୍ଣ ୫ଟାରୁ ଏମ୍‌କେସିଜି ଅଡିଟୋରିୟମରେ ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ। ପୁରାତନ ଛାତ୍ରସଂଘର ସଭାପତି ତଥା ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଡ. ସତ୍ୟଜିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସମେତ ମୁଖ୍ୟବକ୍ତା ଭାବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଯୋଗ ଦେବେ। ବହୁ ସଂଖ୍ୟାରେ ପୁରାତନ ଓ ଅଧ୍ୟୟନରତ ଛାତ୍ରଛାତ୍ରୀ ଯୋଗଦେବାକୁ ସାଧାରଣ ସମ୍ପାଦକ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

## କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୮।୮ (ସମିସ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହାର ପ୍ରତିଷ୍ଠାତା ଡ. ଚିତ୍ତ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଏବଂ ଅଧ୍ୟାପକ ମଣ୍ଡଳୀଙ୍କ ଆପ୍ରାଣ ଚେଷ୍ଟା ଏହାକୁ ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟର ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ଶ୍ରେଷ୍ଠତା ବଜାୟ ରଖିବାରେ ସଫଳ ହୋଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ ସହ ବେଦପାଠ କରାଯାଇଥିଲା। କଲେଜର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଭାଷଣରେ ଯୁବପିଢ଼ିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାୟୁଶଲ୍ୟର ଚିକିତ୍ସକ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧ୍ୟାତ୍ମିକତାକୁ ଯୋଗକରି ଏକ ସଫଳ ଜୀବନଯାପନ କରିବାକୁ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ର ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ବଡ଼ଗଡ଼ରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୮।୮ (ସମିସ): ଐତିହ୍ୟ ଗ୍ରାମ ବଡଗଡ଼ର ହାଇସ୍କୁଲ ଛକରେ ଆଜି ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମନାଭ ଛୋଟରାୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ତଥା ଯତୀନ୍ଦ୍ର ମୋହନ ଛୋଟରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯକ୍ରମରେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ହାଲି ପତାକା ଉତ୍ତୋଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରତାପ ଜେନା, ବୀରକିଶୋର ପ୍ରଧାନ, କର୍ପୋରେଟର ଅଜିତ ବେହେରା, ସମାଜସେବୀ ଲକ୍ଷ୍ମୀଧର ଶ୍ରୀଚନ୍ଦନ, ସୁଧୀର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଜନ ଗଣ ମନ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବକ୍ତାମାନେ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ।

## ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍‌ର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ଭୁବନେଶ୍ୱର, ୧୮।୮ (ସମିସ): ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ ବିଜିନେସ୍ ଆଡମିନଷ୍ଟ୍ରେସନ୍‌ର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ଏମବିଏ ଓ ଏମ୍‌ସିଏର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ତତ୍ ଟେକ୍ନୋଲୋଜି ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଅୟସକାନ୍ତ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋଇ ଯଥାକ୍ରମେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡ. ରାଜେସ ସ୍ୱାଇଁ, ଏମ୍‌ବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଧନ୍ୟବାଦ ଦେବା ପରେ ବରିଷ୍ଠ ଅଧ୍ୟାପିକା ପ୍ରଫେସର ବିନିତା ଦେବଯାନୀ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବର ଆୟୋଜିତ ହୋଇଥିଲା।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାଇବର୍ ସିକ୍ୟୁରିଟି ଏମ୍‌ସିଏ ପାଠ୍ୟକ୍ରମ

**ଭାରତରେ ପ୍ରଥମ**

ଭୁବନେଶ୍ୱର, ୧୮।୮ (ସମିସ): ଭାରତର ଗୁରୁତ୍ୱପୂର୍ଣ୍ଣ ସାଇବର ସିକ୍ୟୁରିଟି ପ୍ରତିଭା ଅଭାବକୁ ଦୂର କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭାରତର ପ୍ରମୁଖ ସାଇବର ସିକ୍ୟୁରିଟି ପରାମର୍ଶଦାତା ସଂସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ। ସିକ୍ୟୁରଆଇଜ୍ ସହିତ ସହ-ଡିଜାଇନ୍ କରାଯାଇଥିବା ସାଇବର ସିକ୍ୟୁରିଟି ଏବଂ ଘଟଣା ପରିଚାଳନାରେ ପ୍ରଥମ ପ୍ରକାରର ଏମସିଏ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଘୋଷଣା କରିଛି। ଭାରତ ଏବଂ ବିଶ୍ୱବ୍ୟାପୀ ଦ୍ରୁତ ଡିଜିଟାଲ୍ ପ୍ରସାରଣ ଏବଂ ବଢ଼ୁଥିବା ସାଇବର ବିପଦ ସହିତ ସାଇବର ସିକ୍ୟୁରିଟି ଦକ୍ଷତା କ୍ରମଶଃ ଅତ୍ୟାବଶ୍ୟକ ହେବାରେ ଲାଗିଛି। ଏନେଇ ସିକ୍ୟୁରଆଇଜ୍‌ର ମୁଖ୍ୟ ବ୍ୟବସାୟ ଅପରେସନ୍ସ ଉମା ପେଣ୍ଡ୍ୟାଲା କହିଛନ୍ତି, ଏନଏଏସଏସସିଓଏମ ଅନୁଯାୟୀ ଭାରତକୁ ୨୦୩୦ ସୁଦ୍ଧା ୧ ନିୟୁତରୁ ଅଧିକ ସାଇବର ସିକ୍ୟୁରିଟି ବୃତ୍ତିଗତଙ୍କ ଆବଶ୍ୟକତା ପଡ଼ିବ, ଯାହା ଏହି କାର୍ଯ୍ୟକ୍ରମକୁ ଜାତୀୟ ସାଇବର ସ୍ଥିତି ପ୍ରତି ଏକ ସମୟୋଚିତ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିବ। ଏହି କାର୍ଯ୍ୟକ୍ରମ କେବଳ ଡିଗ୍ରୀ ବିଷୟରେ ନୁହେଁ - ଏହା ସାଇବର ଡିଫେଣ୍ଡର ସୃଷ୍ଟି କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହା ଭାରତର ପ୍ରଥମ ଏମସିଏ ପାଠ୍ୟକ୍ରମ ଯାହା ସାଇବର ସୁରକ୍ଷା ଶିଳ୍ପ ବିଶେଷଜ୍ଞଙ୍କ ସହିତ ସମ୍ପୂର୍ଣ୍ଣ ସହ-ଡିଜାଇନ୍ କରାଯାଇଛି। ଫ୍ରେସର୍ସ ଏବଂ କାର୍ଯ୍ୟରତ ବୃତ୍ତିଗତ ଉଭୟଙ୍କ ପାଇଁ ଏହା ପ୍ରସ୍ତୁତ ଏବଂ ଆବେଦନ ପାଇଁ ଶେଷ ତାରିଖ ସେପ୍ଟେମ୍ବର ୨୫ ରହିଥିବା ସୂଚନା ରହିଛି।

## ଧର୍ମବିହାର ସରସ୍ୱତୀ ଶିଶୁ ମନ୍ଦିରରେ ସ୍ୱାଧୀନତା ଦିବସ



ଭୁବନେଶ୍ୱର, ୧୮।୮ (ସମିସ): ଖଣ୍ଡଗିରି ଜାଗମରା ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ ପାତ୍ର, ଯୁଗ୍ମ ସମ୍ପାଦିକା ଆରତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଅତିଥି ପରିଚୟ ଦେଇଥିଲେ।

## କିଷ୍ଟ ପାଳନ କଲା ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ



ଭୁବନେଶ୍ୱର, ୧୮।୮ (ସମିସ): କୋଣାର୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଂସ୍ଥାନରେ ସ୍ୱାଧୀନତା ଦିବସ ଅବସରରେ 'ସ୍ୱାଧୀନତାର ବର୍ଣ୍ଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲେଫ୍ଟନାଣ୍ଟ କମାଣ୍ଡର ଅମିୟ ପାତ୍ର, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, କିଷ୍ଟର ସଂଯୋଜକ ତିରୁପତି ଚୌଧୁରୀ, ଅଧ୍ୟକ୍ଷ ପ୍ରଫେସର୍ ଡ. ପାର୍ଥ ସାରଥୀ ଖୁଣ୍ଟିଆ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତର ମାନଚିତ୍ର ଗଠନ, ପିରାମିଡ୍ ପ୍ରଦର୍ଶନ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅରୁନ୍ଧତି ସେନ୍ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମିତିର ସଦସ୍ୟା ଶିବାନୀ ପାଣିଗ୍ରାହୀ, ସଙ୍ଗୀତା ବିଶ୍ୱାଳ ଓ ଶୁଭାଶିଷ୍ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅପର୍ଣ୍ଣା ହଲଦାର୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ପାର୍ବଣ ପ୍ରସ୍ତୁତି; ଆରମ୍ଭ ହେଲାଣି ରିହର୍‌ସାଲ୍**

# ଏଥର ରିକିମ୍ସ ଓ ମାସ୍‌ଅପ୍ ଗୀତ

ଭୁବନେଶ୍ୱର, ୧୮।୮ (ସମିସ)

ଆଗକୁ ପାର୍ବଣ ଋତୁ। ଏଥିପାଇଁ ଆରମ୍ଭ ହୋଇଗଲାଣି ମେଲୋଡ଼ି ପାଇଁ ରିହଲସଲ୍। ଯାହାର ଝଲକ୍ ଏବେଠୁ ବାରି ହୋଇପଡ଼ିଲାଣି ରାଜଧାନୀର ବିଭିନ୍ନ ମେଲୋଡି ଏବଂ ଅର୍କେଷ୍ଟ୍ରା ପାର୍ଟି ମାନଙ୍କ ରିହଲସଲ୍‌ରୁ। ବର୍ତ୍ତମାନ ବିଭିନ୍ନ ପୁରୁଣା ଗୀତର ରିମିକ୍ସ କରାଯାଉଥିବା ବେଳେ ଏହା ସାଙ୍ଗକୁ ତାଳ ଦେଇଛି ମାସଅପ୍ ଗୀତ। ଓଡ଼ିଆ ଓ ହିନ୍ଦୀ ଗତର ମାସଅପ୍ ଗୀତଗୁଡ଼ିକ ନେଇ ମେଲୋଡ଼ି ପାର୍ଟିର କଳାକାରମାନେ ଅଭ୍ୟାସ ଆରମ୍ଭ କରୁଥିବା ଦେଖିବାକୁ ମିଳିଛି। ସେହିପରି ବର୍ତ୍ତମାନ ଟ୍ରେଣ୍ଡରେ ବୋଉ ବୁଟୁ ଭୂତ ଫିଲ୍ମର ରାତି ୧୨ଟାରେ ତୁ ଆସିବୁ ବୋଲି ରହିଥିବା ବେଳେ ମୋ ଦେହରେ ଓଢ଼ଣୀ ପଡ଼ିଛି ନୂଆ ନୂଆର ରିମିକ୍ସ, ଏଇ ଫଗୁଣରେ ମୋତେ, ଦେ ଦେ ମୋ ମାଲ ଟା, ଆଓଡା ଆମ୍ବା ଆୟୋଡ଼େ, ଦୁଲହା ରାଜା, ଗୋରା ଗୋରା ଗାଲେ ତୋର ନାଲି ଛିଟା, ଲେ ବଉଲ ସାଙ୍ଗକୁ କ୍ୟୁଟ୍ ଗେହ୍ଲୀ, ଯମୁନା ଯିବାକୁ ମୋତେ ହୋଇଛି ମନା, ଆମ ଗାଁ ଝିଅ ଖାଣ୍ଟି ଗୁଆ ଘିଅ, ପ୍ରେମର ତୀର ଆଉ ଫିଙ୍ଗନିରେ, କାଜଲ କାଜଲ, ଝାଲାମାଲା, ତେଲୁଗୁ ସୁନ୍ଦରୀ, ପରଦେଶିଆ ରାଜା ଆଦି ହିଟ୍ ଗୀତରେରେ ଦୁଲୁକିବ ରାଜଧାନୀ। ଏଥିପାଇଁ ଜୋରଦାର ଆରମ୍ଭ ହୋଇଛି ରିହର୍‌ସଲ୍।

ପାଖେଇଲାଣି ପାର୍ବଣ ଋତୁ। ଦିନ କେଇଟା ପରେ ଗଣେଶ ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଛି ରାଜଧାନୀର କଳିକନ୍ଦି।

**ପ୍ରଥମେ ରହିଛି 'ରାତି ୧୨ଟାରେ ତୁ ଆସିବୁ ବୋଲି'**



ବିଭିନ୍ନ ପୂଜା କମିଟି ପକ୍ଷରୁ ମୂର୍ତ୍ତିକୁ ନେଇ ପ୍ରତିଯୋଗିତ ଆରମ୍ଭ ହୋଇଥିବା ବେଳେ ମେଲୋଡ଼ି ଓ ଭସାଣୀକୁ ନେଇ ମଧ୍ୟ ଆରମ୍ଭ ହେଲାଣି ଜୋରଦାର୍ ପ୍ରସ୍ତୁତି। କଣ୍ଠଶିଳ୍ପୀଙ୍କଠାରୁ ଆରମ୍ଭ କରି ନୃତ୍ୟଶିଳ୍ପୀ ମ୍ୟୁଜିସିଆନ୍, ପାଲା କଳାକାର ମାନେ ଲାଗିପଡ଼ିଛନ୍ତି ଅଭ୍ୟାସରେ। ଦିନରାତି ଚାଲିଛି ରିହଲସଲ୍। ଉଭୟ ନୂଆ ଓ ପୁରୁଣା ଗୀତର ତାଳେ ତାଳେ ନିଜକୁ ହଜାଇ ଦେଲେଣି କଳାକାର। ମେଲୋଡି ପାର୍ଟି ଗୁଡ଼ିକ ମଧ୍ୟ ହୋଇପଡ଼ିଛନ୍ତି ଚଳଚଞ୍ଚଳ। ରାଜଧାନୀର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମେଲୋଡି ପାର୍ଟି ଏବେ କଳାକାରମାନଙ୍କୁ ନେଇ ମଇଦାନ ପ୍ରସ୍ତୁତି ଆରମ୍ଭ କରିବା କେଉଁ ପୂଜା କମିଟି ପକ୍ଷରୁ ୭ଦିନ ଧରି ଭଜନ ସନ୍ଧ୍ୟା ତ ଆଉ କେଉଁଠି ମେଲୋଡ଼ି ଓ ପାଲା ପରିବେଷଣ ପାଇଁ ସରିଲାଣି ବୁକିଂ। ଦର୍ଶକଙ୍କ ଚାହିଦାକୁ ନଜରରେ ରଖି ସହ କେଉଁ ସ୍ଥାନରେ କେଉଁ ଗୀତ ପରିବେଷଣ କରାଯିବ ତାହାର ତାଲିକା ମଧ୍ୟ ପ୍ରସ୍ତୁତି ହୋଇସାରିଲାଣି। ଅପେକ୍ଷା କେବଳ ମଞ୍ଚକୁ। ତେବେ ଚଳିତ ବର୍ଷ ନୂଆ ନୂଆ ଓଡ଼ିଆ ଭଜନ ଓ ଆଲବମ୍, ସମ୍ବଲପୁରୀ ଗୀତ ଗୁଡ଼ିକ ଅଧିକ ଅଭ୍ୟାସ କରାଯାଉଥିବା ବେଳେ ଟ୍ରେଣ୍ଡରେ ରହିଥିବା ବିଭିନ୍ନ ମାସଅପ୍ ଓ ରିମିକ୍ସ ଗୀତ ଗୁଡ଼ିକରେ ନୃତ୍ୟ ଅଭ୍ୟାସ ମଧ୍ୟ ଚାଲିଛି। ତେବେ ଗଣେଶ ପୂଜାଠାରୁ ଆରମ୍ଭ କରି କାଳୀ ପୂଜା ପର୍ଯ୍ୟନ୍ତ ଦୀର୍ଘ ୪ମାସ ଧରି ମେଲୋଡ଼ି ଓ ଭଜନ ସନ୍ଧ୍ୟାଗ୍ରୁପ୍ ଗୁଡ଼ିକ ଏବେଠାରୁ ବୁକିଂ କରାଯାଉଥିବା କହିଛନ୍ତି। ଓଡ଼ିଶାର ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ମେଲୋଡି ଗ୍ରୁପ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରଦର୍ଶନ କରିଥାନ୍ତି। କାରଣ ଏହି ୪ମାସ ସେମାନଙ୍କ ପାଇଁ ବର୍ଷକର ରୋଜଗାର ବୋଲି ମେଲୋଡ଼ି ପାର୍ଟିର ସଦସ୍ୟମାନେ କହିଛନ୍ତି।

